ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 7/2020 ★★★★
୪୬ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

DSPL-302

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

सत्यमेव जयते

# କାର୍ଯ୍ୟସ୍ଥଳୀରେ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ମାର୍ଗଦର୍ଶିକା

କରୋନା ଭୂତାଣୁର ସଂକ୍ରମଣରେ ବିଶ୍ୱର ଅଧିକାଂଶ ଦେଶ ସଂକ୍ରମିତ ହୋଇସାରିଛନ୍ତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସଂକ୍ରମଣକୁ ଏକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଘୋଷଣା କରିଛନ୍ତି । ଏଥିପାଇଁ ସଚେତନତା ତଥା ପ୍ରତିଷେଧକ ଉପାୟ ଆପଣେଇବା ହିଁ ଏକନ୍ତ ଜରୁରୀ ।

**କାର୍ଯ୍ୟସ୍ଥଳୀରେ ଏକାଧିକ ବ୍ୟକ୍ତି କାମ କରୁଥିବା ବେଳେ ଏହି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି । ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ ପ୍ରତିଷେଧକ ଉପାୟ ଅବଲମ୍ବନର ବିଶେଷ ଆବଶ୍ୟକତା ଅଛି ।**

## ଧ୍ୟାନ ଦିଅନ୍ତୁ -

- ଆପଣଙ୍କ କାର୍ଯ୍ୟାଳୟ ପରିଷ୍କାର ଓ ସ୍ୱଚ୍ଛ ରହିବା ସୁନିଶ୍ଚିତ କରନ୍ତୁ । (ଟେବୁଲ୍, କମ୍ପ୍ୟୁଟର,ଫୋନ୍ ଓ ଅନ୍ୟାନ୍ୟ ବ୍ୟବହୃତ ଉପକରଣ ଇତ୍ୟାଦିକୁ ଜୀବାଣୁନାଶକ ଦ୍ରବଣ ସାନିଟାଇଜର/ଆଲକୋହଲ ସ୍ପ୍ରେ ପକାଇ ନିୟମିତ ପୋଛନ୍ତୁ ।
- ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
  - ହାତଧୁଆ ବେସିନ୍ ନିକଟରେ ପାଣି ଓ ସାବୁନ ଉପଲବ୍ଧ କରାନ୍ତୁ । ମନେ ରଖନ୍ତୁ, ବାରମ୍ବାର ସାବୁନ୍‌ରେ ହାତ ଧୋଇବା ଦ୍ୱାରା ଜୀବାଣୁ ଗୁଡିକ ମରିଯାଇଥାନ୍ତି ଏବଂ ସଂକ୍ରମଣ ପ୍ରତିରୋଧ ହୋଇଥାଏ ।
  - ହାତଧୁଆ କୌଶଳ ସମ୍ପର୍କିତ ପୋଷ୍ଟର ଲଗାନ୍ତୁ ।
- ମୁହଁ ଓ ହାତକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ କାଶ,ଛିଙ୍କ ଦ୍ୱାରା ହେଉଥିବା ସଂକ୍ରମଣ ପ୍ରତିରୋଧ କରିବା ପାଇଁ ଟିସୁ ପେପର ବ୍ୟବହାର ପାଇଁ ପ୍ରୋତ୍ସାହିତ କରନ୍ତୁ ।
  - ବ୍ୟବହୃତ ଟିସୁ ପେପରକୁ ତୁରନ୍ତ ଢାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇବା ପାଇଁ ପରାମର୍ଶ ଦିଅନ୍ତୁ ।
- ସାମାନ୍ୟ ଜ୍ୱର,କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିଲେ, କର୍ମଚାରୀମାନଙ୍କୁ ଘରେ ସ୍ୱନିରୀକ୍ଷଣରେ ରହିବାକୁ ପରାମର୍ଶ ଦିଅନ୍ତୁ ।
- କରମର୍ଦ୍ଦନ ବା ଆଲିଙ୍ଗନ କରନ୍ତୁ ନାହିଁ ।
- କାର୍ଯ୍ୟସ୍ଥଳୀରେ ସଭାସମିତି କରନ୍ତୁ ନାହିଁ ।
- ସର୍ଦ୍ଦି,ଜ୍ୱର,କାଶ ଭୋଗୁଥିବା ବ୍ୟକ୍ତିଙ୍କ ଠାରୁ କର୍ମଚାରୀମାନେ ନିଜକୁ ଦୂରେଇ ରଖନ୍ତୁ ।
- ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ଗସ୍ତରେ ଯିବାକୁ କର୍ମଚାରୀମାନଙ୍କୁ ବାରଣ କରନ୍ତୁ ।
- ବର୍ତ୍ତମାନ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରନ୍ତୁ ନାହିଁ ।

## କାର୍ଯ୍ୟସ୍ଥଳୀରେ ହାତଧୁଆର ସଠିକ ପ୍ରଣାଳୀ



**ଆସନ୍ତୁ ସମସ୍ତେ ମିଳିମିଶି କାର୍ଯ୍ୟସ୍ଥଳୀର ପରିଚ୍ଛନ୍ନତା ପ୍ରତି ଯତ୍ନବାନ୍ ହେବା**
**କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0091/1920

**ଦୁର୍ଘଟଣାରେ ୧୩ ମୃତ**

କର୍ଣାଟକର ତୁମାକୁରୁ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ମହିଳା ଓ ୨ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ଜିଲାର ଅମୃଥୁରୁ ନିକଟରେ ଏସ୍‌ୟୁଭି ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ଅଛନ୍ତି।

# ଲକ୍ଷେ ଟପିଲା ସଂକ୍ରମିତଙ୍କ ସଂଖ୍ୟା



ଦକ୍ଷିଣକୋରିଆର ପେଆଙ୍ଗଟେକ୍‌ସ୍ଥିତ ଏକ କାରଖାନାରେ କର୍ମଚାରୀମାନେ ମାସ୍କ ପିନ୍ଧି କାର୍ଯ୍ୟ କରୁଛନ୍ତି।

**ବ୍ୟାଙ୍କକ୍,୬।୩**

ନୋଭେଲ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀସଂଖ୍ୟା ଶୁକ୍ରବାର ଲକ୍ଷେ ଟପିଛି। ଏହାକୁ ନେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୱାଲ୍‌ଷ୍ଟ୍ରିଟ୍‌ରେ କାରବାର ମାନ୍ଦା ହେବା ସହିତ ଏସିଆ ଓ ୟୁରୋପୀୟ ଶେୟାର ବଜାର ନିମ୍ନଗାମୀ ହୋଇଛି। ବିଭିନ୍ନ ଦେଶ ଭିଜା କଟକଣା ଲଗାଇବା ଫଳରେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ପର୍ଯ୍ୟଟନ ଓ ହୋଟେଲ ଶିଳ୍ପ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଆଫ୍ରିକା ଓ ମଧ୍ୟପ୍ରାଚ୍ୟକୁ ଏହି ଭୂତାଣୁ ସଂକ୍ରମିତ ହେଉଥିବାରୁ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ ବୋଲି ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ପକ୍ଷରୁ ସତର୍କ କରିଦିଆଯାଇଛି।

ଏସିଆ ପରେ ଏବେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ସଂକ୍ରମଣ ଭୟରେ ଅନେକ ଜାହାଜ ବନ୍ଦରରେ ପ୍ରବେଶ ଅନୁମତି ନ ପାଇଁ ବାହାରେ ଅପେକ୍ଷା କରିରହିଛନ୍ତି। ଚାଇନା ପରେ ଦକ୍ଷିଣ କୋରିଆ ଦ୍ୱିତୀୟ ସର୍ବାଧିକ ସଂକ୍ରମିତ। ତେବେ ଏହି ଦୁଇଦେଶରେ ସଂକ୍ରମଣ ହାର ପୂର୍ବାପେକ୍ଷା ହ୍ରାସ ପାଇଥିବା ଦେଖାଯାଇଛି। ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ଇଟାଲୀରେ ସର୍ବାଧିକ ୧୪୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଜର୍ମାନୀ ଓ ଫ୍ରାନ୍ସରେ ମଧ୍ୟ କରୋନା ସଂକ୍ରମଣ ଦ୍ରୁତବେଗରେ ବଢ଼ିଚାଲିଛି। ଇରାନରେ ସଂକ୍ରମିତଙ୍କ ସଂଖ୍ୟା ୪୭୪୭ ଟପିଥିବାବେଳେ ୧୨୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ମଧ୍ୟ କରୋନା ରୋଗୀସଂଖ୍ୟା ୨୩୦ ଟପିଲାଣି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

## ହୋଲି ପାଳନ ବନ୍ଦ କଲା ସିଏପିଏଫ୍

**ନୂଆଦିଲ୍ଲୀ,୬।୩(ପି.ଟି.)**

କରୋନା ସଂକ୍ରମଣ ଭୟରେ ଆନୁଷ୍ଠାନିକ ଭାବେ ହୋଲି ନ ପାଳିବା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିଷ୍ପତ୍ତି ନେଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଓ ସୀମା ସୁରକ୍ଷାରେ ମୁତୟନ ଥିବା ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ସାମୂହିକ ରଙ୍ଗର ଉତ୍ସବ ନ ପାଳିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସିଏପିଏଫ୍ ଅଧୀନରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି, ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଆଦି ସୁରକ୍ଷା ସଂଗଠନ ରହିଛି। ୨୦୧୮ରେ ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଆକ୍ରମଣରେ ୨୫ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଉକ୍ତ ବାହିନୀ ପକ୍ଷରୁ ହୋଲି ପାଳନ ବନ୍ଦ କରାଯାଇଥିଲା। ସେହିପରି ଗତବର୍ଷ ଫେବୃୟାରୀରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ପ୍ରତି ସମବେଦନା ସ୍ୱରୂପ ଗତବର୍ଷ ସିଆର୍‌ପିଏଫ୍ ହୋଲି ପାଳି ନ ଥିଲା।

## ଭାରତରେ ୩୧ କରୋନା ରୋଗୀ

**ନୂଆଦିଲ୍ଲୀ,୬।୩(ପି.ଟି.)**

ଦିଲ୍ଲୀରେ ଆଉଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିବା ପରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ଦିଲ୍ଲୀରେ ଏହା ତୃତୀୟ ସଂକ୍ରମଣ। କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଉକ୍ତ ବ୍ୟକ୍ତି ପୂର୍ବରୁ ଥାଇଲାଣ୍ଡ ଓ ମାଲେସିଆ

- ସ୍କୁଲ୍‌ରେ ଲାଗୁହେଲା କଟକଣା
- କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବନ୍ଦ
- ୩୦ ବିମାନବନ୍ଦରରେ ଯାଞ୍ଚ
- ଜାତୀୟ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଇଥିଲେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ସଂକ୍ରମଣ ବଢୁଥିବାରୁ ସବୁ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ୨୧ଟି ବିମାନବନ୍ଦରରେ ଯାଞ୍ଚ କରାଯାଉଥିବାବେଳେ ସେଥିରେ ଆଉ ୯ଟି ବିମାନବନ୍ଦରକୁ ସାମିଲ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ କରୋନା ଉପରେ ଏକଦିବସୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂକ୍ରମଣ ଭୟରେ ଦିଲ୍ଲୀ ସରକାର ରାଜଧାନୀର ସବୁ ସ୍କୁଲରେ ସକାଳୁଆ ସମାବେଶକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାଦେଶ ପର୍ଯ୍ୟନ୍ତ ସ୍କୁଲ କର୍ମଚାରୀମାନଙ୍କ ବାୟୋମେଟ୍ରିକ୍ ଉପସ୍ଥାନକୁ ସ୍ଥଗିତ ରଖାଯାଇଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୩୧ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଦିଲ୍ଲୀର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁଯତ୍ନ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି।



ବିକାନେରର ଜୁନାଗଡ଼ ଦୁର୍ଗଠାରେ ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଉଛି।

## ଧ୍ୱଜାବତରଣ ଉତ୍ସବରେ ଯୋଗଦେବେନି ଦର୍ଶକ

**ନୂଆଦିଲ୍ଲୀ,୬।୩(ପି.ଟି.)**

କରୋନା ସଂକ୍ରମଣ ଭୟରେ ଅଟ୍ଟାରୀ-ୱାଘା ସୀମାରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିବା ଧ୍ୱଜାବତରଣ ଉତ୍ସବରେ ଦର୍ଶକମାନଙ୍କୁ ଭାଗନେବାକୁ ଅନୁମତି ଦିଆଯିବନି। ଶନିବାରଠାରୁ ଏହି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ କୁହାଯାଇଛି। ଭାରତ ସମେତ ବିଭିନ୍ନ ଦେଶକୁ କରୋନା ଭୂତାଣୁ ବ୍ୟାପିଥିବାରୁ ସମାବେଶଠାରୁ ଦୂରେଇ ରହିବା ପାଇଁ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ତେଣୁ ଧ୍ୱଜାବତରଣ ଉତ୍ସବରେ ଭାଗନେବା ପାଇଁ କାହାକୁ ଅନୁମତି ଦିଆଯିବନି ବୋଲି ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।



## ଇତିହାସର ଆଇନାରେ — ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୮୭୬ ମାର୍ଚ୍ଚ ୭ରେ ଟେଲିଫୋନ୍‌ର ଉଦ୍ଭାବକ ଆଲେକ୍‌ଜାଣ୍ଡାର ଗ୍ରାହାମବେଲ୍‌ଙ୍କୁ ଏହାର ପେଟେଣ୍ଟ ମିଳିଥିଲା। ସେ ତାଙ୍କର ପ୍ରଥମ ଟେଲିଫୋନ୍ କଲ୍ ସହଯୋଗୀ ଥୋମାସ୍ ୱାଟସନଙ୍କ ପାଖକୁ କରିଥିଲେ।

୨୦୦୬ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ବାରାଣସୀଠାରେ ଲଶ୍କର-ଇ-ତୋଇବା ଆତଙ୍କବାଦୀମାନେ ସିରିଜ୍ ବିସ୍ଫୋରଣ କରିଥିଲେ। ଏଥିରେ ୨୮ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୧ଜଣ ଆହତ ହୋଇଥିଲେ।

## ପାକ୍‌ରେ କୋଠା ଭୁଶୁଡ଼ି ୧୮ ମୃତ

**କରାଚୀ,୬।୩(ପି.ଟି.):** ପାକିସ୍ତାନର କରାଚୀରେ ଶୁକ୍ରବାର ଏକ ୩ ମହଲା କୋଠା ଭୁଶୁଡ଼ି ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ। ଗୁଲ୍‌ବହାର ଅଞ୍ଚଳର ୮୦ ବର୍ଗ ୟାର୍ଡ ଜମି ଉପରେ ଥିବା ଏହି କୋଠା ବେଆଇନ ଭାବେ ନିର୍ମିତ ହୋଇଥିଲା। ଏହାର ତୃତୀୟ ମହଲା ଭାଙ୍ଗିଯିବା ପରେ ସମ୍ପୂର୍ଣ୍ଣ କୋଠାଟି ଧରାଶାୟୀ ହୋଇଯାଇଥିଲା। ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୮ ଜଣଙ୍କ ମୃତଦେହ ଭଗ୍ନାବଶେଷ ତଳୁ କଢ଼ାଯାଇଛି।

## ଶ୍ରଦ୍ଧାଞ୍ଜଳି ସଭାରେ ଆକ୍ରମଣ

**କାବୁଲ,୬।୩(ଏ.ଏଫ୍.ପି.)**



**୨୯ ନିହତ, ବର୍ତ୍ତିଗଲେ ଅବ୍‌ଦୁଲ୍ଲା**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏକ ରାଜନୈତିକ ସଭା ଚାଲିଥିବାବେଳେ ଆକ୍ରମଣ ହୋଇଛି। ଏଥିରେ ଅନ୍ୟୁନ ୨୯ ଜଣ ନିହତ ଓ ୩୦ ଆହତ ହୋଇଛନ୍ତି। ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲାଙ୍କୁ ଟାର୍ଗେଟ କରି ଏହି ଗୁଳିକାଣ୍ଡ ଘଟାଯାଇଥିଲା। ତେବେ ସେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଲିବାନ ସହ ଆମେରିକାର ଚୁକ୍ତି ସ୍ୱାକ୍ଷର ପରେ ଏହା ହେଉଛି ସବୁଠୁ ବଡ଼ ଘାତକ ଆକ୍ରମଣ।

୧୯୯୫ରେ ଆଫଗାନିସ୍ତାନର ହେଜବ-ଇ ୱାହଦାତ ପାର୍ଟି ନେତା ଅବ୍‌ଦୁଲ ଅଲି ମଜାରିଙ୍କୁ ତାଲିବାନ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଶୁକ୍ରବାର କାବୁଲରେ ମଜାରିଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳନ କରାଯାଉଥିଲା। ଏହି ସମାରୋହରେ ଆଫଗାନିସ୍ତାନର ଚିଫ୍ ଏକ୍‌ଜ୍ୟୁକେଟିଭ୍ ଅବ୍‌ଦୁଲ୍ଲା ଅବ୍‌ଦୁଲ୍ଲା, ପୂର୍ବତନ ରାଷ୍ଟ୍ରପତି ହମିଦ୍ କାର୍‌ଜାଇ, ହାଇ ପିସ୍ କାଉନ୍‌ସିଲ ଅଧ୍ୟକ୍ଷ ମହମ୍ମଦ କରିମ ଖଲିଲି, ସେକେଣ୍ଡ ଡେପୁଟି ଚିଫ୍ ଏକ୍‌ଜ୍ୟୁକେଟିଭ୍ ମହମ୍ମଦ ମହକିକ୍‌ଙ୍କ ସମେତ ଅନ୍ୟ କେତେଜଣ ରାଜନେତା ଏଥିରେ ସାମିଲ ଥିଲେ। ପୂର୍ବାହ୍ନ ୧୧ଟା ୨୦ରେ ଖଲିଲି ଭାଷଣ ଦେଉଥିବାବେଳେ ସଭାସ୍ଥଳ ନିକଟ ଏକ ନିର୍ମାଣାଧୀନ କୋଠାରୁ ଜଣେ ବନ୍ଧୁକଧାରୀ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୨୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅବ୍‌ଦୁଲ୍ଲା, କାରଜାଇ ଓ ଖଲିଲି ସୁରକ୍ଷିତ ଭାବେ ଘରକୁ ଫେରିବାରେ ସକ୍ଷମ ହୋଇଥିଲେ। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏକ ବିବୃତିରେ କହି ସଙ୍ଗଠନର କୌଣସି ଫାଇଟର ସମ୍ପୃକ୍ତ ନ ଥିବା କହିଛନ୍ତି। ରାଷ୍ଟ୍ରପତି ଅଶ୍ରଫ ଗନି ଏହି ଗୁଳିକାଣ୍ଡକୁ 'ମାନବିକତା ବିରୋଧରେ ଅପରାଧ' ଏବଂ ଆଫଗାନିସ୍ତାନର ଜାତୀୟ ଏକତା ଉପରେ ଆକ୍ରମଣ ବୋଲି ନିନ୍ଦା କରିଛନ୍ତି। ପ୍ରକାଶ ଯେ, ଗତବର୍ଷ ମଜାରିଙ୍କ ଶ୍ରାଦ୍ଧ ଦିବସ ପାଳନ ବେଳେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ହୋଇଥିବା ଆକ୍ରମଣରେ ୧୧ ଜଣ ନିହତ ହୋଇଥିଲେ। ଗତ ଫେବୃୟାରୀ ୨୯ରେ ଆମେରିକା ଓ ତାଲିବାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ରାଜିନାମା ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଆମେରିକା ରାଜି ହୋଇଛି। ଏହାକୁ ନେଇ କାବୁଲରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ରାଜନେତାମାନେ ଉପସ୍ଥିତ ଥିବା ଶ୍ରଦ୍ଧାଞ୍ଜଳି ସଭାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି।

## ଅହମଦ ପଟେଲଙ୍କୁ ଆୟକର ସମନ

**ନୂଆଦିଲ୍ଲୀ,୬।୩(ପି.ଟି.)**

ଟିକସ ଫାଙ୍କି ସହ ସମ୍ପୃକ୍ତ ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲଙ୍କୁ ଆୟକର ବିଭାଗ ପକ୍ଷରୁ ସମନ ଜାରି କରାଯାଇଛି। ଦଳୀୟ ଅର୍ଥ କାରବାରକୁ ନେଇ ଟିକସ ଫାଙ୍କିର ତଦନ୍ତ କରୁଛି ଆୟକର ବିଭାଗ। ଦଳର କୋଷାଧ୍ୟକ୍ଷ ଭାବରେ ଅହମଦଙ୍କୁ ହାଜର ହେବା ପାଇଁ କୁହାଯାଇଛି। ଫେବୃୟାରୀରେ ହାଜର ହେବା ପାଇଁ ପ୍ରଥମ ସମନ ହୋଇଥିବାବେଳେ ଅସୁସ୍ଥ ଥିବା ଦର୍ଶାଇ ରାଜ୍ୟ ସଭା ଏମ୍‌ପି ଅହମଦ ଏହାକୁ ଏଡାଇଯାଇଥିଲେ। କଂଗ୍ରେସ ଦଳକୁ ମିଳୁଥିବା ଚାନ୍ଦା ଓ ଦଳୀୟ ଖର୍ଚ୍ଚକୁ ନେଇ ଆୟକର ବିଭାଗ ତାଙ୍କୁ ଜେରା କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ମଧ୍ୟପ୍ରଦେଶ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦଳୀୟ ପାଣ୍ଠି ସମ୍ପର୍କିତ ବିଭିନ୍ନ ଦସ୍ତାବିଜ ଜବତ ହୋଇଥିଲା। ଏହି ଅନିୟମିତତା ନେଇ ପୂର୍ବରୁ କେତେଜଣ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଜେରା କରାଯାଇଥିଲା।






## ୧୧ରେ ଦିଲ୍ଲୀ ଦଙ୍ଗା ଆଲୋଚନା

**ନୂଆଦିଲ୍ଲୀ,୬।୩**

**ପାର୍ଲାମେଣ୍ଟରେ ବିବୃତି ରଖିବେ ସ୍ୱରାଷ୍ଟ୍ର ମନ୍ତ୍ରୀ**

ହୋଲି ପରେ ମାର୍ଚ୍ଚ ୧୧ରେ ଦିଲ୍ଲୀ ଦଙ୍ଗା ପ୍ରସଙ୍ଗ ପାର୍ଲାମେଣ୍ଟ ଆଲୋଚନାରେ ସ୍ଥାନ ପାଇବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସପ୍ତାହର ଦଙ୍ଗା ଉପରେ ଗୃହରେ ଉତ୍ତର ରଖିବେ। ସୋମବାର ଅଧିବେଶନ ଆରମ୍ଭ ହେବା ଦିନଠାରୁ ଦଙ୍ଗା ଉପରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଆସୁଛନ୍ତି। ଆଲୋଚନା ପାଇଁ ଏବେ ସମୟ ଠିକ୍ ନୁହେଁ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଥିବାବେଳେ ହୋଲି ପରେ ସ୍ୱଳ୍ପ ସମୟ ଆଲୋଚନାକୁ ଅନୁମତି ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ ଉପରେ ଭୋଟ ନିଆଯିବନି। ଗୃହରେ ବିଶୃଙ୍ଖଳା ସୃଷ୍ଟି ନ କରି ବିରୋଧୀ ସଦସ୍ୟମାନେ ଆଲୋଚନାରେ ଭାଗନେବେ ବୋଲି ଆଶା କରାଯାଉଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ କହିଛନ୍ତି। ୧୧ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି।

ଦିଲ୍ଲୀ ଆଲୋଚନା ଦଙ୍ଗା ଦାବିରେ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ୭ ଜଣ କଂଗ୍ରେସ ଏମ୍‌ପିଙ୍କୁ ଗୁରୁବାର ବାଚସ୍ପତି ନିଲମ୍ବନ କରିଥିଲେ। ସେମାନେ ଅଧିବେଶନ ଶେଷ ପର୍ଯ୍ୟନ୍ତ ଗୃହକୁ ଆସିପାରିବେ ନାହିଁ। ଦଙ୍ଗାରେ ୫୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା। ବହୁସଂଖ୍ୟାରେ ଲୋକ ବାସହରା ହୋଇଛନ୍ତି। ତେବେ ହୋଲି ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର କାହିଁକି ରାଜି ହେଉନାହାନ୍ତି ବୋଲି ନିଲମ୍ବିତ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ଯେଉଁମାନେ ଦଙ୍ଗାରେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହରାଇଛନ୍ତି, ସେମାନେ କ'ଣ ହୋଲି ଖେଳିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ Bhubaneswar, Saturday, March 7/2020





## ହୋଲି ଗୀତରେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଯୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍କାରୀ' ଶୁଟିଂ କରିବାକୁ ୪ ଦିନ ଲାଗିଥିଲା। ଏହା ଦୀପିକାଙ୍କ ପ୍ରଥମ ହୋଲି ଗୀତ।

୦୮

୧୨

## ପାଣ୍ଡ୍ୟାଙ୍କ ବିସ୍ଫୋରକ ଶତକ

ଡି.ୱାଇ. ପାଟିଲ ଟି୨୦ କପ୍ ସେମିଫାଇନାଲ୍‌ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୫ ବଲ୍‌ରେ ଅପରାଜିତ ୧୫୮ରନ କରିଛନ୍ତି।



# ୪ ରାଜ୍ୟ ସଭା ଆସନ ପାଇଁ ବିଜ୍ଞପ୍ତି

- ୧୩ ଯାଏ ନାମାଙ୍କନ ଦାଖଲ
- ୧୬ରେ ଯାଞ୍ଚ, ୧୮ରେ ପ୍ରତ୍ୟାହାର, ୨୬ରେ ଭୋଟ୍

ଭୁବନେଶ୍ୱର,୬।୩(ବ୍ୟୁରୋ)

ଓଡ଼ିଶା ୪ ଆସନ ସମେତ ୧୭ ରାଜ୍ୟର ଖାଲିହେବାକୁ ଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଭାରତର ନିର୍ବାଚନ କମିଶନର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉକ୍ତ ବିଜ୍ଞପ୍ତି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଓଡ଼ିଶା ରାଜପତ୍ରରେ ପୁନଃ ପ୍ରକାଶିତ ହୋଇଛି। ଓଡ଼ିଶା ବିଧାନସଭା ସଚିବ ତଥା ରିଟର୍ଣ୍ଣିଂ ଅଫିସର ଦାଶରଥୀ ଶତପଥୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୬ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଛୁଟିଦିବସ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ବିଧାନସଭା ସଚିବାଳୟର ସମ୍ମିଳନୀ କକ୍ଷରେ ମନୋନୟନପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ମାର୍ଚ୍ଚ ୧୬ ପୂର୍ବାହ୍ନ ୧୧ଟା ୩୦ରେ ଦାଖଲ କରାଯାଇଥିବା ପୃଷ୍ଠା-୨

# ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ପାସ୍‌ପୋର୍ଟ ମନା

ନୂଆଦିଲ୍ଲୀ,୬।୩

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ ଆଉ ମିଳିବ ନାହିଁ ପାସ୍‌ପୋର୍ଟ। ଯେଉଁ କର୍ମଚାରୀମାନେ ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି କିମ୍ବା ଯାହାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗରେ ମାମଲା ରୁଜୁ ପାଇଁ ସରକାର ଅନୁମତି ଦେଇଛନ୍ତି, ସେମାନେ ପାସ୍‌ପୋର୍ଟ ପାଇପାରିବେ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଥିବା ଗାଇଡ୍‌ଲାଇନ୍‌ର ସମୀକ୍ଷା କରାଯାଇଥିଲା। ଏହା ପରେ ଉକ୍ତ ପଦକ୍ଷେପ ନିଆଯାଇଛି। ନୂଆ ନିୟମ ଅନୁସାରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ପ୍ରଦାନ ପୂର୍ବରୁ ଭିଜିଲାନ୍ସ ମଞ୍ଜୁରୀ ଆବଶ୍ୟକ। ଭିଜିଲାନ୍ସ କ୍ଲିୟରାନ୍ସ ନ ମିଳିଲେ ସେମାନଙ୍କୁ ପାସ୍‌ପୋର୍ଟ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗର ସଚିବମାନଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଛି। ଚାକିରିରୁ ନିଲମ୍ବିତ ହୋଇଥିବା ଅଧିକାରୀ କିମ୍ବା ଯାହାଙ୍କ ବିରୋଧରେ ଆପରାଧିକ ମାମଲାରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚାର୍ଜଶିଟ ଦାଖଲ କରାଯାଇଥିବ ତାଙ୍କର ଭିଜିଲାନ୍ସ ମଞ୍ଜୁରୀକୁ ବାତିଲ କରାଯିବ। ସେହିପରି ଦୁର୍ନୀତି ନିବାରଣ ଆଇନ କିମ୍ବା ଅନ୍ୟ କୌଣସି ଆପରାଧିକ ମାମଲାକୁ କୋର୍ଟ ସଂଜ୍ଞାନକୁ ନେଇଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ପାସ୍‌ପୋର୍ଟ ପ୍ରଦାନ ନିମନ୍ତେ ଭିଜିଲାନ୍ସ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଭାରତୀୟ ପାସ୍‌ପୋର୍ଟ ହାସଲ କରିବାକୁ ଚାହୁଁଥିବା କାର୍ଯ୍ୟରତ ଅଧିକାରୀମାନଙ୍କ କ୍ଷେତ୍ରରେ ପାସ୍‌ପୋର୍ଟ ଆଇନ, ୧୯୬୭ର ଧାରା ୬(୨) ପ୍ରଯୁଜ୍ୟ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।



### ଏମାନେ ପାଇବେନି ଯାତ୍ରା ଦସ୍ତାବିଜ

- ଭ୍ରଷ୍ଟାଚାର ଅଭିଯୋଗରେ ନିଲମ୍ବିତ ଅଧିକାରୀ
- ଯାହାଙ୍କ ବିରୋଧରେ ମାମଲା ପାଇଁ ଅନୁମତି ଦିଆଯାଇଛି
- ଭାରତ ବାହାରେ ଆବେଦନକାରୀଙ୍କ ଉପସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରୁଥିଲେ
- ୱାରେଣ୍ଟ କିମ୍ବା ହାଜର ପାଇଁ ସମନ ଅଥବା ଗିରଫ ପରୱାନା ଜାରି ହୋଇଥିଲେ
- ଦେଶ ଛାଡ଼ିବା ଉପରେ କଟକଣା ଜାରି ହୋଇଥିଲେ
- ଉପରୋକ୍ତ ଅଧିକାରୀମାନଙ୍କୁ ପାସ୍‌ପୋର୍ଟ ହାସଲ ପାଇଁ ଭିଜିଲାନ୍ସ ମଞ୍ଜୁରୀ ଆବଶ୍ୟକ
- ସମସ୍ତ ବିଭାଗର ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟର ଚିଠି

ଯଦି ଭାରତ ବାହାରେ ଜଣେ ଆବେଦନକାରୀଙ୍କ ଉପସ୍ଥିତି ସମ୍ପୃକ୍ତ ଦେଶ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ କିମ୍ବା ତାଙ୍କୁ ଯାତ୍ରା ଦସ୍ତାବିଜ ପ୍ରଦାନ କରିବା ଜନହିତରେ ନୁହେଁ ବୋଲି କେନ୍ଦ୍ର ସରକାର ଅନୁଭବ କରନ୍ତି ତେବେ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପାସ୍‌ପୋର୍ଟ ନ ଦେବା ପାଇଁ ନିଷ୍ପତ୍ତି ନେଇପାରିବେ। ଧାରା ୬(୨)ରେ ଏହି ବ୍ୟବସ୍ଥା ରହିଛି। ଅନୁରୂପ ଭାବେ ଜଣକ ବିରୋଧରେ କୌଣସି କୋର୍ଟ ପକ୍ଷରୁ ୱାରେଣ୍ଟ କିମ୍ବା ହାଜିର ପାଇଁ ସମନ ଅଥବା ଗିରଫ ପରୱାନା ଜାରି କରାଯାଇଥିବ ତା' ହେଲେ ତାଙ୍କୁ ବିମାନରେ ବିଦେଶ ଯାତ୍ରା ଲାଗି ପାସ୍‌ପୋର୍ଟ ଦିଆଯିବ ନାହିଁ। ଯେଉଁ ଆବେଦନକାରୀଙ୍କୁ ଭାରତ ଛାଡ଼ିବା ପାଇଁ ବାରଣ କରି କଟକଣା ସମ୍ବଳିତ ନିର୍ଦ୍ଦେଶନାମା ଜାରି ହୋଇଥିବ ତାଙ୍କୁ ମଧ୍ୟ ପାସ୍‌ପୋର୍ଟ ମିଳିବ ନାହିଁ ବୋଲି ଏହି ଆଇନରେ ସ୍ପଷ୍ଟ କରାଯାଇଛି।

# ବିଭାଗ ଉପରେ ଲାଗିଲା ଅଙ୍କୁଶ

## ଖର୍ଚ୍ଚ ହୋଇପାରୁନି ଟଙ୍କା

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ନିର୍ଦ୍ଧାରିତ ସମୟରେ ଟଙ୍କା ଖର୍ଚ୍ଚ କରୁ ନ ଥିବା ବିଭାଗଗୁଡ଼ିକ ଉପରେ ଅର୍ଥ ବିଭାଗ ଅଙ୍କୁଶ ଲଗାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଆଉ ମନଇଚ୍ଛା ବଜେଟ୍ ଟଙ୍କା ମିଳିବ ନାହିଁ। ଯଦି କୌଣସି ବିଭାଗ ଯୋଜନା କିମ୍ବା କାର୍ଯ୍ୟକ୍ରମ ବାବଦରେ ଗତ ଆର୍ଥିକ ବର୍ଷର ଟଙ୍କା ଖର୍ଚ୍ଚ ନ କରି ବ୍ୟାଙ୍କରେ ଜମା ରଖିଛନ୍ତି, ସେ ସମସ୍ତ ଗଚ୍ଛିତ (ପାର୍କିଂ) ଅର୍ଥ ଖର୍ଚ୍ଚ ନ ହେବା ଯାଏ ନୂଆ ବଜେଟ୍‌ର ଟଙ୍କାଟିଏ ମିଳିବ ନାହିଁ। ସମସ୍ତ ବିଭାଗକୁ ଅର୍ଥ ବିଭାଗ ଏଭଳି କଡ଼ା ନିର୍ଦ୍ଦେଶ ଦେଇଛି। କେବଳ ରାଜ୍ୟ ଯୋଜନା ନୁହେଁ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅର୍ଥ ମଧ୍ୟ ନିର୍ଦ୍ଧାରିତ ସମୟରେ ବିଭାଗଗୁଡ଼ିକ ଖର୍ଚ୍ଚ କରିବାରେ ଏକ ପ୍ରକାର ବିଫଳ ହୋଇଛନ୍ତି। କେନ୍ଦ୍ରରୁ ଅନୁଦାନ ପାଇବା ପାଇଁ ବିଭାଗଗୁଡ଼ିକ ବରାଦ ଅର୍ଥ ଖର୍ଚ୍ଚ ନ କରି ବିନିଯୋଗ ପ୍ରମାଣପତ୍ର (ୟୁ.ସି.) ଦେଉଛନ୍ତି। ଏଥିଯୋଗୁ ବହୁ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ବିଭିନ୍ନ ବ୍ୟାଙ୍କରେ ଦୀର୍ଘବର୍ଷ ଧରି ପଡ଼ି ରହିଛି।

ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ ନ କରି ନୂଆ ବଜେଟ୍ ପାଇଁ ଲମ୍ବା ଖର୍ଚ୍ଚ ଚିଠା ଧରାଇ ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଯଥାରେ ଋଣ କରିବାକୁ ପଡୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ୧୮ ହଜାର କୋଟି ଟଙ୍କା ଋଣ କରିବେ ବୋଲି ଘୋଷଣା କରିଛନ୍ତି। ଋଣଭାର କମାଇବାକୁ ସରକାର ଏଭଳି ଦୃଢ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେଉଁ ବିଭାଗ କେଉଁ ବ୍ୟାଙ୍କରେ କେତେ ଟଙ୍କା ପାର୍କିଂ କରିଛନ୍ତି ସେ ନେଇ ଅର୍ଥ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ବିଭାଗଗୁଡ଼ିକର ଆର୍ଥିକ କାରବାର ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି। ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫ୍ଏମ୍ଏସ୍) ଜରିଆରେ ରିଜର୍ଭ ବ୍ୟାଙ୍କ ବିଭାଗଗୁଡ଼ିକର ସମସ୍ତ ଆର୍ଥିକ କାରବାର ବିବରଣୀ ପ୍ରଦାନ କରିବ। ସେହି ତଥ୍ୟ ଆଧାରରେ ନୂଆ ବଜେଟ୍ ଅର୍ଥ ବିଭାଗଗୁଡ଼ିକୁ ବଣ୍ଟନ କରାଯିବ। ଆସନ୍ତା ସଚିବସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ନିମନ୍ତେ ଏକ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଦ୍ୱାରା ସରକାର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା ହେବା ସହ ରାଜକୋଷ ଉପରେ ପଡୁଥିବା ଋଣ ଚାପକୁ ହ୍ରାସ କରାଯାଇପାରିବେ ବୋଲି ସେ କହିଛନ୍ତି।

### ସରକାରଙ୍କ ଉପରେ ଋଣଭାର ଚାପ

- ବ୍ୟାଙ୍କରେ ଟଙ୍କା ଥିଲେ ମିଳିବନି ବଜେଟ ଅର୍ଥ
- ରିଜର୍ଭ ବ୍ୟାଙ୍କକୁ ଖର୍ଚ୍ଚ ତାଲିକା ମାଗିଲା ଅର୍ଥ ବିଭାଗ
- ଫେବୃୟାରୀ ସୁଦ୍ଧା ୬୦% ଖର୍ଚ୍ଚ କରିନାହାନ୍ତି ବିଭାଗ

ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧୫ରୁ ଊର୍ଦ୍ଧ୍ୱ ବିଭାଗ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ମାତ୍ର ୨୦ରୁ ୫୦ ପ୍ରତିଶତ ମଧ୍ୟରେ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଗୃହ ବିଭାଗ ସମୁଦାୟ ୫,୬୫୩.୯୬ କୋଟି ଟଙ୍କାରୁ ୩,୫୨୯.୬୨ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅର୍ଥ ବିଭାଗ ୨୮,୨୩୮.୪୯ କୋଟିରୁ ୧୭,୧୯୮.୦୧ କୋଟି, ନିର୍ମାଣ ବିଭାଗ ୫,୮୧୦.୯୮ କୋଟିରୁ ୩,୬୧୬.୨୭ କୋଟି, ସ୍କୁଲ ଓ ଗଣଶିକ୍ଷା ବିଭାଗ ୧୭,୩୮୮.୦୯ କୋଟିରୁ ୧୦,୫୯୧.୧୨ କୋଟି, ଗୃହ ନିର୍ମାଣ ଓ ଉନ୍ନୟନ ବିଭାଗ ୬,୦୩୦.୯୪ କୋଟିରୁ ୨,୮୭୦.୪୯ କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୭,୨୯୬.୦୭ କୋଟିରୁ ୪,୦୦୫.୩୭ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧,୧୧୮.୧୩ କୋଟିରୁ ୫୪୪.୬୩ କୋଟି ଖର୍ଚ୍ଚ କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ୧୯,୬୯୬.୮୭ କୋଟିରୁ ୧୧,୯୦୩.୫୯ କୋଟି, ଜଳସମ୍ପଦ ବିଭାଗ ୮,୧୨୯.୪୯ କୋଟିରୁ ୩,୬୯୧.୪୨ କୋଟି, କୃଷି ବିଭାଗ ୯,୧୧୧.୯୧ କୋଟିରୁ ୫,୭୫୭ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୫,୫୮୭.୪୫ କୋଟିରୁ ୧,୧୮୦.୪୫ କୋଟି, ଶକ୍ତି ବିଭାଗ ୩,୧୦୨.୦୩ କୋଟିରୁ ୧,୪୩୫.୭୨ କୋଟି, ଉଚ୍ଚଶିକ୍ଷା ବିଭାଗ ୨,୪୧୨.୩୭ କୋଟିରୁ ୧,୨୨୧.୫୧ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୩,୪୮୦.୪୦ କୋଟିରୁ ୨,୫୪୯.୨୫ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଏହାବ୍ୟତୀତ ଅନ୍ୟ ବିଭାଗଗୁଡ଼ିକର ସ୍ଥିତି ମଧ୍ୟ ସମାନ। ୨୦୧୭-୧୮ ଆର୍ଥିକ ବର୍ଷରେ ମଧ୍ୟ ସମାନ ଅବସ୍ଥା ଥିଲା। ଅର୍ଥ ଖର୍ଚ୍ଚ ହେଉ ନ ଥିବାରୁ ବିକାଶ କାର୍ଯ୍ୟ ଧିମେଇ ଯାଉଛି।

ଅନ୍ୟପକ୍ଷରେ ଯେଉଁ ଡିଓ(ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) ପୃଷ୍ଠା-୨

# ଏସ୍‌ସିବିରୁ ଫେରାର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

### କରୋନା ସନ୍ଦିଗ୍ଧ ଆୟର୍ଲାଣ୍ଡ ନାଗରିକ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ଆୟର୍ଲାଣ୍ଡ ନାଗରିକ ପିଟରଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କୁ ହସ୍ପିଟାଲର ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ରକ୍ତନମୁନା ପରୀକ୍ଷା ପାଇଁ ଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଟର ଓ ତାଙ୍କ ସହଯୋଗୀ(ନିମାପଡ଼ାର) ହସ୍ପିଟାଲରେ ରହିବେ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ଯାଞ୍ଚ ସମୟରେ ପିଟରଙ୍କ ଶରୀରରେ ତାପମାତ୍ରା ଥିବା ଜଣାପଡ଼ିଥିଲା। ସେ କରୋନାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଥିଲା। ତେଣୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ କଟକରୁ ସେ ରାତିରେ ଫେରାର୍ ହୋଇଥିବା ମଙ୍ଗଳାବାଗ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା। ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସୂଚନାନୁଯାୟୀ, ସନ୍ଦିଗ୍ଧଙ୍କ ଜଣେ ସହଯୋଗୀ ରେଫରାଲ ଟିକେଟ୍ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସନ୍ଦିଗ୍ଧଙ୍କୁ ଆଡ୍‌ମିଟ କରିବାକୁ କୁହାଯିବାରୁ ସେ ତାଙ୍କୁ ଆଣିବା ପାଇଁ ତଳକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଉଭୟ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଏହା ପରଠୁ ସନ୍ଦିଗ୍ଧ କେଉଁଆଡ଼େ ଫେରାର ହୋଇଯାଇଥିବା ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପୋଲିସ ତାଙ୍କୁ ଖୋଜିବାରେ ଲାଗିଥିଲା। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରର ଏକ ହୋଟେଲରେ ତାଙ୍କୁ ପୋଲିସ ପାଇଥିଲା।

# ବିମଳ ଜୁଲ୍‌କା ସିଆଇସି



ନୂଆଦିଲ୍ଲୀ,୬।୩(ପି.ଟି.)

ସୂଚନା କମିଶନର ବିମଳ ଜୁଲ୍‌କାଙ୍କୁ ଶୁକ୍ରବାର ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ନିଯୁକ୍ତି ମିଳିଛି। ଜାନୁୟାରୀ ୧୧ରେ ସିଆଇସି ସୁଧୀର ଭାର୍ଗବ ଅବସର ନେବା ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ ଜୁଲ୍‌କାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଆଇସି ନିଯୁକ୍ତ କରିଛନ୍ତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ବିମଳ ଜୁଲ୍‌କାଙ୍କୁ ଦେଶର ନୂଆ ସିଆଇସି ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୧୯୭୯ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ (ଅବସରପ୍ରାପ୍ତ) ଜୁଲ୍‌କା ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କୁ ଏହି ଦୁର୍ନୀତି ନିରୋଧୀ ଜଗୁଆଳି ସଂସ୍ଥାର ମୁଖ୍ୟ ଭାବେ ଅବସ୍ଥାପିତ କରାଯିବା ପରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଆଉ ୫ ସୂଚନା କମିଶନର ପଦବୀ ଖାଲିପଡ଼ିଛି। ଏବେ ସିଆଇସିରେ ୬ କମିଶନର କାର୍ଯ୍ୟରତ ଅଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଜୁଲ୍‌କାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ।

### ଆଜିର ସମ୍ପାଦକୀୟ

## ଭିନ୍ନମତ ପାଇଁ ଜାଗା ନାହିଁ


Taste the difference! Vencobb FRESH CHICKEN

06.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ମହାପ୍ରଭୁଙ୍କ ଜମାଟଙ୍କା ଫେରସ୍ତ ନେଇ ଚିନ୍ତା

ପୁରୀ ଅଫିସ,୬।୩

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି ଯୋଗୁ ଏଭଳି ପଦକ୍ଷେପ ନେଇଛି ଆର୍‌ବିଆଇ। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଏବେ ସଂକଟରେ। ମହାପ୍ରଭୁଙ୍କ ଏତେ ପରିମାଣର ଟଙ୍କା ବୁଡ଼ିଯିବା ନେଇ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏତେଗୁଡ଼ିଏ ଟଙ୍କା ଏହି ଘରୋଇ ବ୍ୟାଙ୍କରୁ କିପରି ଫେରସ୍ତ ଅଣାଯିବ ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏବେ ଚିନ୍ତାରେ। ତେବେ ଆଇନକାନୁନକୁ ମୋଡ଼ି ମକଚି ଯେଉଁମାନେ ଚଞ୍ଚକତା ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଜୋର ଧରିଛି। ଏନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ତେଜିଉଠିଛି। ମହାପ୍ରଭୁଙ୍କ ଟଙ୍କା କିପରି ଉଦ୍ଧାର କରାଯାଇପାରିବ ତାହା ଉପରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ମହାପ୍ରଭୁଙ୍କର ୫୯୨ କୋଟି (୫୪୫ କୋଟି ସ୍ଥାୟୀ ଜମା ଓ ୪୭ କୋଟି ଫ୍ଲେକ୍ସି ଜମା) ଟଙ୍କା ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଗତ ଡିସେମ୍ବର ୨୦ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବେଶ୍ ହୋହଲ୍ଲା ହୋଇଥିଲା। ପରିଚାଳନା କମିଟିକୁ ଅନ୍ଧାରରେ ରଖି ଏବଂ ଅର୍ଥ ସବ୍ କମିଟି ଅନୁମୋଦନ ବିନା କିପରି ମହାପ୍ରଭୁଙ୍କ ପୃଷ୍ଠା-୨

### ୟେସ୍ ବ୍ୟାଙ୍କର ଆର୍ଥିକ ଦୁଃସ୍ଥିତି



- ୫୪୫ କୋଟି ଟଙ୍କା ଫେରସ୍ତ ଆଣିବାକୁ ଦାବି ଜୋରଦାର

# ସାଥୀ ଖୋଜିବାକୁ ୨ ହଜାର କିମି


ନୂଆଦିଲ୍ଲୀ, ୬।୩

'ବଞ୍ଜର ହୈ ସବ୍ ବଞ୍ଜର ହୈ। ହମ୍ ଢୁଣ୍ଡନେ ଜବ ଫିର୍ଦୌଷ ଚାଲେ। ତେରେ ଖୋଜ୍ ତଲାସ ମେଁ ଦେଖ୍ ପିୟା, ହମ୍ କିତନେ କାଲେ କୋଶ ଚାଲେ...'। ମହାନ୍ ସଙ୍ଗୀତକାର ଗୁଲ୍‌ଜାରଙ୍କ ରଚିତ ଏହି ଶାୟରୀକୁ ଆମେ ଶୁଣିବାକୁ ପାଇଥିଲେ ହିନ୍ଦୀ ଫିଲ୍ମ 'ସାଥିୟାଁ'ରେ, ଯାହାକୁ ନିଜର କଣ୍ଠରେ ସଜାଇଥିଲେ ଓସ୍କାର ବିଜେତା କଣ୍ଠଶିଳ୍ପୀ ଏ.ଆର୍. ରହମନ। ଏହି ଗୀତରେ ଭରି ରହିଛି ବିରହ ପ୍ରେମର ଯନ୍ତ୍ରଣା। ଏପରି ଏକ ବିରହୀ ବାଘର ପ୍ରେମ କାହାଣୀକୁ ନେଇ ସୋସିଆଲ ମିଡିଆରେ ଜୋର୍ ଧରିଛି ଚର୍ଚ୍ଚା। ଉକ୍ତ ମହାବଳ ବାଘ ସାଥୀ ଖୋଜିବାକୁ ୨୦୦୦ କିମି ପଥ ଅତିକ୍ରାନ୍ତ କରିଛି। ବାଙ୍ଗାଲୋରର ଜଣାଶୁଣା ଭାରତୀୟ ବନ ସେବା (ଆଇଏଫ୍ଏସ୍) ଅଧିକାରୀ ପ୍ରବୀଣ କଶୱାନ ଉକ୍ତ ବାଘର ଫଟୋ ଏବଂ ଏହାର କଷ୍ଟପୂର୍ଣ୍ଣ ଯାତ୍ରାର ଛାୟାଚିତ୍ରକୁ ନିଜର ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି।

ଋତୁ ଅନୁଯାୟୀ ଜଟିଳ ପରିସ୍ଥିତିରୁ ମୁକୁଳିବାକୁ ପଶୁପକ୍ଷୀମାନେ ନିଜର ଆବାସସ୍ଥଳୀ ବଦଳାଇଥାନ୍ତି। ଏହାକୁ ମାଇଗ୍ରେଶନ ବା ଦେଶାନ୍ତର କୁହାଯାଏ। ଉକ୍ତ ବାଘ ମଧ୍ୟ ସାଥୀ ଖୋଜିବାରେ ୨୦୦୦ କିମି ଚାଲିଥିବା ପ୍ରବୀଣ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ଟିପ୍ପେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟରୁ ନିଜର ଯାତ୍ରା ଆରମ୍ଭ କରିଥିବା ଉକ୍ତ ବାଘ ଏବେ ହିଙ୍ଗୋଲି ନିକଟ ଜ୍ଞାନଗଙ୍ଗା ଅଭୟାରଣ୍ୟରେ ପହଞ୍ଚିଛି। ନିଜର ଯାତ୍ରା ସମୟରେ ବାଘଟି ବିଲ, କେନାଲ, ଜଙ୍ଗଲ ରାସ୍ତା ଅତିକ୍ରମ କରିଛି। ସେ ଦିନ ତମାମ ବିଶ୍ରାମ ନେଉଥିବାବେଳେ ରାତିରେ ହିଁ ଚାଲୁଥିଲା। ହେଲେ ରାସ୍ତାରେ ବାଘଟି କାହାରି କୌଣସି କ୍ଷତି କରିନାହିଁ। କେବଳ ଜଣେ ଯୋଗ୍ୟ ସାଥୀ ପାଇବାକୁ ସେ ଏପରି ପରିଶ୍ରମ କରିଛି। ୨୦୧୯ ମାର୍ଚ୍ଚରେ ଉକ୍ତ ବାଘ ଦେହରେ ଭିଏଚ୍ଏଫ୍ ରେଡିଓ ଖଞ୍ଜାଯାଇଥିଲା। ଜିପିଏସ୍ ସହାୟତାରେ ତା' ଉପରେ ଲଗାତର ନଜର ରଖାଯାଇଥିଲା। ତେବେ ବାଘକୁ ସାଥୀ ମିଳିଛି ନା ନାହିଁ ସେ ସମ୍ପର୍କରେ ପ୍ରବୀଣ କିଛି ଉଲ୍ଲେଖ କରିନାହାନ୍ତି।

ତେବେ ପ୍ରବୀଣ ସମ୍ପୂର୍ଣ୍ଣ ଘଟଣାକୁ ଶେୟାର କରିବା ପରେ ଟୁଇଟର ୟୁଜର ବାଘକୁ ନେଇ ମଜାଳିଆ କମେଣ୍ଟ ଦେଇଛନ୍ତି। ଜଣେ କହିଛନ୍ତି, ଏଠି ଲୋକେ ନେଟ୍‌ଫ୍ଲିକ୍ସର ପାସ୍‌ୱାର୍ଡ ଦେଉନାହାନ୍ତି, ଅଥଚ ବାଘ ଏତେ ପରିଶ୍ରମ କରୁଛି। ଆଉ ଜଣେ ଲେଖିଛନ୍ତି, ସେ ବାଘୁଣୀ ବେଶ୍ ଭାଗ୍ୟବତୀ ହୋଇଥିବ। ଅନ୍ୟ ଜଣେ ଉଲ୍ଲେଖ କରିଛନ୍ତି, ବାଘମାନଙ୍କ ପାଇଁ ଟିଣ୍ଡର (ଡେଟିଂ ଆପ୍) ଲୋଡ଼ା। ସେ ଯାହା ହେଉନା କାହିଁକି, ସାଥୀ ଖୋଜିବାକୁ ବାଘର ଏପରି ଯାତ୍ରା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

> **Parveen Kaswan, IFS**
> @ParveenKaswan
>
> This #Tiger from India after walking into records has settled to Dnyanganga forest. He walked for 2000 Kms through canals, fields, forest, roads & no conflict recorded. Resting in daytime & walking in night all for finding a suitable partner. Was being continuously monitored.



**ଆଜିର ମନ୍ତବ୍ୟ**
"ଗୃହକାର୍ଯ୍ୟ ବ୍ୟାଘାତ ପାଇଁ ଏମ୍‌ପିମାନଙ୍କୁ ନିଲମ୍ବନ କରିବା ପକେଟମାରଙ୍କୁ ଜେଲକୁ ପଠାଇବା ସଦୃଶ।
-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫.୪୨ ବିଲିୟନ ଡଲାର ବୃଦ୍ଧି ଘଟି ୪୮୧.୫୪ ବିଲିୟନ ଡଲାର ରହିଛି। -ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଦ୍ୟାଶ୍ରୀ
ପରିବାରବର୍ଗ


ବିଶ୍ୱନାଥ
ପରିବାରବର୍ଗ


ଗାୟତ୍ରୀ
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ


ପ୍ରିୟଦର୍ଶିନୀ
ପରିବାରବର୍ଗ


ରୋନି କୁମାର
ପରିବାରବର୍ଗ


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କରୋନା: ବାୟୋମେଟ୍ରିକ ମେଶିନ ବ୍ୟବହାର ଉପରେ କଟକଣା

ଭୁବନେଶ୍ୱର, ୬।୩ (ବ୍ୟୁରୋ): ଚାଇନାରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ସମଗ୍ର ମାନବ ସମାଜ ପାଇଁ ବଡ଼ ବିପତ୍ତି ଭାବେ ଦେଖା ଦେଇଛି। ଭାରତରେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିବା ବେଳେ ଏବେ ସରକାରୀ, ବେସରକାରୀ ଅନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ନିଷେଧ କରାଯାଇଛି। ଏହି ମେଶିନକୁ ବହୁସଂଖ୍ୟକ ଲୋକ ବ୍ୟବହାର କରୁଥିବାରୁ ଭୂତାଣୁ ବ୍ୟାପିବାର ଆଶଙ୍କା ରହୁଛି। ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଲାଗିଥିବା ବାୟୋମେଟ୍ରିକ୍ ମେଶିନ ବ୍ୟବହାରକୁ ଏହି ରୋଗର ପ୍ରଭାବ ହ୍ରାସ ପାଇବା ଯାଏ ବନ୍ଦ ରଖିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ବିଭାଗକୁ ଅନୁରୋଧ କରିଛି। ବାୟୋମେଟ୍ରିକ୍ ମେଶିନ ବଦଳରେ ଆଟେଣ୍ଡାନ୍ସ ରେଜିଷ୍ଟର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତିକାରମୂଳକ ପଦକ୍ଷେପ ପାଇଁ ଏହି କଟକଣା ଜାରି କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# କମିଲା ବସ୍ ଭଡ଼ା: କିଲୋମିଟର ପିଛା ୧ ଓ ୨ ପଇସା

ଭୁବନେଶ୍ୱର,୬।୩(ବ୍ୟୁରୋ)-ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁ ରାଜ୍ୟରେ ବସ ଭଡ଼ା କମିଛି। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ)ଅନୁଯାୟୀ ରାଜ୍ୟରେ ବସ ଭଡ଼ା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ ଭଡା କିଲୋମିଟର ପିଛା ୬୯ ପଇସାରୁ ୬୮ପଇସା ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୨ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୯୯ ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୧ପଇସା ୧ ଟଙ୍କା ୧୯ ପଇସାକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧ରେ ବସ ଭଡା ହ୍ରାସ ପାଇଥିଲା। ମାସକ ମଧ୍ୟରେ ୨ ଥର ଭଡ଼ା ହ୍ରାସ ହୋଇଛି। ଭଡ଼ା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ ଭଡ଼ା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ମହାପ୍ରଭୁଙ୍କ ଜମାଟଙ୍କା...

ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଣାରେ ପଡିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଅର୍ଥ ସବ୍‌କମିଟି ବୈଠକ ବସି ମହାପ୍ରଭୁଙ୍କ ପାଣ୍ଠିର ସ୍ୱଚ୍ଛତା ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା।

ଗତ ମାସ ୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପୁଣି ଏହି ପ୍ରସଙ୍ଗକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଣିକି ଜାତୀୟକରଣ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା। ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ। ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ। ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଥିଲେ। ଗତମାସ ୨୬ ତାରିଖରେ ବିଧାନସଭାରେ ଏହି ପ୍ରସଙ୍ଗରେ ଉତ୍ତର ଦେଇ ଆଇନ ମନ୍ତ୍ରୀ ପ୍ରତାପ ଜେନା ୫୯୨ କୋଟି ଟଙ୍କା ମଧ୍ୟରୁ ୪୭କୋଟି ଟଙ୍କା ଫ୍ଲେକ୍ସି ଜମାକୁ ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୫୪୫ କୋଟି ଟଙ୍କା ଚଳିତମାସ ୧୯ ଓ ୩୦ ତାରିଖରେ ମାଚ୍ୟୁରିଟି ପୂରୁଥିବାରୁ ଏହା ଉଠାଇ ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବାରୁ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। କାରଣ ଆସନ୍ତା ୩୦ ଦିନ ମଧ୍ୟରେ ୟେସ୍ ବ୍ୟାଙ୍କର ଜଣେ ଗ୍ରାହକ ସର୍ବାଧିକ ୫୦ ହଜାର ଟଙ୍କା ଉଠାଇ ପାରିବ ବୋଲି ନିୟମ ଲାଗୁ ହୋଇଛି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଏତେଗୁଡ଼ିଏ ଟଙ୍କା ରଖିବା ଲାଗି କିଭଳି ନିଷ୍ପତ୍ତି ନିଆଗଲା ରାଜ୍ୟ ସରକାର ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାସହିତ ମହାପ୍ରଭୁଙ୍କ ଟଙ୍କା ଉକ୍ତ ବ୍ୟାଙ୍କରୁ କିପରି ଉଠାଯିବ ସେ ନେଇ ପଦକ୍ଷେପ ନିଅନ୍ତୁ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପରିଚାଳନା କମିଟିରେ ଆଲୋଚନା ହୋଇନି, ଗଜପତି ମହାରାଜା ଜାଣିନାହାନ୍ତି, ଅର୍ଥ ସବ୍ କମିଟି ଅନୁମୋଦନ କରିନି, ହେଲେ ମହାପ୍ରଭୁଙ୍କ ଟଙ୍କା ଏକ ଘରୋଇ ବ୍ୟାଙ୍କ ହାତରେ ଟେକିଦିଆଯାଇଛି। ଏହା ସବୁଠୁ ଦୁଃଖଦାୟକ। ତଦନ୍ତ କରାଯାଇ ଯେଉଁମାନେ ଏପରି କାରବାର ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଅଧିକ ସୁଧ ଲୋଭରେ ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଆର୍‌ବିଆଇ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଆଲୋଚନା କରି ମହାପ୍ରଭୁଙ୍କ ଟଙ୍କା କିପରି ଉଠାଇ ହେବ ସେ ନେଇ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି ମହେଶ୍ୱର।

### ମହାପ୍ରଭୁଙ୍କ ଟଙ୍କା ପ୍ରତି ବିପଦ ନାହିଁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୬।୩(ବ୍ୟୁରୋ)-ୟେସ ବ୍ୟାଙ୍କର ଦେବାଳିଆ ସ୍ଥିତିକୁ ନେଇ ଜମାକାରୀଙ୍କ ମଧ୍ୟରେ ଛନକା ପଶିଛି। କାଳେ ଜମା ଟଙ୍କା ବୁଡିଯିବ ସେହି ଆଶଙ୍କାରେ ଉକ୍ତ ବ୍ୟାଙ୍କର ଏଟିଏମ ଆଗରେ ଟଙ୍କା ଉଠାଇବା ପାଇଁ ଲୋକଙ୍କ ଭିଡ ଲାଗିଛି। ତେବେ ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଫିକ୍ସଡ ଡିପୋଜିଟ ରହିଛି। ଏହି ଟଙ୍କା ବୁଡିଯିବାର କୌଣସି ଆଶଙ୍କା ନାହିଁ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ମହାପ୍ରଭୁଙ୍କ ଟଙ୍କା ପ୍ରତି କୌଣସି ବିପଦ ନାହିଁ। ୨ଟି ଡିପୋଜିଟର ମାଚୁରିଟି ମାର୍ଚ୍ଚ ୧୬ ଓ ୨୯ରେ ପୁରିବ। ଏହା ପରେ ଉକ୍ତ ଅର୍ଥକୁ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୪ ରାଜ୍ୟ ସଭା ...

ମନୋନୟନପତ୍ର ଯାଞ୍ଚ କରାଯିବ। ୧୮ ତାରିଖ ପୂର୍ବାହ୍ନ ୩ଟାମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକ ହେଲେ ମାର୍ଚ୍ଚ ୨୬ ପୂର୍ବାହ୍ନ ୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ। ମାର୍ଚ୍ଚ ୩୦ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏ ସମ୍ପର୍କିତ ବିଜ୍ଞପ୍ତି ବିଧାନସଭା ସଚିବାଳୟର ନୋଟିସ୍ ବୋର୍ଡରେ ପ୍ରକାଶିତ କରାଯାଇଛି। ସମସ୍ତ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ଏପ୍ରିଲ୍ ସୁଦ୍ଧା ବିଜେଡିର ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହେବା ପରେ ବିଜେଡି ନେତା ଅନୁଭବ ମହାନ୍ତି ରାଜ୍ୟ ସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ଏଥିଯୋଗୁ ମୋଟ ୪ଟି ଆସନ ଖାଲି ପଡୁଛି। ଆସନ୍ତା ୨/୩ ଦିନ ମଧ୍ୟରେ ବିଜେଡି ରାଜ୍ୟ ସଭା ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିବା ସମ୍ଭାବନା ରହିଛି। ତେବେ ଏହି ଦୌଡ଼ରେ କେଉଁମାନେ ଅଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଦଳ ପ୍ରତି ଆନୁଗତ୍ୟ ଥିବା କିମ୍ବା କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ସରୋଜିନୀଙ୍କ ସ୍ଥାନରେ ବିଜେଡି ଜଣେ ମହିଳାଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଆଲୋଚନା ହେଉଛି। ୩ଟି ରାଜ୍ୟ ସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ ହେଉଥିବାବେଳେ ୪ର୍ଥ ଆସନ ପାଇଁ ଭାଜପା ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ତେବେ ବିଜେଡି ଓ ଭାଜପା ଯାହାଙ୍କୁ ସମର୍ଥନ କରିବେ ତାଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଛି।

# ବିଭାଗ ଉପରେ ...

ବିନା କାରଣରେ ଟ୍ରେଜେରିରୁ ଟଙ୍କା ନେଇ ଅନ୍ୟ ବ୍ୟାଙ୍କରେ ରଖୁଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅର୍ଥ ବିଭାଗ ଚେତାଇ ଦେଇଛି। ଏ ନେଇ ଜିଲାପାଳ ଓ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଛି। ଜରୁରୀ ନ ପଡ଼ିଲେ ପଇସା ନ ଉଠାଇବାକୁ ତାଗିଦ କରାଯାଇଛି। ଯଦି କୌଣସି ଯୋଜନାର ଅର୍ଥ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଖର୍ଚ୍ଚ ହୋଇଯିବ, ଅର୍ଥ ବିଭାଗ ତୁରନ୍ତ ଅର୍ଥ ଯୋଗାଇବ। ଏଥିପାଇଁ ବିଧାନସଭା କିମ୍ବା କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ରହିଛି, ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ବୃଦ୍ଧି ପାଇଛି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ସରକାର ୨୦୧୭-୧୮ ଆର୍ଥିକବର୍ଷରେ କେନ୍ଦ୍ରଠାରୁ ୨,୩୪୮.୫ କୋଟି, ୨୦୧୮-୧୯ରେ ୪,୨୪୧ କୋଟି ପାଇଥିବାବେଳେ ୨୦୧୯-୨୦ରେ ୨,୧୫୩ କୋଟି କ୍ଷତିପୂରଣ ପାଇବେ। ସେଥିରୁ ଏପର୍ଯ୍ୟନ୍ତ ୬୧୮ କୋଟି ଟଙ୍କା ମିଳିଛି। କେନ୍ଦ୍ର ସରକାର ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ୩,୨୦୪.୭ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ଦେଇଛନ୍ତି। ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟକୁ ପ୍ରାୟ ୪ ହଜାର କୋଟି ଟଙ୍କାର କ୍ଷତିପୂରଣ ମିଳୁଥିବା ଜଣାପଡିଛି।


# classifieds Everyday
0674-2580101, 2549302




**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଗୋରିରେ gharabari boundary Patta plot-499/-, 7077730754. D-69103

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45 Crore. Contact: 9437506708.** D-17004

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ **C.V Raman NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

4BHK readymade flat sale at VIP Road, Puri and 1BHK at C.T Road. 1.5 kilometre distance from Srijagannath Temple & 500 meter from Sea beach. Call: 9438109040, 8144658008. D-17048

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ମୋର ନିଜସ୍ୱ ପ୍ଲଟ୍ ଘାଟିକିଆ ଏବଂ କଳିଙ୍ଗ ବିହାରରେ, **Duplex** ଅନ୍ଧାରୁଆରେ ଓ **40,000 sqft.** ଫାର୍ମହାଉସ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-17045

Contact for complete Simplex/Duplex/Triplex House Construction and Interior Design from the experts. Call- 7008550473. D-17042

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-17044

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-17043

**Patia Station ପାଖରେ ଘରବାରି ପ୍ଲଟ୍ (Immediate construction) 1200କୁ 16,00,000/- electricity available. 9937686826, 7381060013.** D-69106

**BDA yellowzone, gharabari boundary wall with electricity & gated community plot sale near SUM Hospital, Gothapatna, Bhubaneswar. Cost @ 1300 per sqrft. Mob: 9938867397.** D-17027

Book 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77lakhs, 7504392698. D-69239

**Farm House for sale (area- 3.0AC) at Badamba, Cuttack near Maniabandha Petrol Pump. Wire ବାଉଣ୍ଡରୀ/ 1.0AC ବଡ଼ ପୋଖରୀ/ firmର ସବୁ ଜାଗାକୁ ପାଣି ପାଇପ୍ connection ହୋଇଛି/ electric connection ସହିତ ରହିବା ପାଇଁ ଛାତ ଘର (3 Rooms) ଏବଂ ଗୋରୁ ଗୁହାଳ ସହ ଅଛି। 100 ଆମ୍ବଗଛ ଅଛି। ଏହି ବଗିଚାର ଚାରିକଡ଼କୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି। 7008812379, 9937764514.** D-17047

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**Build your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

**Construction residential, commercial for 450/- & 850/-. 8018961216.** D-16856




Office/ residence ground, 1st floor Bapuji Nagar, Bhubaneswar. Contact: 9437205577. D-67546

2100sqft. residential flat on first floor 2½BHK with parking space in Budha Nagar near Kalpana Square, Bhubaneswar for rent Rs.21,000/-. Contact: 9937143979, 9801330821. D-68233




Ayurvedic full body massage ladies/gents smart experts therapist:- 8480939300. D-68795

Fully body massage male to male home service available. 9090466257. D-17011

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Ayurvedic refreshment massage therapy refresh mind and body. Appointment: 7894855541. D-69301

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

**AFFIDAVIT**

I, Asish Rout, S/o- Gagana Bihari Rout R/o-Kalantira, Sompur, Jagatsinghpur, Odisha- 754130, have changed my father and mother name to Gagan Bihari Rout & Swarnalata Rout Dt-06.03.2020. D-17034

ପାଠକଙ୍କ ପାଇଁ ସୂଚନା


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ନିଜ ରାଶିରେ ଅବସ୍ଥାନ କରିଥିବାରୁ ସୁନ୍ଦର ପାରିବାରିକ ଜୀବନ ଓ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ମନ ଖୁସୀ ରହିବ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁଗୃହକୁ ଯାତ୍ରା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପ୍ରତିଯୋଗିତା କ୍ଷେତ୍ରରେ ଆଶାନୁଯାୟୀ ସଫଳତା ପାଇବେ। କିନ୍ତୁ ଶନିଙ୍କ ଦୃଷ୍ଟିପ୍ରଭାବରେ ଅଶ୍ୱିନୀ ପାଇଁ କାମରେ ବିଘ୍ନ ଓ କୃତିକା ବନ୍ଧୁବର୍ଗରେ କଳହର ଆଶଙ୍କା ରହିଛି।

**ବୃଷ**
ରବିଙ୍କ ସହ ନୀଚାରୋହୀ ବୁଧ ଆପଣଙ୍କୁ ବିଫଳ ଆଲୋଚନା ଓ ଅର୍ଥ ସମ୍ପର୍କୀୟ ବିବାଦ ଭିତରକୁ ଟାଣିନେବ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବାରେ ଅସୁବିଧା ହେବନାହିଁ। କଚେରି ମାମଲାରେ ପୁନଶ୍ଚ ବାଇଦା ପକାଇବା ପାଇଁ ଆଇନଜ୍ଞଙ୍କୁ ଅନୁରୋଧ କରିପାରନ୍ତି।

**ମିଥୁନ**
ରାହୁଙ୍କ ଯୋଗୁ ମାନସିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ। ଆରଦ୍ରା ନକ୍ଷତ୍ର କିନ୍ତୁ ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଆଜି ଆପଣଙ୍କର ଭାଇ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**କର୍କଟ**
ଆଜି ରବି ଓ ଚନ୍ଦ୍ର ତଥା ଶୁକ୍ରଙ୍କ ଶୁଭତ୍ୱ ପ୍ରଭାବରେ ଆର୍ଥିକ ଦିଗରୁ, ବନ୍ଧୁ ସହଯୋଗରୁ, ରୋଗପୀଡା ଉପଶମରୁ ମନ ଖୁସୀ ହୋଇଯିବ। ପୁଷ୍ୟା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ ପ୍ରଥମେ ବିରକ୍ତି ପ୍ରକାଶକରି ପରମୁହୂର୍ତ୍ତରେ କାମଟି କରିଦେବେ।

**ସିଂହ**
ଚନ୍ଦ୍ର ଦ୍ୱାଦଶ ସ୍ଥାନରେ ଥିବାରୁ କୌଣସି ଏକ ଜରୁରୀ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ କିନ୍ତୁ ପରିବାରରେ ମତଭେଦର ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା**
ବୁଧ ରାଶିରେ ଷଷ୍ଠସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଋଣ ପରିଶୋଧ ପାଇଁ ଚାପର ସମ୍ମୁଖୀନ ହେବେ। ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିପାରନ୍ତି, ସେଥିରେ ସଫଳତା ଅବଶ୍ୟ ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ । ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା**
ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଦୈହିକ ଏବଂ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁମାନଙ୍କ ଜରିଆରେ କାମ ହାସଲ ସକାଶେ ଆଲୋଚନା କରିପାରନ୍ତି। ସରକାରୀ ସ୍ତରର କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପାରିବାରିକ ସ୍ଥିତି, ବିବାଦୀୟ ଘଟଣାର ଆଲୋଚନା କ୍ଷେତ୍ରରେ ରୋକ୍ ଲାଗିପାରେ।

**ବିଛା**
ଭାଗ୍ୟସ୍ଥାନରେ ଚନ୍ଦ୍ର ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରି ପାରିବେ ନାହିଁ। ମାଙ୍ଗଳିକ କାମ ସକାଶେ ଆଲୋଚନା କରିପାରନ୍ତି।

**ଧନୁ**
ଆତ୍ମୀୟମାନଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବାର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିବ। ଧନଭାବସ୍ଥ ଶନି ପ୍ରଭାବରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ମକର**
ଶାରୀରିକ ଅସୁସ୍ଥତା ଦୂରହେବା ସହ ବନ୍ଧୁମିଳନରୁ ଖୁସୀ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ । ଶୁକ୍ରଙ୍କ ଶୁଭ ସଂସ୍ଥିତିରୁ ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**କୁମ୍ଭ**
ରବି ନିଜ ରାଶିରେ ରହି ସପ୍ତମଭାବକୁ ଅବଲୋକନ କରୁଥିବାରୁ ଦୈହିକ ସୁସ୍ଥତା ଓ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ସମସ୍ୟା ବୃଦ୍ଧି କାରଣରୁ ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିପାରେ।

**ମୀନ**
ଧନସ୍ଥାନରେ ଶୁକ୍ର ରହିଥିବାରୁ ଆଜି ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକମାନଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ପରିଜନଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ। ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ମାର୍ଚ୍ଚ ୭ ତାରିଖ,ରାଶି ନକ୍ଷତ୍ର, ଦିବା ଘ.୯।୨୪ମି. ଗତେ, ଅଶ୍ଳେଷା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୧।୫୭ମି. ଗତେ ଘ.୧।୨୬ମି. ମଧ୍ୟେ, ଘ.୨।୫୫ମି. ଗତେ ଘ.୪।୨୬ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୭।୩୦ମି. ଗତେ ଘ.୮।୫୯ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୯।୦୧ମି. ଗତେ ଘ.୧୦।୨୯ମି. ମଧ୍ୟେ ରାହୁକାଳ।

DSPL-301

ODISHA
NEW OPPORTUNITIES




ODISHA The New Manufacturing Hub of India

Odisha has emerged as the **#1 investment destination** in India, with 18% share of all investments nationally during April-September, 2019

After the 8 phases of ground-breaking/inauguration and the successful organization of the Make in Odisha Conclave 2018, Invest Odisha is proud to announce...

9th PHASE

Ground-breaking/Inauguration

26 New Industrial Projects* spanning 10 Sectors across 9 districts

by

Shri Naveen Patnaik

Hon'ble Chief Minister

7th March 2020

Inauguration

Aditya Birla Renewable, Boudh | Jindal Stainless Ltd, Jajpur | AKM Agro, Khurda

Ground-breaking

Rungta Mines Limited (RML), Sundargarh | Shri Jagannath Steel & Power Limited, Keonjhar | Kamaljeet Singh Ahluwalia, Keonjhar | MSP Sponge Iron Limited, Keonjhar | Kashika Metaliks Limited, Jajpur | Kashvi International (P) Ltd, Keonjhar | Ilex Developers & Resorts Ltd, Khurdha | Dibya Multigrains Pvt. Ltd., Cuttack | Sidhi Vinayak Oxygen, Cuttack | Tarini Packaging & Graphics, Cuttack | Fun Leela Water Park, Jharsuguda | Furtune Powernic Solutions (P) Ltd., Cuttack | Recaardus Enterprises, Cuttack | Riddhi Binayak Pet Industries, Cuttack | Laxmi Priya Agro Food Processing, Cuttack | East Coast Thermocol & Paper Products, Balasore | Ganapati Steel Industry, Balasore | Raj Udyog, Balasore | Turbo Classic, Rourkela | Tirupati Plastic, Cuttack | Dishu Surgicals, Dhenkanal | Rowan Mills (P) Ltd., Cuttack | Venus Cotton Industries, Balasore

#Source: Center for Monitoring Indian Economy (CMIE)

*Investment of ₹5567.5 crore with potential employment for 9168

OIPR-14005/13/0016/1920

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁସରଣ କର। -ଶ୍ରୀମା



# ଭିନ୍ନମତ ପାଇଁ ଜାଗା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ ଗ୍ରହଣ କରାଯାଇଥିବା ଏକ ପଦକ୍ଷେପ ୨୦୧୦ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଘଟିଥିବା ଅନୁରୂପ ଘଟଣାକୁ ସ୍ମରଣ କରାଇଦେଇଛି। ନୂତନ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ସଞ୍ଜୟ କୋଠାରୀ ଏବଂ ନୂତନ କେନ୍ଦ୍ରୀୟ ସୂଚନା କମିଶନର ଭାବେ ବିମଲ ଜୁଲ୍‌କାଙ୍କ ନିଯୁକ୍ତି ବିବାଦ ଭିତରକୁ ଟାଣି ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟିର କଂଗ୍ରେସ ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ଏହି ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। କୋଠାରୀ ଭାରତର ରାଷ୍ଟ୍ରପତିଙ୍କ ସଚିବ ଥିବାବେଳେ ପୂର୍ବତନ ସୂଚନା ଓ ପ୍ରସାରଣ ସଚିବ ଥିବା ଜୁଲ୍‌କା ଏବେ ସୂଚନା କମିଶନର ଅଛନ୍ତି। ଚୟନ କମିଟି ମଧ୍ୟରେ ରହିଥିବା ଦୋଷଦୁର୍ବଳତା ଉପରେ ଚୌଧୁରୀ ଆପତ୍ତି ଉଠାଇଛନ୍ତି। ଚୟନ କମିଟିରେ ରାଜସ୍ୱ ସଚିବ ରାଜୀବ କୁମାରଙ୍କ ଉପସ୍ଥିତିକୁ ନେଇ ସେ ଆପତ୍ତି କରିଥିଲେ, କାରଣ କୁମାର ନିଜେ ସିଭିସି ପଦ ପାଇଁ ଅନ୍ୟତମ ଆବେଦନକାରୀ ଥିଲେ! କୁମାରଙ୍କ ସହିତ କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଉଛନ୍ତି କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି। ଚୌଧୁରୀଙ୍କ ପ୍ରତିବାଦକୁ ସଂଖ୍ୟାଧିକ ନିଷ୍ପତ୍ତି କ୍ରମେ ଅଣଦେଖା କରାଯାଇଥିଲା, କିନ୍ତୁ ମୋଦିଙ୍କ ଦ୍ୱାରା ନିଆଯାଇ ସାରିଥିବା ନିଷ୍ପତ୍ତିର ଏହା କେବଳ ଔପଚାରିକତା ଥିଲା ବୋଲି ସେ କୌଣସି ପ୍ରକାରେ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ।

### ୟୁପି ବାବୁଙ୍କ ଭବିଷ୍ୟତ କୋମାରେ

ଉତ୍ତରପ୍ରଦେଶ ସରକାର ଏହାର ବରିଷ୍ଠ ବାବୁମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ପଠାଇବାକୁ ଅନିଚ୍ଛୁକ ଥିବା କଥାକୁ ନେଇ ବିଶେଷକରି ୧୯୮୮ ଓ ୧୯୮୯ ବ୍ୟାଚ୍‌ର ବାବୁମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ୧୯୮୬ ଓ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ପ୍ରମୁଖ ସଚିବ ପଦରୁ ଅତିରିକ୍ତ ମୁଖ୍ୟ ସଚିବ ପଦକୁ ପଦୋନ୍ନତି ପାଇଥିବାବେଳେ ତା' ପର ବ୍ୟାଚ୍‌ର ଅଧିକାରୀମାନେ ପଦୋନ୍ନତି ପାଇବାକୁ ହକ୍‌ଦାର। କିନ୍ତୁ ଯୋଗୀ ସରକାର ଏଥିଲାଗି ଆଗ୍ରହ ଦେଖାଉ ନାହାନ୍ତି। ଗୁଜରାଟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଭାବେ ତାଙ୍କ ରାଜ୍ୟର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କ ପଦୋନ୍ନତି ଲାଗି ପଥ ପରିଷ୍କାର କରିବା ପରଠାରୁ ଉତ୍ତରପ୍ରଦେଶ ବାବୁମାନେ ଅଶାନ୍ତିରେ ଅଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ, ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। କେବଳ ନିଜ ରାଜ୍ୟରେ ପଦୋନ୍ନତି ଦୃଷ୍ଟିରୁ ନୁହେଁ, ବରଂ ସେମାନଙ୍କ କ୍ୟାରିୟର ଲାଗି ନିହାତି ଆବଶ୍ୟକ ମନେ କରାଯାଉଥିବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ସୁଯୋଗରୁ ବି ସେମାନଙ୍କୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କ ଭବିଷ୍ୟତ ଏବେ କୋମାରେ। କୁହାଯାଉଛି କି, ଅତିରିକ୍ତ ମୁଖ୍ୟ ସଚିବ ପଦ ସଂଖ୍ୟା ନିର୍ଦ୍ଧାରିତ ହୋଇଥିବାରୁ ଯୋଗୀ ସରକାର ନାଚାର। ତେବେ କାହିଁକି ୟୁପି ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ବାବୁମାନଙ୍କୁ ଅନୁମତି ଦେଉନାହାନ୍ତି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ସ୍ୱତନ୍ତ୍ର କ୍ୟାଡର ଦାବି

ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ତାଙ୍କ ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍ କ୍ୟାଡର ଦାବି ଦୋହରାଇଛନ୍ତି। ନିକଟରେ ଅରୁଣାଚଳରେ ରାଜ୍ୟ ମାନ୍ୟତା ଦିବସ ପାଳନ ଅବସରରେ ଖଣ୍ଡୁ ରାଜ୍ୟର ଦ୍ରୁତ ବିକାଶ ସକାଶେ ସ୍ୱତନ୍ତ୍ର କ୍ୟାଡର ସୃଷ୍ଟି ନିମନ୍ତେ ରହିଥିବା ସମସ୍ତ ଔପଚାରିକତା ପୂରଣ ଲାଗି କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ପ୍ରତିଷ୍ଠା ହେବାର ୩୩ ବର୍ଷ ପରେ ବି ଅରୁଣାଚଳ ପ୍ରଦେଶର ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ନିଜସ୍ୱ କ୍ୟାଡର ନାହିଁ। ବର୍ତ୍ତମାନ ପ୍ରଶାସନିକ ଅଧିକାରୀମାନେ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପାଇଁ ଥିବା ସାଧାରଣ ଏଜିଏମ୍‌ୟୁଟି କ୍ୟାଡରରୁ ଆସି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଏକ ଉତ୍ସର୍ଗୀକୃତ ପ୍ରଶାସନିକ ଅଧିକାରୀଙ୍କ ଟିମ୍ ଆବଶ୍ୟକ କରେ ବୋଲି ଖଣ୍ଡୁ ଶାହାଙ୍କୁ କହିଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଅସ୍ଥାୟୀ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ନିଯୁକ୍ତି ଯୋଗୁ ସଂସ୍ଥାଗତ ଦକ୍ଷତା ହ୍ରାସ ପାଉଛି, ଯାହାଦ୍ୱାରା ବିକାଶର ଗତି ମନ୍ଥର ହୋଇଯାଉଛି। ସଂସ୍ଥାଗତ ଦକ୍ଷତା ଏକ ଗ୍ରୁପ୍‌ର ସାମଗ୍ରିକ ଜ୍ଞାନ ଓ ଅଭିଜ୍ଞତାକୁ ବୁଝାଏ। ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ବି.ଡି. ମିଶ୍ର ମଧ୍ୟ ସମାନ ଦାବି ଉଠାଇଛନ୍ତି। ରାଜ୍ୟ ବିଧାନସଭାରେ ବି ରାଜ୍ୟ ପାଇଁ ସ୍ୱତନ୍ତ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ କ୍ୟାଡର ସୃଷ୍ଟି ଲାଗି ଏକ ପ୍ରସ୍ତାବ ଗୃହୀତ ହୋଇଛି।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୭ ମାର୍ଚ୍ଚ ୧୯୯୫

- ଚାଇନାରେ କୃଷିକାର୍ଯ୍ୟକୁ ବିକାଶ କରିବା ତଥା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ୮ ପଏଣ୍ଟ ଯୋଜନା ପ୍ରସ୍ତୁତ କରାଯାଇଛି।
- ଦକ୍ଷିଣ କୋରିଆ ଏବଂ ଇସ୍ରାଏଲ ନିଜ ନିଜର ଦୂତାବାସରେ ଜଣେ ସାମରିକ ଦୂତ ରଖିବା ପାଇଁ ସହମତି ପ୍ରକାଶ କରିଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | | | A | B | 0 | 3 | 9 | | |
| | | 6 | B | | | D | 2 | | | | 8 | | | |
| | | 9 | | | | | 3 | 0 | | | | | | |
| 8 | | | | | | 9 | | B | | | A | 0 | | E |
| | | | | 5 | C | | E | | | 2 | | 7 | | |
| | | | | | | | | | | | | | | |
| | | | 7 | 8 | | | | | 5 | | | B | E | 3 |
| | | D | | | 2 | | C | | | | | | 8 | |
| | | | 0 | E | | 5 | | 2 | 8 | 1 | 9 | | | |
| 1 | | 0 | | 9 | | | B | | | C | | | | 6 |
| | | 2 | D | C | | 6 | | 8 | 1 | | B | E | | |
| 5 | | | 2 | | | | 0 | 1 | 6 | 8 | | | A | B |
| 4 | | | 5 | | 9 | | | | | | | | 3 | |
| | | | | | B | | A | 9 | | | | | 6 | 5 |
| | | 1 | 3 | 0 | | | | D | | | 7 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# ମୁଁ କରୋନା କହୁଛି



ପ୍ରକାଶ ତ୍ରିପାଠୀ

ହାଲୋ ବିଶ୍ୱବାସୀ! ମୁଁ କରୋନା କହୁଛି। କରୋନା ଭାଇରସ୍, ମାନେ ସାରା ବିଶ୍ୱରେ କୋକୁଆ ଭୟ ସୃଷ୍ଟି କରିଥିବା କୋଭିଡ୍-୧୯ ରୋଗ ସୃଷ୍ଟିକାରୀ ଭାଇରସ୍ କରୋନା। ଜଗତୀକରଣ ଯୁଗରେ ପଦାକୁ ବାହାରୁ ବାହାରୁ ମୋର ବି ଜଗତୀକରଣ ହୋଇଗଲାଣି। ମାତ୍ର ଦିନ କେଇଟାରେ ୯୦ଟା ଦେଶ ବୁଲି ସାରିଲିଣି। ପଶୁଜନ୍ତୁମାନେ ମୋର ପ୍ରିୟ। ମୁଁ ସେହିମାନଙ୍କ ପାଖରେ ରୁହେ। ଶୁଣିଲି ଯେ ବର୍ତ୍ତମାନ ସମୟରେ ମଣିଷମାନେ ବି ପଶୁ ହୋଇଗଲେଣି। ସେଥିପାଇଁ ମୁଁ ପଶୁରୁ ବାହାରି ମଣିଷଙ୍କ ପାଖକୁ ଚାଲିଆସିଛି। ବାଃ, ବଢିଆ ଲାଗୁଛି। ଚାଇନାର ଉହାନ ସହରରୁ ମୁଁ ମୋର ବିଶ୍ୱ ପରିକ୍ରମା ଆରମ୍ଭ କରିଛି। ମୁଁ କେମିତି ପଦାକୁ ବାହାରିଲି, ତାକୁ ନେଇ ସମ୍ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଚାଲିଛି। ଚାଇନା ବିରୋଧୀ ଲୋକେ କହୁଛନ୍ତି, ଉହାନ ସହରରେ ଚାଇନାର ଜୈବିକ ଅସ୍ତ୍ର ଗବେଷଣାଗାର ରହିଛି। କିଛି ବିଶେଷଜ୍ଞଙ୍କ ଅସାବଧାନତା ଯୋଗୁ ମୁଁ ବାହାରକୁ ଆସିଗଲି। ଆଉ କିଛି ବିଶେଷଜ୍ଞ କହୁଛନ୍ତି, ଉହାନ ନିକଟବର୍ତ୍ତୀ ବିଶାଳ ପଶୁବଜାରରୁ ମୁଁ ବାହାରକୁ ଆସିଛି। ଚାଇନା ଲୋକଙ୍କ ବିଚିତ୍ର ଖାଦ୍ୟାଭ୍ୟାସ (କଞ୍ଚା ମାଂସ ଭକ୍ଷଣ) ଏଥିପାଇଁ ଦାୟୀ ବୋଲି ସେମାନଙ୍କ ମତ।

ଏବେ ସାରା ବିଶ୍ୱରେ ଏକମାତ୍ର ଚର୍ଚ୍ଚିତ ନାମ ହେଉଛି କରୋନା। ପ୍ରିଣ୍ଟ ମିଡିଆଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ ମିଡିଆ, ସୋସିଆଲ ମିଡିଆଠାରୁ ଖଟି ସ୍ଥଳ ସବୁଠି ମୋର ଚର୍ଚ୍ଚା। ପ୍ରତି ମୁହୂର୍ତ୍ତରେ ମୋର ଅପଡେଟ୍। ପ୍ରକୃତରେ ମୁଁ ଭାରି ଅଳସୁଆ। ବେଶି କାମଦାମ କରିପାରେ ନାହିଁ। ସେଥିପାଇଁ ମୋ ସାଥୀ ଓ ସହୋଦର 'ଇବୋଲା', 'ଫ୍ଲୁ', 'ଆନ୍ଥ୍ରାକ୍ସ' ଓ 'ସାରସ' ଆଦି ମୋତେ ସବୁବେଳେ କୁହନ୍ତି କିଛି କର, କିଛି କର, କିଛି କରନା। ଏମିତି କହୁ କହୁ ଶେଷରେ ମୋ ନାମ ବି ରଖିଦେଲେ 'କରୋନା'। ଏବେ ମୁଁ କିଛି କରିବାକୁ ବାହାରିଛି। ଆପଣମାନେ ବି ଏବେ ଜାଣିପାରୁଥିବେ ମୁଁ କ'ଣ କରିପାରୁଛି। ପ୍ରାୟ ତିନିହଜାର ମଣିଷଙ୍କୁ ମରଣମୁହଁକୁ ପଠାଇବା ସହ ଲକ୍ଷାଧିକ ଲୋକଙ୍କୁ ଆକ୍ରାନ୍ତ କରିରଖିଛି। ଯେହେତୁ ମୁଁ ପ୍ରଥମ ଥର ପାଇଁ ମଣିଷଙ୍କ ପାଖକୁ ଆସିଛି, ସେଥିପାଇଁ ମୋତେ ସଫଳ ମୁକାବିଲା କରିବାକୁ ବିଶ୍ୱବାସୀ ଅକ୍ଷମ। ସେମାନଙ୍କ ବୁଦ୍ଧି ହଜିଯାଉଛି। କୌଣସି ଉପଚାର କରିପାରୁନାହାନ୍ତି। ମୋ ନାଁ ଶୁଣିଲେ ସମସ୍ତେ ଏବେ ଭୟରେ ଥରୁଛନ୍ତି। ଆମେରିକା, ଫ୍ରାନ୍ସ ଭଳି ସମୃଦ୍ଧିଶାଳୀ ଦେଶଗୁଡିକ ବି ଚାଇନାର ଅସହାୟତାକୁ ଦେଖି ଛାନିଆ, ଏବେ ମୁଁ ଯେଉଁ ଯେଉଁ ଦେଶକୁ ଯାଉଛି, ସେହିସବୁ ଦେଶର ସରକାର ସବୁ କାମ ଛାଡି ମୋତେ କିପରି ମୁକାବିଲା କରିବେ ସେଥିପାଇଁ ଉପାୟ ଚିନ୍ତା କରୁଛନ୍ତି। ଘଡିକି ଘଡି ଉଚ୍ଚସ୍ତରୀୟ ବୈଠକ ଡାକୁଛନ୍ତି। ମାତ୍ର ଦୁଇ ସପ୍ତାହ ଭିତରେ ମୋ ଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଅତ୍ୟାଧୁନିକ ସରଞ୍ଜାମ ଥିବା ଦୁଇଟି ବିଶାଳ ହସ୍ପିଟାଲ ନିର୍ମାଣ କରି ଚାଇନା ସମଗ୍ର ବିଶ୍ୱରେ ନୂତନ ରେକର୍ଡ ସୃଷ୍ଟି କରିବା ସହ ପ୍ରକାରାନ୍ତରେ ମୋର ଗୁରୁତ୍ୱ ବଢ଼ାଇ ଦେଇଛି। ଉହାନ ସହରର ଅନତିଦୂରରେ ୧୬୦୦ ଶଯ୍ୟାବିଶିଷ୍ଟ ଲେସେନ୍‌ସା ହସ୍ପିଟାଲ ଓ ୧୨୦୦ ଶଯ୍ୟାବିଶିଷ୍ଟ ହୋସେନ୍‌ସା ହସ୍ପିଟାଲ ନିର୍ମାଣ ସହ ଦେଶର ଅଧିକାଂଶ ଜିମ୍ ସେଣ୍ଟର, ପ୍ରଦର୍ଶନୀ ଗୃହଗୁଡିକୁ ଚାଇନା ସରକାର ସାମୟିକ ଭାବେ ହସ୍ପିଟାଲରେ ରୂପାନ୍ତରିତ କରିସାରିଛନ୍ତି। ମୋର ପ୍ରକୋପକୁ ଦେଖି ସମସ୍ତେ ଏବେ ମୋତେ ରାକ୍ଷସ ଓ ମୃତ୍ୟୁଦୂତ ବୋଲି ଡାକିଲେଣି। ସବୁ ଦେଶ ଏବେ ସେମାନଙ୍କ ସୀମା ଜଗିବାରେ ବ୍ୟସ୍ତ। ଜଳ, ସ୍ଥଳ ଓ ଆକାଶ ପଥ ସବୁଠି ଏବେ କଡ଼ା ପହରା। କିଏ ଜଣେ ଛିଙ୍କିଲେ ବା କାଶିଲେ ପାଖରେ ଠିଆ ହୋଇଥିବା ଲୋକେ ଚମକି ପଡୁଛନ୍ତି। ଉତ୍ତମ ଯୋଗାଯୋଗ ଯୋଗୁ ଯେଉଁ ବିଶ୍ୱ ଗୋଟିଏ ପରିବାର ଭଳି ପ୍ରତୀତ ହେଉଥିଲା, ତାହା ଏବେ ଭିନ୍ନ ଲାଗୁଛି। ଦେଶ ବାହାରକୁ ଯିବା ତ ଦୂରର କଥା, ଘର ବାହାରକୁ ବି ଆଉ କେହି ବାହାରୁ ନାହାନ୍ତି। ଜାତି, ଧର୍ମ, ବର୍ଣ୍ଣ, ବୟସ, ଅର୍ଥ ଓ କ୍ଷମତା ନିର୍ବିଶେଷରେ ଏବେ ସମସ୍ତେ ମୋ ଭୟରେ କମ୍ପୁଛନ୍ତି। ସମସ୍ତଙ୍କ ମୁହଁରେ ତୁଣ୍ଡି ଅର୍ଥାତ୍ ମାସ୍କ। ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା। ଅଧିକ ଜନସମାଗମସ୍ଥଳକୁ ନ ଯିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କଲେଣି। ମୋ ଲାଗି ବିଶ୍ୱର ଅନ୍ୟତମ ମହାଶକ୍ତି ଚାଇନାର ପ୍ରଗତିର ଗତି ଏବେ ଧିମା ହେଲାଣି। ଏହାର ଉତ୍ପାଦନ ବାଧାପ୍ରାପ୍ତ ହେବା ଯୋଗୁ ଅର୍ଥନୀତିକୁ ଏହା ମାନ୍ଦାବସ୍ଥାକୁ ଟାଣିନେବ। ଚାଇନା ପରେ ପରେ ଆମେରିକା, ଇରାନ, ଫ୍ରାନ୍ସ, ଇଟାଲି, ସୌଦି ଭଳି ସମୃଦ୍ଧିଶାଳୀ ରାଷ୍ଟ୍ରମାନେ ମୋ ପାଇଁ ଚାଇନା ଅବସ୍ଥା ଭୋଗିବାକୁ ବସିଲେଣି। ଚଳିତବର୍ଷ ବିଶ୍ୱ ଅର୍ଥନୀତିର ବିକାଶ ହାର ୨.୮% କମିଯିବ ଓ ଏଥିପାଇଁ ମୁଁ କୁଆଡେ ସମ୍ପୂର୍ଣ୍ଣ ଦାୟୀ ବୋଲି ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ମତ ରଖିଲେଣି। ଯଦି ସେମାନଙ୍କ ଆକଳନ ସତ୍ୟ ହୁଏ, ତେବେ ବିଶ୍ୱ ବଜାର ୧.୧ ଟ୍ରିଲିୟନ ଡଲାର କ୍ଷତି ସହିବ।

ଯଦି ମୋର ସଫଳ ପ୍ରତିରୋଧ କରା ନ ଯାଏ, ତେବେ ବିଶ୍ୱ ଜନସଂଖ୍ୟା ହ୍ରାସ କରିବା ପାଇଁ ଆଉ ତୃତୀୟ ବିଶ୍ୱଯୁଦ୍ଧ ଆବଶ୍ୟକ ପଡିବନାହିଁ ବୋଲି ଆଉ କିଛି ବିଶେଷଜ୍ଞ ଭବିଷ୍ୟବାଣୀ କଲେଣି। ଲୋକେ ମୋ ଭୟରେ ବାହାରକୁ ବାହାରୁ ନାହାନ୍ତି। ବଜାରରେ କିଣାବିକା କମି କମି ଆସୁଛି। ଗମନାଗମନ ଠପ୍। ପର୍ଯ୍ୟଟନ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ। ଶିଳ୍ପସଂସ୍ଥାଗୁଡିକରେ ତାଲା ଝୁଲିଲାଣି। ଶ୍ରମିକମାନେ କାମ କରିବାକୁ ଆସୁ ନ ଥିବାରୁ ଉତ୍ପାଦନ ହ୍ରାସ ପାଉଛି। ବଡ଼ ବଡ଼ ଶିଳ୍ପସଂସ୍ଥା କ୍ଷତିଭରଣା ପାଇଁ କର୍ମଚାରୀ ଛଟେଇ ଆରମ୍ଭ କଲେଣି। ଆମଦାନି ସହ ରପ୍ତାନି ବି ବାଧାପ୍ରାପ୍ତ। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, କପଡା, ଅଟୋମୋବାଇଲ୍ସ, ମୋବାଇଲ ଫୋନ୍, ସଫ୍ଟୱେର, ଫାର୍ମାସ୍ୟୁଟିକାଲ୍‌ସ, ଫ୍ୟାଶନ ଶିଳ୍ପ ଆଦି ପ୍ରତିଟି କ୍ଷେତ୍ର ଏବେ ମୋ ପାଇଁ ଘୋର ସଙ୍କଟର ସମ୍ମୁଖୀନ। ୨୦୦୮ ବିଶ୍ୱସ୍ତରୀୟ ଆର୍ଥିକ ମାନ୍ଦାବସ୍ଥା ପରେ ୨୦୨୦ରେ ଏହା ଆଉ ଏକ ମାନ୍ଦାବସ୍ଥା ସୃଷ୍ଟି କରିବ ବୋଲି ଅର୍ଥ ବିଶାରଦମାନେ ଘୋଷଣା କରିସାରିଲେଣି। ମୋ ପାଇଁ କେବଳ ଆର୍ଥିକ ମାନ୍ଦାବସ୍ଥା ନୁହେଁ, ସ୍ୱାସ୍ଥ୍ୟ ସଙ୍କଟ ବି ସୃଷ୍ଟି ହୋଇସାରିଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜରୁରୀ ଅବସ୍ଥା ଘୋଷଣା ଏହାର ପ୍ରମାଣ। ଏହା ଅଧୀନରେ ଥିବା ୧୯୫ଟି ଦେଶ ମଧ୍ୟରୁ ଇତିମଧ୍ୟରେ ୯୦ ଦେଶରେ ମୁଁ ଉପସ୍ଥିତ ଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଚିନ୍ତିତ ହୋଇପଡିଛି।

ମୋ ଯୋଗୁ ଅଧିକ ମୃତ୍ୟୁ ହେଉ ନ ଥିଲେ ବି ମୋର ଅଧିକ ସଂକ୍ରମଣ ପ୍ରବଣତାକୁ ନେଇ ସର୍ବତ୍ର କୋକୁଆ ଭୟ ସୃଷ୍ଟି ହେଉଛି। ଯେହେତୁ ମୋଠାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ମେଡିସିନ ପ୍ରସ୍ତୁତ ହୋଇପାରିନାହିଁ, ତେଣୁ ସୁରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ଆପଣେଇନେଲେ ଭଲ। ମୁଁ ବି ଚାହେଁନି, ମୋ ଲାଗି କାହାର ପ୍ରାଣହାନି ହେଉ। ତେଣୁ ଟିକେ ସାବଧାନତା ଅନୁସରଣ କଲେ ମୋ ସହ ଆପଣଙ୍କର ଭେଟ ହୋଇ ନ ପାରେ। ବାହାରକୁ ବାହାରିବା ବେଳେ ଉନ୍ନତମାନର ମାସ୍କ ମୁହଁରେ ଲଗାନ୍ତୁ। ସର୍ବସାଧାରଣରେ ବ୍ୟବହୃତ ବସ୍ତୁକୁ ସ୍ପର୍ଶ କରନ୍ତୁ ନାହିଁ ଓ ଦିନକୁ ଅତି କମ୍‌ରେ ଚାରିପାଞ୍ଚଥର ସାବୁନ ବା ଅନ୍ୟ କୌଣସି ସଂକ୍ରମଣ ପ୍ରତିରୋଧକାରୀ ଜେଲ୍‌ରେ ହାତ ଧୁଅନ୍ତୁ। ନିଜ ଲୁଗାପଟାକୁ ଭଲକରି ଖରାରେ ଶୁଖାନ୍ତୁ। ଉତ୍ତପ୍ତ ଜଳବାୟୁରେ ମୁଁ ରହିପାରେ ନାହିଁ। ଥଣ୍ଡା ପରିବେଶ ଓ ଥଣ୍ଡା ବସ୍ତୁ ମୋର ଭାରି ପ୍ରିୟ। ତେଣୁ ଆପଣମାନେ ଉଷୁମ ପାଣି ପିଅନ୍ତୁ ଓ ଅପେକ୍ଷାକୃତ ଉଷ୍ମ ବାତାବରଣରେ ରୁହନ୍ତୁ। ଥଣ୍ଡା ଜାତୀୟ ଖାଦ୍ୟ ଓ ପାନୀୟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପଶୁପକ୍ଷୀଙ୍କ ମାଂସ ଭଲ କରି ରାନ୍ଧି ଖାଆନ୍ତୁ। ଚାଇନାବାସୀଙ୍କ ଭଳି କଞ୍ଚା ବା ଦରସିଝା ମାଂସ ଖାଆନ୍ତୁ ନାହିଁ। ଉଷୁମ ପାଣିରେ ଲୁଣ ପକାଇ ଦୁଇ ତିନିଥର କୁଳି କରି ତଣ୍ଟି ଓ ଗଳାକୁ ସଂକ୍ରମଣମୁକ୍ତ ରଖନ୍ତୁ। ଛିଙ୍କିଲା ବେଳେ ବା କାଶିଲା ବେଳେ ମୁହଁରେ ରୁମାଲ ରଖନ୍ତୁ ଓ ଏଭଳି ଲୋକଙ୍କଠାରୁ ଚାରି ପାଞ୍ଚଫୁଟ୍ ଦୂରରେ ରୁହନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜ ଶରୀରରେ ପ୍ରତିରୋଧକ ଶକ୍ତି ବଢାନ୍ତୁ। ସୁଷମ ଖାଦ୍ୟ ଓ ଭିଟାମିନ ସି ଖାଇ ସୁସ୍ଥ ରୁହନ୍ତୁ। ଛୋଟ ପିଲା, ରୋଗୀ, ବୁଢୀ-ବୁଢା ଓ ଶାରୀରିକ ଅସୁସ୍ଥ ଲୋକ ମୋର ଅତି ପ୍ରିୟ। ତେଣୁ ସେମାନଙ୍କୁ ଟିକେ ଅଧିକ ଯତ୍ନରେ ରଖନ୍ତୁ।

ଆପଣମାନଙ୍କୁ ମୋର ଶେଷ କଥା। ଚାଇନା ଜିନିଷ ପ୍ରତି ସବୁ ଦେଶର ଲୋକଙ୍କ ଆକର୍ଷଣ ସାଧାରଣତଃ ଅଧିକ ଥାଏ। କାରଣ ଏହା ଶସ୍ତା, ସୁନ୍ଦର, ଆକର୍ଷଣୀୟ ଓ ସହଜ ବ୍ୟବହାର ଶୈଳୀ ସମ୍ପନ୍ନ ହୋଇଥାଏ। ଯେହେତୁ ମୁଁ ବି ମେଡ ଇନ୍ ଚାଇନା ଅର୍ଥାତ୍ ଚାଇନାରୁ ସୃଷ୍ଟ, ସେଥିପାଇଁ ମୋର ବୋଧହୁଏ ବିଶ୍ୱ ବଜାରରେ ଅଧିକ ଚାହିଦା ବଢିଯାଇଛି। ଏ ଚାହିଦା ଭଲ ପାଇବାର ନୁହେଁ, ଭୟ, ଘୃଣା ଓ ଆତଙ୍କର। ତେଣୁ ଆପଣଙ୍କୁ ଅନୁରୋଧ ମୋଠାରୁ ଦୂରେଇ ରୁହନ୍ତୁ। ସୁସ୍ଥ ରୁହନ୍ତୁ।

ଇମେଲ-Prakas.tripathy09@gmail.com

# ଚାପମୁକ୍ତ ଶିକ୍ଷା ବ୍ୟବସ୍ଥା



ମମତା ଶୁକ୍ଳା

ପିଲାଙ୍କ ଉପରୁ ପାଠବୋଝ କମାଇବାକୁ ଓ ପିଲାଙ୍କୁ ଚାପମୁକ୍ତ କରିବାକୁ ଶିକ୍ଷାପ୍ରଣାଳୀରେ ସଂସ୍କାରମୂଳକ ପ୍ରୟୋଗମାନ କରାଯାଉଛି। ଶୈକ୍ଷିକ ଅନୁଷ୍ଠାନର ପରୀକ୍ଷାକୁ ଜୀବନର ଅନ୍ତିମ ପରୀକ୍ଷା ଭାବି ସେଥିରେ ଆଶାନୁରୂପ ଫଳ ନ ପାଇବା ଯୋଗୁଁ ଆତ୍ମହତ୍ୟା କରୁଥିବା କୋମଳମତିଙ୍କ ମନରୁ ଏପ୍ରକାର ଭୟ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପରାମର୍ଶ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଯାଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସଚେତନ କରିବାର ପ୍ରୟାସ କରାଯାଉଛି। ସତରେ କ'ଣ କାହା ଉପରେ ଏସବୁର ପ୍ରଭାବ ଅନୁଭୂତ ହେଲାପରି ଜଣାପଡୁଛି?

ଦେଶର ଭବିଷ୍ୟତ ପିଢିଙ୍କୁ ଉପଯୁକ୍ତ ଶିକ୍ଷାପ୍ରାପ୍ତ କରାଇବା ନିମନ୍ତେ ଉଚ୍ଚଶିକ୍ଷିତ ଜ୍ଞାନୀଗୁଣୀମଣ୍ଡଳୀଙ୍କ ଦ୍ୱାରା ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରତିଟି ବିଷୟରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଶିକ୍ଷାଦାନ ପାଇଁ ଅଟ୍ଟାଳିକା, ଶିକ୍ଷକ, ଅଧ୍ୟାପକ ଇତ୍ୟାଦିଙ୍କ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ରଖାଯାଇଛି। ତା' ସତ୍ତ୍ୱେ ଦେଶର ସମସ୍ତ ଅଭିଭାବକଙ୍କର ନିଜ ସନ୍ତାନମାନଙ୍କୁ ଘରୋଇ ଟ୍ୟୁଶନ ଦେବାକୁ, ଅତ୍ୟୁଚ୍ଚ ମୂଲ୍ୟ ବିଶିଷ୍ଟ କୋଚିଂ ସେଣ୍ଟରରେ, ନାମଜାଦା, ପୁରାତନ ସରକାରୀ ଶିକ୍ଷାନୁଷ୍ଠାନକୁ ଛାଡି ଦାମୀ ଆବାସିକ ଅଥବା ବେସରକାରୀ ଶିକ୍ଷାନୁଷ୍ଠାନରେ ଭର୍ତ୍ତି କରାଇବାକୁ ଆଗ୍ରହ କାହିଁକି? ସରକାରୀ ଉଦାସୀନତା, ବେଖାପିଆ ଶିକ୍ଷାନୀତି, ପ୍ରତିବର୍ଷ ପିଲାଙ୍କ ଉପରେ ପରୀକ୍ଷଣ କରାଯାଉଥିବା ନୂତନ ପରୀକ୍ଷାନୀତି ଭଳି ସ୍ୱସୃଷ୍ଟ ଅଗଣିତ ସମସ୍ୟା, ଆଦିଅନ୍ତ ମେଳ ଖାଉ ନ ଥିବା ଭୁଆଁବୁଲା ସମାଧାନର ପନ୍ଥାମାନ ଯେ ଏଥିପାଇଁ ଦାୟୀ ଏକଥା ସମସ୍ତେ ସ୍ୱୀକାର କରିବେ।

ପୂର୍ବେ ଭାରତବର୍ଷରେ ଶ୍ରମ ବିଭାଜନ ବ୍ୟବସ୍ଥା ଅନୁସାରେ ବାପଅଜାଙ୍କଠାରୁ ଉତ୍ତରପିଢିଗଣ ନିଜ ନିଜ କୌଳିକ ବୃତ୍ତି ଆୟତ୍ତ କରିନେଉଥିଲେ। ଜୀବିକାର ଚାପ ତ ନ ଥିଲା ଆଦୌ। ବର୍ତ୍ତମାନ ପରିପ୍ରେକ୍ଷୀରେ ଜନସଂଖ୍ୟା ତୁଳନାରେ ଉକ୍ତ ବ୍ୟବସ୍ଥାରେ ନିଅଣ୍ଟିଆ ରୋଜଗାର, ତା'ଛଡା କୌଳିକ ବୃତ୍ତି ବ୍ୟତୀତ ଅନ୍ୟ ବୃତ୍ତିରେ ଆଗ୍ରହ ରଖୁଥିବା କିଛିଜଣଙ୍କ ପାଇଁ ତଥା ଅନ୍ୟକିଛି ଅସୁବିଧାର ଆବଶ୍ୟକ ସଂଶୋଧନ ପାଇଁ ବ୍ୟବସ୍ଥାରେ କିଛି ପରିବର୍ତ୍ତନର ପ୍ରୟୋଜନ ରହିଥାଇପାରେ। ମାତ୍ର ଉକ୍ତ ବ୍ୟବସ୍ଥାରେ ବେକାର ହୋଇ ଅନ୍ନଛତ୍ରରେ ହାତ ପତେଇବା, ସରକାରୀ ଭିକକୁ ହାତଟେକି ଅନାଇରହିବା, ମଦୁଆମାତାଲ ହୋଇ ଯେତେସବୁ ଅକର୍ମ କରିବାର ସୁଯୋଗ ନ ଥିଲା। ଲୁଣ, ଦିଆସିଲି, କିରୋସିନ ବ୍ୟତୀତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଗ୍ରାମବାସୀମାନେ ସହର ବଜାର ଉପରେ ନିର୍ଭର କରୁ ନ ଥିଲେ। ପୂର୍ବୋକ୍ତ ବ୍ୟବସ୍ଥାରେ ଥିବା କିଛି ଗଳାବାଟର ସଂଶୋଧନ କରିବା ଆଳରେ ଏମିତି ପରିବର୍ତ୍ତନ ହୋଇଚାଲିଲା ଯେ ଆଜି ଆମେ କଞ୍ଚା ଲଙ୍କା ଓ ହଳଦୀ ଭଳି ଚିଜ ପାଇଁ ମଧ୍ୟ ବିଶ୍ୱବଜାର ଉପରେ ନିର୍ଭରଶୀଳ। ନା ବ୍ରାହ୍ମଣ ଆଜି ବ୍ରହ୍ମଜ୍ଞାନର ବ୍ୟାଖ୍ୟା କରିବାରେ ପାରଙ୍ଗମ ନା ମୋଚି ଜୋତା ତିଆରିରେ ଧୁରନ୍ଧର। କୋଣାର୍କ ପରି ବିଶ୍ୱପ୍ରସିଦ୍ଧ ଐତିହ୍ୟରେ ରଖାଯାଉଥିବା ସାଦାପଥର ସବୁ ତ ଆମ ଶିଳ୍ପୀଗଣଙ୍କର ଅଣକୁଶଳତାର ଜଳଜଳ ପ୍ରମାଣ। ସମସ୍ତେ ନିଜକୁ ବିଶ୍ୱ ଦରବାରରେ ସ୍ଥାନିତ କରିବାରେ ବ୍ୟଗ୍ର। ମାତ୍ର ବିଶ୍ୱକଲ୍ୟାଣ ସାଧନ କିମ୍ବା 'ସର୍ବଜନହିତାୟ' ସୂଚକ କୌଣସି ବୃତ୍ତିକୁ ଗ୍ରହଣ କରିବାକୁ ଅନିଚ୍ଛୁକ। ଏପରି କି ସାରା ସଂସାରକୁ ଆହାର ଯୋଗାଣାର୍ଥେ ଉଦ୍ଦିଷ୍ଟ କୃଷି ଭଳି ଏକ ଉତ୍କୃଷ୍ଟ ବୃତ୍ତି ଆଜି ରଣଯନ୍ତାର ଘେରରେ। ପ୍ରାଣିଜଗତକୁ ପୋଷଣ ଯୋଗାଉଥିବା ହାତ ଆଜି ନିଜେ ବିଷପାନ କରିବାକୁ, ବଳଦ ବେକର ପଘା ନିଜ ବେକରେ ଭିଡିବାକୁ ଉଦ୍ୟତ। ମାତ୍ରାଧିକ ଉଚ୍ଚାଭିଳାଷକୁ ସାକାର କରିବାର ଦୌଡରେ ପାଦତଳର ମାଟିକୁ ଧସେଇ ଦେବାର ଅପରିଣାମଦର୍ଶିତାର ପ୍ରଭାବରେ ପୂରା ବ୍ୟବସ୍ଥା ଜର୍ଜରିତ। ପିଲାଟିଏ ଯେତେବେଳେ ଦେଖେ ବିଲବାଡି, ତନ୍ତଶାଳ, କମାରଶାଳ, କୁମ୍ଭାରଶାଳ ଇତ୍ୟାଦିରେ ପୂରା ପରିବାର ସହିତ ଦିନରାତି ହାଡଭଙ୍ଗା ପରିଶ୍ରମକରି ବର୍ଷକରେ ଯାହା ରୋଜଗାର କରି ନ ହୁଏ; ଉପସ୍ଥାନ ଦେଇ ପାନଦୋକାନରେ ଖଟି କରି, ଶୀତତାପ ଅଥବା କୁଲର୍ ତଳେ ଚୌକି ଟେବୁଲ୍ ଉପରେ ବସି କିଛି ଘଣ୍ଟା କଲମ ଚଲେଇ ମାସକରେ ତା'ଠାରୁ ଅଧିକ ରୋଜଗାର ହୋଇପାରୁଛି; ତା'ହେଲେ ସେ ତଥାକଥିତ ଉତ୍କୃଷ୍ଟ ଦିଗଟିକୁ ଅନୁସରଣ କରିବ ନିଶ୍ଚୟ। ବୁଝାପଡେନି ପ୍ରକୃତରେ ଏସବୁ ଶ୍ରମର ଅପମାନ ନା ତତ୍‌ସଂଲଗ୍ନ ବୁଦ୍ଧି, ଜ୍ଞାନ ଓ କଳାକୌଶଳର ଅପମାନ। ପରାଧୀନ ଦେଶର ଶାସକଗଣ ନିଜପାଇଁ ଗୁଡିଏ ବୋଲକରା ସୃଷ୍ଟି କରିବା ଲାଗି ଏବଂ ବାକି ଦେଶବାସୀଙ୍କୁ ଅକର୍ମା, ନିର୍ଭରଶୀଳ କରାଇବା ପାଇଁ ସମସ୍ତ କୌଳିକ କର୍ମ ଓ ଶ୍ରମ ବିଭାଜନ ବ୍ୟବସ୍ଥାକୁ ନିକୃଷ୍ଟ ବୋଲି ଧାରଣାର ଯେଉଁ ବୀଜଟିକୁ କୌଶଳ କରି ରୋପଣ କରିଦେଇ ଯାଇଥିଲେ ପିଢି ପିଢି ଧରି ପରିପୋଷିତ ହୋଇ ଆଜି ତାହା ବିରାଟଦ୍ରୁମ ରୂପେ ଆମ ମନରେ ଆସ୍ଥାନ ଜମେଇ ବସିଛି। କୌଣସି ସଂସ୍କାରକ ବା ସରକାର ସେଥିରେ ପରିବର୍ତ୍ତନ ଆଣିବାର ପ୍ରୟୋଜନୀୟତା ଅନୁଭବ କରୁନାହାନ୍ତି। ସ୍ୱାର୍ଥକୈନ୍ଦ୍ରିକ ବୃତ୍ତିରେ ନିଜକୁ ନିୟୋଜିତ କରି ନିଜ ଓଜନଠୁ ଅଧିକା ଓଜନର ଧନ ଉପାର୍ଜନ କରିବା ଯେ କେବଳ ଶ୍ରେଷ୍ଠତାର ପରିଚୟ ବୋଲି ପ୍ରଦର୍ଶିତ ବିଜ୍ଞାପନ ସବୁ ପରିପକ୍ୱ ଅଭିଭାବକଙ୍କ ମତିଭ୍ରମ କରାଏ ଓ ତା'ର ପ୍ରଭାବ ଭୋଗକରନ୍ତି ପିଲାମାନେ। ବୁଦ୍ଧି ପ୍ରୟୋଗକରି କଳେବଳେକୌଶଳେ ନିଜକୁ ସରକାରୀ ଚାକିରିରେ ପୂରାଇଥିବା ଲୋକ ଏବଂ କାଇଦାରେ ଚଞ୍ଚକତା କରିପାରୁଥିବା ଲୋକ ବ୍ୟତୀତ ଆଜିକାଲି ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ କେହି ନିଜ କୌଳିକ ବୃତ୍ତିରେ ସ୍ୱଚ୍ଛଳ ନୁହନ୍ତି କିମ୍ବା ନିଜ ରୋଜଗାରରେ ସନ୍ତୁଷ୍ଟ ନୁହନ୍ତି। ଉତ୍ତରପିଢି ପ୍ରେରଣା ପାଇବେ କାହାଠୁ? ଅନୁସରଣ କରିବେ କାହାକୁ? କୌଳିକ ବୃତ୍ତି ଅଳ୍ପ କିଛି ଅନାଗ୍ରହୀଙ୍କ ପାଇଁ ହୁଏତ ବାଧ୍ୟବାଧକତା ହୋଇଥାଇପାରେ, ମାତ୍ର ଏବର ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ହାତଗଣତି ଶ୍ରେଷ୍ଠ ବିବେଚିତ ହୋଇଗଲା ପରେ ଅବଶିଷ୍ଟ ହେଲେ ଅଯୋଗ୍ୟ। କାରଣ ଲକ୍ଷାଧିକଙ୍କ ପାଇଁ ଏକାପ୍ରକାର ଯୋଗ୍ୟତା ବିଶିଷ୍ଟ କର୍ମସଂସ୍ଥାନ ସୃଷ୍ଟି ସମ୍ଭବ ନୁହେଁ। ପରିପୂର୍ଣ୍ଣ ଶିକ୍ଷାର୍ଜନର ତଥାକଥିତ ଅସଫଳତା ଓ ତଜ୍ଜନିତ ଭବିଷ୍ୟତର ଅନିଶ୍ଚିତତା ଉଭୟକୁ ନେଇ ପିଲାଏ ଚାପମୁକ୍ତ ହେବେ କିପରି? ଆମ ଉତ୍ତର ପିଢି ଆଜି ଶୋଚନୀୟଭାବେ ଶୈକ୍ଷିକ ଅତ୍ୟାଚାରର ଶିକାର ଏକଥା ଆମେ କେବେ ହୃଦୟଙ୍ଗମ କରିବା?

ଗୋପବନ୍ଧୁ ଛକ, ବୁର୍ଲା, ମୋ-୯୪୩୯୪୯୬୨୮୦

## ଏଇ ଭାରତରେ

ନିଜ ପଢ଼ା ଭିତରୁ ସମୟ ବାହାର କରି ଅବହେଳିତ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ଉତ୍ତରପ୍ରଦେଶର ବାଦୁନ ଜିଲାରେ ଜନ୍ମିତ ସତ୍ୟେନ୍ଦ୍ର ପାଲ। ସେ ଦିଲ୍ଲୀର ଏକ ଫ୍ଲାଏଓଭର ତଳେ ଅନୌପଚାରିକ ଭାବେ ସ୍କୁଲଟିଏ ଖୋଲି ପ୍ରତିଦିନ ବସ୍ତି ପିଲାଙ୍କୁ ୬ ବର୍ଷ ହେବ ମାଗଣାରେ ପଢାଉଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୦ ପିଲା ଏଠାରେ ପଢୁଛନ୍ତି। ଛୋଟ ପିଲାମାନଙ୍କୁ ଝାଟିମାଟି ଘରେ ଓ ଉଚ୍ଚ ଶ୍ରେଣୀର ପିଲାଙ୍କୁ ଖୋଲା ଜାଗାରେ ପଢାଉଛନ୍ତି ସତ୍ୟେନ୍ଦ୍ର। ୨୦୧୨ରେ ସତ୍ୟେନ୍ଦ୍ର ଦ୍ୱାଦଶ ପାସ୍ କରିବା ପରେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଆଉ ନ ପଢି ଚାଷ କରିଥିଲେ। କିନ୍ତୁ ୨୦୧୫ରେ ଉତ୍ତରପ୍ରଦେଶରୁ ଦିଲ୍ଲୀ ଆସିବା ପରେ ସେ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ଏହି ସ୍କୁଲ୍ ଆରମ୍ଭ କରିଥିଲେ। ସ୍କୁଲ ପାଇଁ ତାଙ୍କ ପାଖରେ ଜାଗା କି ଟଙ୍କା ନ ଥିଲା। ପ୍ରଥମେ ସେ ଗଛମୂଳେ ସପ୍ତମ ଶ୍ରେଣୀର ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଲୋକମାନେ ଦାନ କରିବାରୁ ଛୋଟ ଘରଟିଏ କରିଛନ୍ତି। ତାଙ୍କୁ ଏବେ ବୟସ ୨୫ ଓ ସେ ବିଏସ୍‌ସି (ଗଣିତ ସମ୍ମାନ) ପଢୁଛନ୍ତି। ନିଜେ ବସ୍ତିରେ ବି ରହୁଛନ୍ତି। ବସ୍ତି ବାସିନ୍ଦାମାନେ କାମକୁ ଚାଲିଯିବା ପରେ ସେମାନଙ୍କ ପିଲାମାନଙ୍କୁ ୨ କି.ମି. ଦୂର ସରକାରୀ ସ୍କୁଲ୍‌କୁ ଯିବାକୁ ସେମାନେ ଅନୁମତି ଦେଉ ନ ଥିଲେ। ଏହାକୁ ଲକ୍ଷ୍ୟ କରି ସତ୍ୟେନ୍ଦ୍ର ସେମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ଓ ଏ ଯାବତ୍ ତାହା ଚାଲୁ ରଖିଛନ୍ତି। ତାଙ୍କର ଏହି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇ ପିଲାଙ୍କୁ ପଢ଼ାଇବାରେ ଆଉ ୫ ଜଣ ତାଙ୍କୁ ସାହାଯ୍ୟ କରୁଛନ୍ତି।

## ଚିରନ୍ତନୀ

ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ।
ମୁଗ୍ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜାପାନରୁ ଶିଖିବା ଦରକାର

ମହାଶୟ,

ଆମ ଦେଶରେ ଭୌତିକ ବିକାଶ ହେବା ସହ ସାମାଜିକ ଜୀବନରେ ସ୍ଖଳନ ଓ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ଲୋକମାନେ ଆଧ୍ୟାତ୍ମିକତା ଓ ମାନବିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଛନ୍ତି। ଏହାଫଳରେ ଚାରିଆଡେ ଚୋରି, ଡକାୟତି, ଠକେଇ, ସାମାଜିକ ହିଂସା, ବଳାତ୍କାର ଓ ହତ୍ୟା ପରି ଜଘନ୍ୟ ଆପରାଧିକ ମାମଲା ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ଆମେ ଜାପାନକୁ ରୋଲ୍ ମଡେଲ ଭାବେ ଗ୍ରହଣ କରିବାକୁ ହେବ। ଜାପାନରେ ପ୍ରାୟ ଚୋରି, ଡକାୟତି ହୁଏ ନାହିଁ। ଭଦ୍ର ବ୍ୟବହାର, ସାଧୁତା ଓ ଅତିଥି ସତ୍କାର ଜାପାନୀମାନଙ୍କ ସ୍ୱତନ୍ତ୍ର ପରିଚୟ। ସେଠାରେ ଜଣେ କର୍ମଜୀବୀ ମହିଳା ମଧ୍ୟରାତ୍ରରେ କର୍ମକ୍ଷେତ୍ରରୁ ସ୍ୱଗୃହକୁ ନିରାପଦରେ ଫେରିଥାଏ। ୧୯୯୭ ମସିହାରେ ସେଠାରେ ଗୋଟିଏ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିଲା। ତା' ପରେ ଦ୍ୱିତୀୟ ମାମଲା ସମ୍ପର୍କରେ ଅଭିଯୋଗ ଆସି ନାହିଁ। ସେଥିପାଇଁ ନିକଟରେ ଟୋକିଓକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ସହରର ମାନ୍ୟତା ମିଳିଛି। ଜାପାନୀଙ୍କ ଜାତୀୟ ଚରିତ୍ର କେତେ ଅମଳିନ ଓ ନିଷ୍କଳଙ୍କ ତାହା ଏଥିରୁ ସ୍ପଷ୍ଟ। ଜାପାନରେ ପ୍ରଥମଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୁଏ ନାହିଁ। ଶିଶୁମାନଙ୍କୁ କେବଳ ଭଦ୍ର ବ୍ୟବହାର ଓ ନୈତିକତା ଶିକ୍ଷା ଦିଆଯାଏ। ସେଥିପାଇଁ ସେମାନେ ଏକ ସମୃଦ୍ଧ, ଭଦ୍ର ଓ ସଚ୍ଚୋଟ ଜାତି ଭାବରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଆଇନର ଗଳାବାଟ

ନାରୀ ବିରୋଧୀ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଏପରି କୁକର୍ମ ପାଇଁ ଦଣ୍ଡ ପାଇବା ପରିବର୍ତ୍ତେ ଆଇନର ଗଳାବାଟରେ ଅପରାଧୀ ଖସିଯାଉଛି। ଏହାର ଜ୍ୱଳନ୍ତ ଉଦାହାରଣ ହେଉଛି ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା। ଆଇନଜୀବୀମାନେ ନିଜ ପରିବାରର କାହା ପ୍ରତି ଏପରି ଘଟିଥିଲେ କ'ଣ ଦୋଷୀଙ୍କୁ ସାହାଯ୍ୟ କରିଥାନ୍ତେ? ପୀଡ଼ିତାମାନେ କାହାକୁ ଭରସା କରିବେ?

ଡଲଫିନ ପ୍ରଧାନ, ସାମ୍ବାଦିକତା ଓ ଗଣମାଧ୍ୟମ ଛାତ୍ରୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଫେରିଯିବ ଦେଢ଼ କୋଟିର ଅନୁଦାନ

## ଦୁଇ ଦଳ କଳି ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା

**ନାଉଗାଁ, ୬।୩ (ସ୍ୱ.ପ୍ର.)**

ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଅନୁଦାନ ଅର୍ଥ ଯୋଗାଇ ଦିଆଯାଉଥିବା ବେଳେ ଠିକ୍ ସମୟରେ ଅନୁଦାନ ଖର୍ଚ୍ଚ କରା ନ ଗଲେ ତାହା ଫେରିଯିବା ନିୟମ ମଧ୍ୟ ରହିଛି। ତେବେ ନାଉଗାଁ ବ୍ଲକ ଅଧୀନ ୧୬ଟି ପଞ୍ଚାୟତକୁ ଆସିଥିବା ଅନୁଦାନ ଅର୍ଥ ବିନିଯୋଗ ହୋଇଥିବା ବେଳେ କେବଳ ରୋହିଆ ପଞ୍ଚାୟତକୁ ଆସିଥିବା ୧ କୋଟି ୬୦ ଲକ୍ଷ ଟଙ୍କାର ଅନୁଦାନ ରାଶି କୌଣସି କାର୍ଯ୍ୟରେ ଖର୍ଚ୍ଚ ହୋଇପାରିନାହିଁ। ଇତିମଧ୍ୟରେ ଆର୍ଥିକ ବର୍ଷ ଶେଷ ହେବାକୁ ବସିଥିବା ବେଳେ ଅନୁଦାନ ଅର୍ଥ ଖର୍ଚ୍ଚ ହୋଇପାରି ନ ଥିବାରୁ ଏହା ଫେରିଯିବାର ଆଶଙ୍କା ରହିଛି। ଦୁଇ ଦଳ ମଧ୍ୟରେ ଭାଗବଣ୍ଟା ନ ଛିଣ୍ଡିବା ଯୋଗୁ ପଞ୍ଚାୟତରେ ଉନ୍ନତୀକରଣ କାର୍ଯ୍ୟ ଆଗେଇପାରୁ ନ ଥିବା ବେଳେ ଅନୁଦାନ ଖର୍ଚ୍ଚ ହୋଇପାରୁନାହିଁ ବୋଲି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଞ୍ଚାୟତର ପାଣ୍ଠି ବାବଦରେ ୫୪ ଲକ୍ଷ, ବ୍ଲକ ଶେୟାର ୮୧ ଲକ୍ଷ ଓ ଆମ ଗାଁ ଆମ ବିକାଶ ଯୋଜନାରେ ୨୫ ଲକ୍ଷ ଟଙ୍କା ସର୍ବମୋଟ ୧ କୋଟି ୬୦ ଲକ୍ଷ ଟଙ୍କା ଅନୁଦାନ ପଡ଼ି ରହିଥିବା ଜଣାଯାଇଛି।

ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ଉକ୍ତ ପଞ୍ଚାୟତରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ସରପଞ୍ଚ ଓ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପଟେ ଗତ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡିର ପ୍ରଶାନ୍ତ କୁମାର ମୁଦୁଲି ବହୁମତ ପାଇ ନିର୍ବାଚନ ଜିତିଛନ୍ତି। ତେଣୁ ରୋହିଆ ପଞ୍ଚାୟତରେ ଉଭୟ ବିଜେଡି ଓ କଂଗ୍ରେସ ସମର୍ଥିତଙ୍କ ମଧ୍ୟରେ ମତପାର୍ଥକ୍ୟ ଯୋଗୁ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଞ୍ଚାୟତବାସୀଙ୍କ ହିତରେ ଲାଗିପାରୁନି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ପଡ଼ି ରହିଥିବା ଅନୁଦାନ ଖର୍ଚ୍ଚ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ୩ ମାସ ପୂର୍ବେ ହୋଇଥିବା ପଞ୍ଚାୟତ ସମିତି ବୈଠକ ଓ ଗତ କିଛି ଦିନ ତଳେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେବା ଅବସରରେ ବିଧାୟକ ମୁଦୁଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଦିନ କେଇଟା ବାକି ଥିଲେ ହେଁ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶିବବ୍ରତ ନାୟକଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସମିତିସଭ୍ୟ ପଦ୍ମଚରଣ ରାଉତ ଏ ସମ୍ପର୍କରେ କୁହନ୍ତି, ପଡ଼ି ରହିଥିବା ଅନୁଦାନ କେଉଁ ଉପାୟରେ ଖର୍ଚ୍ଚ କରାଯିବ, ସେ ନେଇ ବ୍ଲକ ବିଜେଡି ସଭାପତି, ବ୍ଲକ ଅଧ୍ୟକ୍ଷ, ସହକାରୀ ଯନ୍ତ୍ରୀ, ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ ଏକ ବୈଠକରେ ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର ସବୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ବ୍ଲକ ବିଜେଡି ସଭାପତି ସୁଜିତ ମଲ୍ଲିକଙ୍କୁ ପଚାରିବାରେ ଅନୁଦାନ ଖର୍ଚ୍ଚ ନେଇ ବୈଠକରେ ଆଲୋଚନା ସରିଛି। ଖୁବ୍‌ଶୀଘ୍ର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ।

## ସଂକ୍ଷେପରେ

### ପାଣିପଞ୍ଚାୟତ ପ୍ରଶିକ୍ଷଣ, ଦକ୍ଷତା ବିକାଶ କର୍ମଶାଳା

**ବିରିଡ଼ି, ୬।୩ (ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅଧୀନ ବିଲୁଆଖାଇ କେନାଲ ସବ୍‌ଡିଭିଜନ କାର୍ଯ୍ୟାଳୟ, ବାଲିଆଠାରେ ପାଣି ପଞ୍ଚାୟତ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ଶତପଥୀ, ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତି ମଣ୍ଡଳ, ସୁବୋଧ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସାଗରିକା ବେହେରା, ଜାଗୃତି ବାରିକ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ କିପରି ଗଠନ ହେବ, ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ, ନିୟମାବଳୀ, ନିର୍ବାଚିତ ପାଣି ପଞ୍ଚାୟତ ପ୍ରତିନିଧିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ନିର୍ବାହୀ ଯନ୍ତ୍ରୀ ଶତପଥୀ ଉପସ୍ଥିତ ମେମ୍ବରମାନଙ୍କୁ ବୁଝାଇଥିଲେ। ବିଲୁଆଖାଇ କେନାଲ ସବଡିଭିଜନ ଅଧୀନରେ ଥିବା ୧୭ଟି ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଏବଂ ପ୍ରତି ପାଣି ପଞ୍ଚାୟତର ଦୁଇଜଣ ଆଗୁଆ ଚାଷୀ ଉପସ୍ଥିତ ରହି ସମସ୍ତ ନିୟମକୁ ବୁଝିଥିଲେ। ଶେଷରେ ୨୨ ମୌଜାର ୧୧ ନମ୍ବର ଦଧିବାମନ ଜୀଉ ପାଣିପଞ୍ଚାୟତର ସଭାପତି କାଳନ୍ଦୀ ଚରଣ ବସ୍ତିଆ ଧନ୍ୟବାଦ ଦେଇଥିଲେ।

# କ୍ଲୋରିନ୍ ଗ୍ୟାସ୍ ସମ୍ପର୍କିତ ମକ୍‌ଡ୍ରିଲ୍

**ପାରାଦୀପ, ୬।୩ (ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ ପରିସରରେ ଶୁକ୍ରବାର ପୂର୍ବାହ୍ନରେ କ୍ଲୋରିନ୍ ଗ୍ୟାସ୍ ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କାରଖାନା ଓ ବାଷ୍ପିତ ବିଭାଗ ସହଭାଗିତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲୋରିନ୍ ଗ୍ୟାସ୍ ନିର୍ଗତ ସମୟରେ କିପରି ଏହାକୁ ନିୟନ୍ତ୍ରଣ କରାଯିବ ଓ ଲୋକଙ୍କୁ ସୁରକ୍ଷା ଦିଆଯାଇ ପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍ ହୋଇଥିଲା। ପିପିଏଲ୍ ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, ଇଫ୍‌କୋର କେନ୍ଦ୍ରୀୟ ନିର୍ଦ୍ଦେଶକ ଏ.କେ. ସିଂ, କାରଖାନା ମୁଖ୍ୟ କେ.ଜେ. ପଟେଲ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ।

ଅପରାହ୍ନରେ ଆମୋନିଆ ଗ୍ୟାସ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଥିବା ୩୧ କାରଖାନା ପ୍ରତିନିଧି ସାମିଲ ଥିଲେ। ୨୪ଟି ବରଫ କାରଖାନା, ୪ କ୍ଷୀର ପ୍ରୋସେସିଂ ୟୁନିଟ୍ ଓ ୩ ଚିଙ୍ଗୁଡ଼ି ୟୁନିଟ୍‌ରେ ଆମୋନିଆ ବ୍ୟବହାର କରାଯାଉଥିବା ବେଳେ କାରଖାନାରେ ଆମୋନିଆକୁ କିପରି ସଂରକ୍ଷଣ ଓ ବ୍ୟବହାର କରାଯିବ, ସେ ସମ୍ପର୍କରେ କୁହାଯାଇଥିଲା। ଦୁର୍ଘଟଣାବଶତଃ ଆମୋନିଆ ଗ୍ୟାସ୍ ନିର୍ଗତ ହେଲେ ସ୍ଥାନୀୟ ଲୋକେ କିପରି ନିଜକୁ ରକ୍ଷା କରିବେ, ସେ ସମ୍ପର୍କରେ କମ୍ପାନୀ ପକ୍ଷରୁ ଲୋକମାନଙ୍କୁ ଅବଗତ କରାଇବାକୁ କୁହାଯାଇଥିଲା। ଆମୋନିଆ ଗ୍ୟାସ୍ ନିର୍ଗତ ହେଲେ, ଲୋକମାନେ ଏଣେତେଣେ ନ ଦୌଡ଼ି ତଳେ ପେଟେଇ ଶୋଇପଡ଼ିବା ବା ମୁହଁ, ନାକରେ ଓଦା କପଡ଼ା ପକାଇଲେ ଏହି ଗ୍ୟାସ୍‌ର ସେତେ ପ୍ରଭାବ ପଡ଼ିବନାହିଁ। ଦୌଡ଼ାଦୌଡ଼ି କଲେ ନିଃଶ୍ୱାସର ତୀବ୍ରତା ବଢ଼ିବ, ସେହି ଅନୁସାରେ ଅଧିକ ଗ୍ୟାସ୍ ଶରୀରକୁ ଯିବ, ସେଥିପ୍ରତି ଲୋକମାନେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା।


ଆମୋନିଆ ଗ୍ୟାସ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ କାରଖାନା ପ୍ରତିନିଧି ଓ ଅନ୍ୟମାନେ।

# ମୂଳିସିଂ ସହର ହାଟରୁ ଚୋରି

**ତିର୍ତ୍ତୋଲ, ୬।୩ (ଡି.ଏନ୍.ଏ.)**

ତିର୍ତ୍ତୋଲ ଥାନା ଅଧୀନ ମୂଳିସିଂ ସହର ହାଟରୁ ଗୁରୁବାର ବିଳମ୍ବିତ ରାତିରେ ଇଲାଇ ମିଆଁଙ୍କ ଦୁଇଟି ତେଜରାତି ଗୋଦାମରୁ ନଗଦ ଟଙ୍କା ଓ ତେଜରାତି ସାମଗ୍ରୀ ଚୋରି ହୋଇଛି। ଚୋରମାନେ ଗୋଦାମରୁ ଚୋରି କରିବା ପରେ ହାଟସ୍ଥିତ ହନୁମାନ ମନ୍ଦିର ହୁଣ୍ଡି ଦାନ ବାକ୍ସରୁ ସମସ୍ତ ଦାନ ଅର୍ଥ ଚୋରି କରି ନେବା ସହ ନିକଟସ୍ଥ ବିରିତୋଳ ବେହେରାସାହି ଛକ କୁନାବାବୁଙ୍କ ଦୋକାନରୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଦୋକାନୀ ଓ ଗ୍ରାମବାସୀ ଉଠି ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ତେବେ ଚୋରମାନେ ସେଠାରୁ ଦୌଡ଼ି ପଳାଇବା ସହ ସେମାନେ ଆସିଥିବା ବାଇକ୍ (ନଂ. ଓଡି ୨୧ଡି ୬୨୨୨)କୁ ଛାଡି ପଳାଇଥିଲେ। ଶୁକ୍ରବାର ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି।

# ଦଳିତ ପରିବାରକୁ ଉଚ୍ଛେଦ ନ କରିବାକୁ ଦାବି


ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୁଜଙ୍ଗ, ୬।୩ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତର ସାଇଲୋ ମୌଜାରେ ଏକ ସରକାରୀ ଜମି ଉପରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଘର କରି ରହି ଆସୁଥିବା ଭୂମିହୀନ ଦଳିତ ପରିବାରକୁ ସେହି ସ୍ଥାନରୁ ଉଚ୍ଛେଦ ନ କରିବା ପାଇଁ ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ଶୁକ୍ରବାର ବିକାଶ ପରିଷଦର ସଦସ୍ୟମାନେ କୁଜଙ୍ଗ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ସାଇଲୋ ମୌଜାର ଏକ ସରକାରୀ ଜମିରେ ସ୍ୱର୍ଗତ ଅନନ୍ତ ମଳିକଙ୍କ ପରିବାର ଦୀର୍ଘ ବର୍ଷ ହେବ ରହିଆସୁଛନ୍ତି। ଏବେ ସ୍ୱର୍ଗତ ଅନନ୍ତଙ୍କ ୩ ପୁଅ ସେହି ସ୍ଥାନରେ ଘର ଦ୍ୱାର କରି ରହୁଛନ୍ତି। ଏବେ ସେହି ସ୍ଥାନରେ ଏକ ମହିଳା ସମିତି ଗୃହ ନିର୍ମାଣ ନିମନ୍ତେ ଗ୍ରାମର ମହିଳା ସମିତିର ସଭ୍ୟା ଓ କେତେଜଣ ଯୁବକ ଦଳିତ ପରିବାରକୁ ଉଚ୍ଛେଦ କରିବାକୁ ଯାଇ ଗତ ଫେବୃୟାରୀ ୨୦ ତାରିଖରେ ସେମାନଙ୍କ ଘର ପଶି ଆସବାବ ପତ୍ର ଭଙ୍ଗାରୁଜା କରିଥିଲେ। ଏ ସଂକ୍ରାନ୍ତରେ ସ୍ୱର୍ଗତ ଅନନ୍ତଙ୍କ ପୁଅ ଚିନ୍ନା ଓ କୁନି ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନ ଥିଲା। ତେବେ ଗତ ୩ ତାରିଖ ବିଳମ୍ବିତ ରାତ୍ରିରେ ପୁନର୍ବାର ସେମାନଙ୍କ ଘର ଉପରକୁ କେହି ଢେଲାମାଡ଼ କରିଥିଲେ। ଏ ନେଇ ସେମାନେ ଗତ ୪ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ ବି ପୋଲିସ କିଛି ପଦକ୍ଷେପ ନେଇ ନ ଥିଲା। ତେବେ ଉକ୍ତ ଜମିକୁ ସରକାର ବସୁନ୍ଧରା ଯୋଜନାରେ ସେହି ଭୂମିହୀନ ଦଳିତ ପରିବାରକୁ ପ୍ରଦାନ କରିବା ସହ ସେମାନଙ୍କ ଘରେ ପଶି ଜିନିଷପତ୍ର ଭଙ୍ଗାରୁଜା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିକାଶ ପରିଷଦ ସଭାପତି ମାଧବେନ୍ଦ୍ର ଗୋଚ୍ଛାୟତ, ସମ୍ପାଦକ ଚିନ୍ମୟ ନାଥ, କାର୍ଯ୍ୟକାରୀ ସଭାପତି ମନୋଜ ପାତ୍ର, ଉପସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଈଶାଣେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ / ଜୋତକୁ ହରାଇ ଥାନପତି ଚାମ୍ପିୟନ

**ବାଲିକୁଦା, ୬।୩ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତ ସନ୍ତୋ ତେଣ୍ଟୋଇ ଈଶାଣେଶ୍ୱର କ୍ଲବ ପକ୍ଷରୁ ଆୟୋଜିତ ଟି-୨୦ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଥାନପତି ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଥାନପତି ୨୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୋତ ଏକାଦଶ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ୍ ସଂଗ୍ରହ କରି ମ୍ୟାଚ୍ ହାରି ଯାଇଥିଲା। ଅମ୍ପାୟର ଭାବେ ବିଚିତ୍ର ସାସମଲ ଓ ଦିପ୍ତୀରଞ୍ଜନ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଭଜପା ନେତା ସଞ୍ଜୟ କୁମାର ମହାନ୍ତି ଓ ମାନସ ମଲ୍ଲିକ ଯୋଗଦେଇ ବିଜେତା ଦଳ ଓ ରନର୍ସଅପ ଟିମ୍‌କୁ ପୁରସ୍କୃତ କରିଥିଲେ। ସୁବିର ଖାନଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ କରାଯାଇଥିଲା। ବିଶ୍ୱଜିତ୍ ସ୍ୱାଇଁ, ରାକେଶ ମଲ୍ଲିକ, ମଳୟ ସାସମଲ, ଅକ୍ଷୟ ସାସମଲ, ସାରଦା ସାସମଲ, ଚନ୍ଦ୍ରକାନ୍ତ ସାହୁ, ସୁକୁମାର ସାସମଲ, ପ୍ରଶାନ୍ତ ସାସମଲ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ସମିତିସଭ୍ୟାଙ୍କୁ ଗାଳିଗୁଲଜ: ଥାନାରେ ପୃଥକ୍ ମାମଲା

**ନାଉଗାଁ, ୬।୩ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ଓଷକଣା ପଞ୍ଚାୟତର ସମିତିସଭ୍ୟା ଜୟନ୍ତୀ ଭୋଇଙ୍କୁ ଓଷକଣା ଗ୍ରାମର ଜଣେ ବ୍ୟକ୍ତି ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗତ ମଙ୍ଗଳବାର ସନ୍ଧ୍ୟାରେ ସେହି ଗ୍ରାମର ନରେଶ ସ୍ୱାଇଁ ଜୟନ୍ତୀଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଜୟନ୍ତୀଙ୍କ ସ୍ୱାମୀ ଦ୍ୱାରିକା ଭୋଇ ଏହାର ପ୍ରତିବାଦ କରିବାରୁ ନରେଶ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ତେବେ ଜୟନ୍ତୀ ଚିତ୍କାର କରିବାରୁ ଆଖପାଖ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦ୍ୱାରିକା ଓ ଜୟନ୍ତୀଙ୍କୁ ଉଦ୍ଧାର କରିଥିବା ଜୟନ୍ତୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଉକ୍ତ ଗ୍ରାମର ନାରାୟଣ ସ୍ୱାଇଁ ଦ୍ୱାରିକାଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ନରେଶ ଡିଲର ହୋଇଥିବାରୁ ଦ୍ୱାରିକା ତାଙ୍କୁ ମାସିକ ବଟି ମାଗୁଥିଲେ।

**ଓଷକଣା ପଞ୍ଚାୟତ**

ହେଲେ ସେ ଦେବାକୁ ମନା କରିଦେବାରୁ ଦ୍ୱାରିକା ଓ ତାଙ୍କ ଭାଇ ରବୀନ୍ଦ୍ର ପ୍ରତ୍ୟହ ନାରାୟଣ ଓ ନରେଶଙ୍କ ଘର ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଏପରି କି ମାରିବା ପାଇଁ ମାରଣାସ୍ତ୍ର ଧରି ଘର ନିକଟକୁ ଆସିଥିଲେ। ଉକ୍ତ ଘଟଣାକୁ ସ୍ଥାନୀୟ ଲୋକେ ଦେଖିଥିବା ନାରାୟଣ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ସ୍ୱାଇଁ, ଅମରେଶ୍ୱର ସାହୁ, ଯୋଗେନ୍ଦ୍ର ସେଠୀ, ମେଘନାଦ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ଥିବା ଏକ ଲିଖିତ ଅଭିଯୋଗ ପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ଓ ବିଧାୟକଙ୍କ ନିକଟକୁ ପଠାଯାଇଥିବା ନାରାୟଣ ଦର୍ଶାଇଛନ୍ତି। ଏ ସମ୍ପର୍କରେ ନାଉଗାଁ ଥାନାଧିକାରୀ ଗୋବର୍ଦ୍ଧନ ସାହୁଙ୍କୁ ପଚାରିବାରେ ଜୟନ୍ତୀଙ୍କ ଅଭିଯୋଗ ଆଧାରରେ ନଂ. ୩୯/୨୦ ଓ ନାରାୟଣଙ୍କ ଅଭିଯୋଗ ଆଧାରରେ ନଂ. ୪୦/୨୦ରେ ମାମଲା ରୁଜୁ କରାଯାଇଛି।

# ୨ ବାଇକ୍ ମୁହାଁମୁହିଁ, ୪ ଆହତ

**ଜଗତ୍‌ସିଂହପୁର ଅଫିସ, ୬।୩**

ଜଗତ୍‌ସିଂହପୁର-ବାଲିକୁଦା ରାସ୍ତାର ବାଲିଭଉଁରୀ ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୭ଟା ବେଳେ ୨ ବାଇକ୍ ମୁହାଁମୁହିଁ ହେବା ଯୋଗୁ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପାକନପୁରର ଶିବଶଙ୍କର ଦାଶ, ତାଙ୍କ ସ୍ତ୍ରୀ ସାଗରିକା ଦାଶ, ୭ ବର୍ଷର ପୁଅ ସତ୍ୟବ୍ରତ ଦାଶ, କଟରା ବେଗୁନିଆର କାର୍ତ୍ତିକ ପାଲ। ମିଳିଥିବା ସୂଚନା ଅନୁଯାୟୀ, ଶିବଶଙ୍କର ତାଙ୍କ ପରିବାର ସହ ବାଇକ୍‌ରେ ଏକ ବାହାଘର ଭୋଜିରୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗାଡ଼ି ଛିଟିକି ପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଶିବଶଙ୍କର, ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ବାଇକ୍‌ରେ ଥିବା ୨ ଜଣଙ୍କ ମଧ୍ୟରୁ ମହାଦେବ ବାରିକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ବେଳେ କାର୍ତ୍ତିକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇନାହିଁ।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌୩୦-ଟିଏସ୍-ଓଡି-ସିକେପି-୨୦, ତାରିଖ:୦୨।୦୩।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଟିସି ଓ ପିଏ), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କାର୍ଯ୍ୟର ନାମ: ଦୁଇ ବର୍ଷ କିମ୍ବା ୧୦୦ ୱାଗନ୍, ଯାହା ପୂର୍ବରୁ ହେଉଥିବ, ପାଇଁ ଓଡ଼ିଶା ରାଜ୍ୟର ଭୌଗୋଳିକ ଅଞ୍ଚଳ ମଧ୍ୟରେ ଚକ୍ରଧରପୁର ଡିଭିଜନରେ ରୁଗ୍ଣ ୱାଗନ୍‌ଗୁଡ଼ିକର ଟ୍ରାନ୍‌ଶିପ୍‌ମେଣ୍ଟ। ବିଭାଗୀୟ ମୂଲ୍ୟ: ₹୧୬,୦୭,୯୮୫/-। ଟେଣ୍ଡର ଫର୍ମ ମୂଲ୍ୟ: ₹୨,୦୦୦/-। ଅମାନତ ରାଶି: ₹୩୨,୨୦୦/-। ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୪।୦୩।୨୦୨୦ରିଖ ୧୫.୩୦ ଘଟିକାରେ। ୱେବ୍‌ସାଇଟ୍ ବିବରଣୀ: www.ireps.gov.in ବି.ଦ୍ର.: ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରଦାତାଙ୍କୁ www.ireps.gov.inରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ହେବ। PR-1430

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କୁଜଙ୍ଗ, ୬।୩ (ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ଅଧୀନ ଗଣ୍ଡକିପୁର ଗ୍ରାମର ଧର୍ମପ୍ରାଣା ମହିଳା ନଳିନୀ ପ୍ରଭା ଦାସମହାପାତ୍ର(୫୭)ଙ୍କର ଶୁକ୍ରବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଅବିନାଶ ମୁଖାଗ୍ନି ଦେଇଥିଲେ।

**ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

**ବିଜ୍ଞାପନ**

ସଂଖ୍ୟା: 3073 ତାରିଖ: 06.03.2020

କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଯୋଗାଣ ପାଇଁ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥା ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥା ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରୁ ଆବଶ୍ୟକୀୟ ସାମଗ୍ରୀର ତଥ୍ୟ ଓ ପରିମାଣ ସଂଗ୍ରହ କରି ସାମଗ୍ରୀର ମୂଲ୍ୟସୂଚୀ ସହ ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବେ। ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥା GST ପରିସରଭୁକ୍ତ ହୋଇଥିବେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନେ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥାଙ୍କୁ ଟେଣ୍ଡର ପ୍ରକ୍ରିୟା ପାଇଁ ନିୟମାବଳୀ ସହ ଆବଶ୍ୟକୀୟ ସାମଗ୍ରୀର ସୂଚୀ ପରିମାଣ ପ୍ରଦାନ କରିବେ।

| | |
|---|---|
| ଟେଣ୍ଡର ଦରଖାସ୍ତ ଆହ୍ୱାନ ପାଇଁ ଧାର୍ଯ୍ୟ ସମୟ | 12.03.2020 ଅପରାହ୍ଣ 5 ଘଟିକା ପର୍ଯ୍ୟନ୍ତ। |
| ଟେଣ୍ଡର ଦରଖାସ୍ତ ଖୋଲାଯିବା ପାଇଁ ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟ | ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତାରିଖ 13.03.2020 ଅପରାହ୍ଣ 3 ଘଟିକା |

ସ୍ୱା./- ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+

**ADVERTISEMENT**

No Estt-II / HC-1183 / 9600 / 2020 Dated: 14.2.2020

Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.

Sd/-
REGISTRAR

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/MAINT(E)/2020/04**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work whose details are given below :

**NIT No.: HWP/TAL/MAINT(E)/2020/04, Name of the Work :** "Annual Maintenance of Air Conditioners, Water Coolers and Refrigerators at HWP, Talcher". **Estimated Cost :** Rs.10,44,250.00. **Earnest Money :** Rs.20,885.00. **Period of Completion :** 12 (Twelve) months. **Last Date and Time of Submission of Bid:** 19.03.2020 (14:30 Hrs.). The bid forms and other details can be obtained from the website **www.tenderwizard.com / DAE**.

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/INST/2020/NIT/01**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work, the details are given below :

**NIT No.: HWP/TAL/INST/2020/NIT/01, Name of the Work :** "Periodic overhauling & Maintenance of Various Instruments at HWP Talcher for the year 2020-21". **Estimated Cost :** Rs.9,47,826.00. **Earnest Money :** Rs.18,957.00. **Period of Completion :** 01 (One) Year . **Last Date and Time of Submission of Bid:** 31.03.2020 (14:30 Hrs.). The bid forms and other details can be obtained from the website **www.tenderwizard.com / DAE**.



**ସଂକ୍ଷେପରେ**

## ବ୍ରହ୍ମସନାତନ ଯଜ୍ଞ ଉଦ୍‌ଯାପିତ



ଡେରାବିଶ, ୬।୩ (ସ୍ୱ.ପ୍ର.): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଲାସ୍ଥିତ ଜଗଦଗୁରୁ ଠାକୁର ଅଭିରାମ ପରମହଂସଦେବଙ୍କ ଶାନ୍ତି ଆନନ୍ଦାଶ୍ରମ ପରିସରରେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ବ୍ରହ୍ମ ସନାତନ ଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ କରମଲା ଶାନ୍ତିଆନନ୍ଦାଶ୍ରମର ସାଧୁମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ହୋଇଥିଲା । ଅଭିରାମ ପରମହଂସ ଦେବଙ୍କ ଜୀବନ ଦର୍ଶନ ଉପରେ ସାଧୁମାନେ ଆଲୋକପାତ କରିଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ । ଗୁରୁବାର ଆଶ୍ରମ ପରିସରରେ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ କରମଲା ଶାନ୍ତିଧାମର ବରିଷ୍ଠ ସନ୍ନ୍ୟାସୀ ଅନ୍ତର୍ଯ୍ୟାମୀ ଦାସ, ହରେକୃଷ୍ଣ ଦାସ, ତ୍ରିଲୋଚନ ଦାସ, ଦିବ୍ୟ ଚୈତନ୍ୟ ଦାସ, ଜନ୍ମେଜୟ ଦାସ, କେଶବ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ତୃତୀୟ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ରାଜନଗର, ୬।୩ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ବେଳାଭୂମିଠାରେ ଶୁକ୍ରବାର ସନ୍ଧ୍ୟାରେ ତୃତୀୟ ସାଗର ବେଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୩ ଦିନିଆ ମହୋତ୍ସବକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରିଥିଲେ । ବିଧାୟକ ସାହୁ ରାଜନଗର ମାଟିର ଗୌରବମୟ ଇତିହାସ, ଐତିହ୍ୟ, ସଂସ୍କୃତି ଓ ଭିତରକନିକାର ପ୍ରାକୃତିକ ବିଭବ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ପ୍ରଫେସର ଆଦିକନ୍ଦ ସାହୁ ଯୋଗଦେଇ ରାଜନଗର ମାଟି କେବଳ କଳା ନୁହେଁ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଏସପି ନୀତି ଶେଖର, ମହିମା ଧର୍ମର ସନ୍ଥ ନଟବର ବାବା, ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ । ସାଗରବେଳା ସାଂସ୍କୃତିକ ପରିଷଦର ସଭାପତି ଡା. ଅଭୟ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ କମିଟିର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନିଲ କୁମାର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପସଭାପତି ଦାମୋଦର ବିଶ୍ୱାଳ, ଡ. ଧରଣୀଧର ରାଉତ, ପ୍ରାଧ୍ୟାପକ ଅତୁଲ ବଳ, ଡ. ପଦ୍ମଲୋଚନ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜନଗର ବ୍ଲକ ବିଜୁ ଜନତା ଦଳ ସଭାପତି ଅଶୋକ କୁମାର ପ୍ରତିହାରୀ, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି ,ନିରଞ୍ଜନ ରାଉତ, ସରପଞ୍ଚ ଜ୍ଞମର କୁମାର ସ୍ୱାଇଁ, ଅଧାପିକା ଭଗବତୀ ନାୟକ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଢିହାରୀ, ନରହରି ଜେନା, ବାଇଧର ସେଠୀ, ବିଜ୍ଞାନ ରଞ୍ଜନ ଜେନା, ତପନ କୁମାର ବଳ, ଅଂଶୁମାନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ମହୋତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ ଜମିଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର । ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ । ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି । ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି । ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି । ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି ।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା ।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ । ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ । ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର । ଗୋଟିଏ ଫଂଦାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା : ଅଭିଯୁକ୍ତ ଅଟକ

ରାଜନଗର,୬।୩(ଡି.ଏନ.ଏ.)

ରାଜନଗର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଯୁବତୀଙ୍କ ବୟାନ ରେକର୍ଡ କରିଥିଲା । ଏଥିସହ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା । ଅଭିଯୁକ୍ତ ଫେରାର ଥିଲା । ଗୁରୁବାର ରାତିରେ ରାଜନଗର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଧରି ଆଣି ପଚରାଉଚରା କରୁଛି ।

## ବିଦ୍ୟାଳୟରେ ପଶି ଯୁବକଙ୍କ ଉନ୍ମତ୍ତକାଣ୍ଡ



ଗିରଫ ଅଭିଯୁକ୍ତ ।

- ଶିକ୍ଷକଙ୍କ କଲର ଧରି ଘୋଷାରି ନେଲେ
- ଗାଁ ଦାଣ୍ଡରେ କୁରାଢ଼ି ଧରି ହାଣିବାକୁ ଗୋଡାଇଲେ

ରାଜନଗର,୬।୩(ଡି.ଏନ.ଏ.)

ଶୁକ୍ରବାର ରାଜନଗର ବ୍ଲକ କାଠୁଆଗଣ୍ଡ ଗ୍ରାମରେ ଜଣେ ଶିକ୍ଷକଙ୍କୁ ସେହି ଗ୍ରାମର ଜଣେ ଅସାମାଜିକ ଯୁବକ ଶ୍ରେଣୀଗୃହ ଭିତରୁ ଘୋଷାରି ଆଣିବା ଏବଂ କୁରାଢ଼ି ଧରି ହାଣିବାକୁ ଗାଁ ଦାଣ୍ଡରେ ଗୋଡାଇବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି ।

ପ୍ରକାଶ ଯେ, କାଠୁଆଗଣ୍ଡ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅମର କୁମାର ମହାନ୍ତି ପାଠ ପଢାଉଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ସେହି ଗାଁର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ପୁଅ କାବୁଲା ସ୍ୱାଇଁ ବିଦ୍ୟାଳୟ ମଧ୍ୟକୁ ପଶିଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଉତ ବିଦ୍ୟାଳୟ କାମରେ ବ୍ୟାଙ୍କକୁ ଯାଇଥିଲେ । ଏହି ସମୟରେ ସମ୍ପୃକ୍ତ ଯୁବକ ଜଣକ ପାଠ ପଢାଉଥିବା ଅମରଙ୍କୁ ପୂର୍ବତନ ପ୍ରଧାନଶିକ୍ଷକ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚାର୍ଜ ଦେଲା ବେଳେ ମୋତେ କାହିଁକି ଡାକିଲ ନାହିଁ । ତମ ହେଡମାଷ୍ଟର କୁଆଡେ ଗଲେ ବୋଲି କହିବା ସହ ହଠାତ୍ ତାଙ୍କ କଲର ଧରି ଶ୍ରେଣୀଗୃହରୁ ଘୋଷାରି ଆଣିଥିଲେ । ପ୍ରତିବାଦ କରିବାରୁ କାବୁଲା କୁରାଢ଼ି ଦ୍ୱାରା ଶିକ୍ଷକ ଅମରଙ୍କୁ ହାଣିବା ପାଇଁ ଉଦ୍ୟମ କରିଥିଲେ । ଶିକ୍ଷକ ଜୀବନ ବିକଳରେ ଗାଁ ଦାଣ୍ଡରେ ଦୌଡିଥିଲେ । କିଛିବାଟ ଦୌଡିବା ପରେ କାବୁଲା ଶିକ୍ଷକଙ୍କୁ ବାନ୍ଧିବା ପାଇଁ ଦଉଡି ଆଣିବା ସମୟରେ ସମ୍ପୃକ୍ତ ଶିକ୍ଷକ ସେଠାରୁ କୌଶଳକ୍ରମେ ଖସି ପଳାଇ ଯାଇଥିଲେ । ଗାଁ ଦାଣ୍ଡରେ ଏଭଳି ଅଭାବନୀୟ ଦୃଶ୍ୟ ଗ୍ରାମବାସୀ ଦେଖୁଥିଲେ ମଧ୍ୟ କେହି ଭୟରେ ପାଟି ଫିଟାଇ ନ ଥିଲେ । ପରେ ଅମର ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ । ଏହି ଖବର ପାଇ ଶିକ୍ଷକଙ୍କ ଗାଁ (ଡେରା) ଲୋକେ ପହଞ୍ଚି ଅସାମାଜିକ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାବୁଲାଙ୍କୁ ଗିରଫ କରିବା ସହ ଶିକ୍ଷକଙ୍କୁ ମାରିବାକୁ ଆଣିଥିବା କୁରାଢ଼ିକୁ ଜବତ କରିଛି । ସୂଚନାଯୋଗ୍ୟ ଯେ, ଗତ ୨ମାସ ତଳେ କାବୁଲା ଉକ୍ତ ବିଦ୍ୟାଳୟରେ ପଶି ଅନ୍ୟ ଜଣେ ଶିକ୍ଷକଙ୍କୁ ମାଡ ମାରିବା ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ । ଜେଲରୁ ଫେରି ପୁଣି ବିଦ୍ୟାଳୟରେ ପଶି ଶିକ୍ଷକ ଅମରଙ୍କୁ ହାଣିବା ପାଇଁ ଉଦ୍ୟମ କରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଭୟଭୀତ ହୋଇ ପଡିଛନ୍ତି । ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ଡେରାବିଶରେ ଦୋଳଯାତ୍ରା ଆରମ୍ଭ

ଡେରାବିଶ, ୬।୩ (ସ୍ୱ.ପ୍ର.)

ଫଗୁଣର ଫଗୁଦୋଳ ଉତ୍କଳୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି । ଓଡ଼ିଶାର ବିଭିନ୍ନ ଗାଁ ଗଣ୍ଡାରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କର ଯୁଗଳ ପ୍ରତିମା ବିଜେ ହେବା ସହ ଫଗୁଦଶମୀରୁ ଫଗୁଣ ଯାତ୍ରା ଆରମ୍ଭ ହୋଇଛି । ଫଗୁଦଶମୀରୁ ଫାଲଗୁନ ପୂର୍ଣ୍ଣିମା ୫ ଦିନ ଧରି ଦୋଳ ପର୍ବ ପାଇଁ ପ୍ରତ୍ୟେକ ଗାଁ ଉତ୍ସବମୁଖର ହୋଇଉଠିଛି । ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଦୋଳ ପର୍ବ ଧୁମଧାମରେ ଚାଲିଛି । ବ୍ଲକର ହରିଅଙ୍କ ପଞ୍ଚାୟତର ମୁଣ୍ଡାଳ ଓ ଭୋଳହାଟ ଠାରେ ଦଶମୀ ତିଥି ଅବସରରେ ଗୁରୁବାର ମେଲଣ ଅନୁଷ୍ଠିତ ହୋଇଛି । ଶୁକ୍ରବାର ଦାନପୁର ପଞ୍ଚାୟତର ଦାନପୁର ଓ କେଶରପୁରଠାରେ ମେଲଣ ହୋଇଯାଇଛି । ସେହିପରି ଚାଟରାଚକଡା ପଞ୍ଚାୟତ ଓଲଢି ଗ୍ରାମର ମା’ ନାରାୟଣୀଙ୍କ ପୀଠରେ ଶୁକ୍ରବାର ଦୋଳମେଲଣ ଉଦ୍‌ଯାପିତ ହୋଇଛି । ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଲଣ ଶୁକ୍ରବାର ସକାଳ ୮ଟାରେ ଉଦ୍‌ଯାପିତ ହୋଇଥିଲା । ପ୍ରାଚୀନ ପରମ୍ପରା ଅନୁଯାୟୀ ଏହି ଗ୍ରାମର ଗୋସେଇଁ ମଠ ବିମାନ ମେଲଣର ଥାନପତି ହୋଇଥିବାରୁ ପ୍ରଥମେ ପଡିଆରେ ଉପବେଶନ କରିଥିଲେ । ପରେ ବିଭିନ୍ନ ପଟୁଆର ମଧ୍ୟରେ ଓଲଢି ମଠ, ଫକିରାବାଦ, ମନ୍ତ୍ରୀପଡ଼ା ମଠ, ସନ୍ତପୁରା ମଠ ଓ ତରଜଙ୍ଗାରୁ ଆସୁଥିବା ୧୦ରୁ ଉର୍ଦ୍ଧ୍ୱ ବିମାନ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ । ଘଣ୍ଟ ଓ ସଂକୀର୍ତ୍ତନ ସାଙ୍ଗକୁ ଆତସବାଜିର ମଜା ନେଇଥିଲେ ଉପସ୍ଥିତ ଥିବା ହଜାର ହଜାର ଶ୍ରଦ୍ଧାଳୁ । ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡାଠାରେ ଆଜି ଅନୁଷ୍ଠିତ ହୋଇଥିବା ମେଲଣରେ ୧୫ରୁ ଉର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ । ମନ୍ତ୍ରୀପଡା ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ଏହି ମେଲଣର ଥାନପତି ହୋଇଥିବା ବେଳେ ମେଲଣ ପଡିଆକୁ ବାଲିପାଟଣାର ଶ୍ରୀ ଲଛମନଜୀଉ, ଠାକୁରହାଟ ମଠ ବିମାନ, ସନ୍ଥପୁରା ମଠ, ଓଲଢ଼ି ମଠ, ନିକିରାଇ ମଠ ଓ ବାଲିଆପଦା ବିମାନ ସମେତ ଅନ୍ୟବିମାନଗୁଡିକ ଏକ ବିରାଟ ପଟୁଆର ମଧ୍ୟରେ ପୂର୍ବାହ୍ନ ୧୦ଟା ସମୟରେ ମେଲଣ ପଡିଆ ଭିତରେ ପ୍ରବେଶ କରିଥିଲେ । ବହୁ ପୁରାତନ ଏହି ମେଲଣରେ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ସମାଗମ ହୋଇଥିଲା ।



ଦୋଳ ମେଲଣର ଏକ ଝଲକ ।

## ୧୩ରେ କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ

- ପିସିସି ସଭାପତିଙ୍କ ସମେତ ଯୋଗ ଦେବେ ରାଜ୍ୟ ନେତୃମଣ୍ଡଳୀ

ରାଜନଗର, ୬।୩(ଡି.ଏନ.ଏ.)

ଆସନ୍ତା ୧୩ ତାରିଖ ଦିନ ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ରାଜନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ । ରାଜନଗର ବ୍ଲକ, ତହସିଲ ଓ ଥାନାରେ ଚାଲିଥିବା ପ୍ରିୟାପ୍ରୀତି, ପାତର ଅନ୍ତର, ଅନିୟମିତତା ପ୍ରତିବାଦରେ ବ୍ଲକ କଂଗ୍ରେସ ପକ୍ଷରୁ ସାଧାରଣ ନିର୍ବାଚନ ପରେ ପ୍ରଥମଥର ପାଇଁ ଏହି ବିକ୍ଷୋଭ ହେବାକୁ ଯାଉଛି । ଗତ ମାସ ୨୫ ତାରିଖ ଦିନ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା । ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀ ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ଦେବେନ୍ଦ୍ର ନାଥ ଶର୍ମା, ଜ୍ଞାନଦେବ ବେଉରା, ଆଇନଜୀବୀ ଧରଣୀଧର ନାୟକ, ଚିନ୍ମୟ ପ୍ରସାଦ ବେଉରା ଓ ରାଜନଗର କଂଗ୍ରେସ ନେତା ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେବେ । ଶୁକ୍ରବାର ଏ ନେଇ ବ୍ଲକ କଂଗ୍ରେସର ଦେବେନ୍ଦ୍ର କୁମାର ଜେନା, ଅନନ୍ତ ସେଠୀ, ସନ୍ତୋଷ କୁମାର ମହାନ୍ତି, ଶୁକଦେବ ଭଦ୍ର, ବିମଳ କୁମାର ବିଶ୍ୱାଳ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ରାଜନଗର ତହସିଲଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ପାଚିକା ସହାୟିକା ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ରାଜନଗର,୬।୩ (ଡି.ଏନ.ଏ.): ଓଡିଶା ମଧାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ଶୁକ୍ରବାର ୬ଦଫା ଦାବି ନେଇ ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସଂଘର ସଭାନେତ୍ରୀ ସ୍ନେହଲତା ଗାହାଣ ଓ ଉପସଭାପତି ଜଗତ୍‌ଜୀବନ ଦାଶଙ୍କ ନେତୃତ୍ୱରେ ପାଚିକା ଓ ସହାୟିକାମାନେ ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ପାଚିକା ଓ ସହାୟିକାଙ୍କୁ ବର୍ଷକୁ ଦୁଇଖଣ୍ଡ ଶାଢୀ ପ୍ରଦାନ , ରୋଷେଇ ସମୟରେ କାଠ, ପତ୍ର ବଦଳରେ ରନ୍ଧନ ଗ୍ୟାସ , ପାନୀୟ ଜଳର ସୁବ୍ୟବସ୍ଥା ଓ ମାସିକ ବେତନ ୧୪ଶହ ପରିବର୍ତ୍ତେ ୨ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ଦାବିପତ୍ର ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।

### ଶ୍ରୀ ଜଗନ୍ନାଥଙ୍କ ଜମି ବିକ୍ରି ଘଟଣା, ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ମାପଚୁପ

ରାଜନଗର, ୬।୩ (ଡି.ଏନ.ଏ.)ପୁରୀ ଶ୍ରୀ ଜଗନ୍ନାଥଙ୍କ ନାମରେ ରାଜନଗର ଅଞ୍ଚଳରେ ଥିବା ଏକ ମୂଲ୍ୟବାନ ଜମିକୁ ଚାଣକ୍ୟତା କରାଯାଇ ବିକ୍ରି କରାଯାଇଛି। ଏହି ଜମିରେ ବେଆଇନ ଭାବେ କୋଠା ନିର୍ମାଣ କରାଯାଉଛି। ଏହି ଜାଲିଆତି ସଂପର୍କରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ରାଜନଗର ତହସିଲଦାରଙ୍କୁ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ରାଜନଗର ତହସିଲଦାର ଦିବ୍ୟେନ୍ଦୁ କୁମାର ଦାସ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବର ତହସିଲଦାର ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ରାଜସ୍ୱ ନିରୀକ୍ଷକ କମଳାକାନ୍ତ ମଲ୍ଲିକ, ଅମିନ ପଦ୍ମ ଚରଣ ରାଉତ ଘଟଣାସ୍ଥଳରେ ପହଞ୍ଚି ଜଗନ୍ନାଥଙ୍କ ଜମିକୁ ମାପଚୁପ କରିଥିଲେ। ଏହି ମାପଚୁପ ରିପୋର୍ଟ ପାଇବା ପରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା କୋଠାକୁ ଖୁବଶୀଘ୍ର ଭଙ୍ଗାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ଇଚ୍ଛାପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

ଆଳି,୬।୩(ଡି.ଏନ.ଏ): ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଥିବା ରାଧାମୋହନ ଜୀଉଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରାଧାମୋହନ ଜୀଉଙ୍କ ପୂଜାକାର୍ଯ୍ୟ ପାରମ୍ପରିକ ରୀତି ଅନୁଯାୟୀ କରାଯାଇଥିଲା । ଏଥିସହିତ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଅଙ୍କୁରାରୋପଣ,କଳସଯାତ୍ରା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ ।

# କୋଲକାତାରୁ ଚେର ଲମ୍ବିଛି ମହାକାଳପଡ଼ା

**ମହାକାଳପଡା,୬।୩(ଡି.ଏନ.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ତେବେ ଅଧିକାଂଶ ଉପାନ୍ତ ଓ ଅନଗ୍ରସର ଅଞ୍ଚଳରେ ଏହାର ସୁଫଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି । ଏହାର ଫାଇଦା ନେଉଛନ୍ତି ଗାଁ ବଇଦ ବା ନକଲି ଡାକ୍ତର। ଗାଁ ଗାଁ ବୁଲି କେତେକ ନକଲି ଡାକ୍ତର ଗରିବ ରୋଗୀଙ୍କଠାରୁ ଚିକିତ୍ସା ନାଁରେ ମୋଟା ଅଙ୍କର ଅର୍ଥ ନେଇ ଶୋଷଣ କରୁଛନ୍ତି । ଏପରି କି ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ରୋଗୀ ଅକାଳରେ ମୃତ୍ୟୁମୁଖରେ ପଡିବା ଦେଖିବାକୁ ମିଳୁଛି। ନିକଟରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଜମ୍ବୁ ଅଞ୍ଚଳରେ। ଏହି ଅଞ୍ଚଳର ଜ୍ୱରରେ ପୀଡିତ ଜଣେ ମହିଳାଙ୍କୁ ନକଲି ଡାକ୍ତର କିଛି ବଟିକା ଖାଇବାକୁ ଦେବା ସହ ଇଞ୍ଜେକ୍ସନ ଦେଇଥିଲେ। ଏହାର ୧ ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ୨୦୧୪ ମସିହାରେ ଏହି ବ୍ଲକର ପିତାପାଟ ଗ୍ରାମର




ନକଲି ଡାକ୍ତରଙ୍କ ପକ୍ଷରୁ ଲଗାଯାଇଥିବା ବୋର୍ଡ।

**ଉପାନ୍ତ ଅଞ୍ଚଳରେ ନକଲି ଡାକ୍ତରଙ୍କ ରାଜ୍**

ଜଣେ ମହିଳା ଶ୍ରମିକ ନକଲି ଡାକ୍ତରଙ୍କ ଚିକିତ୍ସା ପରେ ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲ ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ ଯେ, ବ୍ଲକର ଉପକୂଳ ଅଞ୍ଚଳର ବଡିଘର, ଖରିନାସୀ, ରାମନଗର, ଜମ୍ବୁ, ଗଗୁଆ, ସୁନୀତି, କଂସାର, ବଡଦାଣ୍ଡୁଆ, ପେଟଛେଲା, ବଡଳକଣି ଆଦି ପଞ୍ଚାୟତରେ ନକଲି ଡାକ୍ତର ଅଧିକ ସଂଖ୍ୟାରେ ଥିବା ଜଣାଯାଇଛି । ଏମାନେ ଏହି ବ୍ଲକର ବିଭିନ୍ନ ସ୍ଥାନରେ କ୍ଲିନିକ ଖୋଲି ଏଲୋପାଥିକ, ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସା ନାଁରେ ରୋଗୀଙ୍କୁ ଠକିବାରେ ଲାଗିଛନ୍ତି। କେତେଜଣ କୋଲକାତା ଅଞ୍ଚଳରୁ ନକଲି ଡାକ୍ତରୀ ପ୍ରମାଣପତ୍ର ସଂଗ୍ରହ କରି ଖୁଲମଖୁଲା ଉପାନ୍ତ ଅଞ୍ଚଳରେ ନିଜର ରାଜ୍ ଚଳାଇ ଅଶିକ୍ଷିତ ନିରୀହ ରୋଗୀଙ୍କୁ ଶୋଷଣ କରୁଥିଲେ ମଧ୍ୟ କାହାରି ନଜର ନାହିଁ । ଅନଭିଜ୍ଞ ନକଲି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ରୋଗୀଙ୍କ ପାଇଁ କାଳ ହୋଇଛି । ଏହି ଡାକ୍ତରମାନେ କୋଲକାତା ଅଞ୍ଚଳରୁ ବସ ଯୋଗେ ଏଠାକୁ ଔଷଧ ମଗାଇ ରୋଗୀଙ୍କୁ ଦେଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ବାହୁ ଛାୟା ତଳେ ଏହି ନକଲି ଡାକ୍ତର ରହି ନିଜର କାୟା ବିସ୍ତାର କରି ଚାଲିଛନ୍ତି। ଅନେକ ସ୍ଥାନରେ କ୍ଲିନିକ୍ ବୋର୍ଡ ଝୁଲାଇ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ମତାମତ ନେବାରେ ଉପକୂଳ ଅଞ୍ଚଳରେ ନକଲି ଡାକ୍ତରଙ୍କୁ ଠାବ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ୨୭୯୫ ନିର୍ମାଣ ଶ୍ରମିକଙ୍କୁ ମିଳିବ ୩ କୋଟି ୪୨ ଲକ୍ଷ




**କେନ୍ଦ୍ରାପଡା ଅଫିସ, ୬।୩**

ଜିଲାରେ ଥିବା ପଞ୍ଜୀକୃତ ୨୭୯୫ ନିର୍ମାଣ ଶ୍ରମିକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଥିବା ୩ କୋଟି ୪୨ ଲକ୍ଷ ୭୭ ହଜାର ଟଙ୍କାର ସହାୟତା ରାଶି ଚଳିତ ମାସ ଶେଷ ସୁଦ୍ଧା ଦିଆଯିବ। ଏଥିସହିତ ପଞ୍ଜୀକରଣ ପାଇଁ ଆବେଦନ ପତ୍ରର ସମୀକ୍ଷା କରାଯାଇ ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନ ଅବସରରେ ସୂଚନା ମିଳିଛି।
ଜିଲା ଶ୍ରମ ବିଭାଗ ପକ୍ଷରୁ ଗୁଆଳସିଂସ୍ଥିତ କାର୍ଯ୍ୟାଳୟ ପରିସରରେ ସେବା ସପ୍ତାହ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ରାମଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଡିଭିଜନାଲ ଶ୍ରମ କମିଶନର କୁମୁଦ ରଞ୍ଜନ ଦାସ, ଶ୍ରମିକ ନେତା ଫକୀର ଚରଣ ଖଟୁଆ, ଅଶୋକ କୁମାର ତ୍ରିପାଠୀ, ଗଦାଧର ମଲ୍ଲିକ, ଗୟାଧର ଧଳ, ବାବାଜୀ ଧଳ, ବସନ୍ତ ସେଠୀ, ବିଧୁଭୂଷଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରମିକନେତାମାନେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଏକ ସମସ୍ୟା ବୋଲି ପ୍ରକାଶ କରିଥିଲେ । ଏଥିସହିତ ନିର୍ମାଣ ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟରେ ସହାୟତା ରାଶି ମିଳୁ ନ ଥିବା କ୍ଷୋଭର ସହ ପ୍ରକାଶ କରିଥିଲେ । ଅପରପକ୍ଷରେ ସମ୍ମାନିତ ଅତିଥି ପରିଡା, ଡିଭିଜନାଲ ଶ୍ରମ କମିଶନର ଦାସ ରାଜ୍ୟ ସରକାରଙ୍କର ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସ୍ୱାବଲମ୍ବୀ ପାଇଁ ୬୫ କୁଷ୍ଠ ଆକ୍ରାନ୍ତଙ୍କୁ ଆର୍ଥିକ ଅନୁଦାନ




ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା ଅଫିସ,୬।୩**

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସହରର ଉର୍ଦ୍ଧ୍ୱ ଲାଇବ୍ରେରୀରେ କୁଷ୍ଠ ରୋଗ ନିରାକରଣ ସଚେତନତା ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୫ ଜଣ କୁଷ୍ଠ ରୋଗ ମୁକ୍ତ ଓ ପୀଡିତଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ୫ ହଜାର ଟଙ୍କା ସମେତ ମୋଟ ୧୨,୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ଏଥିସହିତ ସେମାନଙ୍କୁ ଘରୋଇ ସାମଗ୍ରୀ ପ୍ରଦାନ ସହ କେତେକ ବ୍ୟକ୍ତିଙ୍କର ଯୋତା ପାଇଁ ପାଦ ମାପ ନିଆଯାଇଛି । ଯାହା ପରବର୍ତ୍ତୀ ସମୟରେ ମାଗଣାରେ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଜିଲା ବିଭାଗୀୟ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କୁଷ୍ଠ ନିବାରଣ ଅଧିକାରୀ ପ୍ରଦୀପ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କୁଷ୍ଠ ରୋଗର କାରଣ, ନିରାକରଣ, ସରକାରଙ୍କ ରୋଗୀଙ୍କ ପ୍ରତି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, ପୂର୍ବରୁ ଏହାକୁ ଜୀବନର ଏକ ଅଭିଶାପ ବୋଲି ମନେ କରାଯାଉ ଥିଲା । ଏହାର ସହଜ ଚିକିତ୍ସା ନ ଥିଲା । ତେବେ କୁଷ୍ଠ ରୋଗର ସହଜ ଚିକିତ୍ସା ସହିତ ସ୍ୱାଭାବିକ ଜୀବନ ଯାପନ ପାଇଁ ଔଷଧ ସମେତ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବା ଅତିଥିମାନେ ପ୍ରକାଶ କରିଥିଲେ । ଏଥିସହିତ ଏହି ରୋଗୀଙ୍କୁ ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା ଆଦିରେ ସାମିଲ କରାଯାଉଥିବା ସେମାନେ ଦର୍ଶାଇଥିଲେ । ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ବାଦଲ ଦାସଙ୍କ ସମେତ ବିଭାଗୀୟ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ରାଜନଗର ବାର ଆସୋସିଏଶନ ନିର୍ବାଚନ, ସମସ୍ତ ପଦବୀ ପାଇଁ ଜଣେ ଲେଖାଏ କଲେ ପ୍ରାର୍ଥିପତ୍ର ଦାଖଲ

**ରାଜନଗର, ୬।୩ (ଡି.ଏନ.ଏ.)**

ରାଜନଗର ବାର ଆସୋସିଏଶନର ପ୍ରଥମଥର ପାଇଁ ନିର୍ବାଚନ ନିମନ୍ତେ ନୋଟିଫିକେଶନ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ତ୍ରୈଲୋକ୍ୟ ନାଥ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିଲା। ୫ ତାରିଖ ଓ ୬ ତାରିଖ ୨ଦିନ ନାମାଙ୍କନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ସଭାପତି ପଦପାଇଁ ଉମେଶ ଚନ୍ଦ୍ର ଦାସ, ଉପସଭାପତି ପାଇଁ ବୀର କିଶୋର ମହାନ୍ତି, ସଂପାଦକ ପଦବୀ ପାଇଁ ଭଜକୃଷ୍ଣ ମିଶ୍ର, ଯୁଗ୍ମ ସଂପାଦକ ପାଇଁ ସୁଧାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ପଦବୀ ପାଇଁ ଦିଲୀପ କୁମାର ଦାଶ, ଲାଇବ୍ରେରିଆନ ପଦବୀ ପାଇଁ ରଶ୍ମି ରଞ୍ଜିତା ସ୍ୱାଇଁ ନାମାଙ୍କନ ପଦ ଦାଖଲ କରିଛନ୍ତି। ସମସ୍ତ ପଦବୀ ପାଇଁ ଗୋଟିଏ ଗୋଟିଏ ନାମାଙ୍କନ ପତ୍ର ଦାଖଲ ହୋଇଛି। ଚଳିତମାସ ୨୮ ତାରିଖ ଦିନ ବିଧିବଦ୍ଧ ଭାବେ କର୍ମକର୍ତ୍ତାଙ୍କ ନାଁ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ତ୍ରୈଲୋକ୍ୟ ନାଥ ସ୍ୱାଇଁ ସୂଚନା ଦେଇଛନ୍ତି।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କେନ୍ଦ୍ରାପଡା ଅଫିସ, ୬।୩**



ସହରର ଗୋପଛକ ରାସ୍ତା ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି । ତାଙ୍କର ପରିଚୟ ମିଳିନାହିଁ । ଟାଉନ ଥାନା ପୋଲିସ ମୃତଦେହକୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛନ୍ତି । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ- ୮/୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ବ୍ୟକ୍ତିଙ୍କ ବୟସ ଆନୁମାନିକ ୪୫ ବର୍ଷ ହେବ । ସେ ପଇତା ପକାଇଥିବା ବେଳେ କଳା ଧଳା ଚେକ ଶାର୍ଟ, କଫି ରଙ୍ଗର ଜ୍ୟାକେଟ ଓ କଳା ପ୍ୟାଣ୍ଟ ପିନ୍ଧିଥିବାର ଦେଖିବାକୁ ମିଳିଛି।

# ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ



**ମହାକାଳପଡା, ୬।୩ (ଡି.ଏନ.ଏ.)**

ଗୁରୁବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ବ୍ଲକ ସଭାଗୃହଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦେବାଶିଷ ରାଉତ ଯୋଗଦେଇ ପଞ୍ଚାୟତିରାଜ ଦିବସ ସମ୍ପର୍କରେ କହିଥିଲେ। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଲୋକେ ପାଇବା ଉପରେ ବିଡିଓ ଗୁରୁତ୍ୱ ଆରୋପ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପଞ୍ଚାୟତ ଅଧିକାରୀ ଇତିଶ୍ରୀ ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ପ୍ରଦୀପ କାନୁନଗୋ,ସଂଗ୍ରାମ କେଶରୀ ବେଉରା, ବ୍ଲକ ଜୀବିକା ମିଶନର ସମ୍ପର୍ଣ୍ଣା ପତି, ପ୍ରଭାତ ମଲିକ, ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, ସୁବାସ ସ୍ୱାଇଁ, ସଞ୍ଜୟ ଦାସଙ୍କ ସମେତ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

# ମଦ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

**କେନ୍ଦ୍ରାପଡା ଅଫିସ, ୬।୩**

ସହରର ବଳଗଣ୍ଡିଠାରେ ମୁଖ୍ୟରାସ୍ତାକୁ ଅବରୋଧ କରି ଛିଡା ହୋଇଥିବା ଏକ ମଦ ବୋଝେଇ ପିକଅପ ଭ୍ୟାନ୍ (ନଂ- ଓଆର ୦୫ ଏଆର ୧୭୩୧)କୁ ଟାଉନ ପୋଲିସ ଜବତ କରିଛି । ଏନେଇ ମଦ ବ୍ୟବସାୟୀ ସୁଦାମ ଚରଣ ଦାସ ଓ ଭ୍ୟାନ୍ ଚାଳକଙ୍କ ନାମରେ ନଂ.୩୪/୨୦ରେ ମାମଲା ରୁଜୁ ହୋଇଛି । ଏସଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଏହି ଭ୍ୟାନ ରାସ୍ତା ଅବରୋଧ କରି ଛିଡା ହୋଇଥିଲା । ଏଥିରେ ୧୮୯ଟି ପେଟିରେ ୨୨୬୮ ବୋତଲ ବିୟର ଲଦା ହୋଇଥିବା ଦେଖିବାକୁ ମିଳିଥିଲା । ଏହି ସୂଚନା ମିଳିବା ପରେ ତନାଘନା ହୋଇଥିଲା । ଗାଡି ଚାଳକ ଫେରାର ହୋଇ ଯାଇଥିବା ବେଳେ ମଦ ବ୍ୟବସାୟୀ କୌଣସି କାଗଜପତ୍ର ଦର୍ଶାଇ ନ ଥିଲେ ବୋଲି ଏସଆଇ ବିଶ୍ୱାଳ ସୂଚନା ଦେଇଛନ୍ତି । ଏହି ଚଢାଉରେ ଅବକାରୀ ବିଭାଗ ଏଏସଆଇ ସୟଦ ନୁର ରହିମ ସାମିଲ ଥିଲେ ।



# କ୍ରିକେଟ ଟୁର୍ନାମେଣ୍ଟ: କଳାପାହାଡ ଚାମ୍ପିୟନ

**ଆଳି,୬।୩(ଡି.ଏନ.ଏ):** କେନ୍ଦ୍ରାପଡା ନଜୱାନ ୟୁନିୟନ ଆଳି ଶାଖା ପକ୍ଷରୁ କଳାପାହାଡ ଖେଳ ପଡିଆରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପଦନପୁରକୁ ହରାଇ କଳାପାହଡ ଚାମ୍ପିୟନ ହୋଇଛି । କଳାପାହାଡ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ପଦନପୁର ଟିମ ୧୬ ଓଭରରେ ୯ ଉଇକେଟ ବିନିମୟରେ ୧୦୯ ରନ କରି ପରାସ୍ତ ହୋଇଥିଲା। କଳାପାହଡର ସେକ ଇକବାଲ ଖାଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସେକ୍ ରାଜୁ ମ୍ୟାନ ଅଫ୍ ଦି ସିରିଜ୍ ଘୋଷିତ ହୋଇଥିଲେ। କଳାପାହାଡକୁ ଚାମ୍ପିୟନ ଟ୍ରଫି ଓ ପଦନପୁରକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ପଦନପୁର, କଳାପାହାଡ, ଗୋପ, କାଜିସାହି,ରସୁଲପୁର, ମେହମୁନଗର, ମିଲତନଗର ଓ କେ.ଏନ.ୟୁ ପ୍ରଭୃତି ୮ ଟି ଦଳ ଭାଗ ନେଇଥିଲେ । ଟୁର୍ନାମେଣ୍ଟକୁ କେନ୍ଦ୍ରାପଡା ନଜୱାନ ଆଳି ଶାଖାର ସଭାପତି ଅବଦୁଲ ମତିନ୍, ସମ୍ପାଦକ କଲିମ ଖାଁ, ଉପ-ସଭାପତି ସେକ ମୁନା, ସେକ ଚମନ, ସେକ ସୋନୁ, ନଫିସ ଖାଁ, ମଣ୍ଟୁ ଖାନ, ତଫିଜୁଲ୍ଲା, ସେକ ଆସାତୁଲ୍ଲା, ସେକ ମୋଫିଜ୍,ଏହେସାନ ଖାନ, ସେକ ସଜାୟତ, ସେକ ସମିମ, ସେକ ଜସିମ, ସେକ ଆକବର ପ୍ରମୁଖ ପରିଚାଳନା କରିଥିଲେ।



ବିଜେତା ଦଳ।

# ଅଳପୁଆ-ଜଗନ୍ନାଥପୁର ରାସ୍ତା କାମ ନିମ୍ନମାନର

**ପଟ୍ଟାମୁଣ୍ଡାଇ,୬।୩ (ସ୍ୱ.ପ୍ର.)**

**ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ**

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ- ଜଗନ୍ନାଥପୁର ପୂର୍ତ୍ତ ବିଭାଗ ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଯେ, ଅଳପୁଆ ଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ୯ କି.ମି. ବ୍ୟାପୀ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟି ଥିଲା । ଏହା ଉପରେ ନିର୍ଭରଶୀଳ ୭ଟି ପଞ୍ଚାୟତର ଅଧିବାସୀ ବାରମ୍ବାର ଅଭିଯୋଗ କରିବା ପରେ ଉକ୍ତ ରାସ୍ତାର ପୁନଃ ନିର୍ମାଣ ପାଇଁ ୯କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଏଥିପାଇଁ ଅଧିକ ଅର୍ଥ ବ୍ୟୟ ଆବଶ୍ୟକ ପଡିବାରୁ ଆଉ ୨ କୋଟି ଟଙ୍କା ପରେ ମଞ୍ଜୁର କରାଯାଇଥିଲା । ତେବେ ଟେଣ୍ଡର ମାଧ୍ୟମରେ ଉକ୍ତ କାର୍ଯ୍ୟର ଠିକା ନେଇଥିବା ଠିକାଦାର ମନୋମୁଖୀ ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ ଉଠାଇଛନ୍ତି । ଏଥିନେଇ ମଙ୍ଗଳବାର ଠିକାଦାର ଓ ତାଙ୍କ ସୁପରଭାଇଜର ଅଞ୍ଚଳର କେତେଜଣ ଯୁବକଙ୍କ ସହିତ ଝଗଡା କରିଥିଲେ । ଏହି ସମୟରେ ନା ନା ଧମକ ଦିଆଯାଇଥିବା ଯୁବକମାନେ ମିଳିତ ଭାବେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ରାସ୍ତାରେ ପୂର୍ବରୁ ପଡିଥିବା ଗୋଡି ବାଲି ଆଦି ଉଠାଯାଇ ନୂଆ ପିଚୁ କାମ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ମହାନ୍ତି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ଯେ, ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ସମେତ ଯାଜପୁର, ଆଳି, କେନ୍ଦ୍ରାପଡା ଜିଲାର ଜନସାଧାରଣ ନିର୍ଭର କରିଥାନ୍ତି । ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଏହା ଏକମାତ୍ର ମୁଖ୍ୟରାସ୍ତା । ଏହାର ପୁନଃ ନିର୍ମାଣ କାମ ଠିକ ଭାବେ କରିବା ପାଇଁ ମୁରଲୀଧର ନାଥଶର୍ମା, ଗୁରୁଚରଣ ନାଥ, ପ୍ରତାପ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ଦାସ, ନିରଞ୍ଜନ ବାରିକ, ସୁରେଶ ବିଶ୍ୱାଳ, ବିଚିତ୍ର ଜେନା, ଜିଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଗଗନ ମହାଳିକ, ସମିତି ସଭ୍ୟ ସରୋଜକାନ୍ତ ଦାସ, ତରଡିପାଳ ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ଅଳପୁଆ ସରପଞ୍ଚ ରମେଶ ଦାସ , ସମିତି ସଭ୍ୟା ନମିତା ଦାସ, କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି । ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶ ଓ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନା ରାସ୍ତା କାମ ତଦାରଖ ଠିକ ଭାବେ କରିବାକୁ ଦାବି ହେଉଛି ।





ଅଭିନେତ୍ରୀ ମଲାଇକା ଅରୋରାଙ୍କ ଅଭିନୟରେ କୌଣସି ଆଗ୍ରହ ନାହିଁ। ତେବେ ଯଦି 'ଜେମ୍ସ ବଣ୍ଡ' ଫିଲ୍ମରେ କାମ କରିବାର ସୁଯୋଗ ମିଳେ ନିଶ୍ଚିତ କରିବେ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ତାଙ୍କୁ ବର୍ତ୍ତମାନ ଅନେକ ସିନେମାରେ ଅଫର ମିଳିଛି। ହେଲେ ଏବେ ସେ ଛୋଟ ପରଦାରେ କାମ କରି ଖୁସି ଥିବା କହିଛନ୍ତି। ମଲାଇକା ରିଆଲିଟି ଶୋ' 'ଇଣ୍ଡିୟାଜ୍ ବେଷ୍ଟ ଡ୍ୟାନ୍ସର' ରେ ଜଜ୍ ଭୂମିକାରେ ଦର୍ଶକଙ୍କ ସମ୍ମୁଖକୁ ଆସୁଛନ୍ତି। ପୂର୍ବରୁ ସେ 'ଝଲକ୍ ଦିଖ୍‌ଲା ଯା', 'ଇଣ୍ଡିୟାଜ୍ ଗର୍ଟ ଟ୍ୟାଲେଣ୍ଟ' ଆଦି ଶୋ'ରେ ନଜର ଆସିଥିଲେ ।

# ଖୋଲିଲା ଇଜିପ୍ଟର ପ୍ରାଚୀନ ପିରାମିଡ



**୧୪ ବର୍ଷ ଧରି ଚାଲିଥିଲା ପୁନରୁଦ୍ଧାର କାର୍ଯ୍ୟ**

**କାଏରୋ:** ଇଜିପ୍ଟରେ ଥିବା ୪,୭୦୦ ବର୍ଷ ପୁରୁଣା ପିରାମିଡକୁ ପୁଣି ଖୋଲାଯାଇଛି। ଷ୍ଟେପ୍ ପିରାମିଡ୍ ଅଫ୍ ଡିଜୋସେର ୧୪ ବର୍ଷ ଧରି ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଏହାକୁ ଲୋକଙ୍କ ପାଇଁ ପୁନର୍ବାର ଲୋକାର୍ପିତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୁସ୍ତାଫା ମେଦ୍‌ବୁଲି କହିଛନ୍ତି, ଆମେ ଏହି ପିରାମିଡ୍‌କୁ ପୁନଃ ଉଦ୍‌ଘାଟନ କରି ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ସଫଳତାର ସହ ପିରାମିଡ୍‌ର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଛୁ। ବିଶ୍ୱର କୌଣସି ପର୍ଯ୍ୟଟକ ଏଠାକୁ ଆସିପାରିବେ। ତେବେ କରୋନା ଭାଇରସ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ କେତେକ ପ୍ରତିକାରମୂଳକ ପଦକ୍ଷେପ ମଧ୍ୟ ନେଇଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାକ୍କାରା ନେକ୍ରୋପୋଲିସସ୍ଥିତ କିଙ୍ଗ୍ ଡିଜୋସେରଙ୍କ ଏହି ସମାଧିସ୍ଥଳକୁ ଇଜିପ୍ଟର ସବୁଠୁ ପ୍ରାଚୀନ ପିରାମିଡ୍ ବୋଲି ବିବେଚନା କରାଯାଉଛି। ୨୦୦୬ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଗତମାସରେ ପରଲୋକ ଘଟିଥିବା ଶାସକ ହୋସ୍‌ନି ମୁବାରକଙ୍କ ବିରୋଧରେ ଦେଶରେ ବିଦ୍ରୋହ ମୁଣ୍ଡଟେକିବାରୁ ୨୦୧୧ରେ ପୁନରୁଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ବାହାରପଟ, କରିଡର, ପାହାଚ ଆଦି ମରାମତିରେ ୧୦୪ ନିୟୁତ ଇଜିପ୍ଟ ପାଉଣ୍ଡ (ପ୍ରାୟ ୬ ନିୟୁତ ଡଲାର) ଖର୍ଚ୍ଚ ହୋଇଛି। ସ୍ଥପତି ଇମ୍‌ହୋଟେପ୍‌ଙ୍କ ଦ୍ୱାରା ନିର୍ମିତ ୬୩ ମିଟର ଉଚ୍ଚତା ବିଶିଷ୍ଟ ଏହି ପିରାମିଡକୁ ପର୍ଯ୍ୟଟକମାନେ ପରିଦର୍ଶନ କରିପାରିବେ।

# ୪ଦିନରେ ଶୁଟିଂ ହୋଇଥିଲା ଏହି ହୋଲି ଗୀତ



ଦୀପିକା ପାଦୁକୋନ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ରଣବୀର କପୁରଙ୍କ 'ୟେ ଜୱାନୀ ହେ ଦିୱାନୀ'ର ଗୀତ 'ବଲମ ପିଚ୍‌କାରୀ' ଅନ୍ୟତମ ଚର୍ଚ୍ଚିତ ହୋଲି ଗୀତ। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିବାବେଳେ ଏହି ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ହେଲେ ଏହି ଗୀତର ଶୁଟିଂ ପଛରେ କିଛି କୌତୁହଳ କାହାଣୀ ରହିଛି। ଏହି ଗୀତକୁ ଶୁଟିଂ କରିବାକୁ ୪ ଦିନ ସମୟ ଲାଗିଥିଲା। ସୂଚନା ମୁତାବକ ରଣବୀର ଓ ଦୀପିକାଙ୍କ ଏହା ପ୍ରଥମ ହୋଲି ଗୀତ, ଯେଉଁଥିରେ । ଆଦିତ୍ୟ ରୟ କପୁର ମଧ୍ୟ ଥିଲେ। ଅୟାନ ମୁଖାର୍ଜିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର 'ବଲମ ପିଚ୍‌କାରୀ' ଗୀତକୁ କୋରିଓଗ୍ରାଫର ରେମୋ ଡିସୁଜା କୋରିଓଗ୍ରାଫି କରିଥିଲେ। ରଣବୀର ଡ୍ୟାନ୍ସରେ ନିପୁଣ ଥିବା ବେଳେ ସାଢ଼େ ୩ ମିନିଟ୍‌ରେ ସେ ସମସ୍ତ ଡ୍ୟାନ୍ସ ଷ୍ଟେପ୍ ଶିଖିଯାଇଥିଲେ। ହେଲେ ଆଦିତ୍ୟ ଶିଖି ନ ଥିଲେ। ଯେତେବେଳେ ଗୀତର ଶୁଟିଂ ପାଇଁ ରଣବୀର ପ୍ରସ୍ତୁତ ହୋଇଥିଲେ ସେତେବେଳେ ଆଦିତ୍ୟ ତାଙ୍କୁ ଅଟକାଇ କହିଥିଲେ, ମୁଁ ପ୍ରସ୍ତୁତ ହୋଇନାହିଁ। ଶୁଟିଂ ପାଇଁ କେତେବେଳେ ଷ୍ଟାର ପ୍ରସ୍ତୁତ ନ ଥିଲେ ତ କେତେବେଳେ କ୍ୟାମେରା ପ୍ରସ୍ତୁତ ହୋଇପାରୁ ନ ଥିଲା। ଅୟାନ ମୁର୍ଖାଜୀ ଏହି ପର୍ବକୁ ବେଶ୍ ପସନ୍ଦ କରୁଥିବା ବେଳେ ଶୁଟିଂ ସମୟରେ ସବୁ ଷ୍ଟାର କାଷ୍ଟଙ୍କ ସହ ମିଶି ସେ ବହୁ ମଜାମସ୍ତି କରିଥିଲେ। କେତେବେଳେ କାହାକୁ ଯାଇ ରଙ୍ଗ ବୋଳି ଦେଉଥିଲେ ତ ଆଉ କାହାକୁ ସୁଇମିଂ ପୁଲ୍‌ରେ ନେଇକି ପକାଇ ଦେଉଥିଲେ। ଏତେ ରଙ୍ଗ ଖେଳା ଯାଇଥିଲା ଯେ ଏହାକୁ ଶୁଟ୍ କରିବା ପାଇଁ ପ୍ରାୟ ୪ ଦିନ ସମୟ ଲାଗିଯାଇଥିଲା। କାରଣ ପ୍ରାୟ ସମୟରେ କ୍ୟାମେରାର ଲେନ୍ସରେ ରଙ୍ଗ ଲାଗି ଯାଉଥିଲା।

# ରିଲିଜ୍ ହେଲା 'କୁଡି ନୁ ନଚାନେ ଦେ' ଗୀତ

**ମୁମ୍ବାଇ:** ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍। ଏହା ମାଧ୍ୟମରେ ସେ ବଲିଉଡ୍ ଫିଲ୍ମ, ଗୀତ ଏବଂ କଳାକାରଙ୍କୁ ପ୍ରଶଂସା ମଧ୍ୟ କରିଥାନ୍ତି। ଏବେ ସେ ଅଭିନେତ୍ରୀଙ୍କ ପ୍ରଶଂସା କରିଛନ୍ତି। ନିକଟରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଏକ ଗୀତ ରିଲିଜ୍ ହୋଇଛି। ଏହି ଗୀତରେ ଅଭିନେତ୍ରୀ କଟ୍ରିନା କୈଫ୍, ଆଲିଆ ଭଟ୍ଟ, ଅନୁଷ୍କା ଶର୍ମା, ଜାହ୍ନବୀ କପୁର, କିୟାରା ଆଡୱାନୀ, ରାଧିକା ମଦାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଅଭିନେତ୍ରୀଙ୍କୁ ଅମିତାଭ୍ ପ୍ରଶଂସା କରିଛନ୍ତି। ସେ ଟ୍ୱିଟ୍ ମାଧ୍ୟମରେ ଗୀତର ପ୍ରଶଂସା କରିବା ସହ ଲେଖିଛନ୍ତି, ସମସ୍ତ ମହିଳା ଆତ୍ମବିଶ୍ୱାସର ସହ ରୁହନ୍ତୁ, ଚମକିବା ସହ ନୃତ୍ୟ କରନ୍ତୁ। କାରଣ ଏହି ମଞ୍ଚ ହେଉଛି ଆପଣମାନଙ୍କର। ଏଥିସହ ସେ ଅନ୍ୟ ଏକ ଟ୍ୱିଟ୍ ମାଧ୍ୟମରେ ଅଭିନେତା ଇରଫାନ୍ ଖାନ୍‌ଙ୍କର ପ୍ରଶଂସା କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସର କିଛି ଦିନ ପୂର୍ବରୁ ଏହି ଗୀତଟି ରିଲିଜ୍ ହୋଇଛି। ମହିଳାଙ୍କ ଉପରେ ଗୀତଟି କେନ୍ଦ୍ରୀଭୂତ। ଫିଲ୍ମର ପ୍ରଚାର ପାଇଁ ନିର୍ମାତା ସ୍ୱତନ୍ତ୍ର ଭାବେ ଗୀତ 'କୁଡି ନୁ ନଚ୍‌ନେ ଦେ'କୁ ରଖିଛନ୍ତି।

## ସମସ୍ତ ଅଭିନେତ୍ରୀଙ୍କୁ ପ୍ରଶଂସା କଲେ ଅମିତାଭ



# ୨ ବର୍ଷ ଧରି ପ୍ଲାଷ୍ଟିକ୍ ଗଛରେ ଦେଉଥିଲେ ପାଣି

କେତେଜଣ ବ୍ୟକ୍ତି ଅଛନ୍ତି ସେମାନଙ୍କୁ ଗୋର୍ଡେନିଂ କରିବାକୁ ବହୁତ ଭଲ ଲାଗେ। ବିଭିନ୍ନ ପ୍ରକାରର ଗଛ ଲଗାଇବା ସହ ସେମାନଙ୍କର ଉଚିତ ଧ୍ୟାନ ନେବା ଯେପରି ତାଙ୍କର ପ୍ରଥମ କର୍ତ୍ତବ୍ୟ। ଜଳବାୟୁ ପରିବର୍ତ୍ତନ ଯୋଗୁ ବଢୁଥିବା ପ୍ରଦ୍ୟୁଷଣ ପାଇଁ ବର୍ତ୍ତମାନ ଲୋକେ ସଜାଗ ହେଲେଣି। ଗଛକୁ ବଞ୍ଚାଇବା ପାଇଁ ଇକୋ ଫ୍ରେଣ୍ଡଲି ଜିନିଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଅକ୍ସିଜେନ ବଢ଼ାଇବା ପାଇଁ ଲୋକମାନେ ଘର ବାହାରେ ଓ ଭିତରେ ଗଛ ଲଗାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆମେରିକାରେ ରହୁଥିବା ସେଲୀ ୱିଲ୍‌କ୍ସେ ନାମ୍ନୀ ଜଣେ ମହିଳା ଗତ ୨ବର୍ଷ ଧରି ଏକ ଗଛର ବହୁ ଯତ୍ନ ନେଉଥିଲେ। ପ୍ରତିଦିନ ଗଛକୁ ପାଣି ଦେବା ସେ କିଭଳି ସତେଜ ରହିବ ସେନେଇ ବହୁ ଯତ୍ନ ସହକାରେ କାର୍ଯ୍ୟ କରୁଥିଲେ। ନିଜ କାର୍ଯ୍ୟ ଏପଟ ସେପଟ ହୋଇପାରେ ହେଲେ ସେଲୀ ଗଛ ଯତ୍ନ ନେବାରେ କେବେ କୌଣସି ଅବହେଳା କରୁ ନ ଥିଲେ। ଉକ୍ତ ଗଛଟି ସୁନ୍ଦର ଦେଖାଯାଉଥିବା ବେଳେ ସେଲୀଙ୍କ ପ୍ରିୟ ମଧ୍ୟ ରହିଥିଲା। ହେଲେ ଦିନେ ତାଙ୍କୁ ଜଣାପଡ଼ିଲା ତାହା ଅସଲି ନୁହଁ ପ୍ଲାଷ୍ଟିକ୍‌ର ଗଛ। ସୂଚନା ମୁତାବକ ସେଲୀ ୨ବର୍ଷ ପୂର୍ବରୁ ଏକ ଗଛକୁ ଘରକୁ ଆଣିଥିଲେ। ଦେଖିବାକୁ ବହୁ ସୁନ୍ଦର ହୋଇଥିବା ବେଳେ ଏହାକୁ ସେ ରୋଷେଇ ଘରର ଝରକାରେ ଲଗାଇଥିଲେ। ପ୍ରତିଦିନ ସେ ଗଛରେ ପାଣି ଦେବା ସହ ପତ୍ରଗୁଡିକୁ ଭଲରେ ପୋଛିଥାନ୍ତି। ଯଦି ଏହି ସବୁ କାର୍ଯ୍ୟ ଆଉ କିଏ କରେ ତେବେ ସେଲୀ ବିରକ୍ତି ପ୍ରକାଶ କରିଥାନ୍ତି। କାରଣ ଉକ୍ତ ଗଛକୁ ସେ ନିଜେ ଯତ୍ନ ନେବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଗୋଟିଏ ଦିନ ସେଲୀ ଉକ୍ତ ଗଛର ଗମ୍‌ଲାକୁ ବଦଳାଇବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ ଏକ ଅନ୍ୟ ଗମ୍‌ଲା ଆଣିଥିଲେ। ଅନ୍ୟ ଗମ୍‌ଲାରେ ଗଛ ଲଗାଇବାକୁ ଯାଉଥିବା ବେଳେ ସେତେବେଳେ ତାଙ୍କୁ ଜଣାପଡ଼ିଥିଲା ଯେ, ଏହା ପ୍ଲାଷ୍ଟିକ ବା ଥର୍ମୋକଲ୍‌ର ଗଛ। ସେହି ସମୟରେ ସେଲୀ ନିରାଶ ହୋଇଯାଇଥିଲେ। ୨ବର୍ଷ ଧରି ଯେଉଁ ଗଛକୁ ଏତେ ଯତ୍ନ ନେଉଥିଲେ ତାହା ପ୍ଲାଷ୍ଟିକର ବୋଲି କିପରି ଜାଣିପାରିଲେ ନାହିଁ ସେନେଇ ଚିନ୍ତା ପ୍ରକଟ କରିଥିଲେ। ଏନେଇ ସେଲୀ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଏହାପରେ ୟୁଜର୍ସଙ୍କ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି।



# ସମୁଦ୍ରକୂଳ ଆବର୍ଜନାରୁ ଯୁବକଙ୍କୁ ମିଳିଲା ୩୦୫ ବର୍ଷ ତଳର ଖଜଣା

ରାତାରାତି ଧନୀ ହେବାକୁ କିଏ ବା ନ ଚାହେଁ। କେବଳ ଏକ ସୁଯୋଗକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି। ହେଲେ ଏଭଳି ସୁଯୋଗ କେବଳ ଭାଗ୍ୟବାନଙ୍କୁ ମିଳିଥାଏ। କିଛି ଏଭଳି ଘଟଣା ଘଟିଛି ଫ୍ଲୋରିଡାରେ। ଯେଉଁଠାରେ ସମୁଦ୍ର କୂଳ ନିକଟରେ ଥିବା ଆବର୍ଜନାରୁ ୨ଜଣ ଯୁବକଙ୍କୁ ୩୦୫ ବର୍ଷ ପୁରୁଣାର ଖଜଣା ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସେଣ୍ଟ ଲୁସିରେ ରହୁଥିବା ୪୩ ବର୍ଷୀୟ ଜୋନା ମାର୍ଟିନେଜ୍ ନିଜ ବନ୍ଧୁଙ୍କ ସହ ଏକ ଐତିହାସିକ ଜିନିଷକୁ ଖୋଜି ବାହାର କରିପାରିବାରେ ସକ୍ଷମ ହୋଇଛନ୍ତି। ସେମାନେ ଇଣ୍ଡିଆନ ରିଭର କାଉଣ୍ଟିରେ ଟର୍ଟଲ ଟ୍ରେଲ ବିଚ୍ ନିକଟରେ ପଡ଼ି ରହିଥିବା ଏକ ପୁରୁଣା ଜାହାଜରୁ ସ୍ପେନର ମୁଦ୍ରାକୁ ଖୋଜି ବାହାର କରିଛନ୍ତି। ସେମାନଙ୍କୁ ୨୨ଟି ମୁଦ୍ରା ମିଳିଥିବା ବେଳେ ଏହା ୩୦୫ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୭,୦୦୦ଡଲାର (ପ୍ରାୟ ୫,୧୬,୧୪୫ ଲକ୍ଷ ଟଙ୍କା) ହେବ। ମାର୍ଟିନେଜ୍‌ଙ୍କୁ ସମୁଦ୍ରରୁ କିଛି ନିଆରା ବା ନୂଆ ଜିନିଷକୁ ଖୋଜି ବାହାର କରିବାରେ ବେଶ୍ ରୁଚି ରହିଛି। ଏହା ପୂର୍ବରୁ ମଧ୍ୟ ପ୍ରାୟ ୬.୫ ମିଲିୟନ୍ ଡଲାର ମୂଲ୍ୟର ସୁନାକୁ ଖୋଜି ବାହାର କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରେଜେରୀ ହଣ୍ଟର ବୋଲି କୁହାଯାଏ। ଅପରପକ୍ଷେ କୁହାଯାଉଛି ୧୭୧୫ ଜୁଲାଇ ୩୧ରେ ୧୨ ସ୍ପାନିଶ୍ ଜାହାଜ ଖଜଣା ନେଇ ସ୍ପେନ୍ ଅଭିମୁଖେ ଯାଇଥିଲା। କିନ୍ତୁ ଫ୍ଲୋରିଡା ତଟରୁ କିଛି ଦୂରରେ ଏକ ଘୂର୍ଣ୍ଣିତୋଫାନ ହୋଇଥିଲା। ଏହି ଘୂର୍ଣ୍ଣିତୋଫାନରେ ୧୧ ଜାହାଜ ବୁଡ଼ିଯାଇଥିଲା ଏବଂ ସେଥିରେ ଜାହାଜରେ ଥିବା ଖଜଣାର ଏକ ବଡ଼ ଅଂଶ ମଧ୍ୟ ବୁଡ଼ିଯାଇଥିଲା। ଯାହା ଆଜି ବି ସମୁଦ୍ର ତଳେ ଦବି ହୋଇ ରହିଥିବା କୁହାଯାଉଛି।



# ରାମମନ୍ଦିରକୁ ଦାନ କରିବେ ଇସ୍‌ଲାମ୍

**ମାଟି ତଳୁ ମିଳିଲା ୧୫୦୦ ବର୍ଷର ଅଷ୍ଟଧାତୁ ମୁଦ୍ରା**

**ଆଜମଗଡ଼:** ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ସବୁ ଧର୍ମକୁ ଏଠାରେ ସମସ୍ତେ ସମ୍ମାନ କରନ୍ତି। ହେଲେ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଧର୍ମ ନାମରେ ବିବାଦ ସୃଷ୍ଟି କରୁଛନ୍ତି। ଏଭଳି ଲୋକଙ୍କ ପାଇଁ ଏକ ଜବାବ ସାଜିଛନ୍ତି ଉତ୍ତର ପ୍ରଦେଶ ଆଜମଗଡ଼ ଜିଲା ନିଜାମାବାଦ ତହସିଲ ଅନ୍ତର୍ଗତ ମଜଭିଟା ଗାଁର ମୁନ୍‌ସୀ ସୟଦ୍ ମହମ୍ମଦ ଇସ୍‌ଲାମ। ଇସ୍‌ଲାମ୍ ଅଯୋଧ୍ୟା ଯାଇ ମନ୍ଦିର ନିର୍ମାଣ ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସଙ୍କୁ ଭେଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ପ୍ରାଚୀନ ଅଷ୍ଟଧାତୁ ମୁଦ୍ରା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମୁଦ୍ରାକୁ ବିକ୍ରିକରି ଉକ୍ତ ଅର୍ଥ ରାମମନ୍ଦିର ନିର୍ମାଣ କାର୍ଯ୍ୟରେ ଲଗାଇବାକୁ ସେ ନିବେଦନ କରିବେ ବୋଲି କହିଛନ୍ତି। ଇସ୍‌ଲାମ୍‌ଙ୍କ ବିଶ୍ୱାସ ଯେ, ରାମ ଏବଂ ଆଲ୍ଲା ହେଉଛନ୍ତି ଏକ। ତାଙ୍କୁ ଦେଖିବାରେ ଲୋକଙ୍କ ଦୃଷ୍ଟିଭଙ୍ଗୀ ହିଁ କେବଳ ଭିନ୍ନ। ଇସ୍‌ଲାମ୍ ଦୀର୍ଘବର୍ଷ ହେଲା ସହରରେ ରହିଆସୁଛନ୍ତି। ପରିବାର ବଢ଼ିବାରୁ ସେ ନିଜ ପୈତୃକ ଗ୍ରାମ ମଜଭିଟାସ୍ଥିତ ପୁରୁଣା ଘର ଭାଙ୍ଗି ନୂତନ ଘର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୯ ନଭେମ୍ବର ୩୦ରେ ଗାଁ ଘର ଭାଙ୍ଗି ଖୋଳିବା ସମୟରେ ମାଟିତଳୁ ପ୍ରାୟ ୧୫୦୦ ବର୍ଷ ପୁରୁଣା ୨ ଅଷ୍ଟଧାତୁ ମୁଦ୍ରା ମିଳିଥିଲା। ମୁଦ୍ରାର ଗୋଟିଏ ପାର୍ଶ୍ୱରେ ରାମ, ସୀତା ଏବଂ ଅନ୍ୟ ପାର୍ଶ୍ୱରେ ରାମ, ସୀତା ଓ ହନୁମାନଙ୍କ ଚିତ୍ର ରହିଛି। ମୁଦ୍ରାରେ ଭଗବାନଙ୍କ ଚିତ୍ର ଥିବାରୁ ତାହା ବ୍ୟକ୍ତିଗତ କାମରେ ନ ଲାଗି ମନ୍ଦିର କାର୍ଯ୍ୟରେ ଲାଗିବା ଉଚିତ ବୋଲି ସେ ଅନୁଭବ କରିଛନ୍ତି। ତେବେ ଇସ୍‌ଲାମ ସହରରେ ଥିବା ସମୟରେ ତାଙ୍କ ଅଜାଣତରେ ଗାଁରେ ସ୍ତ୍ରୀ ଗୋଟିଏ ମୁଦ୍ରା ସୁନା ଦୋକାନରେ ବିକ୍ରି କରିଦେଇଥିବାବେଳେ ଦୋକାନୀ ମୁଦ୍ରା ମୂଲ୍ୟବାନ ବୋଲି ଜାଣିପାରି ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଦେଇଥିଲେ। ଇସ୍‌ଲାମ୍ ଏ ବିଷୟରେ ଜାଣି ଦୁଃଖ ପ୍ରକାଶ କରିବା ସହ ଅନ୍ତତଃ ଅନ୍ୟ ମୁଦ୍ରାଟି ମନ୍ଦିର କାର୍ଯ୍ୟରେ ଲାଗିବା ଆବଶ୍ୟକ ବୋଲି ଚିନ୍ତା କରିଛନ୍ତି। ଏଥିପାଇଁ ସେ ଜିଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପରେ ଇସ୍‌ଲାମଙ୍କ ବିଶ୍ୱାସ ହୋଇ ନ ଥିଲା। ତେଣୁ ବୁଧବାର ସେ ନିଜେ ଅଯୋଧ୍ୟା ଯାଇ ମହନ୍ତଙ୍କୁ ମୁଦ୍ରା ଦେବା ସହ ଏହାକୁ ବିକ୍ରି କରି ମନ୍ଦିର କାର୍ଯ୍ୟରେ ଲଗାଇବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହାସହ ସେ ଭଗବାନ ରାମଙ୍କ ଦର୍ଶନ ମଧ୍ୟ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜଣେ ସଚ୍ଚା ହିନ୍ଦୁସ୍ତାନୀଙ୍କ ହୃଦୟରେ ରାମ ଓ ରହିମ୍ ଦୁହେଁ ବାସ କରନ୍ତି। ତେଣୁ ସେ ରାମଙ୍କ କାମରେ ଆସିପାରିଲେ ଭାଗ୍ୟବାନ ମନେ କରିବେ। ସେହିପରି ମଜଭିଟା ଗ୍ରାମ ମୁଖ୍ୟ ମିଶମ୍ ଆବ୍ବାସ ଇସ୍‌ଲାମଙ୍କ ନିଷ୍ପତ୍ତିକୁ ନେଇ ଗୌରବାନ୍ୱିତ ବୋଲି କହିଛନ୍ତି। ଏହାଦ୍ୱାରା ଭାତୃଭାବ ବଢ଼ିବ। ତେଣୁ ଆମେ ଦୁହେଁ ଅଯୋଧ୍ୟା ଯାଇ ମୁଦ୍ରା ଦେଇ ଆସିବୁ ବୋଲି କହିଛନ୍ତି।



# ଯୁବତୀଙ୍କ ମନ୍ଦିର ଦର୍ଶନ ଭିଡିଓ ଭାଇରାଲ

ସମୟ ଅଭାବରୁ କିଛି ଲୋକ ମନ୍ଦିର ବାହାରୁ ଦର୍ଶନ କରି ପଳାଇଯିବାର ନଜିର ରହିଛି। ସମୟ ବଞ୍ଚାଇବା ଆଳରେ ମନ୍ଦିର ବାହାରୁ ହାତ ଯୋଡି ପଳାଇଥାନ୍ତି। ହେଲେ ଜଣେ ଯୁବତୀଙ୍କୁ ନିଜର ସମୟ ବଞ୍ଚାଇବା ମହଙ୍ଗା ପଡ଼ିଛି। ତାଙ୍କସହ କିଛି ଏଭଳି ଘଟିଛି ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯାହା ଏବେ ଟ୍ରେଣ୍ଡ ହେବାରେ ଲାଗିଛି। ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ଯୁବତୀ ମନ୍ଦିର ବାହାରେ ହାତ ଯୋଡି ସାରିବା ପରେ ଗାଡି ଷ୍ଟାର୍ଟ କରି ପଳାଇଯାଉଛନ୍ତି। ହେଲେ ତାଙ୍କ ହାତରୁ କ୍ଲଚ୍ ଛାଡିଯିବାରୁ ଗାଡି ସିଧା ମନ୍ଦିର ଭିତରକୁ। କଥା କ'ଣ ସେଇଠି ସରିଲା। ଯୁବତୀ ଜଣଙ୍କ ତରତର ହୋଇ ମନ୍ଦିର ଦର୍ଶନ ସାରି ଫେରିବାକୁ ଚେଷ୍ଟା କରୁଥିଲେ। ହେଲେ ଗାଡି ଏକାଥରକେ ତାଙ୍କୁ ମନ୍ଦିର ଭିତରକୁ ନେଇ ନନ୍ଦିଙ୍କ ପାଖରେ ପହଞ୍ଚାଇ ଦେଇଥିଲା। ସେଠାରେ ଗାଡିସହ ପଡ଼ିଯିବାରୁ ଯୁବତୀଙ୍କୁ ଜଣେ ମହିଳା ଉଠାଇଥିଲେ। ଏହାପରେ ଯୁବତୀ ଗାଡି ଧରି ସେଠାରୁ ପଳାଇଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଏବେ ଭାଇରାଲ ହୋଇଥିବା ବେଳେ ଏହାକୁ ଏପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ଦେଖିସାରିଲେଣି। ଏଥିସହ ଏହାକୁ ନେଇ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଲୋକେ ଏହାକୁ ଭିଆଇପି ଦର୍ଶନ ବୋଲି କହିଛନ୍ତି।

## ସଂକ୍ଷେପରେ

### ହୋଲି ଖେଳିବେନି ରାଜ୍ୟପାଳ

**ଭୁବନେଶ୍ୱର, ୬।୩(ବ୍ୟୁରୋ):** ଏଥର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ହୋଲି ଖେଳିବେନି। ହୋଲି ମିଳନ ଯୋଗୁ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ଥିବାରୁ ରାଜ୍ୟପାଳ ହୋଲି ଖେଳିବେ ନାହିଁ ଏଥିସହିତ କୌଣସି ହୋଲି ମିଳନ ଓ ଉତ୍ସବ ଆଦିରେ ଯୋଗଦେବେ ନାହିଁ ବୋଲି ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଭୟାବହ କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ନିମନ୍ତେ ପ୍ରତ୍ୟେକେ ସତର୍କତାମୂଳକ ପଦକ୍ଷେପ ନେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ଆଜି ୧୧ କୁଳପତିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ବିଶ୍ୱବିଦ୍ୟାଳୟଗୁଡିକର କୁଳପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକ ବୈଠକ କରିବେ। ସେ ଉଚ୍ଚଶିକ୍ଷା ବିଭାଗର ୧୧ଜଣ କୁଳପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ କିପରି କ୍ୟାମ୍ପସରେ ଶାନ୍ତି ବଜାୟ ରହିବ, ପାଠପଢା ଠିକ୍ ହେବ ସେସବୁ ବିଷୟରେ ଆଲୋଚନା ହେବ। ଏହାସହ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟରେ କିପରି ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଭଲ ରହିବ, ଅଧିକ ରିସର୍ଚ୍ଚ କରାଯାଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ସେ ନେଇ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ କୁଳପତିଙ୍କ ସହ ଆଲୋଚନା କରିବା ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମଧ ମନ୍ତ୍ରୀ ସବୁ କୁଳପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

### ମୋ ପରିବାର ସଙ୍ଗଠନର ସହାୟତାରୁ ଫେରିଲା ମୃତଦେହ

**ଭୁବନେଶ୍ୱର,୬।୩(ବ୍ୟୁରୋ):** କର୍ନାଟକର ବାଙ୍ଗାଲୋରରେ ମୃତ୍ୟୁ ହୋଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହକୁ ରାଜ୍ୟକୁ ଅଣାଯାଇପାରିଛି। ଓଡ଼ିଶା:ମୋ ପରିବାର ସଙ୍ଗଠନର ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଥିବା ଜଣାପଡିଛି। ବାଙ୍ଗାଲୋରସ୍ଥିତ ଏକ ଏଲ୍.ଇ.ଡି.ଫ୍ୟାକ୍ଟ୍ରିରେ କାମ କରୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡିର ପତଣ୍ଡା ଗ୍ରାମର ଓଡ଼ିଆ ଶ୍ରମିକ ସିକା ସନାତନଙ୍କ ଗତ ୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସିକାଙ୍କ ମୃତ୍ୟୁ ଖବର ପରିବାରବର୍ଗ ପାଇବା ପରେ ତାଙ୍କ ମୃତଦେହ ଆଣିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା। ଏହି ଖବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟିକୁ ଆସିବା ପରେ ସେ ତତ୍କ୍ଷଣାତ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏହା ପରେ ଅରୂପ ସମସ୍ତ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)କୁ ଅବଗତ କରାଇଥିଲେ। ଏହା ପରେ ସନାତନଙ୍କ ମୃତଦେହ ଫେରାଇବା ପାଇଁ ମିଳିତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନ ୨ଟା ୨୦ ମିନିଟ୍‌ରେ ସନାତନଙ୍କ ଶବ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ତାଙ୍କ ମୃତଦେହକୁ ଗ୍ରହଣ କରିବା ପାଇଁ ବିମାନବନ୍ଦରରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୋ ପରିବାର ସଦସ୍ୟା ଡେଜାଲିନ୍ ମହାପାତ୍ର,ସମୀର ପ୍ରଧାନ, ପରାମର୍ଶଦାତା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସନାତନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ମହିଳା ପୋଲିସଙ୍କୁ ମିଳୁଛି କର୍ମକ୍ଷେତ୍ରରେ ନିର୍ଯାତନା


ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ।

**ଦେଶର ପ୍ରଥମ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ**

**କଟକ ଅଫିସ, ୬।୩:** କଟକସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିୟନ୍ ପରିସରରେ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ଦେଶରେ ପ୍ରଥମ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଉଛି। ଏହି ସମ୍ମିଳନୀରେ ଭାଗ ନେଇଥିବା ମହିଳା ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କୁ କେମିତି କାର୍ଯ୍ୟକ୍ଷେତ୍ରରେ ନିର୍ଯାତନାର ଶିକାର ହେବାକୁ ପଡୁଛି, ସେନେଇ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି କିମ୍ବା ଠିକ୍ ଭାବେ ତଦନ୍ତ କରାଯାଉନି। ସେହିଭଳି ପଦୋନ୍ନତିରେ ଅବହେଳା ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ନେଇ ମହିଳା ପୋଲିସ ଅଧିକାରୀମାନେ ସେମାନଙ୍କ ଅନୁଭୂତି ରଖିଥିଲେ।

ଏହି ସମ୍ମିଳନୀରେ ୪ଜଣ ମହିଳା ଆଇପିଏସ୍, ଜଣେ ଏସ୍‌ପି, ୧୨ଜଣ ଡିଏସ୍‌ପି, ୧୨ଜଣ ଭାରପ୍ରାପ୍ତ ଡିଏସ୍‌ପି, ୨୯ଜଣ ଇନ୍ସପେକ୍ଟର, ୧୭ଜଣ ସବ୍-ଇନ୍ସପେକ୍ଟର, ୮ଜଣ ଏଏସ୍ଆଇ, ୨ଜଣ ହାବିଲଦାର, ୩ଜଣ ଲାନ୍ସ ନାଏକ ଏବଂ ୪୮ଜଣ କନଷ୍ଟେବଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ୪ଟି ଟିମ୍‌ରେ ଭାଗ କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ୍‌ଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା ପୋଲିସଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବାଧକ ନେଇ ଆଲୋଚନା ହୋଇଥିଲା। ସେହିପରି ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ, ଗଜପତି ଏସ୍‌ପି ସାରା ଶର୍ମାଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ୟୁନିଫର୍ମ ଏବଂ ଅନ୍ୟାନ୍ୟ ସାମଗ୍ରୀ, କଟକ ଭିଜିଲାନ୍ସ ଏସ୍‌ପି ଅଶ୍ୱିନୀ କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଟିମ୍‌ରେ ମହିଳା କ୍ରୀଡା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଭାଗନେଇଥିବା ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପରୋକ୍ତ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧିକାରୀମାନେ ମହିଳା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଅଣଦେଖା କରାଯିବା, ଅଧିକ ପଦବୀରେ ମହିଳାଙ୍କୁ ନିଯୁକ୍ତି, ପ୍ରସବ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ମାସିକ ଋତୁସ୍ରାବ ପାଇଁ ମାସକୁ ଗୋଟିଏ ଦିନ ଛୁଟି, ଗର୍ଭାବସ୍ଥା ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନରେ କୋହଳ, ସୁରକ୍ଷିତ ପରିବେଶ ଏବଂ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ୟୁନିଫର୍ମ ଡିଜାଇନ୍ ପାଇଁ ପ୍ରସ୍ତାବ ଦେଇଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ଅଭୟ ଯୋଗଦେଇ କହିଥିଲେ, ମହିଳା ଥାନାକୁ ଛାଡି ରାଜ୍ୟରେ ୧୦୨ଟି ଥାନାର ଆଇଆଇସି ହେଉଛନ୍ତି ମହିଳା। ମୋଟ୍ ଥାନାର ୨୦ପ୍ରତିଶତ ଏମାନେ ନେତୃତ୍ୱ ନେଉଛନ୍ତି। ଦେଶରେ ଏହା ସର୍ବାଧିକ। ଆଗାମୀ ଦିନରେ ଏହାକୁ ୫୦ ପ୍ରତିଶତରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ପୋଲିସ ଅଧିକାରୀଙ୍କ ପାଇଁ ଅଧିକ ସଂଖ୍ୟକ ମୋବାଇଲ୍ ଶୌଚାଳୟ, ସ୍ୱତନ୍ତ୍ର ୟୁନିଫର୍ମ, ଲିଙ୍ଗଗତ ଭେଦଭାବ ରୋକିବା, ଗର୍ଭଧାରଣ ଏବଂ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନ ଦିଗରେ କ'ଣ ସବୁ ବ୍ୟବସ୍ଥା କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି ଡିଜିପି କହିଥିଲେ। ନିର୍ଯାତନା ମାମଲାଗୁଡିକୁ ଠିକ୍ ସମୟରେ ତଦନ୍ତ କରାଯିବା ସହ ପୁରୁଣା ଗାଡିଗୁଡିକୁ ମୋବାଇଲ୍ ଶୌଚାଳୟ ଭାବେ ବ୍ୟବହାର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାରେ ମହିଳା ପୋଲିସ ଅଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଯୋଗୁ ଆଗାମୀ ଦିନରେ ସେମାନେ ଦେଶରେ ପୋଲିସ ବିଭାଗର ନେତୃତ୍ୱ ନେବେ ବୋଲି ଅଭୟ ଆଶା ପ୍ରକାଶ କରିଥିଲେ। ଆଇଜି(ତାଲିମ) ଏସ୍. ସାଇନି ଆଲୋଚନାର ବିଷୟ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଜି, ଡିଆଇଜି, ଏସ୍‌ପି ଏବଂ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇଜି(ଆଧୁନିକୀକରଣ) ରେଖା ଲୋହାନୀ ଧନ୍ୟବାଦ ଦେଇଥିଲେ।

## ଏପ୍ରିଲ ୩ରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟାଯିବ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**


ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ସମ୍ବନ୍ଧୀୟ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆବଶ୍ୟକ ଥିବା ୨,୪୯,୫୪,୧୨୭ ପାଠ୍ୟପୁସ୍ତକ ମଧ୍ୟରୁ ୨,୪୨,୧୪,୭୧୨ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡ଼ିକୁ ବିତରଣ କରାଯାଇଛି। ଯାହାକି ୯୯ ପ୍ରତିଶତ ଅଟେ। ଆସନ୍ତା ଏପ୍ରିଲ ୩ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବିତରଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ନବମ ଓ ଦଶମ ଶ୍ରେଣୀସ୍ତରରେ ଆବଶ୍ୟକ ପଡୁଥିବା ପ୍ରାୟ ୮ ଲକ୍ଷ ପାଠ୍ୟପୁସ୍ତକ ମୁଦ୍ରଣ କରାଯାଇ ୨୦ ତାରିଖ ସୁଦ୍ଧା ସମସ୍ତ ବିତରଣକାରୀଙ୍କୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମାର୍ଚ୍ଚ ୨୪ ତାରିଖରୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୨.୫ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବିତରଣ ଏହି ସମୟ ମଧ୍ୟରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷଠାରୁ ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟ ବର୍ଷ ତମାମ କାର୍ଯ୍ୟକ୍ରମର ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରମେଶ କେର୍‌କେଟା, ଯୁଗ୍ମ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଶିକ୍ଷା ପରାମର୍ଶଦାତା ଖଗେନ୍ଦ୍ର କୁମାର ପାଢ଼ୀ, ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଜେରା କରିବ ଇଡି



**ଭୁବନେଶ୍ୱର, ୬।୩ (ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜେରା କରିବ। ଅନାମଙ୍କ ନାମରେ ସମୁଦାୟ କେତେ ଟଙ୍କାର ସମ୍ପତ୍ତି ରହିଛି, ଏଥିରୁ ସେ କେତେ ଆୟ କରିଛନ୍ତି ଏବଂ କେତେ ଆୟ ବହିର୍ଭୂତ ସେନେଇ ଖୋଳତାଡ଼ କରାଯିବ। ଏଥିଲାଗି ଇଡି ଅଫିସରେ ହାଜର ହେବା ପାଇଁ ତାଙ୍କୁ ଖୁବ୍ ଶୀଘ୍ର ନୋଟିସ କରାଯିବ ବୋଲି ଜଣାପଡ଼ିଛି।

ଗତ ଜାନୟାରୀ ୧୭ତାରିଖରେ ଅନାମଙ୍କ ଭବାନୀପାଟଣା ସହରସ୍ଥ ନାକଟିଗୁଡା ବାସଭବନ, ପୁରୁଣାପଡ଼ା ଛକ ନିକଟ ନିର୍ମାଣାଧୀନ ଲଜ୍ ଓ ମଦନପୁର-ରାମପୁରସ୍ଥିତ ହୋଟେଲ ଉପରେ ଭିଜିଲାନ୍ସର ତିନିଟି ଟିମ୍ ଏକକାଳୀନ ଚଢାଉ କରିଥିଲେ। ଯାଞ୍ଚ ବେଳେ ମୋଟ୍ ୩କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ ହଜାର ଟଙ୍କାର ସୁନାଗହଣା, ନଗଦ ୧୩ ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ମଧ ଭିଜିଲାନ୍ସ ଠାବ କରିଥିଲା। ଏହି ସମ୍ପତ୍ତିଗୁଡ଼ିକର ହିସାବ ଓ ତଦନ୍ତ ବେଳେ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କାର ସମ୍ପତ୍ତି ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇବା ପରେ ଅନାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯୮୫ ଜାନୁୟାରୀରେ ରାଜସ୍ୱ ବିଭାଗରେ ଅନାମ କନିଷ୍ଠ କିରାଣି ଭାବେ ଯୋଗଦେଇଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ପରବର୍ତ୍ତୀ ସମୟରେ ସେ ରାଜନୀତିରେ ଯୋଗଦେଇଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ କିଛିଦିନ ତଳେ ଜାମିନରେ ଆସି ଘରେ ରହିଛନ୍ତି।

## ଚିନିକଲ ପୁନଃ ଚାଲୁ ଦାବିରେ ନୟାଗଡ଼ ବନ୍ଦ

**ନୟାଗଡ ଅଫିସ, ୬।୩**



ନୟାଗଡ଼ ଷ୍ଟେଶନଠାରେ ସେବା ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଯାଇଛି।

ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଲ ପୁନଃ ଚାଲୁ କରିବା ଦାବିରେ ଶୁକ୍ରବାର ନୟାଗଡ଼ ବନ୍ଦ ପାଳନ କରାଯାଇଛି। ଚିନିକଲ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ଦୋକାନବଜାର, ଯାନବାହନ ଚଳାଚଳ ବନ୍ଦ କରାଇଥିଲେ। ଏପରି କି ଟ୍ରେନ ଚଳାଚଳ ବନ୍ଦ କରିଥିଲେ । ଫଳରେ ସେବା ଏକ୍ସପ୍ରେସ୍ ସକାଳ ୬.୪୦ରେ ଯାଇ ପାରି ନ ଥିଲା । ଏଠାରେ ଆନ୍ଦୋଳନକାରୀଙ୍କୁ ପୋଲିସ ସାଢ଼େ ୮ଟାରେ ଗିରଫ କରିନେବା ପରେ ଏକ୍ସପ୍ରେସ୍ ୮.୪୦ରେ ଛାଡିଥିଲା । ସେହିପରି ଜିଲାର ଅଧିକାଂଶ ସ୍ଥାନରେ ସ୍କୁଲ, କଲେଜ ବନ୍ଦ ରହିଥିବାବେଳେ ସରକାରୀ କାର୍ଯ୍ୟାଳୟ କିନ୍ତୁ ଖୋଲା ରହିଥିଲା। ନୟାଗଡ ଜିଲା ସଦର ମହକୁମାର ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ବନ୍ଦ ରହିଥିଲା। ଯାନବାହନ ଚଳାଚଳ କରି ନ ଥିଲା । ଦଶପଲ୍ଲାରେ ଓକିଲମାନେ ବନ୍ଦକୁ ସମର୍ଥନ କରି କାର୍ଯ୍ୟବନ୍ଦ କରିଥିଲେ।

ସକାଳ ୬ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନକାରୀ ନୟାଗଡ ବସ୍‌ଷ୍ଟପରେ ଗାଡି ଚଳାଚଳକୁ ବନ୍ଦ କରିଥିଲେ । ଚିନିକଲ କ୍ରିୟାନୁଷ୍ଠାନ କମିଟିର ଆବାହକ ବିଶ୍ୱନାଥ ମହାପାତ୍ର, ସାଧାରଣ ସମ୍ପାଦକ ମନୋଜ ସାହୁ ଓ ସନ୍ତୋଷ ପ୍ରଧାନ, ସଂଯୋଜକ ଶିବରାମ ମହାପାତ୍ର, ଚିନିକଲ କର୍ମଚାରୀ ସଂଘ ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ତେବେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରି ନେବା ପରେ ସାଢ଼େ ୯ଟାରେ ଆନ୍ଦୋଳନ ଠପ ହୋଇଯାଇଥିଲା । ଅପରାହ୍ନରେ ନୟାଗଡ଼ ସହରର ଦୋକାନ ବଜାର ଖୋଲିଥିଲା । କିଛି ଯାନବାହନ ଚଳାଚଳ କରିଥିଲା ।

## ଟିଟିପିଏସ୍ ପାଇପ୍ ଫାଟି ମାଡ଼ିଗଲା ପାଉଁଶପାଣି


ଜଗନ୍ନାଥପୁର ଗ୍ରାମର ଏକ ଘରେ ପଶିଯାଇଥିବା ପାଉଁଶ ପାଣି।

- କେତେଜଣଙ୍କ ଘର, ଚାଷଜମି କ୍ଷତିଗ୍ରସ୍ତ
- ଜଗନ୍ନାଥପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ
- କ୍ଷତିପୂରଣ ସହ ପାଉଁଶ ସଫା କରିବେ କର୍ତ୍ତୃପକ୍ଷ

**ତାଳଚେର, ୬।୩ (ନି.ପ୍ର.):** ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଆଶ୍ ପାଇପ୍ ଶୁକ୍ରବାର ଜଗନ୍ନାଥପୁର ଗ୍ରାମ ନିକଟରେ ଫାଟି ଯିବାରୁ କେତେଜଣଙ୍କ ଘର ସହ ଚାଷ ଜମିରେ ପାଉଁଶ ପାଣି ମାଡ଼ିଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଖବରପାଇ ଥର୍ମାଲ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍ ମରାମତି କରିବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଓ ପାଉଁଶ ସଫେଇ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଟିଟିପିଏସ୍‌ରୁ ନିର୍ଗତ କୋଇଲା ପାଉଁଶକୁ ପାଇପ୍ ମାଧ୍ୟମରେ (ପାଣି ସହିତ ସ୍ଲରି କରାଯାଇ) ଏମ୍‌ସିଏଲ୍‌ର ଥିବା କୋଇଲା ଖଣିରେ ପକାଯାଇଥାଏ। ତାଳଚେରର ଜଗନ୍ନାଥପୁର ଗ୍ରାମ ନିକଟ ଦେଇ ଏହି ପାଉଁଶ ପାଇପ୍ ଯାଇଛି। ସକାଳ ପ୍ରାୟ ୬ଟା ବେଳେ ହଠାତ ଉକ୍ତ ପାଇପ୍ ଫାଟି ଯାଇଥିଲା। ଫଳରେ ମୂଷଳ ଧାରାରେ ପ୍ରବାହିତ ପାଉଁଶ ପାଣି ଗ୍ରାମର ଚାରୁ ବାରିକ, ଦୟାନନ୍ଦ ସାହୁ, ଅରୁଣ ସାହୁ, ବାବୁଲି ନାଏକ, ଜଳଧର ଦାସଙ୍କ ଘରେ ପଶିଯିବା ସହ ରାସ୍ତା ଓ ବହୁ ଚାଷ ଜମିରେ ମାଡ଼ି ଯାଇଥିଲା। ଚାରିଆଡେ ପାଉଁଶମୟ ହୋଇଯିବା ଯୋଗୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ଟିଟିପିଏସ୍ କର୍ତ୍ତୃପକ୍ଷ ତୁରନ୍ତ ପାଇପ୍‌ରେ ପ୍ରବାହିତ ପାଣିକୁ ବନ୍ଦ କରିବା ସହ ମରାମତି କାର୍ଯ୍ୟ କରିଥିଲେ। ସ୍ଥାନୀୟ ସରପଞ୍ଚ, ପୋଲିସ, ଟିଟିପିଏସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ କ୍ଷୟକ୍ଷତିକୁ ନେଇ ଚାଇଁପାଳ ଫାଣ୍ଡିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ, ୩ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ ଓ ଘର ଭିତରେ ଜମା ହୋଇଥିବା ପାଉଁଶକୁ ସଫା କରାଯିବ ବୋଲି ବୈଠକରେ ଟିଟିପିଏସ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଫାଣ୍ଡି ଅଧିକାରୀ ଗୋକୁଳାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।


**Office of the District Manager**

**Odisha State Civil Supplies Corporation Ltd., (OSCSC)**

**KHORDHA (District)**

Phone: 2296066, District Website: www.khordha.nic.in

**Tender No. 1645** **Dt. 04.03.2020**

**No. CAD-1075:-** District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1. | Name of the Work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) of Khordha District. |
| 2. | Availability of bid document in the portal | From 06.03.2020 |
| 3. | Last Date / Time for receipt of bids in the portal | Dt.26.03.2020 upto 5.30 PM |
| 4. | Date / Time of opening of Technical Bid | Dt.27.03.2020 upto 11.00 AM |
| 5. | Name and address of the Officer Inviting Tender | District Manager, OSCSC Ltd., KHORDHA (District) |

Tender documents & other details can be seen from the e-Procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / Corrigendum / Cancellation / retenders etc. if any shall be published only in above websites.

*Sd./- District Manager, OSCSC Ltd., Khordha*

OIPR-07007/11/0009/1920

**NOTICE INVITING TENDER**

**Office of District Manager**

**Odisha State Civil Supplies Corporation Ltd. (OSCSC)**

**BARGARH (District)**

**TENDER No.1404** **Phone : 06646-234042** **Dated : 04.03.2020**

**Cost of Tender Document :- Rs.11800/- Inclusive of GST.**

Online Tenders are invited from eligible tenderers for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 06.03.2020 Downloadable from website: **www.oscsc.in**, **www.foododisha.in** & **www.tendersodisha.gov.in** |
| 2 | Date, time and venue for pre-bid conference | On dt **17.03.20** at **11.00AM.** Place: **O/o CSO-Cum-Dist. Manager, OSCSC Ltd., Bargarh** |
| 3 | Last date and time for online submission of completed Tender Documents with enclosures | Through e-Procurement Portal : **www.tendersodisha.gov.in** up to 5.00 PM of dt.21.03.2020 |
| 4 | Date, time and venue for opening of Technical Bid by the Tender Committee | On dt 23.03.2020 at 11.00 AM. place: Conference Hall of Collectorate, Bargarh |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 25.03.2020 at 11.00 AM. Place: Conference Hall of Collectorate, Bargarh** |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7 | Venue of the opening of Technical & Financial Bids | **Conference Hall of Collectorate, Bargarh** |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone No. | **(i) OSCSC Ltd.:-** District Manager :- **No.9438200033,** Accounts Head. **No.9937355252** (ii) State Procurement Cell :- **0674-2530998 / 18003456765** |

**N.B:** 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in, www.oscsc.in & www.foododisha.in.**

**Sd./- District Manager**
**OSCSC Ltd., Bargarh**

# ବିଜ୍ଞପ୍ତି ପରେ ପ୍ରାର୍ଥୀତ୍ୱ ଚର୍ଚ୍ଚା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଦେଶର ୧୭ଟି ରାଜ୍ୟରେ ଖାଲି ହେବାକୁ ଯାଉଥିବା ୫୫ଟି ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୨୬ରେ ନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରୁ ଓଡ଼ିଶାର ୪ଟି ଆସନ ଖାଲିହେବାକୁ ଯାଉଛି। ତେବେ ଏହି ଆସନକୁ ନେଇ ରାଜନୈତିକ ଅଙ୍କକଷା ଜୋର୍ ଧରିଥିବାବେଳେ ଭାଜପା ପ୍ରାର୍ଥୀ ଦେବ ବୋଲି ଜଣାପଡ଼ିଛି। ଭାଜପା ଯଦି ପ୍ରାର୍ଥୀ ଦିଏ ତେବେ ବିଜେଡି ପକ୍ଷରୁ ସମର୍ଥନ ମିଳିବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ଆସନ ମଧ୍ୟରୁ ବିଧାନସଭା ସଂଖ୍ୟା ଅନୁଯାୟୀ ୩ଟି ବିଜେଡି ସପକ୍ଷରେ ଯିବା ନିଶ୍ଚିତ। କେବଳ ୪ର୍ଥ ଆସନ କାହାର ଡାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ସଂଖ୍ୟା ଅନୁଯାୟୀ ଗଲେ ମଧ୍ୟ ଶେଷ ଆସନଟି ବିଜେଡି ହାତେଇବାରେ ସେମିତି କିଛି ଅସୁବିଧା ନାହିଁ। ସିପିଆଇ ବିଧାୟକ ଏବଂ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ସମର୍ଥନ ବିଜେଡି ସପକ୍ଷରେ ରହିବାର ଆଲୋଚନା ହେଉଛି। ଅପରପକ୍ଷେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ମଧ୍ୟ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି।

ମୁଖ୍ୟମନ୍ତ୍ରୀ ପ୍ରତିଥର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ସମୟରେ ଲୋକଙ୍କୁ ଚକିତ କରିବା ଭଳି ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଆସୁଛି। ଯାହାକୁ ଦଳ ପ୍ରାର୍ଥୀ କରିବ ସେ ସମ୍ପର୍କରେ ଦଳର ତୁଙ୍ଗ ନେତାମାନଙ୍କୁ ମଧ୍ୟ ଜଣା ନ ଥାଏ। ରାଜ୍ୟ ସଭା ପାଇଁ ଆଶାୟୀମାନେ କିନ୍ତୁ ଏବେଠାରୁ ଦଳର ଆଗଧାଡ଼ି ନେତାଙ୍କ ନିକଟକୁ ବାରମ୍ବାର ଧାଇଁବା ଆରମ୍ଭ କରିଦେଇଛନ୍ତି। ସେହିପରି ପୂର୍ବରୁ ପ୍ରାର୍ଥୀ ଦେବା ଲାଗି ନିଷ୍ପତ୍ତି ହୋଇ ନାହିଁ ବୋଲି କହୁଥିବା ଭାଜପା ଏବେ ନିଜ ସ୍ୱର ପରିବର୍ତ୍ତନ କରିଛି। ଭାଜପା ବିଧାୟକ କେ.

## ଓଡ଼ିଶାର ୪ ରାଜ୍ୟ ସଭା ଆସନ

ନାରାୟଣ ରାଓ କହିଛନ୍ତି ଯେ, ଦଳ ତରଫରୁ ଏଥର ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ମିଳୁଛି। ହେଲେ ଏନେଇ ଦଳର କେନ୍ଦ୍ରୀୟ ନେତା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଭାଜପା ଯଦି କାହାକୁ ପ୍ରାର୍ଥୀ କରେ କାହାକୁ ଏହି ଆସନ ଛାଡ଼ିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ବିଜେଡିରୁ ରାଜ୍ୟ ସଭା ରେସ୍‌ରେ ଥିବା ନେତାଙ୍କ ମଧ୍ୟରୁ କେତେଜଣଙ୍କ ନାଁ ଆଗକୁ ଆସିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ରାଜ୍ୟ ସଭା ଦୌଡ଼ରେ ରହିଛନ୍ତି। ସେହିପରି ଦଳ ପଶ୍ଚିମ ଓଡ଼ିଶାର ଜଣେ ନେତାଙ୍କୁ ରାଜ୍ୟ ସଭାକୁ ପଠାଯାଇପାରେ ବୋଲି କୁହାଯାଉଥିବା ବେଳେ ଏହି ଆସନ ଲାଗି ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ନଚେତ୍ ଅନଙ୍ଗ ଉଦୟ ସିଂଦେଓ କିମ୍ବା ତାଙ୍କ ପରିବାରର ଜଣଙ୍କୁ ପଠାଇବାର ସମ୍ଭାବନା ଅଛି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଜେନା କିମ୍ବା ତାଙ୍କ ପତ୍ନୀ ସୁବାଶିନୀ ଜେନାଙ୍କ ମଧ୍ୟରୁ ଜଣେ ରୋଟିଏ ଆସନ ପାଇପାରନ୍ତି। ସେହିପରି ଉପକୂଳ ଓଡ଼ିଶାରୁ ଜଣେ, ମହିଳା ଏବଂ ପଛୁଆ ବର୍ଗରୁ ଜଣେ ରାଜ୍ୟ ସଭା ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମହିଳାଙ୍କ ମଧ୍ୟରେ ସରୋଜିନୀ ହେମ୍ବ୍ରମ ଆଉ ଥରେ ରାଜ୍ୟ ସଭା ଯିବାର ସମ୍ଭାବନା ଥିବାବେଳେ ସୁସ୍ମିତା ବାଉରିଙ୍କ ନାଁ ମଧ୍ୟ ଆଗକୁ ଆସିଛି। ସେହିପରି ପୂର୍ବତନ ବିଧାୟକ ଦିଲ୍ଲୀପ ରାୟଙ୍କ ନାଁ ମଧ୍ୟ ଆଲୋଚନା ଭିତରେ ରହିଛି। କିନ୍ତୁ ସବୁଥର ଭଳି ଏଥର ମଧ୍ୟ ନବୀନ ପ୍ରାର୍ଥୀ ଘୋଷଣାରେ ସରପ୍ରାଇଜ ଦେବେ ବୋଲି ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି ହେଉଛି।

ରାଜ୍ୟ ସଭା ନିର୍ବାଚନ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, କଂଗ୍ରେସ ନିକଟରେ ସଂଖ୍ୟା ନାହିଁ। ତେଣୁ ପ୍ରାର୍ଥୀ ଦିଆଯିବ ନା ନାହିଁ ସେ ନେଇ ଦଳର ହାଇକମାଣ୍ଡ ଯାହା କହିବେ ସେହି ଅନୁଯାୟୀ ଆମେ ନିଷ୍ପତ୍ତି ନେବୁ। ଦଳର ୯ଟି ଯାକ ଭୋଟ ଗୋଟିଏ ଆଡେ ଯିବ ବୋଲି ସୁର କହିଛନ୍ତି। ବିଜେଡି ନେତା ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ରାଜ୍ୟ ସଭାକୁ କାହାକୁ ପଠାଯିବ ସେ ସମ୍ପର୍କରେ ଦଳର ସଭାପତି ନିଷ୍ପତ୍ତି ନେବେ। ସବୁବେଳେ ଯେମିତି ପ୍ରାର୍ଥୀ ଚୟନ ନିଷ୍ପତ୍ତି ତାଙ୍କ ହାତରେ ରହି ଆସିଛି ଏଥର ମଧ୍ୟ ସେହିପରି ହେବ ବୋଲି ସମୀର କହିଛନ୍ତି।

# ବାପାଙ୍କୁ ନୂଆ ଜୀବନ ଦେଲା ପୁଅ

ଭୁବନେଶ୍ୱର, ୬।୩ (ବ୍ୟୁରୋ): ସମ୍ ହସ୍ପିଟାଲରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ ହୋଇଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ୫୫ବର୍ଷ ବୟସ୍କ ଜୟନ୍ତ ବିଶ୍ୱାଳଙ୍କ ଶରୀରରେ ତାଙ୍କ ପୁଅ ସୌମ୍ୟ ରଞ୍ଜନ ଦାନ କରିଥିବା ଲିଭରର କିଛି ଅଂଶକୁ ଡାକ୍ତରମାନେ ସଫଳତାର ସହ ପ୍ରତିରୋପଣ କରିଛନ୍ତି। ଦୀର୍ଘ ୯ଘଣ୍ଟାର ଅପରେଶନ ପରେ ଉଭୟ ପିତା ପୁତ୍ର ଆଇସିୟୁରେ ଥିଲେ ମଧ୍ୟ ନିରାପଦ ରହିଥିବା ସମ୍ ହସ୍ପିଟାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ କହିଛନ୍ତି। ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଏହି ପ୍ରଥମ ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ ହସ୍ପିଟାଲ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିବାବେଳେ ଏଥିପାଇଁ ପ୍ରାୟ ଦେଢ଼ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଅପରେଶନରେ ଯଶୋଦା

## ସମ୍‌ରେ ରାଜ୍ୟର ପ୍ରଥମ ଲିଭର ପ୍ରତିରୋପଣ

ହସ୍ପିଟାଲର ୧୩ଜଣିଆ ଟିମ୍ଙ୍କ ସମେତ ସମ୍ ହସ୍ପିଟାଲର ୪୦ଜଣିଆ ଟିମ୍ ସାମିଲ ଥିଲେ। ଜୟନ୍ତ ୨୦୧୬ରେ ହଠାତ୍ ଯକୃତଜନିତ ରୋଗରେ ପୀଡ଼ିତ ହୋଇଥିଲେ। ସେ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପଡ଼ିଥିବା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଲିଭର ପ୍ରତିରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ସ୍ତ୍ରୀ ଅନୀତା ବିଶ୍ୱାଳ ତାଙ୍କ ଲିଭରର କିଛି ଅଂଶ ପ୍ରଦାନ କରିବା ପାଇଁ ପ୍ରକାଶ କରିଥିଲେ। ମାତ୍ର ତାଙ୍କ ବ୍ଲଡ୍ ଗ୍ରୁପ୍ 'ବି' ପଜିଟିଭ୍ ଥିବାରୁ ତାହା ଜୟନ୍ତଙ୍କ 'ଏ' ପଜିଟିଭ୍ ବ୍ଲଡ୍ ଗ୍ରୁପ୍ ସହିତ ମିଶି ନ ଥିଲା। ତେବେ ତାଙ୍କର ୧୯ ବର୍ଷୀୟ ଏକମାତ୍ର ପୁଅ ସୌମ୍ୟ ରଞ୍ଜନଙ୍କର ବ୍ଲଡ୍ ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳେ ଏହା ଜୟନ୍ତଙ୍କ ବ୍ଲଡ୍ ଗ୍ରୁପ ସହ ମିଶିଲା। ତେଣୁ ପିତାଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଲିଭରର କିଛି ଅଂଶ ପ୍ରଦାନ କରିବାକୁ ସୌମ୍ୟ ରଞ୍ଜନ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତି ପରେ ସମ୍ ହସ୍ପିଟାଲରେ ଏହି ପ୍ରତିରୋପଣ କରାଯାଇଥିଲା। ରାଜ୍ୟ ବାହାରେ ଲିଭର ପ୍ରତିରୋପଣ ପାଇଁ ୨୦ରୁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍‌ରେ ୧୦ ଲକ୍ଷ ଟଙ୍କାରେ ଏହି ପ୍ରକ୍ରିୟା କରାଯିବ। ତେବେ ଜୟନ୍ତଙ୍କ ଲିଭର ପ୍ରତିରୋପଣ ମାଗଣାରେ କରାଯାଇଥିବା ଡା. ସାହୁ କହିଛନ୍ତି। ଆସନ୍ତା ୪ରୁ ୫ଦିନ ମଧ୍ୟରେ ପିତା ପୁତ୍ର ଆଇସିୟୁରୁ ପଦାକୁ ଆସିବେ ଏବଂ ଖୁବ୍‌ଶୀଘ୍ର ଆରୋଗ୍ୟ ହୋଇ ଘରକୁ ଫେରିବେ। ଡା. ସାହୁ କହିଛନ୍ତି ଯେ, ଲିଭର ପ୍ରତିରୋପଣରେ ଏକ ଜଟିଳ ପ୍ରକ୍ରିୟା ହୋଇଥିବାରୁ ମଧ୍ୟ ଦାନ କରୁଥିବା ବ୍ୟକ୍ତିଙ୍କର କୌଣସି ସମସ୍ୟା ହୁଏ ନାହିଁ। କାରଣ ଚର୍ମ ଭଳି କିଛିଦିନ ମଧ୍ୟରେ ଲିଭର ମଧ୍ୟ ପୂର୍ବାବସ୍ଥାକୁ ଫେରିଆସେ। ସେହିଭଳି ଯାହାଙ୍କ ଠାରେ ଲିଭର ପ୍ରତିରୋପଣ ହୁଏ ସେ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ଜୀବନ ଯାପନ କରିପାରନ୍ତି।

# ଫିଲ୍ମରେ ଓଡ଼ିଶାର ସୌନ୍ଦର୍ଯ୍ୟ ଦେଖାଇବେ ନୀଳମାଧବ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ଏକୁଟିଆପଣ, ଭୟ ଏବଂ ଭଲପାଇବାକୁ ନେଇ ଏକ ନୂଆ ଫିଲ୍ମ କରିବାକୁ ଯାଉଛନ୍ତି ଓଡ଼ିଶା ଜନ୍ମିତ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମନିର୍ମାତା ନୀଳମାଧବ ପଣ୍ଡା। 'ବିଶ୍ୱ' ନାମକ ଏହି ଫିଲ୍ମ ଜଣେ ପିତା ଓ ତାଙ୍କ ଦୃଷ୍ଟିହୀନ ପୁଅର କାହାଣୀ ଉପରେ ପର୍ଯ୍ୟବସିତ ହୋଇଛି। ତେବେ ପ୍ରତିଥର ଭଳି ଏଥର ମଧ୍ୟ ନିଜ ଫିଲ୍ମ ମାଧ୍ୟମରେ ଏକ ସାମାଜିକ ବାର୍ତ୍ତା ଦେବାର ପ୍ରୟାସ କରିଛନ୍ତି ନୀଳମାଧବ। ଅନ୍ଧତ୍ୱକୁ ସମ୍ପୂର୍ଣ୍ଣ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା ପାଇଁ ଏହି ଚଳଚ୍ଚିତ୍ରରେ ନୀଳମାଧବ ପ୍ରୟାସ କରିଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା, ଫିଲ୍ମଟି ସମ୍ପୂର୍ଣ୍ଣଭାବେ ଓଡ଼ିଶାର ଆବିଷ୍କୃତ ହୋଇ ନ ଥିବା ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକରେ ଶୁଟ୍ ହୋଇଛି। ଫିଲ୍ମ ଟୁରିଜିମ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଓଡ଼ିଶାର ଅନାଲୋଚିତ ପର୍ଯ୍ୟଟନସ୍ଥଳୀ ଏବଂ ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ନୀଳମାଧବ ପ୍ରୟାସ କରିଛନ୍ତି।

ନୀଳମାଧବଙ୍କ ସହଯୋଗୀ ତଥା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁଜ ତ୍ୟାଗୀ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଷ୍ଟାରକାଷ୍ଟରେ ଲୋକପ୍ରିୟ କଳାକାର ବିନୟ ପାଠକ, ମରାଠୀ ଚଳଚ୍ଚିତ୍ର 'ଦାଗ' ପାଇଁ ଜାତୀୟ ପୁରସ୍କାର ବିଜେତା ଉଷା ଯାଦବ, ଓସ୍କାର ବିଜୟୀ ଚଳଚ୍ଚିତ୍ର 'ସ୍ଲମଡଗ୍ ମିଲେନିୟର' ଏବଂ ହିନ୍ଦୀ ଫିଲ୍ମ 'ଯବ୍ ତକ ହେ ଜାନ' ପାଇଁ ଜଣାଶୁଣା ସରିତ୍ ହାସ୍‌ମୀ, ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ନିଜ କାର୍ଯ୍ୟ ପାଇଁ ଜଣାଶୁଣା ଜ୍ୟୋତି ସୁଭାସ ପ୍ରମୁଖ ରହିଛନ୍ତି। ଏହାବ୍ୟତୀତ ବହୁ ଓଡ଼ିଆ କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ ବୋଲି ନୀଳମାଧବ କହିଛନ୍ତି। ଅଳ୍ପଦିନରେ ଏହି ଫିଲ୍ମକୁ ସେ ବିଶ୍ୱସ୍ତରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହା ରିଲିଜ ହେବ ବୋଲି ଜଣାପଡ଼ିଛି।

# ଏଡିଜେଙ୍କ କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ

ବଲାଙ୍ଗିର ଅଫିସ/ ପାଟଣାଗଡ଼, ୬।୩ (ଡି.ଏନ.ଏ.): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ଶୁକ୍ରବାର ପାଟଣାଗଡ଼ ଏଡିଜେଙ୍କ କୋର୍ଟରେ ଚାର୍ଜଫ୍ରେମ ପାଇଁ ହାଜର କରାଯାଇଥିଲା। ତେବେ ପୁଞ୍ଜିଲାଲଙ୍କ ଆଡଭୋକେଟ୍ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ। ଏହି ତଥ୍ୟ ମିଳି ନ ଥିବାରୁ ପାଟଣାଗଡ଼ ଏଡିଜେ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏନେଇ ପୁଞ୍ଜିଲାଲଙ୍କ ଆଡଭୋକେଟ ଶ୍ରୀମତ୍ ପାଣିଗ୍ରାହୀଙ୍କୁ ପଚାରିବାରୁ ଶୁକ୍ରବାର ପୁଞ୍ଜିଲାଲଙ୍କ ବିରୋଧରେ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଚାର୍ଜଫ୍ରେମ ହେବାର ଥିଲା। ତାଙ୍କ ବିରୋଧରେ ରହିଥିବା ଅଭିଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାଗିଥିଲୁ। ତେବେ ତଥ୍ୟ ଯୋଗାଇ ଦିଆଯାଇ ନ ଥିବାରୁ ଚାର୍ଜଫ୍ରେମ ପ୍ରକ୍ରିୟାକୁ ଏଡିଜେ ଆସନ୍ତା ୨୬



ଚାର୍ଜଫ୍ରେମ ପାଇଁ ପାଟଣାଗଡ଼ ଏଡିଜେଙ୍କ କୋର୍ଟକୁ ଯାଉଛନ୍ତି ପୁଞ୍ଜିଲାଲ ମେହେର।

ମାର୍ଚ୍ଚକୁ ଘୁଞ୍ଚାଇ ଦେଇଥିବା ସେ କହିଛନ୍ତି। ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ଅଧ୍ୟାପକ ସାହୁଙ୍କ ଏକମାତ୍ର ନବବିବାହିତ ପୁଅ ସୌମ୍ୟଶେଖର ସାହୁ(୨୬) ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସାରେ ରହିଥିଲେ। ପାର୍ସଲ ବୋମା ବିସ୍ଫୋରଣ ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ଭଞ୍ଜିଆ କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ପୁଞ୍ଜିଲାଲ ବର୍ତ୍ତମାନ ବଲାଙ୍ଗିର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି। ମୃତ ସୌମ୍ୟଶେଖରଙ୍କ ବାପା ଅଧ୍ୟାପକ ସାହୁ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଦୁର୍ଭାଗ୍ୟପୂର୍ଣ୍ଣ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏଯାଏ କୋର୍ଟରେ ଅଭିଯୁକ୍ତଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଆଇନ ବ୍ୟବସ୍ଥା ଉପରେ ଭରସା ରହିଛି ଓ ତାଙ୍କ ପରିବାର ନ୍ୟାୟ ପାଇବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।



## ଜିଲା ଟିଠି ଅନୁଗୋଳ

# ନାଁକୁ ନିଯୁକ୍ତି

ଶିଳ୍ପ କରିଡର ଭାବେ ପରିଚିତ ଅନୁଗୋଳ ଜିଲାରେ ବଢୁଛି ବେକାରି ସମସ୍ୟା। ୨୦୧୫ରୁ ୨୦୧୯ ଡିସେମ୍ବର ୩୧ ମଧ୍ୟରେ ଜିଲାରେ ୨୪ ହଜାର ୮୯୫ ଜଣ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ନିଯୁକ୍ତି ପାଇଛନ୍ତି, ତାହାର ହିସାବ କର୍ମ ନିୟୋଜନ କାର୍ଯ୍ୟାଳୟରେ ନାହିଁ। ସରକାରୀ ଓ ଘରୋଇ କମ୍ପାନୀରେ କେତେଜଣ ନିଯୁକ୍ତି ପାଇଛନ୍ତି ସେ ରିପୋର୍ଟ କର୍ମ ନିୟୋଜନ କାର୍ଯ୍ୟାଳୟକୁ ମିଳୁ ନ ଥିବାରୁ ଠିକ୍ ହିସାବ ମିଳିପାରୁ ନାହିଁ ବୋଲି ଜଣାପଡ଼ିଛି। ଜିଲାରେ ବେକାରି ସମସ୍ୟା ଦୂର ପାଇଁ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟ ଭିତରୁ ଓ ବାହାରରୁ ବିଭିନ୍ନ ସଂସ୍ଥାକୁ ଡକାଯାଇ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ତେବେ କେତେକ ସଂସ୍ଥା ସ୍ୱଳ୍ପ ଦରମାରେ ଜିଲାର ଯୁବଜାୟୁବକଙ୍କୁ ନିଯୁକ୍ତି ଦେଇ ମାସେ ଦୁଇମାସ ମଧ୍ୟରେ ବାହାର କରିଦେଉଥିବାରୁ ବେକାରି ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅନେକ ସମୟରେ ଅଭିଯୋଗ ହେଉଛି। କର୍ମ ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ଆଉ ଏକ ତଥ୍ୟ ଅନୁଯାୟୀ, ୨୦୧୯ ଜାନୁୟାରୀ ୧ରୁ ୨୦୨୦ ଜାନୁୟାରୀ ୩୧ ମଧ୍ୟରେ ୪ ହଜାର ୨୦୮ ଜଣ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ଜଣ ଅଣ୍ଡର ମାଟ୍ରିକ୍। ୮୭ ଜଣ ମାଟ୍ରିକ୍ ପାସ୍ କରିଥିବା ବେଳେ ୧୬୫୩ ଜଣଙ୍କ ଯୋଗ୍ୟତା ଇଣ୍ଟର ମିଡିଏଟ୍। ୧୦୬୬ ଜଣ ସ୍ନାତକ ଯୋଗ୍ୟତାଧାରୀ ଥିବାବେଳେ ୫୮୬ ଜଣଙ୍କ ବୈଷୟିକ ଯୋଗ୍ୟତା ରହିଛି। ତେବେ ଜିଲାରେ ସ୍ନାତକୋତ୍ତର କୌଣସି ଯୁବତୀଯୁବକ ନାମ ପଞ୍ଜୀକରଣ କରିନାହାନ୍ତି। ୧୯୯୧ ପର୍ଯ୍ୟନ୍ତ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ସ୍ୱଳ୍ପ ଥିବାରୁ କଲ୍ ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ବେକାରଙ୍କ ସଂଖ୍ୟାରେ ବୃଦ୍ଧି ତଥା ଅନ୍ୟାନ୍ୟ କାରଣରୁ ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। କିନ୍ତୁ ଜେଲାକୁ ଆସିଥିବା ଅଧିକାଂଶ କମ୍ପାନୀ ବା ସଂସ୍ଥା ଦିନକୁ ମାତ୍ର ୨ରୁ ୩ ଶହ ବା ମାସିକ ୬ରୁ ୯ ହଜାର ଟଙ୍କା ପାରିଶ୍ରମିକ ଧାର୍ଯ୍ୟ କରୁଥିବାରୁ ତାହା ଯୁବତୀଯୁବକମାନଙ୍କୁ ଆକୃଷ୍ଟ କରିପାରୁନାହିଁ। ଯେଉଁ କେତେଜଣଙ୍କୁ ୮ ଘଣ୍ଟା ପରିଶ୍ରମ ପାଇଁ ଚୁକ୍ତି କରାଯାଉଛି ସେମାନଙ୍କ ମଧ୍ୟରୁ ଅନେକଙ୍କୁ କମ୍ପାନୀ ୧୨ ଘଣ୍ଟା ଖଟାଇବା ସହ ପୂର୍ବ ନିର୍ଦ୍ଧାରିତ ଦରମା ଦେଉନି। କମ୍ପାନୀର ଏପରି ଶୋଷଣ ମନୋବୃତ୍ତିର ପ୍ରତିବାଦ କରାଯାଉଥିଲେ ବି ତାହାକୁ ପ୍ରଶାସନ ସେତେଟା ଗୁରୁତ୍ୱ ଦେଉନାହିଁ। ତେଣୁ ବାଧ୍ୟହୋଇ ଅଳ୍ପ କେଇଟା ଦିନ ପରେ ଯୁବତୀଯୁବକମାନେ ସେହି ଚାକିରି ଛାଡ଼ିଦେଉଛନ୍ତି। ଏ କଥାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ବେକାରଙ୍କ ସଂଖ୍ୟା କମିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

– ଅମିତ କୁମାର ସାମଲ

# ରାଜ୍ୟରେ ବଢ଼ିଛି ଟ୍ରେନ ଦୁର୍ଘଟଣାରେ ହାତୀ ମୃତ୍ୟୁ

ଭୁବନେଶ୍ୱର,୬।୩(ବ୍ୟୁରୋ): ଟ୍ରେନ୍ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟଣା ରାଜ୍ୟରେ ବଢ଼ି ଚାଲିଛି। ଲୋକ ସଭାରେ ବିଜେପିର ରାଜ୍ୟମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କ ଉତ୍ତରରୁ ଏହା ଜଣାପଡ଼ିଛି। ହେଲେ ସାରା ଦେଶରେ ଟ୍ରେନ୍ ଦୁର୍ଘଟଣା କାରଣରୁ ହାତୀ ମୃତ୍ୟୁ ଘଟଣା ସାମାନ୍ୟ ହ୍ରାସ ପାଇଥିବା କୁହାଯାଇଛି। ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତର ଅନୁଯାୟୀ, ୨୦୧୬-୧୭ ବର୍ଷରେ ରାଜ୍ୟରେ କୌଣସି ହାତୀ ଟ୍ରେନ୍ ଯୋଗୁ ଦୁର୍ଘଟଣାର ଶିକାର ହୋଇ ନାହାନ୍ତି। ହେଲେ ଏହାର ପରବର୍ଷ ଅର୍ଥାତ ୨୦୧୭-୧୮ରେ ୨ଟି ଏବଂ ୨୦୧୮-୧୯ରେ ୭ ହାତୀଙ୍କ ମୃତ୍ୟୁ ହୋଇଛି। ବହୁଳ ଭାବେ ହାତୀ ପ୍ରଚଳନ କରୁଥିବା ୧୦ଟି ରାଜ୍ୟରେ ୨୦୧୬-୧୭ରେ ୨୨, ୨୦୧୭-୧୮ରେ ୨୦ ଏବଂ ୨୦୧୮-୧୯ରେ ୧୯ ହାତୀ ଟ୍ରେନ୍ ଦୁର୍ଘଟଣାରେ ମରିଛନ୍ତି। ୨୦୧୬-୧୭ରୁ ୨୦୧୮-୧୯ରେ ଓଡ଼ିଶାର ୯, ଆସାମ ୨୨, ପଶ୍ଚିମବଙ୍ଗ ୧୧, ତାମିଲନାଡ଼ୁ ଓ ଝାଡ଼ଖଣ୍ଡ ୨, କେରଳ ୩, ଉତ୍ତରାଖଣ୍ଡ ୮ ଏବଂ କର୍ଣ୍ଣାଟକରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ଅପରପକ୍ଷରେ ସମାନ ସମୟରେ ଯୁପି ଏବଂ ତ୍ରିପୁରାରେ କୌଣସି ହାତୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଉଲ୍ଲେଖ କରାଯାଇନାହିଁ। ସମ୍ବଲପୁର ଲୋକ ସଭା ସଦସ୍ୟ ନୀତେଶ ଗଙ୍ଗଦେବଙ୍କ ଅଣତାରକା ପ୍ରଶ୍ନ ନଂ ୨୫୯୦ର ଉତ୍ତରରେ ଏହା କୁହାଯାଇଛି।

# ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ: ରାଜ୍ୟଠାରୁ କୌଣସି ପ୍ରସ୍ତାବ ଗ୍ରହଣ କରିନାହିଁ କେନ୍ଦ୍ର

ଭୁବନେଶ୍ୱର, ୬।୩ (ବ୍ୟୁରୋ): ବରଗଡ଼ଠାରେ ଲେଭଲ ୱାନ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ନେଇ କୌଣସିପ୍ରସ୍ତାବଓଡ଼ିଶାସରକାରକେନ୍ଦ୍ରନିକଟକୁପଠାଇ ନାହାନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଏକମାତ୍ର ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଶୁକ୍ରବାର ଲିଖିତ ଉତ୍ତରରେ ଏହା କହିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା। ଏହାର କିଛି ଦିନ ପରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିବା ନେଇ ପଦକ୍ଷେପ ନେଉଥିବା କୁହାଯାଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Wanted Sales Executives for Logistic Firm at Bhubaneswar.
email cv to :-
chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

କ୍ୱକସ୍ତରାୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - 9000/- ରୁ ୩୩000/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁରୁଷ/ସ୍ତ୍ରୀ ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ଚନ୍ଦେଲ ନ୍ତି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ ପରେ ଆୟ- 25,000/- ରୁ 35,000/-
Mob : 7008360189
ଓିକଣା-ITI ଛକ, ବାଲେଶ୍ୱର

REQUIRED
We required a Surveyor for milching Animal Survey on Mobile Application for all District in Odisha.
Mail id : info@promote2ngo.in
Contact = 09556245507

Shree Tirupati Courier Service
50, Ashok Nagar, BBSR
ଡ୍ରାଇଭର, ଡେଲିଭରି Boy ଦରକାର। ରହିବା ସୁବିଧା ଅଛି।
Mob.-9437142064

10th, +2, +3 Pass 18 ବର୍ଷରୁ ଅଧିକ ଇଚ୍ଛୁକ ପ୍ରାର୍ଥୀ Job କରିବା ପାଇଁ ଚାହୁଁଛନ୍ତି ଏହି ନଂ. -
7978834284, 8895329791
ସହିତ ଯୋଗାଯୋଗ କରନ୍ତୁ।

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

କାର ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ ପାଇଁ। ଯୋଗାଯୋଗ ପାଇଁ
Mob : 9437021279
7381075901
9437496020

REQUIRED
Young Dynamic sales person for Wooden Hardware and interior Materials. Freshers / Experience can apply through E-mail :-
aurogroup.abhishek@hotmail.com
Contact : 9090098989

REQUIRED
2 nos. of Office Assistance Salary 8000/-, Branch Co-ordinator Salary 11000/- Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar
Contact - 9861214749

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

PARADIP PORT TRUST
SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
No. : AD/RSC-I-21/66/2011/773 Dt.03rd March, 2020
Walk-In-Interview
Applications are invited from Indian Nationals for filling up three General Duty Medical Officers on Contractual basis in Paradip Port Trust. For further details, refer to our website www.paradipport.gov.in. Last date is 11.03.2020, 10.00 hours.
PPT/PR/699/19-20 Dt-03/03/20 Sr. Dy. Secretary

WALK- IN INTERVIEW
GHANASHYAM HEMALATA VIDYAMANDIR, PURI
Estd: 1995
(A CBSE Affiliated Co-educational Residential School)
A walk- in interview will be held at Shramik Bhawan, Near Nishamani Cinema Hall, Link Road, Cuttack on 08.03.2020, 10.30 am. for the following posts :
PGT - Physics, Chemistry & Biology
TGT - Science (PCM) PRT - Science (PCM)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. Free Accommodation, Fooding & Laundry for all the above posts
Kindly attend the interview with original certificates and mark sheets .
Contact Nos. : 9437943924 / 7377148406 / 7873480470 / 7735629062
email id : ghvm.puri@gmail.com

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୁନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ।


" ଭାରତରେ ନୂଆ ଏବଂ ଉନ୍ନତ ଶୁଭାରମ୍ଭ କରିବା ନେଇ ଭୋଡାଫୋନ ଆଶାବାଦୀ ରହିଛି।

–ନିକ୍ ରିଡ୍, ଭୋଡାଫୋନ ସିଇଓ



" କରୋନା ପ୍ରଭାବ ଯୋଗୁ ବିଶ୍ୱ ବଜାରର ଅଭିବୃଦ୍ଧି ଖସିବା ନେଇ ଆଶଙ୍କା ଉପୁଜିଛି। ଏହି ସମୟରେ ସବୁ କେନ୍ଦ୍ରୀୟ ବ୍ୟାଙ୍କ ମିଳିତ ହୋଇ କାମ କରିବାର ଆବଶ୍ୟକତା ରହିଛି।

–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର



# 'ୟେସ୍ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଟଙ୍କା ସୁରକ୍ଷିତ'

ନୂଆଦିଲ୍ଲୀ,୬–୩

■ଆଶ୍ୱାସନା ଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ

■ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର କାର୍ଯ୍ୟ କରୁଛନ୍ତି



ଘରୋଇ କ୍ଷେତ୍ର ବ୍ୟାଙ୍କ ୟେସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହା ଉପରେ ଗୁରୁବାର କଟକଣା ଲଗାଇଛି। ବ୍ୟାଙ୍କର ବୋର୍ଡକୁ ବରଖାସ୍ତ କରାଯିବା ସହ ନୂଆ ଆଡମିନିଷ୍ଟ୍ରେଟର ନିଯୁକ୍ତି ଏବଂ ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକଟ ପାଇଥିବା ବେଳେ ଟଙ୍କା ବୁଡିଯିବା ନେଇ ଲୋକ ଭୟବୀତ ସ୍ଥିତିରେ ଅଛନ୍ତି। ମାତ୍ର ଲୋକଙ୍କ ଟଙ୍କା ସୁରକ୍ଷିତ ରହଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଥିଲେ ମଧ୍ୟ ଲୋକମାନେ ଭୟଭୀତ ସ୍ଥିତିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କକୁ ବଞ୍ଚାଇବା ଲାଗି ସରକାର ରିଜର୍ଭ ବ୍ୟାଙ୍କ ସହ ମିଳିତ ହୋଇ କାମ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ଥିତି ଉପରେ ରିଜର୍ଭ ବ୍ୟାଙ୍କ ଏବେ ନଜର ରଖିଛି। ଲୋକଙ୍କ ଟଙ୍କା ସୁରକ୍ଷିତ ଥିବାରୁ ଏ ନେଇ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ସୀତାରାମନ ଲୋକଙ୍କୁ ଭରସା ଦେଇଛନ୍ତି। ସରକାର ଏହି ବ୍ୟାଙ୍କ ଲାଗି ଶୀଘ୍ର ଏକ ରିଜଲ୍ୟୁଶନ ପ୍ଲାନ ଆଣିବେ। ବ୍ୟକ୍ତିଗତ ଭାବେ ଗତ ୨ ମାସ ହେବ ସ୍ଥିତି ଉପରେ ନଜର ରଖିଥିବା ସେ ସ୍ପଷ୍ଟ କରିଛନ୍ତି।

ବର୍ତ୍ତମାନ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ସମସ୍ତଙ୍କ ମଙ୍ଗଳକୁ ନଜରରେ ରଖି ହୋଇଛି। ଲୋକମାନେ ଯେଭଳି ନଗଦ ସମସ୍ୟାର ସାମ୍ନା ନ କରିବେ ସେ ନେଇ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା କରିବେ ବୋଲି ଅର୍ଥମନ୍ତ୍ରୀ ଭରସା ଦେଇଛନ୍ତି। କେଉଁ କାରଣ ଯୋଗୁ ବ୍ୟାଙ୍କ ସମସ୍ୟାରେ ପଡିଲା, ସମସ୍ୟା ଲାଗି କିଏ ଦାୟୀ ତାର ଅନୁଧ୍ୟାନ ଲାଗି ରିଜର୍ଭ ବ୍ୟାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସେହିଭଳି ବ୍ୟାଙ୍କରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ରୋଜଗାର ଏବଂ ବେତନ ଗୋଟିଏ ବର୍ଷ ଲାଗି ସୁନିଶ୍ଚିତ କରାଇବାକୁ ସେ ଆଶ୍ୱାସନା ଦେଇଛନ୍ତି।

**ସରକାରଙ୍କ ଲାଗି ଆଗକୁ ଆସିଲେ ଶକ୍ତିକାନ୍ତ**

ୟେସ ଯୋଗୁ ସମସ୍ୟା ସରକାରଙ୍କ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିଥିବା ବେଳେ ବାରମ୍ବାର ଏଭଳି ସମସ୍ୟା କାରଣରୁ ଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପୁଣି ଥରେ ଆଗକୁ ଆସିଛନ୍ତି। ଏପ୍ରସଙ୍ଗ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି ଯେ, ବ୍ୟାଙ୍କ ସହ ଜଡିତ ବିଭିନ୍ନ ସମସ୍ୟାର ସମାଧାନ ଶୀଘ୍ର କରାଯିବ। ଏଥିଲାଗି ୩୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ବିହିତ ପଦକ୍ଷେପ ଗ୍ରହଣ କରିବ। ୟେସ ବ୍ୟାଙ୍କ ଉପରେ ଲାଗିଥିବା କଟକଣା କୌଣସି ଗୋଟିଏ ପ୍ରସଙ୍ଗକୁ ଆଧାର କରି ନିଆଯାଇ ନାହିଁ। ଦେଶର ବ୍ୟାଙ୍କିଙ୍ଗ ଏବଂ ବିତ୍ତୀୟ ପ୍ରଣାଳୀକୁ ସୁରକ୍ଷାଏବଂ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

**ୟେସ୍ ବ୍ୟାଙ୍କ ସମସ୍ୟା ସେହି ବ୍ୟାଙ୍କ ସହ ଜଡିତ: ଏସ୍‌ବିଆଇ ଅଧ୍ୟକ୍ଷ**

ଏହି ସମସ୍ୟା ଉପରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମତ ରଖିଛନ୍ତି। ସେ କହିଛନ୍ତି ଯେ, ୟେସ ବ୍ୟାଙ୍କ ସମସ୍ୟା କେବଳ ସେହି ବ୍ୟାଙ୍କ ସହ ଜଡିତ। ଏହା ସମ୍ପୂର୍ଣ୍ଣ ବ୍ୟାଙ୍କିଙ୍ଗ କ୍ଷେତ୍ର ସହ କୌଣସି ସମ୍ପର୍କ ରଖେ ନାହିଁ। ଏହା ବ୍ୟାଙ୍କିଙ୍ଗ କ୍ଷେତ୍ରର ସମସ୍ୟା ନୁହେଁ। ୟେସ ବ୍ୟାଙ୍କରେ ଅଂଶଧନ କ୍ରୟ ନେଇ ସେ କହିଛନ୍ତି, ଏ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ୟେସ ବ୍ୟାଙ୍କ ସମସ୍ୟାକୁ ନେଇ ଗ୍ରାହକ ଚିନ୍ତିତ ନ ହେବାକୁ କୁମାର ମଧ୍ୟ ଭରସା ଦେଇଛନ୍ତି।

**ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ:ସିଇଏ**

ୟେସ ବ୍ୟାଙ୍କ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଆଶ୍ୱାସନା ଦେଇଛନ୍ତି। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ଥିବା ବେଳେ ବ୍ୟାଙ୍କର ରିଷ୍ଟ୍ରକଚରିଂର ସବୁ ବିକଳ୍ପ ଉପରେ ଧ୍ୟାନ ଦିଆଯିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୮୯୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ, ୬–୩:** କରୋନା ଭାଇରସ ଏବଂ ୟେସ ବ୍ୟାଙ୍କ ସମସ୍ୟା ଯୋଗୁ ଶୁକ୍ରବାର ସେନସେକ୍ସରେ ୮୯୪ ପଏଣ୍ଟ(୨.୩୨%) ହ୍ରାସ ହେବା ଦେଖାଯାଇଥିଲା। ଏହି ସମୟରେ ସେନସେକ୍ସ ୩୭,୫୭୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୮୦ ପଏଣ୍ଟ( ୨.୪୮%) ହ୍ରାସ ଘଟି ୧୦,୯୮୯ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଟାଟା ଷ୍ଟିଲ, ଏସ୍‌ବିଆଇ, ଇଣ୍ଡସଲାଣ୍ଡ ବ୍ୟାଙ୍କ, ଓଏନ୍‌ଜିସି, ଏଚ୍‌ଡିଏଫ୍‌ସି ପ୍ରାୟ ୬.୪% ପ୍ରଭାବିତ ହୋଇଛି। ୩୦ ଷ୍ଟକ ମଧ୍ୟରୁ ପ୍ରାୟ ୨୭ଟିର କାରବାର ପ୍ରଭାବିତ ରହିଛି। ୟେସ୍ ବ୍ୟାଙ୍କ ଶେୟାର ୫୬.୪% ଖସିଯାଇଛି। ଦିନ ମଧ୍ୟରେ ଏହାର ଶେୟାର ୮୫% ହ୍ରାସ ହେବା ଦେଖାଯାଇଥିଲା। ସେହିଭଳି ନିଫ୍ଟିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ମିଡିଆ ଶେୟାର ପ୍ରାୟ ୫.୨୫% ଖସିଛି। ୟେସ ବ୍ୟାଙ୍କ ଭଳି ଘଟଣା ଦେଶର ଫାଇନାନ୍ସିଆଲ ସିଷ୍ଟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାରୁ ଶେୟାର ବଜାର ଉପରେ ଏହାର ପ୍ରଭାବ ଦେଖାଯାଇଥିବା ବଜାର ବିଶେଷଜ୍ଞ କହିଛନ୍ତି। ଏହାବାଦ କରୋନାର ପ୍ରଭାବରେ ସାରା ବିଶ୍ୱର ଶେୟାର ବଜାର ଖସିଥିବା ଜଣାପଡିଛି।

## ରାହୁଲ ଗାନ୍ଧୀ, ଚିଦାମ୍ବରଙ୍କ ଟ୍ୱିଟ୍

ୟେସ୍ ବ୍ୟାଙ୍କ ଉପରେ ଆସିଥିବା ସଙ୍କଟକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପରାମର୍ଶ ଦେଇଛନ୍ତି। କରୋନାକୁ ରୋକିବା ଲାଗି ସବୁ ଚେଷ୍ଟା ଲଗାଇବା ଏବଂ ଦେଶର ଅର୍ଥବ୍ୟବସ୍ଥା ସୁଧାରିବାକୁ ସେ ମୋଦିଙ୍କୁ କହିଛନ୍ତି। ମୋଦିଙ୍କ ବିଚାର ଧାରା ଭାରତର ଅର୍ଥ ବ୍ୟବସ୍ଥାକୁ ନଷ୍ଟ କରି ଦେଇଥିବା କଂଗ୍ରେସ ନେତା ରାହୁଲ ଟୁଇଟ କରିଥିବା ବେଳେ ୟେସ ବ୍ୟାଙ୍କର ଋଣ ସମ୍ପର୍କରେ ସରକାର ଠିକ୍ ତଥ୍ୟ ଦିଅନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଟୁଇଟରେ କହିଛନ୍ତି।

# ବଜାଜ୍ ଅଟୋର ବିଏସ୍–୬ ରେଞ୍ଜ

ଭୁବନେଶ୍ୱର,୬–୩




ବିଶ୍ୱର ପ୍ରମୁଖ ୩ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ବଜାଜ ଅଟୋ ଲିମିଟେଡ ପକ୍ଷରୁ ବିଏସ୍–୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏହାର ୩ ଚକିଆ ବର୍ଗର ସମ୍ପୂର୍ଣ୍ଣ ରେଞ୍ଜ ପ୍ରଡକ୍ଟକୁ ବିଏସ୍–୬ରେ ରୂପାନ୍ତର କରିଛି। ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଛି। ବିଏସ୍–୬କୁ ରୂପାନ୍ତରିତ ହୋଇଥିବା ସମ୍ପୂର୍ଣ୍ଣ ପ୍ରଡକ୍ଟ ମଧ୍ୟରେ ପାସେଞ୍ଜର ଯାନ, ମାଲବାହୀ ଯାନ ମଡେଲ ରହିଛି। ନୂଆ ମଡେଲଗୁଡିକରେ ଗ୍ରାହକ ଉନ୍ନତ ଅଭିଜ୍ଞତା ଏବଂ ପରଫରମାନ୍ସ ଲାଭ କରିବାକୁ ସକ୍ଷମ ହୋଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଓଡିଶା ବଜାରରେ ୨୩୬ ସିସି ସିଏନ୍‌ଜି ମଡେଲ ଏବଂ ୪୭୦ ସିସି ଡିଜେଲ ମଡେଲ ଭଲ ପରଫରମାନ୍ସ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଗ୍ରାହକ ଲାଭ କରିପାରିବେ। ସିଏନ୍‌ଜି ଏବଂ ଡିଜେଲ ବର୍ଗରେ କମ୍ପାନୀ ରାଜ୍ୟରେ ଏକ ପ୍ରମୁଖ ଅଂଶୀଦାର ହୋଇ ପାରିଛି। ଏହି କ୍ଷେତ୍ରରେ ବଜାର ଅଂଶ ଯଥାକ୍ରମେ ୭୦% ଏବଂ ୫୨% ରହିଛି। ଡିଜେଲ ବର୍ଗରେ କମ୍ପାନୀ ୩ ବର୍ଷ ପୂର୍ବେ ୨୨% ବଜାର ଅଂଶ ହାସଲ କରିଥିଲା ଏହା ଏବେ ୫୨%କୁ ବୃଦ୍ଧି ଘଟିଛି। ନୂଆ ବିଏସ୍–୬ ପ୍ରଡକ୍ଟ 'ଟେକ୍ନୋଲୋଜି ନୟି, ବିଶ୍ୱାସ ୱହି' ବା ନୂଆ ଟେକ୍ନୋଲୋଜି, ସେହି ବିଶ୍ୱାସ ଆଧାରରେ ଏକ ନୂତନ ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍–୪ ତୁଳନାରେ ୨୦% ଏବଂ ସିଏନ୍‌ଜି ବର୍ଗରେ ୧୦% ଅଧିକ ରହିବ।

କମ୍ପାନୀ ଓଡ଼ିଶାରେ ବାର୍ଷିକ ୭୭୦ ୟୁନିଟ ଯାନ ବିକ୍ରି କରୁଛି। ଏହି ବର୍ଗରେ ଓଡିଶାର ବାର୍ଷିକ ବଜାର ୧୫୨୦ରୁ ୩୦ ଯାନ ୟୁନିଟ ରହିଛି। ଶିଳ୍ପରେ ପରିବର୍ତ୍ତନ ଆସୁଥିବା ଯୋଗୁ ଟ୍ରାଞ୍ଜିଶନ ବେଳେ ଯାନ ବିକ୍ରି କମିବା ନାହିଁ ବୋଲି କମ୍ପାନୀର ଡିଜିଜନାଲ ବିକ୍ରି ଏବଂ ମାର୍କେଟିଂ ପ୍ରବନ୍ଧକ ହରିଶ କୌଶିକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ମଧ୍ୟ ବିଏସ୍–୨ ଏବଂ ୩ର ପ୍ରାୟ ୩୦% ଯାନ ରହିଛି। ଏହି ଯାନ ମାଲିକ ମାନେ ସେମାନଙ୍କ ଗାଡିକୁ ବିଏସ୍–୬ରେ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି। ଏଣୁ ବିଏସ୍–୬ ମଡେଲ ମୂଲ୍ୟ କିଛି ହାରରେ ବଢିଥିଲେ ମଧ୍ୟ ବିକ୍ରିରେ କୌଣସି ପ୍ରଭାବ ନ ପଡି ପାରେ ବୋଲି ସେ ମତ ଦେଇଛନ୍ତି। ଏହା ଓଡିଶାରେ ୧୫ ଡିଲରଶିପ ସହ ସେବା ଦେଉଛି। ରାଜ୍ୟରେ ୧୬ରୁ ୧୭% ଅଭିବୃଦ୍ଧି ଆଶା ରହିଥିବା ସେ ସ୍ପଷ୍ଟ କରିଛନ୍ତି।

# ଜେଏସ୍‌ପିଏଲ୍‌କୁ ଗୋଲ୍‌ଡେନ ପିକକ୍ ସମ୍ମାନ

ନୂଆଦିଲ୍ଲୀ,୬–୩




ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ) କୁ ସମ୍ମାନଜନକ ଗୋଲଡେନ ପିକକ ସିଏସ୍‌ଆର ସମ୍ମାନ – ୨୦୧୯ ପ୍ରଦାନ କରାଯାଇଛି। ଓଡିଶା, ଛତିଶଗଡ ଏବଂ ଝାଡଖଣ୍ଡରେ ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ପାଇଁ ଜେଏସ୍‌ପିଏଲକୁ ଏହି ପୁରସ୍କାର ଦିଆଯାଇଛି । ମୁମ୍ବାଇ ଠାରେ ଇନଷ୍ଟିଚ୍ୟୁଟ ଅଫ ଡାଇରେକ୍ଟର୍ସ (ଆଇଓଡ଼ି) ପକ୍ଷରୁ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ସିଏସଆର ସମ୍ମିଳନୀରେ ଜେଏସ୍‌ପିଏଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ସି. ଜୋସେଫଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଜିଏମ୍‌ଆର ଗ୍ରୁପର ପ୍ରତିଷ୍ଠାତା ଜି ଏମ ରାଓ, ଆଇଓଡ଼ିର ସଭାପତି ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଜେ.ଏସ. ଆହଲୁୱାଲିଆ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ରେନୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ନୂଆଦିଲ୍ଲୀ,୬–୩:** ରେନୋ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଥିବା ଏହାର ଡିଲରଶିପଗୁଡିକରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଗ୍ରାହକଙ୍କ ସହ ଦୀର୍ଘକାଳୀନ ସମ୍ପର୍କ ଏବଂ ଦୃଢ ବିଶ୍ୱାସ ବଜାୟ ରଖିବା ଲାଗି କମ୍ପାନୀ କାର୍ଯ୍ୟ କରୁଛି। ଏହି ସମୟରେ ରେନୋ ପକ୍ଷରୁ ମହିଳା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସେବା ଯୋଗାଇ ଦିଆଯାଉଛି। ଏହା ମଧ୍ୟରେ ଫ୍ରି କାର ପିକ୍ ଆଣ୍ଡ ଡ୍ରପ ସୁବିଧା, କାର ଲାଗି ଆବଶ୍ୟକୀୟ ମେଣ୍ଟେନାନ୍ସ ଏବଂ ତାଲିମ ସୁବିଧା ପ୍ରମୁଖ ସାମିଲ ରହିଛି। ମହିଳାଙ୍କୁ ସ୍ୱାଧୀନ ତଥା ଆତ୍ମନିର୍ଭର ଭାବେ ଗଢି ତୋଳିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ଏହି ଦିବସରେ ଗ୍ରାହକଙ୍କୁ ନିଶ୍ଚିତ ଉପହାର, ପାର୍ଟସ ଏବଂ ଆସେସୋରିଜ ଉପରେ ୧୦% ରିହାତି, ଲେବର ଏବଂ ଭାଲ୍ୟୁ ଆଡେଡ ସେବା ଉପରେ ୧୦% ରିହାତି, ରେନୋ ବର୍ଦ୍ଧିତ ୱାରେଣ୍ଟି ଉପରେ ୧୦% ରିହାତି, ମହିଳା ଗ୍ରାହକଙ୍କ ଲାଗି ମାଗଣା ଯାନ ଚେକ୍ ଅପ୍ ସୁବିଧା ରହିଛି ବୋଲି ରେନୋ ପକ୍ଷରୁ କୁହାଯାଇଛି।


**PURI MUNICIPALITY**

e-Procurement notice

No. 1840 Dtd. 06.03.20

Bid Identification No. P.M-10/2019-20

2020_ORULB_60482

1. Type of Work: Civil Work. 2. Total No. of works: 13 Nos. of Individual Works. 3. Estimate cost: Rs. 2,24,185/- to Rs. 27,56,277/-. 4. Period of completion: 45 days to 60 days. 5. date & time of availability of bid document in the Portal: from 03 PM of 07.03.2020 to 05 PM of 20.03.2020. 6. Last date/ Time for receipt of bid in the portal: Up to 5 PM of 20.03.2020. 7. Date of Opening of Technical bid: 11 AM of dtd. 21.03.2020. 8. Name & address of the Officer inviting Bid: Executive Officer, Puri Municipality, Puri. Further detail can be seen from the e-procurement portal www.tendersorissa.gov.in.

Sd./-
Executive Officer,
Puri Municipality, Puri

**OFFICE OF THE CDM & PHO CUM DISTRICT MISSION DIRECTOR, KORAPUT**

Adv No. 917 / 20 Date: 04.03.2020

WALK IN INTERVIEW

No.E-790:- Walk-in-Interview will be conducted for engagement of Laboratory Technician, Yoga Teacher & ECG Technician- "NIDAN" for DHH/CHCs/PHC (N)- Health and Wellness Centre under Zilla Swasthya Samiti, Koraput. Interested eligible candidates may report to the office of the undersigned with the prescribed application form along with relevant documents on dtd. 11.03.2020. The registration time is 10.30 AM to 12.30 PM. After scheduled time of registration no application will be entertained. The application form and other details can be downloaded from the District official Website i.e. www.koraput.nic.in. Further communication to the shortlisted candidate will be made through koraput.nic.in / email or Phone only.

Sd./-
CDM & PHO cum
District Mission Director, NHM, Koraput
OIPR- 10077/11/0013/1920

**ODISHA STATE CO-OPERATIVE HANDICRAFTS CORPORATION LTD.**

Utkalika

Jayadev Vatika Square, Khandagiri, Bhubaneswar-751030, Ph. : 0674-2975390

QUOTATION CALL NOTICE

No.537 Date.06.03.2020

Sealed quotations are invited from registered/reputed firms having GST No. for supply of Odishi Ornament White metal Jewellery set as per our requirement. Interested parties may apply in their letter head to the undersigned on or before 12.03.2020 upto 5.00 PM with their best competitive price. The quotation received beyond time limit and incomplete in any respect will not be entertained. The authority reserves the right to reject any or all quotations without assigning any reason thereof.

Sd/- Managing Director

**OFFICE OF THE MUNICIPAL COUNCIL, DEOGARH**

Phone No.: 06641-226231,
E-mail: deogarhmunicipality@gmail.com

No. 591 / DMC Dt.: 06.03.2020

"e"-procurement Notice

Bid Identification No.EO/DM/06/2019-20

No.C-557:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 4 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal | : | From 10 hours of 07.03.2020 to 17 hours of 20.03.2020. |
| 6. | Last date/ time for receipt of Bids in the portal | : | Dt. 20.03.2020 at 17 hours. |
| 7. | Bids received online shall be opened on | : | Dt. 23.03.2020 at 11 hours |
| 8. | Name and address of the Officer inviting Bid | : | Executive Officer, Deogarh Municipality. |

Further, the details can be seen from the procurement Portal www.tendersodisha.gov.in.

Sd./- Executive Officer, Deogarh Municipality
OIPR- 13088/11/0004/1920

**DISTRICT PROJECT OFFICE SMAGRA SHIKSHA, KEONJHAR**

ଶିକ୍ଷା ଅଧିକାର

DI of Schools Campus, Keonjhar 758001
Tel.No: 06766-254103/256420, Fax No.06766-256420,
e-mail : dpckeonjharssa.opepa@nic.in

TENDER CALL NOTICE

No.762 Date: 04.03.2020

Sealed quotations are invited from identity card suppliers for printing and supply of elementary Teachers ID Card.The detailed specification, terms and conditions can be available at DPO on payment of Rs.1000.00 as tender application cost. The Detailed tender paper with terms and conditions can be downloaded at www.osepa.odisha.gov.in or www.kendujhar.nic.in. The applicant have to apply in the prescribed format of DPO, SSA, Keonjhar only, latest by 19.03.2020 up to 12.00 Noon and the tender paper is to be opened at 4.00 PM of the same day. The Authority reserves the right to cancel any or all quotations without assigning any reason thereof.

Sd./-
Collector-cum-Chairperson
RTE, SSA, Keonjhar

**DISTRICT PROJECT OFFICE SAMAGRA SHIKSHA**

No.67-n

ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ

SHIKSHASADAN, KORAPUT-764020
Telephone : (06852) - 252421 (Off)
E-mail : dpckoraputssa.opepa@nic.in

TENDER CALL NOTICE NO: 1939 / CW/2020, Date:04.03.2020

Sealed tender in the prescribed form to be eventually drawn-up in PWD Form P-I (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

| Sl. No. | Detail of Tender |
|---|---|
| 1. | Construction of 03 Nos. of ACR, 01 No. Library Room & 01 No. Science Lab at Gangarajpur UGHS Pottangi Block, EMD: Rs. 42,830/- & Tender Cost : Rs. 6,000/- |
| 2. | Construction of 03 Nos. of ACR, 01 No. Library Room & 01 No. Science Lab at Chikambo GHS of Dasamanthpur Block, EMD: Rs. 42,830/- & Tender Cost: Rs. 6,000/- |
| 3. | Construction of 02 Nos. of ACR at Upperkuttinga UGHS of Laxmipur Block, EMD: Rs. 16,464/- & Tender Cost: Rs. 6,000/- |
| 4. | 1. The Tender Documents will be available in the District Website i.e. (www.koraput.nic.in) from 06.03.2020 to 20.03.2020 up to 5.00 P.M and can be downloaded from the Website. 2. The tenders will be opened at 11.00 A.M on 21.03.2020. 3. Other details can be seen in the District website www.koraput.nic.in. |

Sd./- District Project Co-ordinator,
RTE-SS, Koraput
OIPR-27035/11/0011/1920

**GOVERNMENT OF ODISHA**
**ODIA LANGUAGE LITERATURE & CULTURE DEPARTMENT**

TENDER CALL NOTICE

No. RR-48:- Sealed tenders are invited from Agencies / Firms / Tent House / Suppliers / Light & Sounds / Event Management House / Catering/ Hotels / Mandaps having valid GST clearance and experience in working minimum 5 years with Govt. sector regarding arrangement of Ethnic Ambience, Stage, light, Sounds, Tent items, supply of Breakfast, Lunch and Dinner, arrangement of accommodation for organization of 10th STATE LEVEL FOLK DANCE AND MUSIC FESTIVAL-2020. The interested agency can obtain the Tender Papers Itemwise from Directorate wing of OLL & Culture Dept, 2nd Floor Sanskruti Bhawan (Artist Federation Cell), Bhubaneswar on payment of Rs. 5000/- (non-refundable) from dated 11th to 18th March 2020 in the office hour from 10.30 AM to 4 PM. The sealed tender by Regd. Post/Speed Post/ Courier should reach to the undersigned on or before 19th March 2020 at 4 PM. The authority reserves the right to reject any or all tenders without assigning reason thereof. (Office No. Mob-0674-2434945, 0674-2435945, 9437234651).

*Sd./- Joint Director, OLL & Culture*
*& Ex Officio Joint Secretary to Govt.*
OIPR-03001/11/0032/1920

**OFFICE OF THE NOTIFIED AREA COUNCIL, BOUDHGARH**

"e" Procurement Notice

Tender Call Notice No.853/NAC/5/2019-20, Date: 06.03.2020

1. Name of work :- Civil works as mentioned in website.
2. No. of works :- 1No. of Civil works.
3. Bid value :- Rs.19,90,500.00
4. Date and time of availability, received of the bid documents in the portal :- From 10.00 A.M. of dt.07.03.2020 to dt. 13.03.2020 up to 5.00 P.M. only.
5. Bids received online shall be opened on Dt.16.3.2020 at 11.00 A.M.
6. Submission of original documents :- On or before 10.00AM of Dt.16.3.2020.
7. Name & Address of the Officer inviting Bid :- EXECUTIVE OFFICER, BOUDHGARH NAC.

For further details can be seen from the Procurement portal: www.tendersorissa.gov.in

Sd./-
Executive Officer,
Boudhgarh NAC

**ODISHA COAL AND POWER LTD.**
**(A GOVT. OF ODISHA COMPANY)**

Odisha Coal and Power Limited (OCPL)

Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

NOTICE INVITING TENDER

NIT No: OCPL/CIVIL-112/2020Date: 07/03/2020

Sealed bids in prescribed format are invited from Companies/Contractors / agencies / firms forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Development of road from Sarbahal to Laikera, Hemgir, Sundargarh, Odisha. | Rs.11,800/- (Rupees Eleven Thousand and Eight Hundred Only) inclusive of GST @18% | Rs.2,00,000/- (Rupees Two Lakhs Only) | 07/03/2020 | 23/03/2020 | 3:00 PM on 06/04/2020<br>3:30 PM on 06/04/2020 |

For further details, bidders may visit our website, i.e www.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

Sd/- Addl. General Manager (Commercial & Contracts)

See Career Appointment on every Wednesday & Saturday

## ସଂକ୍ଷେପରେ

### ପାଣ୍ଡ୍ୟାଙ୍କ ଆଉ ଏକ ବିସ୍ଫୋରକ ଶତକ

ନଭି ମୁମ୍ବାଇ, ୬।୩ (ପି.ଟି.) ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ବୋଲି ପୁଣି ପ୍ରମାଣିତ କରିଛନ୍ତି। ଏଠାରେ ଚାଲିଥିବା ଡି.ୱାଇ. ପାଟିଲ ଟି୨୦ କପ୍‌ରେ ଶୁକ୍ରବାର ଖେଳାଯାଇଥିବା ବିପିସିଏଲ୍ ବିପକ୍ଷ ଏକ ସେମିଫାଇନାଲରେ ସେ ୫୫ ବଲ୍‌ରେ ୧୫୮ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ପିଠିରେ ଅସ୍ତ୍ରୋପଚାର ପରେ ପାଣ୍ଡ୍ୟା ଏହି ଟୁର୍ନାମେଣ୍ଟରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଲାଏନ୍ସ ୱାନ ତରଫରୁ ଖେଳୁଥିବା ପାଣ୍ଡ୍ୟା ତାଙ୍କ ଶତକୀୟ ଇନିଂସରେ ୨୦ ଛକା ଏବଂ ୬ ଚୌକା ଲଗାଇଥିଲେ, ଯାହାଫଳରେ ତାଙ୍କ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୩୮/୪ ସ୍କୋର କରିଥିଲା। ଏହା ପୂର୍ବରୁ ଗତ ମଙ୍ଗଳବାର ଘାନ୍‌ସୋଲିଠାରେ ଆରସିପି ବିପକ୍ଷ ଲିଗ୍ ମ୍ୟାଚରେ ସେ ୩୯ ବଲ୍‌ରେ ୧୦୫ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଶୁକ୍ରବାର ମ୍ୟାଚରେ ବିପିସିଏଲ୍‌ର କୌଣସି ବୋଲର ଜବରଦସ୍ତ ଫର୍ମରେ ଥିବା ପାଣ୍ଡ୍ୟାଙ୍କ ଉପରେ ପ୍ରଭାବ ଜାହିର କରିପାରି ନ ଥିଲେ। ଯାହା ଜଣାପଡୁଛି ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଭାରତୀୟ ଦିନିକିଆ ଦଳକୁ ଫେରିବା ଲାଗି ପାଣ୍ଡ୍ୟାଙ୍କ ପାଇଁ ପଥ ପରିଷ୍କାର। ଅନ୍ୟପକ୍ଷରେ ଇଞ୍ଜୁରିରୁ ସୁସ୍ଥ ହୋଇ ଫେରିଥିବା ଭାରତୀୟ ଓପନର ଶିଖର ଧାୱନ ରିଲାଏନ୍ସ ୱାନ୍ ଦଳ ପାଇଁ ମାତ୍ର ୩ ରନ କରିପାରିଛନ୍ତି। ଜବାବରେ ବିପିସିଏଲ୍ ୧୩୪ ରନରେ ଅଲଆଉଟ ହୋଇଯାଇଥିଲା। ରିଲାଏନ୍ସ ୱାନ୍ ୧୦୪ରନରେ ବିଜୟ ଲାଭ କରିଥିଲା।

### ମୋହନବାଗାନର ଆଇ-ଲିଗ୍ ରେକର୍ଡ

ନୂଆଦିଲ୍ଲୀ, ୬।୩ (ପି.ଟି.)-ଚଳିତ ଆଇ-ଲିଗ୍ ସିଜନରେ ମୋହନବାଗାନ ନିଜ ରେକର୍ଡକୁ ଭଙ୍ଗ କରିଛି। କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହି ଏହି ସଫଳତା ହାସଲ କରିଛି। ପୂର୍ବରୁ ଏହି ଦଳ ୨୦୦୮-୦୯ ସିଜନରେ କରିମ୍ ବେଞ୍ଚେରିଫାଙ୍କ ଅଧୀନରେ ଏବଂ ପରେ ୨୦୧୪-୧୫ ସିଜନରେ ସଞ୍ଜୟ ସେନ୍‌ଙ୍କ ଅଧୀନରେ ଦୁଇଥର କ୍ରମାଗତ ୧୨ଥର ଅପରାଜେୟ ରହି ଟୁର୍ନାମେଣ୍ଟରେ ରେକର୍ଡର ଅଧିକାରୀ ହୋଇଥିଲା। ମୋହନବାଗାନ ଏଥର ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚ ଡ୍ର' ସହ ଏହାର ଅଭିଯାନ ଆରମ୍ଭ କରିଥିଲା। ପରେ ହୋମ୍ ଗ୍ରାଉଣ୍ଡରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ ୨-୪ ଗୋଲ୍‌ରେ ହାରିଯାଇଥିଲା। କିନ୍ତୁ ଏହାର ୩ ଦିନ ପରେ ନିଜ ଗ୍ରାଉଣ୍ଡରେ ଟିଆର୍‌ୟୁ ଏଫ୍‌ସି ବିପକ୍ଷରେ ୪-୦ ଗୋଲରେ ବିଜୟ ସହ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରଠାରୁ ଦଳ କ୍ରମାଗତ ୧୩ଟି ମ୍ୟାଚରେ ଅପରାଜେୟ ରହିଥିଲା। ଏହି ଦଳ ଚଳିତ ସିଜନରେ ନିଜର ଆଉ ଏକ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଥିଲା। ମାତ୍ର ସଫଳ ହୋଇ ପାରିନ ଥିଲା। କୋଲକାତାର ଏହି ଶକ୍ତିଶାଳି ଦଳ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସି ସହିତ ମୁକାବିଲା କରିବ।

### ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ଅଫିସିଆଲଙ୍କ ନାମ ଘୋଷଣା

ମେଲବୋର୍ନ,୬।୩(ପି.ଟି.)- ନ୍ୟୁଜିଲାଣ୍ଡର କିମ କଟନ ଓ ପାକିସ୍ତାନର ଅହସାନ ରାଜା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ପରିଚାଳନା କରିବେ। ଏ ନେଇ ଆଇସିସି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୪ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଭାରତକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ (ଏମ୍‌ସିଜି)ଠାରେ ରବିବାର ଭେଟିବ। ୪୨ ବର୍ଷୀୟ କଟନ ଅଷ୍ଟ୍ରେଲିଆର ସେମିଫାଇଫାଲ ମ୍ୟାଚ୍ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଚଳିତ ଇଭେଣ୍ଟରେ ତାଙ୍କର ୫ମ ମ୍ୟାଚ୍ ହେବ। ତାଙ୍କ ସାଥୀ ରାଜା ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌ର ପରିଚଳାନା ଦାୟିତ୍ୱରେ ଥିଲେ। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଅମ୍ପାୟରିଂ କରିବାର ତାଙ୍କର ଅଭିଜ୍ଞତା ରହିଛି। ସେ ୨୦୧୭ ବିଶ୍ୱକପ୍ ସେମିଫାଇନାଲ ପରିଚାଳନା କରିଥିଲେ। ଏହି ଦୁଇ ଅମ୍ପାୟରଙ୍କୁ ୱେଷ୍ଟଇଣ୍ଡିଜର ଗ୍ରିଗୋରି ବ୍ରାଥୱେଟ ଟିଭି ଅମ୍ପାୟର ଭାବେ ସାହାଯ୍ୟ କରିବେ। ୨୦୧୮ ଫାଇନାଲ ପରିଚାଳନା କରିଥିବା ଜିମ୍ବାୱେର ଲଙ୍ଗଟନ ରୁସେରେ ଚତୁର୍ଥ ଅମ୍ପାୟର ଦାୟିତ୍ୱରେ ରହିବେ।

"ଆଇପିଏଲ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ। କରୋନା ଭାଇରସ ପାଇଁ ଆବଶ୍ୟକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



"ଭାରତ ଏଥର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଜିତିବା ଭାଗ୍ୟ ଆମ ସାଥିରେ ରହିଛି ବୋଲି ମୋର ଦୃଢ ବିଶ୍ୱାସ।

–ବେଦ କ୍ରିଷ୍ଣମୂର୍ତ୍ତି, ଭାରତୀୟ ସିନିୟର ବ୍ୟାଟ୍ସଓମ୍ୟାନ



# ସଚିନ ବନାମ ଲାରା





ଶୁକ୍ରବାର ନେଟ୍ସରେ ବୋଲିଂ ଅବସରରେ ୱେଷ୍ଟଇଣ୍ଡିଜର ଟିନୋ ବେଷ୍ଟ। ଭାରତର ସଚିନ ତେନ୍ଦୁଲକରଙ୍କ ବ୍ୟାଟିଂ ଅଭ୍ୟାସ।

**ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଆଜିଠାରୁ**

ମୁମ୍ବାଇ, ୬।୩

ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ 'ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ' ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଭାରତ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟରମାନେ ଏହି ସିରିଜରେ ଖେଳିବେ। ପ୍ରତିଯୋଗିତାରେ ମୋଟ ୧୦ଟି ମ୍ୟାଚ ଖେଳାଯିବ। ୨୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସଙ୍କ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆୟୋଜିତ ହେବ। ସଚିନ ତେନ୍ଦୁଲକର ଓ ବ୍ରାଏନ ଲାରା ଉଭୟ ଦଳର ନେତୃତ୍ୱ ନେବେ। ଓଡ଼ିଶା କ୍ରିକେଟ ତାରକା ପ୍ରଜ୍ଞାନ ଓଝା ଇଣ୍ଡିଆ ଲିଜେଣ୍ଡ ଦଳରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଭାଗନେବାକୁ ଯାଉଥିବା ଅନ୍ୟ ୩ ଦଳ ହେଲେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ।

**ଇଣ୍ଡିଆ ଲିଜେଣ୍ଡ୍ସ:** ସଚିନ ତେନ୍ଦୁଲକର (ଅଧିନାୟକ), ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁ, ଇରଫାନ ପଠାନ, ଅଜିତ ଅଗରକର, ସଞ୍ଜୟ ବାଙ୍ଗର, ମୁନାଫ ପଟେଲ, ମହମ୍ମଦ କୈଫ, ପ୍ରଜ୍ଞାନ ଓଝା, ସାଇରାଜ ବାହୁତୁଲେ, ସମୀର ଦିଘେ(ଉଇକେଟ କିପର), ଅଭୟ କୁରୁଭିଲା।

**ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ:** ବ୍ରାଏନ ଲାରା (ଅଧିନାୟକ), ଶିବନାରିନ ଚନ୍ଦରପଲ, ଆଡାମ ସାନ୍‌ଫୋର୍ଡ, କାର୍ଲ ହୁପର, ଡାନ୍‌ଜା ହ୍ୟାଟ୍, ଡାରେନ ଗଙ୍ଗା, ପେଡ୍ରୋ କଲିନ୍ସ, ରିକାର୍ଡୋ ପାୱେଲ, ରିଡ୍‌ଲେ ଜ୍ୟାକବ୍ସ (ଉଇକେଟ କିପର), ସାମୁଏଲ ବଦ୍ରି, ସୁଲେମାନ ବେନ୍, ଟିନୋ ବେଷ୍ଟ, ଦିନାନାଥ ରାମନାରିନ।

**ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ:** ବ୍ରେଟ୍ ଲି (ଅଧିନାୟକ), ବ୍ରାଡ୍ ହଜ୍, ମାଇକେଲ କ୍ଲିଙ୍ଗର, ବ୍ରେଟ୍ ଗିଭ୍ସ, କ୍ଲିଣ୍ଟ ମ୍ୟାକକୟ, ଜାସନ କ୍ରିଜା, ମାର୍କ କସଗ୍ରୋଭ, ବ୍ରାଡ୍ ହାଡିନ (ଉଇକେଟ କିପର), ନାଥାନ ରିର୍ଡନ, ଶେନ ଲି, ଟ୍ରାଭିସ ବିର୍ଟ, ଜାଭିଏର ଡୋହର୍ଟି, ବେନ୍ ଲଘଲିନ, ପ୍ୟାଟ୍ରିକ ରିଚାର୍ଡ୍ସ।

**ଶ୍ରୀଲଙ୍କା ଲିଜେଣ୍ଡ୍ସ:** ତିଲକରତ୍ନେ ଦିଲସାନ(ଅଧିନାୟକ), ଚାମରା କପୁଗେଡେରା, ଚାମିଣ୍ଡା ଭାସ, ପରଭେଜ ମାହାରୁଫ, ମାର୍ଭନ ଆଟାପାଟ୍ଟୁ, ମୁଥୟା ମୁରଲୀଧରନ, ରଙ୍ଗନା ହେରାଥ, ରମେଶ କାଲୁୱିଥରଣା (ଉଇକେଟ କିପର), ସଚିତ୍ର ସେନାନାୟକେ, ଅଜନ୍ତା ମେଣ୍ଡିସ, ଥିଲନ ତୁଷାରା, ମିଲିନ୍ଦା ୱାର୍ନାପୁରା, ଉପୁଲ ଚନ୍ଦନା।

**ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ:** ଜଣ୍ଟି ରୋଡ୍ସ(ଅଧିନାୟକ), ଆଣ୍ଡ୍ରୁ ହଲ୍, ଗାର୍ନେଟ କ୍ରୁଗର, ଜ୍ୟାକ୍ସ ରୁଡଲଫ, ଆଲ୍‌ବି ମୋର୍କେଲ, ଜୋହାନ ଭାନ ହର ୱାଥ, ଲାନ୍ସ କ୍ଲୁଜନର, ମାର୍ଟିନ ଭାନ ଜାର୍ସଭେଲ୍ଡ, ମୋର୍ନେ ଭାନ ୱିକ୍(ଉଇକେଟ କିପର), ପଲ୍ ହାରିସ, ରିୟାନ ମ୍ୟାକଲରେନ, ରୋଜର ଟେଲିମାଚୁସ, ହର୍ଶେଲ ଗିବ୍ସ।

### କାର୍ଯ୍ୟସୂଚୀ

- ମାର୍ଚ୍ଚ ୭: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୮: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ
- ମାର୍ଚ୍ଚ ୧୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୧: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୩: ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୧୪: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୬: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୭: ୱେଷ୍ଟଇଣ୍ଡିଜ ଲିଜେଣ୍ଡ୍ସ ବନାମ ଶ୍ରୀଲଙ୍କା ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୧୯: ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ, ଡିୱାଇ ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ମାର୍ଚ୍ଚ ୨୦: ଇଣ୍ଡିଆ ଲିଜେଣ୍ଡ୍ସ ବନାମ ଅଷ୍ଟ୍ରେଲିଆ ଲିଜେଣ୍ଡ୍ସ, ଏମସିଏ ଷ୍ଟାଡିୟମ, ପୁଣେ
- ମାର୍ଚ୍ଚ ୨୨: ଫାଇନାଲ, ବ୍ରାବୋର୍ନ ଷ୍ଟାଡିୟମ, ମୁମ୍ବାଇ

(ମ୍ୟାଚ ଆରମ୍ଭ: ରାତି ୭ଟା, ପ୍ରସାରଣ: କଲର୍ସ ସିନେପ୍ଲେକ୍ସ)

### ରଣଜୀ ଫାଇନାଲ ଖେଳିପାରିବେନି ଜାଡେଜା

କୋଲକାତା,୬।୩

ଆସନ୍ତା ୯ ତାରିଖରେ ସୌରାଷ୍ଟ୍ର ଓ ବେଙ୍ଗଲ ମଧ୍ୟରେ ଚଳିତ ରଣଜୀ ସିଜନର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତା'ର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଫାଇନାଲରେ ଖେଳାଇବା ପାଇଁ ବିସିସିଆଇର ଅନୁମତି ମାଗିଥିଲା। କିନ୍ତୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୋର୍ଡ ଜାଡେଜାଙ୍କୁ ରଣଜୀ ଫାଇନାଲରେ ଖେଳିବାକୁ ଅନୁମତି ଦେଇପାରିବ ନାହିଁ। କାରଣ ଦେଶ ପ୍ରଥମେ ବୋଲି ଗାଙ୍ଗୁଲି କହିଛନ୍ତି। ଦେଶରେ ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନ କରିବାକୁ ଏସ୍‌ସିଏ ସଭାପତି ଜୟଦେବ ଶାହା ପ୍ରସ୍ତାବ ଦେଇଛନ୍ତି। ଯଦି ବିସିସିଆଇ ଚାହୁଁଛି ରଣଜୀ ଫାଇନାଲ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ମ୍ୟାଚ୍‌ର ସିଧାପ୍ରସାରଣ ଅଧିକ ପ୍ରଶଂସକ ଦେଖନ୍ତୁ, ତେବେ ସେହି ସମୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯିବା ଉଚିତ ନୁହେଁ। ଯଦି ରଣଜୀ ଫାଇନାଲ ବେଳେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯାଇପାରିବ, ତେବେ ଆଇପିଏଲ ସମୟରେ କାହିଁକି ହେବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଇପିଏଲରୁ ବିପୁଳ ଟଙ୍କା ମିଳିଥିବାରୁ ବିସିସିଆଇ ଏଭଳି କରୁନାହିଁ। ରଣଜୀ ଫାଇନାଲକୁ ଲୋକପ୍ରିୟ କରାଇବାକୁ ହେଲେ ଷ୍ଟାର ଖେଳାଳିମାନେ ଖେଳିବା ଦରକାର ବୋଲି ଶାହା କହିଛନ୍ତି। ସୌରାଷ୍ଟ୍ର ଗତ ୮ ବର୍ଷ ମଧ୍ୟରେ ୪ର୍ଥ ଥର ପାଇଁ ରଣଜୀ ଫାଇନାଲ ଖେଳିବ। ଏହି ମ୍ୟାଚ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଖେଳିବେ। ତାଙ୍କ ସାଥୀ ରିଦ୍ଧିମାନ ଶାହା ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

## ବିଦେଶୀ ଖେଳାଳିଙ୍କ ସଂଖ୍ୟା ନେଇ ଷ୍ଟିମାକଙ୍କ ଅସନ୍ତୋଷ

**ଆଇଏସ୍‌ଏଲ୍**

ମୁମ୍ବାଇ,୬।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବିଦେଶୀ ଖେଳାଳିଙ୍କ ସଂଖ୍ୟ ନେଇ ଭାରତୀୟ ଜାତୀୟ ଦଳର ହେଡ୍ କୋଚ୍ ଆଇଗର ଷ୍ଟିମାକ ଅସନ୍ତୋଷ ଜାହିର କରିଛନ୍ତି। ଲିଗ୍‌ରେ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ସେ ଆପତ୍ତି ଉଠାଇଛନ୍ତି। ଏହା ଦ୍ୱାରା ଦେଶରେ ବଡ଼ ଖେଳାଳି ସୃଷ୍ଟି ହୋଇପାରିବେ ନାହିଁ। ଅଧିକ ସଂଖ୍ୟାରେ ବିଦେଶୀ ଖେଳାଳି ଖେଳିଲେ ଦେଶରେ ଆଉ ଜଣେ ସୁନୀଲ ଛେତ୍ରୀ ସୃଷ୍ଟି କରିବାରେ ଅନ୍ତରାୟ ସୃଷ୍ଟି କରିବ।

ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦେଶର ଦୁଇ ପ୍ରମୁଖ ଫାଷ୍ଟ ଓ ସେକେଣ୍ଡ ଟାୟର ଲିଗ୍। ଏହି ଦୁଇ ଲିଗ୍ ଏସିଆନ୍ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ନୀତି ଅନୁସରଣ କରିବା ଉଚିତ୍। ଏହି ନୀତି ଅନୁସାରେ ଲିଗ୍‌ର ପ୍ରତି ମ୍ୟାଚ୍‌ରେ ୫ ବଦଳରେ ୪ ଜଣ ଖେଳାଳି ସାମିଲ ହେବା ଉଚିତ୍। ଏଏଫସି ନିୟମ ୩+୧ ନୀତି ଅନୁସରଣ କରାଯିବା ଉଚିତ୍। ବିଦେଶୀ ଖେଳାଳିଙ୍କ ପାଇଁ ଏହା ହେଉଛି ମୌଳିକ ନିୟମ। ଏସିଆର ଅଧିକାଂଶ ଦେଶ ଏହି ନିୟମ ପାଳନ କରୁଛନ୍ତି ଓ ଏଥିପାଇଁ ଏହି ଦେଶଗୁଡ଼ିକ ବେଶ୍ ସଫଳତା ହାସଲ କରିଛନ୍ତି ବୋଲି ଷ୍ଟିମାକ କହିଛନ୍ତି। ଏହା ଦ୍ୱାରା ଏହି ଦେଶଗୁଡ଼ିକରେ ଷ୍ଟ୍ରାଇକର, ଅଫେନ୍ସିଭ ମିଡ୍‌ଫିଲ୍ଡର ଓ ସେଣ୍ଟର ବ୍ୟାକ୍ ପାଇଁ ବହୁତ ବିକଳ୍ପ ସୃଷ୍ଟି ହୋଇପାରିଛି।

ଏବେ ମ୍ୟାଚ୍‌ରେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍ ଦଳଗୁଡ଼ିକ ୫ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଉଛନ୍ତି। ଅନ୍ୟପଟେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କମ୍ପିଟିଶନ ନିୟମ ଅନୁସାରେ ପ୍ରତ୍ୟେକ ଦଳ ୪ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରିପାରିବ। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ଏଏଫ୍‌ସି ମେମ୍ବର ଆସୋସିଏଶନର ନାଗରିକ ହେବା ନିହାତି ଜରୁରି। ଏବେ ସୁନୀଲ ଛେତ୍ରୀଙ୍କ ବିକଳ୍ପ ସୃଷ୍ଟି ହେବା କଷ୍ଟକର ହୋଇପଡ଼ିଛି ବୋଲି ଷ୍ଟିମାକ କହିଛନ୍ତି। ଏବେ ଯେତେବେଳେ ଷ୍ଟ୍ରାଇକର ଖୋଜିବାକୁ ଯାଉଛି ମୋତେ ୫ଜଣ ବିଦେଶୀ ଖେଳାଳି ନଜର ଆସୁଛନ୍ତି। ଆଇ- ଲିଗ୍‌ରେ ଭାରତୀୟ ଷ୍ଟ୍ରାଇକର ନାହାନ୍ତି। କେବଳ ଇଣ୍ଡିଆନ ଆରୋଜ ନିକଟରେ ଜଣେ ଭାରତୀୟ ବିକ୍ରମ ପ୍ରତାପ ସିଂ ରହିଛନ୍ତି। ଏବେ ଆଇଏସ୍‌ଏଲ୍ ଓ ଆଇ- ଲିଗ୍‌କୁ ମିଶାଇଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ଜାତୀୟ ଦଳ ସଫଳତା ପାଇଲେ ଭାରତୀୟ ଫୁଟବଲ୍‌ର ବିକାଶ ହୋଇପାରିବ। ୨୦୨୬ ଫିଫା ବିଶ୍ୱକପ୍‌ରେ ୪୮ଟି ଦେଶ ସାମିଲ ହେବେ। ଫଳରେ ଏହି ବିଶ୍ୱକପ୍‌ରେ ୩-୪-୫ଟି ଏସୀୟ ଦେଶ ଅଂଶଗ୍ରହଣ କରିବେ। ଏସିଆର ଶ୍ରେଷ୍ଠ ୮ଟି ଦେଶ ସାମିଲ ହେବା ନେଇ ପ୍ରସ୍ତୁତି ପାଇଁ ଆମ ପାଖରେ ୪ବର୍ଷ ହାତରେ ରହିଛି। କରୋନା ଭାଇରସ୍ ପାଇଁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଜାତୀୟ କ୍ୟାମ୍ପ ବାତିଲ ହେବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ଷ୍ଟିମାକ କହିଛନ୍ତି। ଆସନ୍ତା ୨୬ ତାରିଖରେ କାତାର ବିପକ୍ଷରେ ଭାରତ ବିଶ୍ୱକପ୍ କ୍ୱାଲିଫାୟର ଖେଳିବ।

ଇତିମଧ୍ୟରେ କରୋନାଭାଇରସ ସଂକ୍ରମଣ ପାଇଁ ଫିଫା ୨୦୨୨ ବିଶ୍ୱକପ୍ ଓ ୨୦୨୩ ଏସିଆନ କପ୍ କ୍ୱାଲିଫାୟର୍ସ ଓ କାତାର ବିପକ୍ଷ ଘରୋଇ ମ୍ୟାଚ୍‌କୁ ଘୁଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଛି। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଆମକୁ ପ୍ରସ୍ତୁତି ଜାରି ରଖିବାକୁ ହେବ ବୋଲି ଷ୍ଟିମାକ ସ୍ପଷ୍ଟ କରିଛନ୍ତି।

## ଓଡ଼ିଶା ଏଫ୍‌ସି ସହ ଡାନିଏଲଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) କ୍ଲବ ଓଡ଼ିଶା ଏଫସି ସେଣ୍ଟର ଫରୱାର୍ଡ ଡାନିଏଲ ଲାଲହିଲିମପୁଇଆଙ୍କ ଚୁକ୍ତି ମିଆଦ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଶୁକ୍ରବାର ମିଜୋରାମ ଷ୍ଟ୍ରାଇକରଙ୍କ ସହ ଏ ସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିବା ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ଚେନ୍ନାଇନ୍ ଏଫସି ଓ ବେଙ୍ଗାଲୁରୁ ଏଫସି ପକ୍ଷରୁ ଆଇଏସଏଲ ଖେଳିବା ପରେ ଡାନିଏଲ ୨୦୧୮ରେ ଦିଲ୍ଲୀ ଡାଇନାମସ ସହିତ ଚୁକ୍ତି କରିଥିଲେ। ଗତ ସିଜନ ଶେଷରେ ଦିଲ୍ଲୀ ଡାଇନାମସ ଓଡ଼ିଶା ଏଫସିରେ ପରିଣତ ହୋଇଥିଲା। ଚଳିତ ସିଜନରେ ୨୨ ବର୍ଷୀୟ ଡାନିଏଲ ଓଡ଼ିଶା ଏଫସି ପକ୍ଷରୁ ୧୬ଟି ମ୍ୟାଚ ଖେଳିଛନ୍ତି। ''ଡାନିଏଲ ଜଣେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି। ସେ କଠିନ ପରିଶ୍ରମ କରନ୍ତି ଏବଂ ଦଳ ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ରହିଛି। ଓଡ଼ିଶା ଏଫସି ସହିତ ଖେଳିବାଦ୍ୱାରା ତାଙ୍କ ପ୍ରଦର୍ଶନରେ ଉନ୍ନତି ହୋଇଛି, ଆଗାମୀ ଦିନରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ। ଗତ କିଛିବର୍ଷ ଧରି ପ୍ରଦର୍ଶନ ସନ୍ତୋଷଜନକ ରହିଥିବାରୁ ଆମେ ତାଙ୍କ ଚୁକ୍ତି ମିଆଦ ଆଉ କିଛି ବର୍ଷ ପାଇଁ ବଢ଼ାଇବାକୁ ନିଷ୍ପତ୍ତି ନେଲୁ। ଭବିଷ୍ୟତ ପାଇଁ ତାଙ୍କୁ ଶୁଭେଚ୍ଛା'' ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ନିଜେ ଡାନିଏଲ ମଧ୍ୟ ଖୁସି ଜାହିର କରିଛନ୍ତି। ''ଓଡ଼ିଶା ଏଫସି ପରିବାର ସହିତ ମୋତେ ଅଧିକ ଦିନ ଧରି ରହିବା ପାଇଁ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁଁ ଗତ ଦୁଇ ବର୍ଷ ଧରି କଠିନ ପରିଶ୍ରମ କରିଆସୁଛି। ଆଗାମୀ ଦିନରେ ଓଏଫସି ପାଇଁ ଅଧିକ ସଫଳତା ଆଣିବାକୁ ଚେଷ୍ଟା କରିବି। ଚୁକ୍ତି ମିଆଦ ବଢ଼ିଥିବାରୁ ମୁଁ କୋଚ୍, ସପୋର୍ଟ ଷ୍ଟାଫ୍ ଓ କ୍ଲବ ମ୍ୟାନେଜମେଣ୍ଟ ନିକଟରେ କୃତଜ୍ଞ'' ବୋଲି ଡାନିଏଲ ପ୍ରକାଶ କରିଛନ୍ତି।



ଶୁଭମ୍ ଷଡଙ୍ଗୀଙ୍କ ସହ ଡାନିଏଲ ଲାଲହିଲିମପୁଇଆ।





ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ଚତୁର୍ଥ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

## ଇନ୍ଦୁଭୂଷଣ, ଆଶାମଣୀ, ସୂର୍ଯ୍ୟକାନ୍ତିଙ୍କୁ ସ୍ୱର୍ଣ୍ଣ

**ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା**

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାରେ ଶକ୍ରବାର ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୫ଟି ପଦକ ମିଳିଛି। ଇନ୍ଦୁଭୂଷଣ ଭଞ୍ଜ ପୁରୁଷ ବରିଷ୍ଠ ବର୍ଗ ଜାଭେଲିନ ଥ୍ରୋରେ ଏବଂ ଆଶାମଣୀ ସାହୁ ୮୦୦ ମିଟର ରେସ୍ ମହିଳା ବରିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସୂର୍ଯ୍ୟକାନ୍ତି ବେହେରା ଫ୍ରିଷ୍ଟାଇଲ ମହିଳା ବର୍ଗ ସନ୍ତରଣରେ ସ୍ୱର୍ଣ୍ଣ ଏବଂ ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଲକ୍ଷପତି ମାଝି ଜାଭେଲିନ ଥ୍ରୋ ବରିଷ୍ଠ ପୁରୁଷ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଫଳରେ ୪ର୍ଥ ଦିବସ ଶେଷସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୫( ୬ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ବ୍ରୋଞ୍ଜ)ରେ ପହଞ୍ଚିଛି। କର୍ନାଟକ ୭୨ (୩୧+୨୦+୨୧) ପଦକ ପାଇ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଥିବାବେଳେ ଛତିଶଗଡ଼ ୬୯ (୨୭+୨୬+୧୬) ଓ କେରଳ ୫୭ (୧୯+୧୮+୨୦) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# କରୋନା ପାଇଁ ଭାରତୀୟ କ୍ରୀଡ଼ା ପ୍ରଭାବିତ



■ ଶୁଟିଂ ବିଶ୍ୱକପ୍ ଘୁଞ୍ଚିଲା
■ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବାତିଲ
■ ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କଲା ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ)

ନୂଆଦିଲ୍ଲୀ,୬।୩(ପି.ଟି.)

ବିଶ୍ୱବ୍ୟାପୀ କରୋନାଭାଇରସ୍‌ର ଆତଙ୍କ ଦେଖା ଦେଇଛି। ଏହା ମଧ୍ୟ ଭାରତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ପ୍ରଥମ ମେଜର ଇଭେଣ୍ଟ ଭାବେ ଶୁଟିଂ ବିଶ୍ୱକପକୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଦେଶରେ ତାରକା ଆଥଲେଟ୍‌ଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ନୂଆଦିଲ୍ଲୀରେ ଶୁଟିଂ ବିଶ୍ୱକପ୍ ମାର୍ଚ୍ଚ ୧୫ରୁ ୨୫ ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା ଏବେ ଘୁଞ୍ଚିଛି। ଅନ୍ୟପଟେ ଟୋକିଓ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଏପ୍ରିଲ ୧୬ ତାରିଖର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ମଧ୍ୟ ବାତିଲ କରାଯାଇଛି। ଭାରତରେ କରୋନାଭାଇରସ ରୋଗୀଙ୍କ ସଂଖ୍ୟା ଏବେ ୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ୧୬ଜଣ ଇଟାଲୀ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ସାରା ବିଶ୍ୱରେ ଏପର୍ଯ୍ୟନ୍ତ ୩,୩୩୦ଜଣ ଲୋକ ଏଥିରେ ମୃତ୍ୟୁବରଣ କରିଛନ୍ତି। ୮୫ଟି ଦେଶରେ ପାଖାପାଖି ଏକ ଲକ୍ଷ ଲୋକ କରୋନାଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

ତେବେ ଏହା ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବ ନିର୍ଦ୍ଧାରିତ ତାରିଖରେ ଆୟୋଜନ ହେବ। ମୁମ୍ବାଇରେ ମାର୍ଚ୍ଚ ୨୯ ତାରିଖରୁ ଏହା ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏବେ ଶୁଟିଂ ବିଶ୍ୱକପ୍ ଦୁଇଟି ସ୍ଥାନରେ ଆୟୋଜନ ହେବ। ରାଇଫଲ ଓ ପିସ୍ତଲ ପ୍ରତିଯୋଗିତା ମେ ୫ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଶଟ୍‌ଗନ ପ୍ରତିଯୋଗିତା ଜୁନ୍ ୨ରୁ ୯ ତାରିଖ ମଧ୍ୟରେ ଖେଳାଯିବ ବୋଲି ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ କହିଛି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ)କୁ ଜାତୀୟ ରାଇଫଲ ଆସୋସିଏଶନ (ଏନ୍ଆରଏଆଇ) ପ୍ରସ୍ତାବ ଦେବା ପରେ ଶୁଟିଂ ବିଶ୍ୱକପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଚାଇନା, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ ଓ ଇରାନରୁ ଯାତ୍ରୀଙ୍କୁ ଭାରତ ଆସିବାରେ ବାରଣ କରାଯାଇଛି। ଫଳରେ ମୋଟ ଉପରେ ୨୨ଟି ଦେଶ ଏହି ଓଭେଣ୍ଟରୁ ଓହରିଯାଇଛନ୍ତି ବୋଲି ଏନ୍ଆରଏଆଇ ତରଫରୁ କୁହାଯାଇଛି।

ତେବେ ଆଇପିଏଲ୍ ଆୟୋଜନ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି।


## ଆଶଙ୍କାରେ ଦୂତୀ




ଦେଶର ତାରକା କ୍ରୀଡ଼ାବିତ୍‌ମାନେ ମଧ୍ୟ ଏନେଇ ଆଶଙ୍କା ପ୍ରକାଶ କରିଛନ୍ତି। ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ରେସଲର ବଜରଙ୍ଗ ପୁନିଆ, ଦେଶର ଦ୍ରୁତତମ ମହିଳା ଧାବିକା ଦୂତୀ ଚାନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବାରୁ ଦୂତୀ ଆଶଙ୍କାରେ ଅଛନ୍ତି। କରୋନାଭାଇରସ୍ କାରଣରୁ ବିଶ୍ୱରେ ବିଭିନ୍ନ ଟୁର୍ନାମେଣ୍ଟ ଆୟୋଜନ ହୋଇପାରୁ ନାହିଁ। ବିଦେଶରେ ମୋର ୩ଟି ଇଭେଣ୍ଟ ବାତିଲ ହୋଇ ସାରିଛି। ଟିକେଟ ବୁକ୍ କରିସାରିଥିଲେ ମଧ୍ୟ ଭିଜା ପାଇନାହିଁ। ଯଦି ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତାହେଲେ ବିଶ୍ୱର ସବୁ ଆଥଲେଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଯଦି ୨୬ କିମ୍ବା ୨୭ଟି ଦେଶ ଓହରିଯାଆନ୍ତି ତା'ହେଲେ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହୋଇପାରିବ ନାହିଁ ବୋଲି ଦୂତୀ କହିଛନ୍ତି।

କରୋନାଭାଇରସ ପାଇଁ ଆମେ ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ବିଶ୍ୱର ସବୁଠି ଟୁର୍ନାମେଣ୍ଟ ଚାଲୁ ରହିଛି। ଏବେ ଶ୍ରୀଲଙ୍କାରେ ଇଂଲଣ୍ଡ ସିରିଜ ଖେଳୁଛି। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତ ଆସିଛି। କାଉଣ୍ଟି ଦଳଗୁଡିକ ମଧ୍ୟ ଅବୁଧାବି, ୟୁଏଇ ଯାତ୍ରା କରିଛନ୍ତି। ତେଣୁ ଆଇପିଏଲ୍ ଆୟୋଜନ ନେଇ କୌଣସି ସମସ୍ୟା ନାହିଁ। ମେଡିକାଲ ଟିମ୍ ମଧ୍ୟ ଏଥିପାଇଁ ପ୍ରସ୍ତୁତ କରାଯିବ।

କରୋନାଭାଇରସ ପାଇଁ ବିଶ୍ୱରେ ବିଭିନ୍ନ ବଡ଼ ଇଭେଣ୍ଟ ବାତିଲ ହୋଇସାରିଛି। ସାଇ ମଧ୍ୟ ସାରା ଦେଶରେ ଆଥଲେଟ ଓ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସକୁ ବାତିଲ କରିଛି। ଜାପାନରେ ଖେଳାଯିବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଘୁଞ୍ଚାଯାଇଛି କିମ୍ବା ବାତିଲ କରାଯାଇଛି। ଏପରିକି ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ଆୟୋଜନ ନେଇ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି। ତେବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସ୍ପଷ୍ଟ କରିଛି।

ଦଶମ ଜନ୍ମବାର୍ଷିକ ଶୁଭେଚ୍ଛା
(ସୋମୁ)
ରୁଦ୍ର ନାରାୟଣ ପାତ୍ର
ଭଅଁରାଗଡ, ବନମାଳିପୁର, ଖୋର୍ଦ୍ଧା
ତୋର ଦଶମ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶିବଶଙ୍କରଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ସର୍ବଦା ମଙ୍ଗଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ମା', ବାପା, ମାମା, ଦାଦା, ଖୁଡୀ, ଭଉଣୀ।
ଧ-୧୭୦୩୧



Happy Birthday
ପ୍ରିୟଦର୍ଶିନୀ ବିଶ୍ୱାଳ
ଜୀବନ ତୋହର ସରସ ସୁନ୍ଦର ରଖିଥାନ୍ତୁ ଭଗବାନ
ଆମ ସ୍ମୃତିପଟେ ତୋର ପ୍ରତିଛବି ରହିଥାଉ ସବୁ ଦିନ।
ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୮୭୭



ପ୍ରଥମ ଜନ୍ମଦିନର ଶୁଭେଚ୍ଛା
ଦ୍ୟୁତିଶ ବିଶି
ପ୍ରଥମ ଜନ୍ମ ଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୁମ ଜୀବନ ହସଖୁସିରେ ଭରିରହୁ।
ଶୁଭେଚ୍ଛା ସହ- ବାପା, ମାଆ, କାକା, କାକି, ଜେଜେମା, ସାନଭାଇ (ୟୁଗ) ଏବଂ ସମସ୍ତ କର୍ମଚାରୀ ବୃନ୍ଦ।
Bishi Medical Store, Patholgical Investigation Center, Residential Clinic Kanbar, Barpali, Bargarh
ଧ-୧୭୦୪୬


# ମହିଳା ଟି୨୦ ବିଶ୍ୱକପ୍: ପତ୍ନୀଙ୍କ ଲାଗି ଆଗୁଆ ସ୍ୱଦେଶ ଫେରିଲେ ଷ୍ଟାର୍କ

ମେଲବୋର୍ନ,୬।୩

ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ପୋଚେଫ୍‌ଷ୍ଟ୍ରମ ଦିନିକିଆରେ ଖେଳିବେ ନାହିଁ ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ। ସେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବା ଲାଗି ସ୍ୱଦେଶ ଗସ୍ତ କରିବେ। ଅଷ୍ଟ୍ରେଲିଆ ଦଳରେ ତାଙ୍କ ସ୍ତ୍ରୀ ଆଲିସା ହିଲି ପ୍ରତିନିଧିତ୍ୱ କରୁଛନ୍ତି। ଷ୍ଟାର୍କ ଶୁକ୍ରବାର ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବେ। ଏହା ଦ୍ୱାରା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଷ୍ଟାର୍କଙ୍କୁ ଫ୍ରେଶ ହେବା ଲାଗି ସମୟ ମିଳିବ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସ୍ତ୍ରୀ ଆଲିସାଙ୍କୁ ଅଷ୍ଟ୍ରେଲିଆରେ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଦେଖିବାର ଷ୍ଟାର୍କଙ୍କୁ ଜୀବନରେ ଥରେ ସୁଯୋଗ ମିଳିଛି। ଏହି ଅବସରରେ ସ୍ତ୍ରୀଙ୍କୁ ସମର୍ଥନ କରିବା ଲାଗି ଆମେ ତାଙ୍କୁ ସ୍ୱଦେଶ ଫେରିବାକୁ ଅନୁମତି ଦେଇଛୁ। ଏ ସମ୍ପର୍କରେ ଆମେ ବହୁ ଆଗରୁ କଥା ହୋଇଥିଲୁ। ୩ ଫର୍ମାଟରେ ଖେଳୁଥିବା ଷ୍ଟାର୍କଙ୍କୁ ମଧ୍ୟ ବ୍ରେକ ଦରକାର ଥିଲା ବୋଲି କୋଚ୍ ଲାଙ୍ଗର କହିଛନ୍ତି। ଆମ ନିକଟରେ ବିକଳ୍ପ ଦ୍ରୁତ ବୋଲରଙ୍କ ଅଭାବ ନାହିଁ। ଜୋଶ ହାଜେଲଉଡ, ଝେ ରିଚାର୍ଡସନ ଓ କେନ ରିଚାର୍ଡସନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳି ନ ଥିଲେ। ଷ୍ଟାର୍କଙ୍କ ଅନୁପସ୍ଥିତିରେ ଏମାନଙ୍କ ମଧ୍ୟରୁ ଜଣେ କେହି ଖେଳିବାକୁ ସୁଯୋଗ ପାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ମ୍ୟାଚ୍ ଖେଳିଥିବା ଷ୍ଟାର୍କ ମାତ୍ର ୩ ଉଇକେଟ ନେଇପାରିଥିଲେ। ଅନ୍ୟପକ୍ଷରେ ହେଲି ବିଶ୍ୱକପ୍‌ରେ ଫର୍ମକୁ ଫେରିଛନ୍ତି। ସେ ଭାରତ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୫୧ ଓ ବାଂଲାଦେଶ ବିପକ୍ଷରେ ୮୧ ରନ୍ କରିଥିଲେ। ଭାରତ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ ବୋଲି ଆଶା କରାଯାଉଛି।



ମିଚେଲ ଷ୍ଟାର୍କ ପତ୍ନୀ ଆଲିସା ହିଲିଙ୍କ ସହ।

# ଆନନ୍ଦ, ହମ୍ପି ଭାରତର ନେତୃତ୍ୱ ନେବେ

ଚେନ୍ନାଇ, ୬।୩(ପି.ଟି.)

ପାଞ୍ଚଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଏବଂ ବିଶ୍ୱର ୨ ନମ୍ବର ମହିଳା ଖେଳାଳି କୋନେରୁ ହମ୍ପି ଆଗାମୀ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ୪୪ତମ ଚେସ୍ ଅଲିମ୍ପିଆଡ୍ ଆସନ୍ତା ଅଗଷ୍ଟ ୫ରୁ ୧୮ ପର୍ଯ୍ୟନ୍ତ ମସ୍କୋରେ ଅନୁଷ୍ଠିତ ହେବ। ଅଲିମ୍ପିଆଡ୍‌ରେ ପାଖାପାଖି ୧୮୦ ଦେଶର ପ୍ରତିଯୋଗୀ ଭାଗନେବେ ବୋଲି ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ(ଏଆଇସିଏଫ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ୫୦ ବର୍ଷୀୟ ଆନନ୍ଦଙ୍କ ବ୍ୟତୀତ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ଓ ଭିଦିତ ଗୁଜରାଟୀ ଭାରତୀୟ ଦଳରେ ସାମିଲ ହେବା ଏକପ୍ରକାର ନିଶ୍ଚିତ। ଏହା ବ୍ୟତୀତ ବି. ଅଧିବନ, କେ. ଶଶିକିରଣ, ସେ.ପି. ସେଥୁରମଣ, ସୂର୍ଯ୍ୟଶେଖର ଗାଙ୍ଗୁଲି, ଅରବିନ୍ଦ ଚିଦାମ୍ବରମ ମଧ୍ୟ ଏହି ରେସ୍‌ରେ ରହିଛନ୍ତି। ସେହିପରି ର୍ୟାଙ୍କିଙ୍ଗ ଦୃଷ୍ଟିରୁ ମହିଳା ଦଳରେ ହମ୍ପି ଓ ଦ୍ରୋଣାଭାଲି ହାରିକା ସ୍ଥାନ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ତାନିଆ ସଚଦେବା, ଭକ୍ତି କୁଲକର୍ନୀ ଓ ଆର. ବୈଶାଳୀଙ୍କ ମଧ୍ୟରେ ଅନ୍ୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ନିକଟ ଭବିଷ୍ୟତରେ ଖେଳାଳିଙ୍କ ଫର୍ମକୁ ଦେଖି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏଆଇସିଏଫ ପକ୍ଷରୁ ପ୍ରକାଶ କରାଯାଇଛି।



ବିଶ୍ୱନାଥନ ଆନନ୍ଦ



କୋନେରୁ ହମ୍ପି

## ଚେସ୍ ଅଲିମ୍ପିଆଡ

ନିୟମ ଅନୁସାରେ, ମେ ୧ ମଧ୍ୟରେ ଭାରତକୁ ଚୂଡ଼ାନ୍ତ ଦଳ ତାଲିକା ପ୍ରକାଶ କରିବାକୁ ପଡ଼ିବ। ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଷିଆର ଭ୍ଲାଡିମିର କ୍ରାମନିକଙ୍କୁ ପୁରୁଷ ଦଳର ଟ୍ରେନର ଭାବେ ନିଯୁକ୍ତ କରିବାକୁ ଏଆଇସିଏଫ ଚିନ୍ତା କରୁଛି। ଭ୍ଲାଡିମିର ଅତିକମ୍‌ରେ ୨ଟି କ୍ୟାମ୍ପରେ ଭାରତୀୟ ଖେଳାଳିଙ୍କୁ ଟ୍ରେନିଂ ଦେବେ। ସେହିପରି ମହିଳା ଦଳର କୋଚ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ ବୋଲି ପ୍ରକାଶ କରାଯାଇଛି। ଭାରତ ଏବେ ବିଶ୍ୱ ଚେସ୍‌ରେ ନୂଆ ଶକ୍ତି ଭାବେ ଉଭା ହୋଇଛି। ତେଣୁ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଏଆଇସିଏଫ ସମ୍ପାଦକ ଭରତ ସିଂ ଚୌହାନ ପ୍ରକାଶ କରିଛନ୍ତି। ୨୦୧୮ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଗତ ଅଲିମ୍ପିଆଡ୍‌ରେ ଆନନ୍ଦ ଭାଗ ନେଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ସୁଇସ୍ ଇଭେଣ୍ଟରେ ଦୀର୍ଘ ସମୟ ଧରି ଭାରତୀୟ ପୁରୁଷ ଦଳ ପଦକ ଦୌଡ଼ରେ ରହିବାପରେ ଶେଷରେ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ମହିଳା ଦଳକୁ ୮ମ ସ୍ଥାନ ମିଳିଥିଲା।

# ରୋମାଞ୍ଚକ ହେବ ସେକେଣ୍ଡ ଲେଗ୍ ସେମି

ବାଇଚୁଙ୍ଗ ଭୂଟିଆ

ଇଣ୍ଡିଆନ ସୁପର ଲିଗ(ଆଇଏସ୍ଏଲ୍) ସେମିଫାଇନାଲର ପ୍ରଥମ ରାଉଣ୍ଡ ଆମେ ଯେଭଳି ଅନୁମାନ କରିଥିଲୁ ଠିକ୍ ସେହିପରି ହେଲା। କିନ୍ତୁ ସେମିଫାଇନାଲର ସେକେଣ୍ଡ ଲେଗ୍ ନିଶ୍ଚିତ ଭାବେ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ତେବେ ଏଫ୍‌ସି ଗୋଆ ଅଧିକ ଗୋଲ ଦେବାରେ ବିଫଳ ହେବା ମୋତେ ଚକିତ କରିଛି। ଗୋଆର ଡିଫେନ୍ସରେ ସାମାନ୍ୟ ଦୁର୍ବଳତା ପରିଲକ୍ଷିତ ହୋଇଥିଲା। ଚେନ୍ନାଇନ ଏଫ୍‌ସି ଏହାର ଭରପୂର ଫାଇଦା ଉଠାଇଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରି ବାଜି ମାରିଥିଲା।

ଗତ କିଛିଦିନ ହେବ ଲକ୍ଷଲକ୍ଷ ସଂଖ୍ୟାରେ ପ୍ରଶଂସକ ମୋତେ ଗୋଟିଏ କଥା ପଚାରୁଛନ୍ତି। ତାହା ହେଲା ଏଫ୍‌ସି ଗୋଆ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହେବ କି? ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଅସମ୍ଭବ ମନେହେଉଛି। ତେବେ ଫୁଟ୍‌ବଲ୍‌ରେ ଅସମ୍ଭବ ବି ସମ୍ଭବ ହୋଇଥାଏ। ଏହା ହେଉଛି ଫୁଟ୍‌ବଲର ପ୍ରକୃତ ସୁନ୍ଦରତା। ବର୍ତ୍ତମାନ ଯଦି କୌଣସି ଦଳ ପ୍ରତ୍ୟାବର୍ତ୍ତନ କରିବା କ୍ଷମତା ରଖିଥାଏ ସେ ଦଳ ହେଉଛି ଗୋଆ। କିନ୍ତୁ ପୂରା ଲିଗ୍‌ରେ ଚେନ୍ନାଇନ ଯେପରି ପ୍ରଦର୍ଶନ କରିଛି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ତେଣୁ ଚେନ୍ନାଇନ ବିପକ୍ଷରେ ପ୍ରତ୍ୟାବର୍ତ୍ତନ କରିବା ଗୋଆ ପାଇଁ ବେଶ୍ କଷ୍ଟକର ହେବ। କେବଳ ଆଟାକ ବା ଆକ୍ରମଣ ଛଡ଼ା ଗୋଆ ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ। ଚେନ୍ନାଇନ ମଧ୍ୟ ଗୋଆର ଏହି ସମ୍ଭାବ୍ୟ ରଣନୀତି ନେଇ ଅବଗତ ଥିବ। ସେହି ଅନୁସାରେ ଚେନ୍ନାଇନ ପ୍ରସ୍ତୁତ ହୋଇ ପଡିଆକୁ ଓହ୍ଲାଇବ। ଗୋଆ ମଧ୍ୟ ସେକେଣ୍ଡ ଲେଗ୍ ସେମିରେ ସ୍କୋର କରିବ। ଗୋଆ ମଧ୍ୟ ନିଶ୍ଚିତ ସ୍କୋର କରିବ। କିନ୍ତୁ ଗୋଆ ସଫଳ ହେବା ନେଇ ଆଶଙ୍କା ରହିଛି।

ଅନ୍ୟପଟେ ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି କୁହାଯାଇପାରେ। ପ୍ରଥମ ଲେଗ୍‌ରେ ୧-୦ରେ ବିଜୟୀ ହୋଇ ୩ ପଏଣ୍ଟ ହାସଲ କରିବା ସହ ବେଙ୍ଗାଲୁରୁ ଏବେ କୋଲକାତା ଯାତ୍ରା କରିବ। ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ କୋଚ୍‌ଙ୍କ ମଧ୍ୟ ରଣନୀତିର ଲଢେଇ ଦେଖିବାକୁ ମିଳିବ। ଘରୋଇ ପରିବେଶରେ ଏଟିକେ କୋଚ୍ ଆଣ୍ଟୋନିଓ ହାବାସଙ୍କୁ କିଭଳି ବେଙ୍ଗାଲୁରୁ କୋଚ୍ ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା ଓ ଏହା ନିଶ୍ଚିତ ଭାବେ ମଜାଦାର ହେବ। ହୋମ ଗ୍ରାଉଣ୍ଡରେ ଏଟିକେ ନିଶ୍ଚିତ ଭାବେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ଅବଶ୍ୟ ବେଙ୍ଗାଲୁରୁର ଆଟାକ୍ ନେଇ ଏଟିକେ ଟିମ୍ ମ୍ୟାନେଜମେଣ୍ଟ ଅବଗତ ଥିବ। ଉଦନ୍ତା ସିଂ ଓ ଆଶିକ୍ କୁରୁନିୟାନଙ୍କୁ ବେଙ୍ଗାଲୁରୁ ଫାଷ୍ଟ ଲେଗ୍‌ରେ ବେଞ୍ଚରେ ବସାଇବା ମୋତେ ଚକିତ କରିଥିଲା। ଏହା ଏକ ଗ୍ୟାମ୍ବଲ ଥିଲା। ଏହା ମଧ୍ୟ କାମରେ ଆସିଲା। ଘରୋଇ ପରିବେଶରେ ଏଟିକେ ପ୍ରାଥମିକ ଭାବେ ୩ ଜଣଙ୍କୁ ନେଇ ଡିଫେନ୍ସ ପ୍ରସ୍ତୁତ କରିବ। ଏଟିକେକୁ ରୋକିବା ପାଇଁ ବେଙ୍ଗାଲୁରୁ କୋଚ୍ କାର୍ଲେସ କୁଆଡ୍ରାଟ୍ ଏହି ଦୁଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେବେ ଓ ସେମାନଙ୍କ ଗତି ତଥା ମୁଭେମେଣ୍ଟର ଫାଇଦାଉ ଉଠାଇବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

ବେଙ୍ଗାଲୁରୁ ଗୋଲ ସ୍କୋର କରି ଏହି ନିର୍ଣ୍ଣାୟକ ଆୱେ ମ୍ୟାଚ୍‌ରେ ବାଜିମାରି ଫାଇନାଲରେ ପହଞ୍ଚିବା ଲକ୍ଷ୍ୟରେ ରହିଛି। ବେଙ୍ଗାଲୁରୁର ବ୍ୟାକ୍ ମଧ୍ୟ ବେଶ୍ ଶକ୍ତିଶାଳୀ। ମିଡ୍‌ଫିଲ୍ଡରେ ୫ ଜଣ ଡିଫେଣ୍ଡରଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନ୍ୟପଟେ ଘରୋଇ ପରିବେଶରୁ ଏଟିକେ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ତେଣୁ ଏଟିକେ ଅଧିକ ଗୋଲ ସ୍କୋର କରିବା ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯଦି ବେଙ୍ଗାଲୁରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିବ ତେବେ କ୍ରମାଗତ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିବ। (ଗେମ୍ ପ୍ଲାନ)

#WhatDrivesYou
EXIDE

# ଶେଫାଳି, ସ୍ମୃତିଙ୍କୁ ଡରୁଛନ୍ତି ଅଷ୍ଟ୍ରେଲିଆ ପେସର

ମେଲବୋର୍ନ,୬।୩

ବହୁ ପ୍ରତୀକ୍ଷିତ ମହିଳା ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଅଷ୍ଟ୍ରେଲିଆ ଦଳର ମୁଖ୍ୟ ପେସର ମେଗନ ସ୍କଟ ଭାରତୀୟ ବ୍ୟାଟ୍ସଓମେନଙ୍କ ପ୍ରତି ଭୟ ଥିବା ସ୍ୱୀକାର କରିଛନ୍ତି। ସେ ମୁଖ୍ୟତଃ ଶେଫାଳି ବର୍ମା ଓ ଓପନର ସ୍ମୃତି ମନ୍ଧାନାଙ୍କୁ ବୋଲିଂ କରିବାକୁ ଚାହୁଁ ନାହାନ୍ତି। ଦୁହେଁ ପ୍ରଥମ ଓଭରରୁ ହିଁ ଆଟାକିଂ ଶଟ୍ ଖେଳନ୍ତି, ଯାହାକି ବିଶ୍ୱକପ୍ ପୂର୍ବରୁ ଅନୁଷ୍ଠିତ ତ୍ରିରାଷ୍ଟ୍ରୀ ସିରିଜ୍‌ରେ ଦେଖିବାକୁ ମିଳିଥିଲା। ଏଥିସହ ଦୁହେଁ ଅଷ୍ଟ୍ରେଲିଆ ବିପକ୍ଷ ଲିଗ୍ ମ୍ୟାଚ୍‌ର ପ୍ରଥମ ଓଭରରେ ସ୍କଟଙ୍କଠାରୁ ୧୬ ରନ୍ ଆଦାୟ କରିଥିଲେ। ମୁଁ ଭାରତ ବିପକ୍ଷରେ ଖେଳିବାକୁ ଘୃଣା କରୁଛି। ସେମାନେ ମୋ ବିପକ୍ଷରେ ଅତ୍ୟଧିକ ଆକ୍ରମଣ କରନ୍ତି। ମୁଖ୍ୟତଃ ସ୍ମୃତି ଓ ଶେଫାଳି। ତ୍ରିରାଷ୍ଟ୍ରୀୟ ସିରିଜ୍‌ବେଳେ ସ୍ମୃତି ମୋତେ ଖୁବ୍ ବଡ଼ ଛକା ମାରିଥିଲେ। ମୋତେ ଏତେ ବଡ଼ ଛକା କେହି ମାରି ନ ଥିଲେ। ପାୱାର ପ୍ଲେ ବେଳେ ମୁଁ ସେମାନଙ୍କୁ ବୋଲିଂ କରିବାକୁ ଚାହେଁ ନାହିଁ। ସେମାନେ ମୋତେ ସହଜରେ ଖେଳନ୍ତି। କିନ୍ତୁ ଫାଇନାଲରେ ଆମେ କିଛି ସ୍ୱତନ୍ତ୍ର ଯୋଜନା ନେଇ ଖେଳିବୁ ବୋଲି ସ୍କଟ କହିଛନ୍ତି। ସ୍କଟଙ୍କ ଟି୨୦ କ୍ୟାରିୟର ଇକୋନୋମି ରେଟ୍ ୫.୯୮। କିନ୍ତୁ ଭାରତ ବିପକ୍ଷରେ ସେ ଓଭର ପିଛା ୬.୯୩ ହାରରେ ରନ୍ ଦିଅନ୍ତି। ଭାରତୀୟ ଦଳ ଉଇକେଟ ପାଇଁ ସେ ୨୪.୬୬ ରନ୍ ବ୍ୟୟ କରୁଛନ୍ତି। ହେଲେ ତାଙ୍କ କ୍ୟାରିୟରର ଉଇକେଟ ପିଛା ୧୫.୬୮ ରନ୍ ଦିଅନ୍ତି। ସେ ଆହୁରି କହିଛନ୍ତି, ଆମେ ଏହି ଫାଇନାଲ ସମ୍ପର୍କରେ ଓ ଭାରତ ମ୍ୟାଚ୍ ପାଇଁ ବହୁ ଆଗରୁ ଆଲୋଚନା କରୁଛୁ। ଏହା ଆମ ଲାଗି ବଡ଼ ଚ୍ୟାଲେଞ୍ଜ ହେବ। ଉଲ୍ଲେଖଯୋଗ୍ୟ, ଆସନ୍ତା ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମେଲବୋର୍ନ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଖେଳାଯିବ।



ଦୁଇଦଳର ଅଧିନାୟିକା ଅଷ୍ଟ୍ରେଲିଆର ମେଗଲାନିଂ ଓ ଭାରତର ହରମନପ୍ରୀତ କୌର।

# ଅଲିମ୍ପିକ ମଶାଲ ଆଗମନ ଉତ୍ସବ ଛୋଟ ଆକାରରେ ହେବ

ଟୋକିଓ, ୬।୩(ଏପି)

କରୋନା ଭାଇରସ୍‌ର ବ୍ୟାପକତା ଦୃଷ୍ଟିରୁ ଅଲିମ୍ପିକ ମଶାଲ ଆଗମନ ଉତ୍ସବକୁ ଛୋଟ ଆକାରରେ କରାଯିବ ବୋଲି ଟୋକିଓ ଅଲିମ୍ପିକ୍ସ ମୁଖ୍ୟ ୟୋଶିରୋ ମୋରି ଶୁକ୍ରବାର ସୂଚନା ଦେଇଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଅଲିମ୍ପିକ ମଶାଲ ମାର୍ଚ୍ଚ ୨୦ରେ ଜାପାନରେ ପହଞ୍ଚିବ। ମାର୍ଚ୍ଚ ୧୨ରେ ଗ୍ରୀସ୍‌ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଅଲିମ୍ପିକ ମଶାଲରେ ଅଗ୍ନି ସଂଯୋଗ ହେବ। ୨୦ ତାରିଖରେ ଏହା ବିମାନ ଯୋଗେ ଜାପାନ ଉତ୍ତରାଞ୍ଚଳ ଅନ୍ତର୍ଗତ ମିୟାଗିସ୍ଥିତ ବିମାନ ଘାଟିରେ ଅବତରଣ କରିବ। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ଗ୍ରୀସ୍‌କୁ ୧୪୦ ଛୋଟ ଛୋଟ ପିଲାଙ୍କୁ ପଠାଯାଇଥାନ୍ତା। ମାତ୍ର କରୋନା ଭାଇରସ କାରଣରୁ ସେମାନଙ୍କୁ ଆଉ ପଠାଯିବ ନାହିଁ। ଜାପାନରେ ୪ ମାସ ଧରି ଅଲିମ୍ପିକ ମଶାଲ ରିଲେ ଅନୁଷ୍ଠିତ ହେବ। ଏହା ଫୁକୁସିମାଠାରୁ ଆରମ୍ଭ ହୋଇ ଜୁଲାଇ ୨୪ରେ ଟୋକିଓରେ ୧.୪୩ ବିଲିୟନ ଡଲାର ବିନିମୟରେ ନିର୍ମିତ ନ୍ୟାଶନାଲ ଷ୍ଟାଡିୟମରେ ପହଞ୍ଚିବ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଭାକର ଭୂୟାଁ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୫।୦୩।୧୯୫୦
ସ୍ୱର୍ଗାରୋହଣ: ୨୮।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ସ୍ତ୍ରୀ: ଶୈଳବାଳା, ପୁଅ: ପ୍ରଶାନ୍ତ, ପ୍ରଦୀପ୍ତ, ବୋହୂ: ସଂଘମିତ୍ରା, ନାତି: ପ୍ରିୟମ୍, ନାତୁଣୀ: ପରୀ, ବନ୍ଧୁ ଓ ଭୂୟାଁ ପରିବାରବର୍ଗ।
ଧ-୬୦୯୫୯

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ପଣ୍ଡିତ ଭାଗୀରଥି ରଥ
ଶାସ୍ତ୍ରୀନଗର, ପ୍ଲଟ୍ ନଂ-୪୭ unit (4), ଭୁବନେଶ୍ୱର
ଆବିର୍ଭାବ: ୦୫।୧୯୩୦
ତିରୋଧାନ: ୦୨।୦୩।୧୯୯୬
ନନା ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବୋହୂ
ଧ-୧୭୦୪୧

ଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରମୋଦ କୁମାର ଷଡ଼ଙ୍ଗୀ
ବଳଭଦ୍ରପୁର ଶାସନ, କେଶେରିଆ, ଢେଙ୍କାନାଳ
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ: ପୁତ୍ର- ସିଦ୍ଧାର୍ଥ, ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୬୬୮୫୬

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ସୁଧୀର କୁମାର ମହାପାତ୍ର (ଲଲ୍ଲୁ)
ପୁନାମାଗେଟ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୨।୧୧।୧୯୬୧
ତିରୋଧାନ: ୧୪।୦୩।୨୦୧୪
ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ଶ୍ରଦ୍ଧା, ମମତା, ଦୃଢ ମନୋବଳ ଓ ଆମ୍ଭମାନଙ୍କ ପାଇଁ ସାହାଯ୍ୟ, ସହାନୁଭୂତି ପ୍ରେରଣାର ଉତ୍ସ ହେଉ। ଆଜି ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଲିଙ୍ଗରାଜ ତୁମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୦୮୭୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୦ Bhubaneswar, Saturday, March 7/2020

## ସଂକ୍ଷେପରେ

### ଜମିବାଡ଼ି ବିବାଦରୁ ସାନଭାଇକୁ ହତ୍ୟା ଅଭିଯୋଗ

ବିରିଡ଼ି, ୬।୩ (ଡି.ଏନ୍.ଏ.): ବିରିଡ଼ି ଥାନା ଅଧୀନ ତଳପାଟକ ଗ୍ରାମର ହିମତ ଖାଁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ନୁରସତ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୩୧/୨୦ ନଂ.ରେ ଏକ ମାମଲା ରୁଜୁ କରିବା ସହ ହିମତଙ୍କ ଶୋଇବା ଘରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଜମି ବାଡ଼ି ବିବାଦରୁ ହିମତଙ୍କୁ ତାଙ୍କ ବଡ଼ ଭାଇ, ଭାଉଜ ମାରି ଦେଇଥିବା ନୁରସତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଶ୍ମଶାନ ରାସ୍ତାରେ ରହସ୍ୟଜନକ ସମାଧି

ପାରାଦୀପ, ୬।୩ (ସ୍ୱ.ପ୍ର.): ପାରାଦୀପ ମଡେଲ ଥାନା ଅଧୀନ ମଧୁବନ ଶ୍ମଶାନ ରାସ୍ତା ନଦୀ ପଠାଠାରେ ଏକ ରହସ୍ୟଜନକ ସମାଧିକୁ ନେଇ ଶୁକ୍ରବାର ଅପରାହ୍ନରେ ହଟଚମଟ ସୃଷ୍ଟି ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ବି ସମାଧିକୁ ଖୋଲି ନ ଥିବା ଜଣାପଡ଼ିଛି। କୌଣସି ଅଭିଯୋଗ ନ ଥିବାରୁ ପୋଲିସ ନିଜ ଆଡୁ କିଛି ପଦକ୍ଷେପ ନେଇନାହିଁ। ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମାଧି ଖୋଲାଯିବ ବୋଲି ଥାନାଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ୪ ତାରିଖ ରାତି ପ୍ରାୟ୧୧ଟା ବେଳେ ୪-୫ଜଣ ଲୋକ ମଶାଣୀକୁ ସଂଯୋଗ ରାସ୍ତା ପାର୍ଶ୍ୱରେ ଏକ ବସ୍ତାରେ କିଛି ପୁରାଇ ପୋତି ଦେଇଥିଲେ। ଏହାପରେ ସେହି ସ୍ଥାନରେ ନଡ଼ିଆ ଗଛ ଗଣ୍ଡିଗୁଡ଼ିକୁ ପକାଇ ଦେଇଥିଲେ। ଏହାକୁ ଶ୍ମଶାନର ରାତ୍ର ଜଗୁଆଳି ମୃତ୍ୟୁଞ୍ଜୟ ମଣ୍ଡଳ ଓ ତାଙ୍କ ସ୍ତ୍ରୀ ମାନସୀ ମଣ୍ଡଳ ଦେଖିଥିଲେ ବି ସେମାନଙ୍କୁ କିଛି କହି ନ ଥିଲେ। ତେବେ ସେମାନେ ଏ ସମ୍ପର୍କରେ ବଙ୍ଗାଳିପଡ଼ା ବସ୍ତିର କେତେଜଣଙ୍କୁ କହିବା ପରେ କଥା ପ୍ରଘଟ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଫେରିଛି। ତେବେ ମାଟି ତଳେ କ'ଣ ପୋତା ଯାଇଛି, ତାକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି।

# ଥାନାରୁ ୨ ଥର ଚମ୍ପଟ ମାରିଲେ ଅଭିଯୁକ୍ତ

## ପୋଲିସର ପାରିବାପଣିଆ ନେଇ ପ୍ରଶ୍ନବାଚୀ

କୁଜଙ୍ଗ, ୬।୩ (ଡି.ଏନ୍.ଏ.)

ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗରେ କୁଜଙ୍ଗ ପୋଲିସ ଗତ ବୁଧବାର ଗିରଫ କରିଥିବା ଜଣେ ଅଭିଯୁକ୍ତ ଥାନାରୁ ଦୁଇ ଥର ଚମ୍ପଟ ମାରିବା ପରେ ପୋଲିସର ପାରିବା ପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ପୋଲିସର ଏଭଳି ବେପରୁଆ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, କୁଜଙ୍ଗ ଥାନା ଅଧୀନ ପାନପଲି ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ଗଣ୍ଡକିପୁର ଗ୍ରାମ ମଠସାହିର ବଳରାମ ଭଞ୍ଜଙ୍କ ପୁଅ ବିକାଶଙ୍କୁ ବୁଧବାର ବିଳମ୍ବିତ ରାତିରୁ ଥାନାରେ ଅଟକ ରଖିଥିଲା। ମାତ୍ର ପୋଲିସର ଖାମଖିଆଲପଣ ଯୋଗୁ ଗୁରୁବାର ବିକାଶ ଥାନାରୁ ଖସି ପଳାଇଥିଲେ। ଏହାପରେ ଖୋଜାଖୋଜି କରିବା ପରେ ପୋଲିସ ତାଙ୍କୁ ଥାନାଠାରୁ ୧୦୦ମିଟର ଦୂର ବ୍ଲକ କଲୋନୀ ନିକଟରୁ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଗୁରୁବାର ମାମଲା ରୁଜୁ କରାଯାଇ ଥିଲେ ସୁଦ୍ଧା ଶୁକ୍ରବାର ଭୋରରୁ ବିକାଶ ପୁଣି ଥାନାରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ତେବେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ପୋଲିସ ତାଙ୍କୁ ଥାନାଠାରୁ ୧୫ କି.ମି. ଦୂର ଢିଙ୍କିଆଠାରେ ଥିବ ଏକ ପାନ ବରଜରୁ କାବୁ କରିଥିଲା। ତେବେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ନେବା ପରେ ହାଜତ ଭିତରେ ନ ରଖି କେଉଁ କାରଣରୁ ବାହାରେ ଛାଡ଼ି ଦେଇଥିଲା, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଅଭିଯୁକ୍ତ ୨ ଦିନରେ ଥାନାରୁ ଦୁଇ ଦୁଇ ଥର ଖସି ଯିବାରେ ସଫଳ ହୋଇଥିବା ବେଳେ ଏହା ପୋଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବ୍ୟାଟେରୀ ଚୋରି ମାମଲାରେ ନଂ. ୭୦/୨୦ ଓ ଥାନାରୁ ଚମ୍ପଟ ମାରିବା ଅଭିଯୋଗରେ ୭୪/୨୦ ନଂ.ରେ ଦୁଇଟି ମାମଲା ରୁଜୁ ହୋଇଛି। ଅନ୍ୟପଟେ ବ୍ୟାଟେରି ଚୋରି ମାମଲାରେ ସମ୍ପୃକ୍ତ ଗୋପିଆକୁଦ ଗୋଠଡିଆ ଗ୍ରାମର ମଧୁସୂଦନ ପାଣିଙ୍କ ପୁଅ ବିକାଶଙ୍କୁ ପୋଲିସ ଗିରଫ କରିବା ସହ ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଉଭୟଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ, ବିକାଶଙ୍କୁ ଜଗିଥିବା ସେଣ୍ଟ୍ରି ପାଣି ପାଇଁ ଯାଇଥିବା ବେଳେ ସେ ଥାନାରୁ ଖସି ପଳାଇଥିଲେ ବୋଲି କହିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ମହିଳାଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ମହିଳା ଓ ଅନ୍ୟମାନେ।

ପାରାଦୀପ, ୬।୩ (ସ୍ୱ.ପ୍ର.)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କମ୍ପାନୀ ପକ୍ଷରୁ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଶୁକ୍ରବାରଠାରୁ ତାଲିମ ଶିବିର ଆରମ୍ଭ ହୋଇଛି। ୧୮ରୁ ୩୫ ବର୍ଷ ବୟସର ୫୦ ଜଣ ଯୁବତୀ ଓ ମହିଳା ତାଲିମ ନେବା ପରେ ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଜେଏସ୍‌ଡବ୍ଲ୍ୟୁ ଓ ଶାହା ଏକ୍ସପୋର୍ଟ ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ତାଲିମ ନେଉଥିବା ସମସ୍ତ ମହିଳାଙ୍କ ରହିବା, ଯାତାୟାତ ଆଦି ଖର୍ଚ୍ଚ କମ୍ପାନୀ ତୁଲାଉଥିବା ଜଣାପଡ଼ିଛି। ନୂଆଗାଁ, ଢିଙ୍କିଆ, ଗଡ଼କୁଜଙ୍ଗ ଆଦି ପଞ୍ଚାୟତର ୫୦ ଜଣ ମହିଳାଙ୍କୁ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି। ଆଗାମୀ ଦିନରେ ବହୁ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଏରସମା ବ୍ଲକ ନୂଆଗାଁଠାରେ ଜେଏସ୍‌ଡବ୍ଲ୍ୟୁ ଏକ ଇସ୍ପାତ କାରଖାନା କରିବ ବୋଲି ପ୍ରସ୍ତାବ ରହିଛି। ସେହି ଅନୁସାରେ ପ୍ରସ୍ତାବିତ ଅଞ୍ଚଳର ସବୁବର୍ଗର ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।

# ଉଧାର ଚାଉଳରେ ଚାଲିଛି ମଧ୍ୟାହ୍ନଭୋଜନ

ରଘୁନାଥପୁର, ୬।୩ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନକୁ ବାଧ୍ୟତାମୂଳକ କରାଯାଇଛି। ରଘୁନାଥପୁର ବ୍ଲକର କେତେକ ସ୍କୁଲରେ ଦୀର୍ଘଦିନ ଧରି ଚାଉଳ ଯୋଗାଇ ଦିଆଯାଉ ନ ଥିବାରୁ ପ୍ରଧାନ ଶିକ୍ଷକମାନେ ହନ୍ତସନ୍ତ ହେଉଛନ୍ତି। ଏପରି କି ଗାଁ ଗଣ୍ଡାରୁ ଧାର ସୂତ୍ରରେ ଚାଉଳ ଆଣି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ ଦେବାକୁ ପଡୁଛି। କେତେକ ସ୍କୁଲରେ ୮ରୁ ୯ ମାସ ହେଲାଣି ଚାଉଳ ଯୋଗାଇ ନିଆଯାଇନାହିଁ। ପ୍ରଧାନ ଶିକ୍ଷକମାନେ ବାରମ୍ବାର ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଦିଆଯାଉନାହିଁ। ଏହିକ୍ରମରେ ବ୍ଲକ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତ ରାଉତନୂଆଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ବହୁ କଷ୍ଟରେ ଗାଁରୁ ଚାଉଳ ଉଧାର ଆଣି ମଧ୍ୟାହ୍ନଭୋଜନ କରି ପିଲାମାନଙ୍କୁ ଦିଆଯିବାରେ କିଛି ସମୟ ବିଳମ୍ବ ହୋଇଥିଲା। ଏଥିପାଇଁ ପିଲାମାନଙ୍କୁ ମଧ୍ୟ ଅପେକ୍ଷା କରିବାକୁ ପଡିଥିଲା। ସିଆରସିସି ସୁଧାଂଶୁ ଶେଖର ମହାପାତ୍ରଙ୍କୁ ପଚାରିବାରେ ଏହି କ୍ଲଷ୍ଟରରେ ଦୀର୍ଘଦିନ ହେବ ଚାଉଳ ଯୋଗାଇ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ତେବେ ଚାଉଳ ଯୋଗାଡ କରି ଆଣିବାରେ ବିଳମ୍ବ ଯୋଗୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବାରେ ସାମାନ୍ୟ ବିଳମ୍ବ ହୋଇଥିଲା। ଏପରି ଅନେକ ସ୍କୁଲରେ ପ୍ରଧାନ ଶିକ୍ଷକମାନେ ଚାଉଳ ଯୋଗାଡ ପାଇଁ ସମସ୍ୟାରେ ପଡୁଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୋଷ୍ଠୀଭିତ୍ତିକ ପୋଷଣ କାର୍ଯ୍ୟକ୍ରମରେ କରୋନା ସଚେତନତା



ଶିବିରରେ ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ରଘୁନାଥପୁର, ୬।୩ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ଗୋଷ୍ଠୀଭିତ୍ତିକ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ, ଆଶା ଦିଦିମାନଙ୍କୁ କରୋନା ଭାଇରସ ସମ୍ପର୍କରେ ସଚେତନତା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସୁପରଭାଇଜର ସଂଯୁକ୍ତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା ଓ ସୋନାଲି ପ୍ରିୟଦର୍ଶିନୀ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। କୋମଳମତି ଶିଶୁଙ୍କଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ରୋଗ ସଂକ୍ରମଣଠାରୁ ଦୂରେଇ ରହିବାକୁ ହାତ ସଫା ରଖିବା, କାଶିବା ବା ଛିଙ୍କିବା ସମୟରେ ମୁହଁରେ ରୁମାଲ ଘୋଡାଇବା ଏବଂ ଫ୍ଲୁ ଜନିତ ଅସୁସ୍ଥ ବ୍ୟକ୍ତିଙ୍କଠାରୁ ଦୂରତ୍ୱ ରକ୍ଷା କରିବା ସହ ସେମାନଙ୍କ ସହ କମ ମିଶିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଓ ଆଶା ଦିଦିମାନେ ଗାଁରେ ସଚେତନ କରାଇବାକୁ କୁହାଯାଇଥିଲା। ବିଶେଷକରି ଚାଇନାରୁ ଆରମ୍ଭ ହୋଇ ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ବିପଜ୍ଜନକ କରୋନା ଭାଇରସ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବାକୁ ସୂଚାଇ ଦିଆଯାଇଥିଲା। ଏହାଛଡା ବିଶୁଦ୍ଧ ପାଣି, ପରିଷ୍କାର ପରିଚ୍ଛନ୍ନତା, କୃମିନାଶକ ଔଷଧ ସେବନ, ହାତ ଧୋଇବାର କୌଶଳ ସମ୍ପର୍କରେ ଅବଗତ କରାଯାଇଥିଲା। ଜ୍ୟୋତି ମହାସଂଘ ସଭାକକ୍ଷରେ ୨୫ କର୍ମୀଙ୍କୁ ୩ ଟି ପର୍ଯ୍ୟାୟରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଛଡା ସିଡିପିଓ ମଲ୍ଲିକ ଉତ୍ତରକୂଳଠାରେ ସ୍ୱତନ୍ତ୍ର ଭାବେ କର୍ମୀମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

# ଫୁଲଚାଷୀଙ୍କୁ ତାଲିମ

ବିରିଡ଼ି, ୬।୩ (ଡି.ଏନ୍.ଏ.)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଫୁଲଚାଷୀମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶୁକ୍ରବାର ବିରିଡ଼ି ବ୍ଲକ ଆତ୍ମା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ବ୍ଲକ ଆତ୍ମା ଅଧକ୍ଷ ରବିନାରାୟଣ ଜେନା ପୌରୋହିତ୍ୟ କରିଥିଲେ। ଶିବିରରେ ବିଏଓ ଅବନି ଭୂଷଣ ମିଶ୍ର, ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ବେଉରା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଏଏଚ୍‌ଓ ବିନୋଦିନୀ ମହାଳି ଯୋଗ ଦେଇଥିଲେ। ପାରମ୍ପରିକ ଧାନ ଚାଷଠାରୁ ଫୁଲଚାଷ ଅଧିକ ଲାଭଦାୟକ ବୋଲି ଅଧିକାରୀମାନେ ଚାଷୀମାନଙ୍କୁ ବୁଝାଇଥିଲେ। ବିଶେଷକରି ଉପକୂଳ ଜିଲାରେ ଗେଣ୍ଡୁ ଓ ଗୋଲାପ ଫୁଲ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଫୁଲ ଚାଷ ପାଇଁ ଜଣେ ଚାଷୀଙ୍କୁ ୬ ଗୁଣ୍ଠ ଜମି ଆବଶ୍ୟକ। ଫୁଲ ଚାଷ ପାଇଁ ଇଚ୍ଛୁକ ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମାଗଣା ଚାରା ଦିଆଯିବା ସହ ଖର୍ଚ୍ଚ ପାଇଁ ୧ ହଜାର ଟଙ୍କା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବା ଏଏଚ୍‌ଓ ମାହାଳି ବୁଝାଇଥିଲେ। ଏହି ଚାଷରେ ସାରର ବ୍ୟବହାର ବହୁତ କମ୍, ଅଧିକ ସାର ଦେଲେ ଗଛଗୁଡ଼ିକ ମରିଯିବାର ସମ୍ଭାବନା ରହିଥାଏ। ଅପରପକ୍ଷରେ କଦଳୀ ଓ ଭଣ୍ଡା ଚାଷ ସମ୍ପର୍କରେ ଏଏଚ୍‌ଓ ମାହାଳି ଚାଷୀମାନଙ୍କୁ ବୁଝାଇଥିଲେ। ଫୁଲଚାଷୀ ହାଜିପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ନିଜ ଅନୁଭୂତି ଓ ଲାଭ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଶିବିରରେ ସ୍ଥାନୀୟ ୩ଟି ଏସ୍‌ଏଚ୍‌ଜିର ସଦସ୍ୟା ଯୋଗଦେଇଥିଲେ।

# ରୋଗୀ ସେବା, ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ

ବାଲିକୁଦା, ୬।୩ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଓଷକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରୋଗୀ କଲ୍ୟାଣ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷା ବବିତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧକ୍ଷାଙ୍କଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ରୋଗୀ ସେବା ଓ ମେଡିକାଲ ପରିସର ପରିଷ୍କାର ପରିଚ୍ଛନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା. ଆଶିଷ ଜେନା ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ରୋଗୀ କଲ୍ୟାଣ ସମିତି ଅଂଶଧନ ବାବଦକୁ ଥିବା ଟଙ୍କାକୁ ମେଡିକାଲ ଉନ୍ନତିରେ ଖର୍ଚ୍ଚ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ ମେଡିକାଲକୁ ଲାଗିକରି ଥିବା ପରିତ୍ୟକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ପତ୍ର ଲେଖାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କ୍ୱାର୍ଟର୍ସ ମରାମତି ପାଇଁ ଜିଲପରିଷଦ ପାଣ୍ଠିରୁ ଅର୍ଥ ଯୋଗାଇ ଦେବାକୁ ଅଧକ୍ଷା ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ମେଡିକାଲରେ ଆଉ ଏକ ଆକ୍ୱାଗାର୍ଡ ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆୟୁଷ ଡାକ୍ତର ସକୁନ୍ତଳା ପରିଡ଼ା ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସେହିପରି ଅଙ୍ଗନୱାଡି ସୁପରଭାଇଜର ସ୍ମିତା ମହାନ୍ତି ସମ୍ମିଳିତ ଶିଶୁ ବିକାଶ ସହିତ ସ୍ୱାସ୍ଥ୍ୟ ବିଭାଗ ଅଙ୍ଗା ଅଙ୍ଗି ଭାବେ ଜଡିତ ଥିବାରୁ ଉଭୟ ବିଭାଗ ମିଳି ମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଫାର୍ମାଶିଷ୍ଟ ହୃଷୀକେଶ ବେହେରା ଧନ୍ୟବାଦ ଦେଇଥିଲେ। ସ୍ୱାସ୍ଥ୍ୟକର୍ମୀ ନିରୁପମା ମହାନ୍ତି, ରୋଗୀ ସହାୟକ ତପନ ସାହୁ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଅଧୀକ୍ଷକ ଡା. ସାହୁ ଓ ଅଧକ୍ଷା ସ୍ୱାଇଁ ମେଡିକାଲ ବୁଲି ଦେଖିଥିଲେ।






UTKAL AUTOMOBILES: BHUBANESWAR, KHURDA, PURI, NAYAGARH: 7428450154, CUTTACK, JAGATSINGHPUR, JAJPUR, KENDRAPARA: 7428201691, KEONJHAR, BARBIL: 7428201686
ORICON EQUIPMENTS: CUTTACK, JAGATSINGHPUR, JAJPUR, PANIKOILI, KENDRAPARA, PURI, NAYAGARH, KHURDA: 7428893166



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବେଆଇନ ମାଙ୍କଡ଼ାପଥର ବୋଝେଇ ଟ୍ରକ ଜବତ

ଚଣ୍ଡିଖୋଲ/ଛତିଆ,୬।୩(ଡିଏନଏ)- ଛତିଆ-କଳକଳା ରାସ୍ତାର ବୈରୀ ଥାନା ଅନ୍ତର୍ଗତ ନଳିଦାଠାରେ ଗୁରୁବାର ରାତିରେ ଏକ ମାଙ୍କଡ଼ାପଥର ବୋଝେଇ ଟ୍ରକ ଆସୁଥିବା ଜାଣି ବୈରୀ ପୋଲିସ ସେଠାରେ ତାକୁ ଜଗି ରହିଥିଲା। ଢେଙ୍କାନାଳ ଜିଲା ଗନ୍ଦିଆ ଅଞ୍ଚଳରୁ (ଓଆର୦୪ଡି୬୭୯୮) ନମ୍ବର ବିଶିଷ୍ଟ ଟ୍ରକଟି ମାଙ୍କଡ଼ାପଥର ବୋଝେଇ କରି ଆସୁଥିବାବେଳେ ବୈରୀ ଥାନାରେ ନୂତନଭାବେ ଯୋଗ ଦେଇଥିବା ଡିଏସପି ଦୀପକ କୁମାର ଗୋଚ୍ଛାୟତଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଅନିଲ କୁମାର ସାହୁ, କନଷ୍ଟେବଲ ସେକ ଅସରଫ ଅଲ୍ଲୀରାଜା, ସିଏଲ ମିଶ୍ର ପ୍ରମୁଖ ନଳିଦା ନିକଟରୁ ଜବତ କରିଥିଲେ। ଟ୍ରକଟିକୁ ଜବତ କରିବା ପୂର୍ବରୁ ଚାଳକ ପୋଲିସ ଥିବା ଜାଣି ଟ୍ରକ ଛାଡି ଫେରାର ହୋଇଯାଇଥିଲା।

### 'ଓକିଲ, ମହକିଲ, ମୋହରିରଙ୍କ ନିଷ୍ଠାପରତା କୋର୍ଟର ଗରିମା ବୃଦ୍ଧି କରିଥାଏ'

ଚଣ୍ଡିଖୋଲ,୬।୩(ଡିଏନଏ)- ଚଣ୍ଡିଖୋଲରେ କୋର୍ଟ ପ୍ରତିଷ୍ଠା ହେବାକୁ ୧୩ବର୍ଷ ବିତିଗଲାଣି। ଏଠାରେ ଅତିରିକ୍ତ ଜିଲାଜଜ୍ ଓ ସ୍ୱତନ୍ତ୍ର ଜେଏମଏଫ୍‌ସି କୋର୍ଟ ଖୋଲିବ ବୋଲି ହାଇକୋର୍ଟ ଅନୁମୋଦନ କରିଛନ୍ତି। ସେଥିପାଇଁ ବିଚାର ବିଭାଗୀୟ ଓ ପ୍ରଶାସନିକ ଭୂମିକାକୁ ଲୋକାଭିମୁଖୀ କରିବା ଏବେ ସରକାରଙ୍କ ଉଦ୍ଦେଶ୍ୟ ବୋଲି ଚଣ୍ଡିଖୋଲ କୋର୍ଟ ଓକିଲ ସଂଘର ୧୩ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥି ପ୍ରକାଶ କରିଥିଲେ। ବୁଧବାର ଚଣ୍ଡିଖୋଲ କୋର୍ଟ ଓକିଲ ସଂଘ ସଭାପତି ଜନ ବେହେରାଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ଉତ୍ସବକୁ ଉଦଘାଟନ କରି ଓକିଲ, ମହକିଲଙ୍କ ବ୍ୟବହାର ତଥା ମୋହରିରଙ୍କ ଆନ୍ତରିକତା ଏବଂ ନିଷ୍ଠାପର ଭୂମିକା ଯୋଗୁ କୋର୍ଟର ଗରିମା ବୃଦ୍ଧି ପାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ମାନିତ ଅତିଥିଭାବେ ଚଣ୍ଡିଖୋଲ କୋର୍ଟ ସବଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଓ ଜେଏମ୍‌ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ। ବାର ଆସୋସିଏଶନ ସାଧାରଣ ସମ୍ପାଦକ ଉଦୟନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ନିରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁବ୍ରତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଚଉପାଢ଼ୀରେ ବିରାଜିଲେ ପ୍ରଭୁ ନନ୍ଦଲାଲ

## ବିଞ୍ଝାରପୁର ଅଞ୍ଚଳରେ ଦୋଳଯାତ୍ରା ଆରମ୍ଭ

ବିଞ୍ଝାରପୁର,୬।୩ (ଡି.ଏନ.ଏ)


କାନୁନଗୋ ସାହି ଚଉପାଢୀ ବେଦୀରେ ଅବସ୍ଥାପିତ ପ୍ରଭୁ ନନ୍ଦଲାଲ।

ବିଞ୍ଝାରପୁର ଅଞ୍ଚଳରେ ଦୋଳଯାତ୍ରା ଘରେ ଘରେ ଦେଖିବାକୁ ମିଳେ। ଫଗୁଣ ମାସର ଦଶମୀ ତିଥିରେ ମାଁସଡା ଗ୍ରାମର ପ୍ରସିଦ୍ଧ ପ୍ରଭୁ ନନ୍ଦଲାଲ କୋନୁନ୍‌ଗୋ ସାହି ଚଉପାଢୀରେ ଅବସ୍ଥାପିତ ହେବା ପରେ ଆନୁଷ୍ଠାନିକଭାବେ ଅଞ୍ଚଳରେ ଦୋଳଯାତ୍ରା ଆରମ୍ଭ ହୋଇଛି। ପ୍ରଭୁ ନନ୍ଦଲାଲ ଅତୀତରେ ନନ୍ଦିପୁର ଅଞ୍ଚଳରୁ ପ୍ରତିବର୍ଷ ଦୋଳ ସମୟରେ କାନୁନ୍‌ଗୋ ସାହିକୁ ଆସିଥାନ୍ତି। ହେଲେ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରଭୁ ନନ୍ଦଲାଲ ମାଁସଡାଠାରେ ସ୍ଥାୟୀଭାବେ ଅବସ୍ଥାପିତ ହୋଇଛନ୍ତି। ସୂଚନା ଅନୁଯାୟୀ ମାଁସଡାର ଜମିଦାର ବାଳମୁକୁନ୍ଦ କାନୁନ୍‌ଗୋଙ୍କ ସମୟରେ ନନ୍ଦଲାଲ ସ୍ଥାୟୀଭାବେ ଏଠାରେ ପ୍ରତିଷ୍ଠା ହୋଇଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ, କାନୁନଗୋ ସାହିର ଇଷ୍ଟ ଦେବତା ପ୍ରଭୁ ଶ୍ୟାମସୁନ୍ଦର ଓ ବ୍ରଜମୋହନ ଜୀଉ ମଧ୍ୟ ଦୋଳ ଅବସରରେ ଅବସ୍ଥାପିତ ହୋଇଛନ୍ତି। ଦୋଳ ପୂର୍ଣ୍ଣିମା ଦିନ ଭୋର ସମୟରେ ଅଞ୍ଚଳର ବହୁ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ହୋରି ଖେଳିବା ପାଇଁ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପାଇଁ କାନୁନ୍‌ଗୋ ସାହି ମେଲଣ ଦାଣ୍ଡରେ ଅବସ୍ଥାନ କରନ୍ତି। ପ୍ରଭୁ ନନ୍ଦଲାଲଙ୍କ ପୂଜକ ରବିନାରାୟଣ ଦାଶ ୫ ପୁରୁଷ ହେବ ପରମ୍ପରା ସହ ଏଠାରେ ଦୋଳଯାତ୍ରା ଅନୁଷ୍ଠିତ ହେଉଛି ବୋଲି କୁହନ୍ତି। ବିଞ୍ଝାରପୁର ଅଞ୍ଚଳର କପିଳା, ଜଗନ୍ନାଥପୁର, ମଲ୍ଲିପୁର, ବେଲପାଳ, ପଟଣାସାହି, ମଣିକଛକ ରଣପୁର, ସାମେଶ୍ୱର, କଲ୍ୟାଣପୁର, ପ୍ରୀତିପୁର, ବରୀକୂଳ ଆଦି ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମେଲଣ ଅନୁଷ୍ଠିତ ହେଉଛି। ମେଲଣରେ ଅଞ୍ଚଳର ପ୍ରସିଦ୍ଧ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ଆସି ମେଲଣ ପଡ଼ିଆରେ ଅବସ୍ଥାପିତ ହୁଅନ୍ତି। ଏଥିସହିତ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ମେଲଣ ପଡିଆକୁ ପରମ୍ପରା ସହ ଶୋଭାଯାତ୍ରାରେ ଆଣାଯାଇଥାଏ। ଏହି ଶୋଭାଯାତ୍ରାରେ ପ୍ରାଚୀନ ଓଡିଆ କଳାଭାବେ ପରିଚିତ ଘୋଡାନାଚ, କେଳା କେଳୁଣୀ ନାଚ, ଷଣ୍ଢ ଲଢେଇ, ସାପନାଚ, କାଠିନାଚ ଆଦି ଦେଖିବାକୁ ମିଳିଥାଏ। ମେଲଣ ପଡ଼ିଆରେ ଠାକୁରଙ୍କୁ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପରେ ପରେ ରଙ୍ଗ ବେରଙ୍ଗର ଅଭିର ଖେଳରେ ଶେଷ ହୋଇଥାଏ ଏହି ମେଲଣ। ବିଞ୍ଝାରପୁର ଅଞ୍ଚଳରେ ୧୫ଦିନ ବ୍ୟାପି ବିଭିନ୍ନ ସ୍ଥାନରେ ମେଲଣ ଅନୁଷ୍ଠିତ ହେଉଥିବାରୁ ଏବେଠାରୁ ଅଞ୍ଚଳଟି ଉତ୍ସବ ମୁଖର ହୋଇପଡିଛି।

# ନିଲମ୍ବନର ୬ମାସ ପରେ ପଦବୀକୁ ଫେରିଲେ ସରପଞ୍ଚ


ସରପଞ୍ଚ ସୁନୀତା ନାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ ହେବା ପରେ ସମର୍ଥକ ଖୁସି ମନାଉଛନ୍ତି।

ବିଞ୍ଝାରପୁର,୬।୩(ଡିଏନଏ)

ବହୁ ଛକାପଞ୍ଝା ପରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ସରପଞ୍ଚ ସୁନୀତା ନାୟକ ନିଜ ପଦବୀ ଫେରି ପାଇଛନ୍ତି। ସୁନିତାଙ୍କ ବଦଳରେ ତାଙ୍କ ସ୍ୱାମୀ ଗ୍ରାମସଭାରେ ସଭାପତିତ୍ୱ କରୁଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଜିଲା ପ୍ରଶାସନ ସୁନୀତାଙ୍କୁ ନିଲମ୍ବନ କରିଥିଲାବେଳେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ସେ ପୁଣି ସରପଞ୍ଚ ପଦବୀକୁ ଫେରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗ୍ରାମ ଦେବତୀ ମା' ମଙ୍ଗଳଚଣ୍ଡିଙ୍କ ନିକଟରୁ ଆଶୀର୍ବାଦ ଭିକ୍ଷା କରି ସରପଞ୍ଚ ନାୟକ ଶତାଧିକ ସମର୍ଥକଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ କଲ୍ୟାଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚ ଥିଲେ। ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର ଗ୍ରାମସଭାରେ ବ୍ଲକ ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ମହାପାତ୍ର ସରପଞ୍ଚ ନାୟକଙ୍କୁ ପୁର୍ନବାର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପ୍ରକାଶ ଥାଉକି, କଲ୍ୟାଣପୁର ସରପଞ୍ଚ ସୁନିତାଙ୍କ ବଦଳରେ ତାଙ୍କ ସ୍ୱାମୀ ମୁକ୍ତିକାନ୍ତ ଗ୍ରାମସଭାରେ ସଭାପତିତ୍ୱ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାପରେ ୨୦୧୯ ସେପ୍ଟେମ୍ବର ୨୬ରେ ପାନୀୟ ଜଳ ଓ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ କଲ୍ୟାଣପୁର ସରପଞ୍ଚ ସୁନିତା ନାୟକଙ୍କୁ ନିଲମ୍ବିତ କରିଥିଲା। ତେବେ ଜିଲା ପ୍ରଶାସନର ଏହି ନିଷ୍ପତି ବିରୋଧରେ ସରପଞ୍ଚ ନାୟକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। କୋର୍ଟ ପକ୍ଷରୁ ସୁନିତାଙ୍କ ଲିଖିତ ଅଭିଯୋଗ ଆଧାରରେ ୧୯୦୭୦/୧୯ରେ ମାମଲା ପଞ୍ଜୀକୃତ ହୋଇଥିଲା। ସୁନିତାଙ୍କ ପକ୍ଷରୁ ସମସ୍ତ ପ୍ରମାଣପତ୍ର ଓ ଜିଲା ପ୍ରଶାସନର ଦଲିଲକୁ ଅନୁଧ୍ୟାନ କରିବା ପରେ ଗତ ୧୬ ତାରିଖ ଲିଖିତ ଅଭିଯୋଗର ଶୁଣାଣି କରି ସୁନିତାଙ୍କ ନିଲମ୍ବନକୁ ଖାରଜ କରିବା ସହିତ ତୁରନ୍ତ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲା ପ୍ରଶାସନକୁ ଜଷ୍ଟିସ ଡି.ଦାସଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

### ବିଜେଡି ସାଂଗଠନିକ ସମ୍ପାଦକଙ୍କ ପାଇଁ ଜାଳିଲେ ଦୀପ

ଦଶରଥପୁର,୬।୩(ଡିଏନ୍ଏ)

ବିଜୁ ଜନତା ଦଳ ସଭାପତି ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ସାଂଗଠନିକ ସମ୍ପାଦକଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନାମ ଘୋଷଣା କରିଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଦଶରଥପୁର ବ୍ଲକର ବିଜୁ ଜନତା ଦଳ ନେତା ଓ କର୍ମୀଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ଏହି ଖବର ପ୍ରଚାରିତ ହେବାପରେ ବ୍ଲକ ଅଞ୍ଚଳର ଦଳୀୟ ନେତା ଓ କର୍ମୀ ଶୁକ୍ରବାର ଯାଜପୁର ଜିଲା ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଦଶରଥପୁର ବ୍ଲକ ନିକଟସ୍ଥ ପଶୁପତି ମନ୍ଦିରରେ ବବିଙ୍କ ଉତରୋତ୍ତର କାମନା କରି ଦୀପ ଜଳାଇ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ଘୋଷଣାକୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ସୁଜାତା ସାହୁ, କେଦାର ନାରାୟଣ ପରିଡା, ଶୈଳେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ସାହୁ, ତିମିରକାନ୍ତି ସେନାପତି, ରମା ସାମଲ, ତାପସ ଯେନା ଓ ମାମିନା ମଲ୍ଲିକ୍‌ଙ୍କ ସହ ଶତାଧିକ ସଂଖ୍ୟାର କର୍ମୀ ଯୋଗ ଦେଇଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଳୀ**
**ତେନ ବାଣେ ହତ ଲଙ୍କା।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଳୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ୧୪ରେ ପ୍ରସିଦ୍ଧ ଜାରକା ମେଲଣ

ଧର୍ମଶାଳା,୬।୩(ଡିଏନଏ)

ଧର୍ମଶାଳା ବ୍ଲକ ଜାରକାର ପ୍ରସିଦ୍ଧ ମେଲଣ ଆସନ୍ତା ୧୪ ତାରିଖ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ୨୦ଟି ବଡ଼ ଓ ୨୫ଟି ଛୋଟ ବିମାନକୁ ନିମନ୍ତ୍ରଣ କରିବା ପାଇଁ ସ୍ଥିର କରାଯାଇଛି। ୧୪ତାରିଖ ସନ୍ଧ୍ୟାରୁ ଠାକୁର ବାଡ଼ିଆମାନେ ବିମାନ ଆଣି ପ୍ରଦତ୍ତ ସ୍ଥାନରେ ଅବସ୍ଥାପିତ କରିବାକୁ ଅନୁରୋଧ କରାଯାଇଛି। ୧୫ ତାରିଖ ଭୋରରୁ ଠାକୁର ହୋଲି ଖେଳି ଜାରକା ମେଲଣ ପଡିଆସ୍ଥିତ ଚାରକୁ ଯିବେ। ଶୋଭାଯାତ୍ରା ସମୟରେ ଅଶ୍ଳୀଳ ନାଚଗୀତ ପ୍ରଦର୍ଶନ ନ କରିବା ଲାଗି ଠାକୁର ବାଡିଆଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବିମାନ ଶୋଭାଯାତ୍ରା ସମୟରେ ବାଜା, ବାଣ, ଘଣ୍ଟ, ଘୋଡ଼ାନାଚ, ବାଡିଖେଳ ଆଦି ପ୍ରଦର୍ଶିତ କରାଯିବ। ଜନ ସମାବେଶକୁ ଆଖି ଆଗରେ ରଖି ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିବା ଲାଗି ଯାଜପୁର ଏସପି ଓ ଧର୍ମଶାଳା ଥାନା ଅଧିକାରୀଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ମେଲଣକୁ ସରସ ସୁନ୍ଦର କରିବା ପାଇଁ କମିଟି ଉପସଭାପତି ଅଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଜାରକାସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ଗୁରୁବାର ଅନୁଷ୍ଠିତ ବୈଠକରେ କମିଟି ସମ୍ପାଦକ ଜଳଧର ସାହୁ ଗତବର୍ଷର ଆୟବ୍ୟୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ମେଲଣକୁ ସରସ ସୁନ୍ଦର କରିବା ପାଇଁ ସଭ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ କମିଟିର ଉପଦେଷ୍ଟା କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ବାବାଜି ପରିଡା, କିଶୋର ନାୟକ, ରାଜ କିଶୋର ଶତପଥୀ, ସବ୍ୟସାଚୀ ବେହେରା, ବ୍ରଜ କିଶୋର ମହାନ୍ତି, ଅଧ୍ୟାପକ ଜୟନ୍ତ ସାହୁ, ନିର୍ମଳ ପ୍ରଧାନ, ଅଶୋକ କୁମାର ସାହୁ, ଅମରେନ୍ଦ୍ର ରାଉତ, ମନୋଜ ଦାସ, ପ୍ରତାପ ପ୍ରଧାନ, ଅଶୋକ ବରାଳ, ନକୁଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଏସ୍‌ଡିଆର୍‌ଏସ୍ ପକ୍ଷରୁ ପ୍ରତିବାଦ ସଭା


ଧର୍ମଶାଳା,୬।୩ (ଡିଏନଏ)

ଧର୍ମଶାଳା ବ୍ଲକ ଡିଏସଓର ଛାତ୍ର ସଙ୍ଗଠନ ଏସଡିଆରଏସ ପକ୍ଷରୁ ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଜାରକା ବସଷ୍ଟାଣ୍ଡ ନିକଟରେ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହିଂସାକାଣ୍ଡ ପୂର୍ବରୁ ବାହାରୁ ଶତାଧିକ ଗୁଣ୍ଡା ଆସି ଦିଲ୍ଲୀରେ ଆଶ୍ରୟ ନେଇଥିଲେ। ଏମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇ ହିଂସା ସୃଷ୍ଟି କରିବା ଲାଗି ଅଣାଯାଇଥିଲା ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଦିଲ୍ଲୀ ଦଙ୍ଗା ଏକ ସୁପରିକଳ୍ପିତ ଓ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ମଧୁସ୍ମିତା ସାହୁ, ଦମୟନ୍ତୀ ମୁଦୁଲି, ସଂଯୁକ୍ତା ସାହୁ, ପ୍ରଭାତି ମଲ୍ଲିକ, ପରମାନନ୍ଦ ସାହୁ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ମାର୍‌ପିଟରେ ୪, ଏସିଡ୍ ମାଡ଼ରେ ଜଣେ ଆହତ

**ଧର୍ମଶାଳା,୬।୩(ଡିଏନଏ):** ଧର୍ମଶାଳା ଥାନା କୋଟପୁର ଫାଣ୍ଡି ମିର୍ଜାପୁର ପଞ୍ଚାୟତର ୨ଟି ଗ୍ରାମର ୨ ପରିବାର ମଧ୍ୟରେ ବାଇକ ଚାଳନାକୁ କେନ୍ଦ୍ର କରି ମାରପିଟ ଘଟିଛି। ଏଥିରେ ୪ଜଣ ଆହତ ହୋଇଥିବାବେଳେ ଏସିଡ ମାଡରେ ଜଣେ ଆହତ ହୋଇଛନ୍ତି। ଆହତମାନେ ହେଲେ ଶରତ ସାହୁ(୨୧), ସୂର୍ଯ୍ୟମଣି ସାହୁ(୪୫) ଓ ସ୍ୱାତୀ ସାହୁ (୬୭) ଓ ଜଣେ ନାବାଳକ। ଆହତଙ୍କ ପକ୍ଷରୁ ଏସିଡ ମାଡ ହେବା ଫଳରେ ସରୋଜ ସାହୁ ଗୁରୁତର ହୋଇଛନ୍ତି। ଅରଙ୍ଗାବାଦ ଗ୍ରାମର ନାବାଳକ ବାଇକ ଚଲାଇ ଦ୍ରୁତଗତିରେ ଯାଉଥିବାବେଳେ ବଡ଼ବାରିସାହି ଗ୍ରାମର ସରୋଜ ସାହୁ ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟ ପରିବାର ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା। ଫଳରେ ଶରତ, ସୂର୍ଯ୍ୟମଣି, ସ୍ୱାତୀ ଓ ଉକ୍ତ ନାବାଳକ ଆହତ ହୋଇଥିଲେ। ଆହତମାନେ ସରୋଜଙ୍କ ଉପରେ ଏସିଡ ମାଡ଼ କରିବାରୁ ସେ ଗୁରୁତର ହୋଇଛନ୍ତି। ଆହତଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସରୋଜଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ପରିବାର ପକ୍ଷରୁ ଅଭିଯୋଗ ପାଇ ପୋଲିସ ୨ଟି ପୃଥକ ମାମଲା (ନଂ. ୮୯/୨୦ ଓ ୯୦/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବିଜେଡି କର୍ମକର୍ତ୍ତା ସମ୍ମିଳନୀ



ବିଜେଡି କର୍ମକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୬।୩(ଡିଏନଏ):** ଯାଜପୁର ବିଧାନସଭା କ୍ଷେତ୍ର ବିଜେଡି କର୍ମକର୍ତ୍ତା ସମ୍ମିଳନୀ ଶୁକ୍ରବାର ବିରଜା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଗତ ୫ ତାରିଖ ନବୀନ ପଟ୍ଟନାୟକ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ତାଙ୍କ ସଫଳତା ଓ ଦୀର୍ଘାୟୁ ପାଇଁ ବିଜେଡି କର୍ମୀମାନେ ଶୁକ୍ରବାର ସନ୍ଧ୍ୟାରେ ମା' ବିରଜାଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରାର୍ଥନା କରିଥିଲେ। ଏଥିପାଇଁ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଡ଼କାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସଭାରେ ବରିଷ୍ଠ ବିଜେଡି ନେତା କର୍ତ୍ତିକେଶରୀ ଦାସ, ଦଶରଥପୁର ବ୍ଲକ ଅଧକ୍ଷା ସୁଜାତା ସାହୁ, ରାଜ୍ୟ ମହିଳା ବିଜୁ ଜନତା ଦଳର ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ଯାଜପୁର ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ଦଶରଥପୁର ବ୍ଲକ୍ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ପରେଶ କୁମାର ବିଶ୍ୱାଳ, ବ୍ରଜକିଶୋର ପାଢ଼ୀ, ଜୟନ୍ତ କୁମାର ଗୋସ୍ୱାମୀ, ମନୋଜ କୁମାର ସାହୁ, ଯୁବ ବିଜେଡି ସଭାପତି ପାର୍ଥସାରଥି ରାୟ ପ୍ରମୁଖ ଯୋଗଦେଇ ବିଧାୟକ ଦାସଙ୍କ ଦୀର୍ଘାୟୁ କାମନା କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

BUSINESS

ASTROLOGY

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। - ସତ୍ୟସାଇ ବାବା



# ଗୁପ୍ତଭାବେ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ଚକ୍ରାନ୍ତ

**ଚଣ୍ଡିଖୋଲ,୬।୩(ଡିଏନଏ)**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଭାବେ ପରିଚିତ ଚଣ୍ଡିଖୋଲର ଚଣ୍ଡିମନ୍ଦିର। ଏଠାରେ ପୂଜା ପାଉଥିବା ମା' ଚଣ୍ଡୀଙ୍କ ନାମାନୁସାରେ ଚଣ୍ଡିଖୋଲ ଛକ ସାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ତେବେ ଦୁଃଖର କଥା, ଯେଉଁ ମା'ଙ୍କ ପାଇଁ ଏହା ପ୍ରସିଦ୍ଧ ସେହି ମା'ଙ୍କ ମନ୍ଦିର ଏବେ ଅବହେଳିତ। ତାଙ୍କ ପୀଠ ଓ ଏହି ପୀଠର ସନ୍ଥ ବ୍ରହ୍ମଚାରୀ ସନ୍ତୋଷାନନ୍ଦ ମଧ୍ୟ ଦୁଃଖରେ ଜୀବନ କାଳାତିପାତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ପୀଠ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏକ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନର ଆବଶ୍ୟକତା ଥିବାବେଳେ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତାହା କରାଇ ଦେଉ ନ ଥିବା ସ୍ଥାନୀୟ ଲୋକେ ଓ ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ଅଜ୍ଞାତରେ ଗତ ୫ବର୍ଷ ତଳେ କେତେଜଣ ସମ୍ପୂର୍ଣ୍ଣ ବେଆଇନଭାବେ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ତାହାକୁ ବିରୋଧ ଯୋଗୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟ କରିପାରି ନାହିଁ। ଯାହାକୁ ନେଇ ଓଡ଼ିଶା ହାଇକୋର୍ଟଙ୍କଠାରୁ ଆରମ୍ଭ କରି ଦେବତ୍ତୋର କମିଶନରଙ୍କ କୋର୍ଟରେ ୪ଟି ମାମଲା ରୁଜୁ ହୋଇଥିଲା। ଏହି ବିବାଦୀୟ ଟ୍ରଷ୍ଟ ବୋର୍ଡକୁ ବେଆଇନ ଦର୍ଶାଇବା ସହ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ୨୦୧୯ ମେ ୨୫ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଦେବୋତ୍ତର କମିଶନ ଆଦେଶ ପ୍ରଦାନ କରିଥିଲେ। ଯେଉଁଥିରେ ଡିଭିଜୋନାଲ ଦେବୋତ୍ତର ଇନ୍ସପେକ୍ଟର, ଦର୍ପଣ ଅତିରିକ୍ତ ତହସିଲଦାର ଓ ବଡ଼ଚଣା ଥାନାଧିକାରୀ ସଦସ୍ୟଭାବେ ରହି ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ ହେବା ପର୍ଯ୍ୟନ୍ତ ମନ୍ଦିର ପରିଚାଳନା କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଦୁଃଖ ଓ ପରିତାପର ବିଷୟ ଯେ, ଇତିମଧ୍ୟରେ ୧୦ମାସ ବିତି ଯାଇଥିଲେ ମଧ୍ୟ ଏହି ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଦାୟିତ୍ୱ ନିର୍ବାହ କରିନାହିଁ। ଅନ୍ୟପକ୍ଷରେ ଯେଉଁ ବିବାଦୀୟ ବ୍ୟକ୍ତି ୫ବର୍ଷ ପୂର୍ବେ ବେଆଇନ ଟ୍ରଷ୍ଟ ବୋର୍ଡ ଗଠନ କରି ମନ୍ଦିର ପରିଚାଳନାରେ ବିଭ୍ରାନ୍ତ ସୃଷ୍ଟି କରିଥିଲେ, ସେମାନଙ୍କ ପ୍ରରୋଚନାରେ ସମସ୍ତଙ୍କୁ ଗୁପ୍ତ ରଖି ଏବେ ଆଉ ଏକ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ଚକ୍ରାନ୍ତ



ଚଣ୍ଡିଖୋଲର ଚଣ୍ଡିମନ୍ଦିର ଓ ମା' ଚଣ୍ଡୀ।

ହୋଇଥିବା ଜଣାପଡ଼ିଛି। ଟ୍ରଷ୍ଟବୋର୍ଡ ଗଠନ ନେଇ ଚଣ୍ଡିମାତା ମନ୍ଦିରରେ ଅବସ୍ଥାନ କରୁଥିବା ବାବା ସନ୍ତୋଷାନନ୍ଦ ବ୍ରହ୍ମଚାରୀ ଓ ଅନ୍ୟ କୌଣସି ଭକ୍ତଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାନଯାଇ ଏହି ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ସଭ୍ୟ ମନୋନୀତ କରାଯାଇ ତାହାକୁ ମଞ୍ଜୁରୀ ପାଇଁ ଗତ ନଭେମ୍ବରରୁ ରାଜ୍ୟ ସରକାରଙ୍କ ପାଖକୁ ୧୮।୧୧।୨୦୧୯ରେ ପତ୍ର ସଂଖ୍ୟା ୧୮୪୬/୨୨୯-ମ(ଗ) ପଠାଯାଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ଦାୟିତ୍ୱରେ ଥିବା ଦେବୋତ୍ତର ଇନ୍ସପେକ୍ଟର କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଗୁପ୍ତଭାବେ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ସଦସ୍ୟ ଚୟନ କଲେ ଓ ତାହାକୁ ତର୍ଜମା ନ କରି କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ସରକାରଙ୍କ ମଞ୍ଜୁରୀ ପାଇଁ ପଠାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ ଓ ଚଣ୍ଡିମାତା ମନ୍ଦିରକୁ ଅସି ଜନସାଧାରଣ ତଥା ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ଟ୍ରଷ୍ଟ ବୋର୍ଡ ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି। ଗତ ୫ବର୍ଷ ମଧ୍ୟରେ ପରିଚାଳନାଗତ ତ୍ରୁଟି ପାଇଁ ମନ୍ଦିର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ମା'ଙ୍କ ପୂଜା ନୀତିରେ ବିଭ୍ରାଟ ଉପୁଜିଛି। ଏଠାକୁ ପୂର୍ବରୁ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାବେଳେ ଏବେ ଜଣେ ହେଲେ ପର୍ଯ୍ୟଟକ ଏଠାକୁ ଆସୁନାହାନ୍ତି। ଫଳରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ ରହିଥିବା କୋଠରି ଭୂତକୋଠିରେ ପରିଣତ ହୋଇଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ପ୍ରାକୃତିକ ଝରଣା ଦିଗଭ୍ରଷ୍ଟ ହୋଇଛି। ଏଠାରେ ରହୁଥିବା ଗୋରୁ ଖାଦ୍ୟାଭାବ ଯୋଗୁ ରୋଗାଗ୍ରସ୍ତ ହୋଇପଡ଼ିଛନ୍ତି। ତେଣୁ ଏହାର ସୁପରିଚାଳନା ଓ ଏହି ଅନନ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ରାଜ୍ୟ ସରକାର ଓ ଦେବୋତ୍ତର ବିଭାଗ ଉପଯୁକ୍ତ ଦୃଷ୍ଟି ଦେବା ସହ ଟ୍ରଷ୍ଟ ବୋର୍ଡ ଗଠନ ନେଇ ହୋଇଥିବା ଚକ୍ରାନ୍ତର ବିଧିବଦ୍ଧ ତଦନ୍ତ କରିବାକୁ ଆଶ୍ରମରେ ଅଧିଷ୍ଠିତ ବାବା ସନ୍ତୋଷାନନ୍ଦ ବ୍ରହ୍ମଚାରୀ ଦୃଢ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲା ଦେବୋତ୍ତର ନିରୀକ୍ଷକ ଶକ୍ତିପ୍ରସାଦ ନାୟକଙ୍କୁ ପଚାରିବାରେ, ଟ୍ରଷ୍ଟ ବୋର୍ଡ ଗଠନ ନେଇ ଯେଉଁ ପ୍ରସ୍ତାବ ଯାଇଛି, ସେ ନେଇ ଉପରସ୍ତରରେ ଯାହା ନିଷ୍ପତ୍ତି ନିଆଯିବ ତାହା କାର୍ଯ୍ୟକାରୀ ହୋଇପାରେ ବୋଲି ପ୍ରକାଶ କରିଥିଲେ।

**ଚଣ୍ଡିଖୋଲର ଚଣ୍ଡୀ ମନ୍ଦିର**

- ୫ବର୍ଷ ତଳେ ବେଆଇନଭାବେ ଗଠନ ହୋଇଥିଲା ଏକ ଟ୍ରଷ୍ଟ ବୋର୍ଡ
- ବିବାଦ ଯୋଗୁ କାର୍ଯ୍ୟକାରୀ ହୋଇପାରି ନ ଥିଲା
- ପୁଣି ଗୁପ୍ତଭାବେ ଆଉଏକ ବୋର୍ଡ ଗଠନ ଉଦ୍ୟମ
- ବିପର୍ଯ୍ୟସ୍ତ ହୋଇପଡ଼ିଲାଣି ମନ୍ଦିର ଅବସ୍ଥା

## ସଂକ୍ଷେପରେ

### ନାବାଳିକା ଛାତ୍ରୀ ଅପହରଣ ମାମଲା
### ଆଉ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ

**ଯାଜପୁର ଅଫିସ,୬।୩:** ଛୋଟରାୟପୁର ନାବାଳିକା ଅପହରଣ ମାମଲାରେ ପାଣିକୋଇଲି ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଜହ୍ନା ଗ୍ରାମର ବିକାଶ ସେନାପତି(୨୨)। ସୂଚନାଯୋଗ୍ୟ ଯେ, ଛୋଟରାୟପୁର ଗ୍ରାମର ଜଣେ ନାବାଳିକା ସକାଳୁ ପ୍ରତିଦିନ ପରି ଖମଣ ଗ୍ରାମକୁ ଟିଉସନ ଯାଇଥିଲେ। ମାତ୍ର ୮ଟା ସମୟରେ ସେ ଟିଉସନ କାହିଁକି ଯାଇନି ବୋଲି ସାର ଫୋନ କରିବା ପରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାର କୌଣସି ଖୋଜଖବର ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୫୧/୨୦୨୦) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ବୟାନ ଆଧାରରେ ପୂର୍ବରୁ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା।

### ପୋଖରୀରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ

**ଯାଜପୁର ଟାଉନ,୬।୩(ଡିଏନଏ):** ଦୁଇ ଜଣ ଯୁବକ ଗୁରୁବାର ବିଳମ୍ବିତ ରାତିରେ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ଗତ ଗୁରୁବାର ଯାଜପୁରସଦର ଥାନା ଯାଜପୁର ଟାଉନ ଅଞ୍ଚଳର ଅଭିଜିତ ଉପାଧ୍ୟାୟ (୨୧) ଓ ସୁଶିଲ ରାୟ (୨୫) ନିଜ ବାଇକ ଯୋଗେ କଟକ ଯିବା ବାଟରେ ୨୦ନଂ ଜାତୀୟ ରାଜପଥରେ ଥିବା ବଙ୍କାଣିଆ ରାସ୍ତାରେ ଭାରସାମ୍ୟ ହରାଇ କବିରପୁର ଗ୍ରାମରେ ଥିବା ଏକ ପୋଖରୀରେ ମଟରସାଇକେଲ ସହ ପଶି ଯାଇଥିଲେ। ଶୁକ୍ରବାର ସକାଳୁ ସେମାନଙ୍କ ହେଲମେଟ୍ ଭାସୁଥିବା କିଛି ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପରେ ଗ୍ରାମବାସୀଙ୍କ ସହଯୋଗରେ ବହୁ ଖୋଜାଖୋଜି ପରେ ପୋଖରୀରୁ ୨ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୨ଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲା।

### ଟ୍ରକ୍ ପଛରେ ପିକ୍ଅପ୍ ଧକ୍କା, ଚାଳକ ଆହତ



**ଯାଜପୁର ଅଫିସ,୬।୩:** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଟୋଲଗେଟ ନିକଟସ୍ଥ ସିଙ୍ଗଡା ବ୍ରିଜ ନିକଟରେ ଶୁକ୍ରବାର ରାସ୍ତାକଡରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ପିକଅପ ଭ୍ୟାନ ପିଟିହୋଇ ଚୁରମାର ହୋଇଯାଇଛି। ଗାଡି ଭିତରେ ଚାଳକ ଚାପି ହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚାଳକ ବାଲେଶ୍ୱରର ସାନୁ ପାତ୍ର(୨୬) ବୋଲି ଜଣାପଡିଛି। ପୋଲିସ ସେଠାରେ ପହଞ୍ଚି ପିକଅପ ସହ ଟ୍ରକକୁ ଜବତ କରିଛି।

# ଥାନା ଘେରିଲେ ଉତ୍ତ୍ୟକ୍ତ ଗ୍ରାମବାସୀ



ଛାତ୍ରୀଙ୍କୁ ଠାବ କରିବା ଦାବିରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

**ବରୀ,୬।୩(ସ୍ୱ.ପ୍ର)**

**ଅପହରଣର ୩ ମାସ ପରେ ବି ମିଳୁନି ଛାତ୍ରୀଙ୍କ ସନ୍ଧାନ**

ବରୀ ଥାନା ଅଧିନ ମନ୍ଦାରୀ ଗ୍ରାମର ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ବରୀ ଥାନାରେ ଅଭିଯୋଗ ହୋଇଛି। ଇତି ମଧ୍ୟରେ ଅଘିଯୋଗ ହେବା ୩ ମାସ ବିତି ଯାଇଥିଲାବେଳେ ପୋଲିସ ନାବାଳିକା ଛାତ୍ରୀଙ୍କର କୌଣସି ଟେର ପାଉ ନାହିଁ। ଏନେଇ ଗ୍ରାମରେ ଦିନକୁ ଦିନ ଉତ୍ତେଜନା ବୃଦ୍ଧି ପାଉଥିଲାବେଳେ ପୋଲିସ ଏହାର କୌଣସି ସମାଧାନ କରି ପାରୁ ନ ଥିବାରୁ ଏହା ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ଥାନାକୁ ଘେରାଉ କରାଯାଇଥିଲା। ଥାନାଧିକାରୀ ମାର୍କଣ୍ଡ ମିଶ୍ର ଖୁବ ଶିଘ୍ର ଏହାର ସମାଧାନର ସୂତ୍ର ବାହାର କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଘେରାଉରୁ ନିବୃତ ରହିଥିବା ଜଣାପଡିଛି। ଜଣାଯାଇଛି ଯେ, ଉକ୍ତ ଛାତ୍ରୀ ୩ମାସ ତଳେ କଲେଜ ଯିବା ପାଇଁ ଟାଙ୍ଗି ଅଭିମୁଖେ ଯାଉଥିବାବେଳେ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ସେହି ଗ୍ରାମର ପାରିବାରିକ ସମ୍ପର୍କ ରହିଥିବା ବାଦୁ ମଲ୍ଲିକ ନାମକ ଜଣେ ଯୁବକ ନିଜ ଘରେ ନ ଥିବାରୁ ତାଙ୍କୁ ସନ୍ଦେହ କରି ନାବାଳିକାଙ୍କ ମା ଏନେଇ ସମ୍ପୃକ୍ତ ଯୁବକଙ୍କ ନାମରେ ଅପହରଣ ଅଭିଯୋଗ ଆଣି ଏତଲା ଦେଇଥିଲେ। ବରୀ ପୋଲିସ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ନାବାଳିକାଙ୍କୁ ଠାବ କରିପାରି ନାହିଁ। ଏ ସଂକ୍ରାନ୍ତରେ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପଚାରିବାରୁ, ଉକ୍ତ ଘଟଣାକୁ ୩ ମାସ ହୋଇଗଲାଣି। ପୋଲିସ ପକ୍ଷରୁ ଖୋଜାଖୋଜି ଚାଲିଛି। ଅଦ୍ୟାବଧି କୌଣସି ସନ୍ଧାନ ମିଳିନାହିଁ। ଏନେଇ ଏକ ମାମଲା (ନଂ ୨୮୭/୧୯) ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ୨୧ରେ ମହାବାରୁଣୀ ମେଳା

**ଯାଜପୁର ଅଫିସ,୬।୩**

ଚଳିତ ବର୍ଷର ମହାବାରୁଣୀ ମେଳା ପବିତ୍ର ବୈତରଣୀ କୂଳରେ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ । ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଯାଜପୁର ପୌର ପରିଷଦ ପକ୍ଷରୁ ମହାବାରୁଣୀ ମେଳା କାଯର୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାକୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି । ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଏଥିରେ ଅଧକ୍ଷତା କରି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହାସହ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ସତ୍ୟସାଇ ସେବା ଅନୁଷ୍ଠାନ, ସ୍କାଉଟଗାଇଡ ଓ ଏନସିସି କ୍ୟାଡେଟମାନେ ସହଯୋଗ କରବାକୁ ଅନୁରୋଧ କରାଗଲା । ଆସନ୍ତା ସପ୍ତାହରେ ଏକ ପ୍ରତିନିଧି ଦଳ ମେଳା ପଡିଆ ପରିଷଦର୍ଶନ କରିବା ସହ ପ୍ରତ୍ୟେକ ବିଭାଗର କାମ ସମ୍ପର୍କରେ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଆଲୋଚନା କରି କାଯର୍ୟ ତ୍ୱରାନ୍ୱିତ କରିବେ ବୋଲି ସ୍ଥିର ହେଲା । ପୋଲିସ ଏସଡିପିଓ ରବୀନ୍ଦ୍ର କୁମାର ଜେନା, ଯାଜପୁର ଥାନା ଆଇଆଇସି ଆଶିଷ କୁମାର ସାହୁ, ପୌର ପରିଷଦର ସ୍ୱତନ୍ତ୍ର ଅଧିକାରୀ ସୁଦର୍ଶନ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସୌମିକ ହିରୋର ମେଗା ସର୍ଭିସ କ୍ୟାମ୍ପ ଉଦ୍‌ଘାଟିତ

**ଯାଜପୁରରୋଡ,୬।୩(ଡି.ଏନ.ଏ.)**

ଯାଜପୁରରୋଡ ସୌମିକ ହିରୋ ପକ୍ଷରୁ ଶୁକ୍ରବାର ଚୋର୍ଦ୍ଦା କାଳୀମେଲଣ ପଡିଆଠାରେ ମେଗା ସର୍ଭିସ କ୍ୟାମ୍ପ ଉଦଘାଟିତ ହୋଇଯାଇଛି । ଏହି ମେଳା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି, ଓଡିଆ ସିନେ ଅଭିନେତ୍ରୀ ତମନ୍ନା, ହିରୋ ମୋଟୋକର୍ପର ଏରିଆ ଅଫିସର ପ୍ରବନ୍ଧକ ଅବଦୁଲ ଏହେଦ, ଏରିଆ ସର୍ଭିସ ହେଡ ରାଜୀବ ରଞ୍ଜନ ଚୌଧୁରୀ, ଏରିଆ ମ୍ୟାନେଜର ରାକେଶ ଗଜୁଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୁନିଆଁର ସର୍ବବୃହତ ଦୁଇଚକିଆ ବିକ୍ରି କରୁଥିବା ହିରୋ ମୋଟୋକର୍ପ ଆଣିଛି ମେଗା ସର୍ଭିସ କାର୍ନିଭାଲ ବୋଲି ମତପ୍ରକାଶ କରିଥିଲେ। ଏଥିରେ ମାତ୍ର ୯୯ ଟଙ୍କାରେ ଗାଡି ସର୍ଭିସ କରିବା ସହିତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ରହିଛି । ସର୍ଭିସରେ ଅତିରିକ୍ତ କାମରେ ୫୦ ପ୍ରତିଶତ ଲେବର ରିହାତି, ଗୁଡଲାଇଫ ରିନୱାଲ କଲେ ୭୫୦ ବୋନସ ପଏଣ୍ଟ, ନୂଆ ଗୁଡଲାଇପ କାର୍ଡ କଲେ ୧୦୦୦ ପଏଣ୍ଟ ବୋନସ ପଏଣ୍ଟ ଓ ବିଲ ମୂଲ୍ୟ ଉପରେ ୨୦୦ ବୋନସ ପଏଣ୍ଟ ପାଇ ପାଇପାରିବେ । ଏହାସହିତ ହିରୋ ସ୍କୁଟର ଓ ମୋଟରସାଇକଲ କିଣି ଆକର୍ଷଣୀୟ ଉପହାର ପାଇ ପାରିବେ। ଯେକୌଣସି ପୁରୁଣା ଗାଡି ଏକ୍ସଚେଞ୍ଜ କରି କମ ସୁଧ ହାରରେ ଫାଇନାନ୍ସ ସୁବିଧା ପାଇ ପାରିବେ ବୋଲି ସୌମିକର ସଂସ୍ଥାପକ ପ୍ରଭାତ ସାମଲ ଓ ବଚନ ସାମଲ ସୂଚନା ଦେଇଥିଲେ ।



ଅତିଥିମାନେ ସର୍ଭିସ କ୍ୟାମ୍ପକୁ ଉଦ୍‌ଘାଟନ କରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ମହିଳା ଶ୍ରମିକ ମୃତ

**ରସୁଲପୁର,୬।୩(ଡିଏନଏ):** ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତର ସାହାପଡା ଗ୍ରାମରେ ଶୁକ୍ରବାର ସକାଳେ ବିଦ୍ୟୁତ ଆଘାତରେ ଜଣେ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ତିଳ ବେହେରା(୩୫) ହୋଇଥିବାବେଳେ ସେ କେନ୍ଦୁଝର ଜିଲା ଓଡଙ୍ଗ ଗଡରାବାରିଆ ଅଞ୍ଚଳରୁ ଦାଦନ ଖଟିବାକୁ ଆସି ବ୍ରହ୍ମବରଦା ହାଟରେ ରହି ସ୍ଥାନୀୟ ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ମହେଶ୍ୱର ଦାସଙ୍କ କୋଠାଘର ନିର୍ମାଣ କାର୍ଯ୍ୟ ପାଇଁ ତିଳ ପାଣି ଆଣିବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପଡ଼ିଯାଉଥିବାବେଳେ ଝୁଲୁଥିବା ତାରକୁ ଧରି ପକାଇଥିଲେ। ତାରଟି ଛିଣ୍ଡି ପଡିବାରୁ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ତାଙ୍କ ଚିକିତ୍ସା ପାଇଁ ଘର ମାଲିକ ସ୍ଥାନୀୟ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଘଟଣା ସମ୍ପର୍କରେ ପୋଲିସ ଅବଗତ ହେବା ପରେ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏ ସମ୍ପର୍କରେ ଧର୍ମଶାଳା ପୋଲିସ ଏକମାମଲା (ନଂ.୪/୨୦) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କମେଣ୍ଟ ମାରିବାକୁ ନେଇ ମାରପିଟ୍, ଥାନାରେ ୭ ଅଟକ

**ରସୁଲପୁର,୬।୩(ଡିଏନଏ)**

ରସୁଲପୁର ବ୍ଲକ ଅତଳାପୁର ପଞ୍ଚାୟତ ସାଦକ୍‌ପୁର ଗାଁରେ କମେଣ୍ଟ ମାରିବାକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଗଣ୍ଡଗୋଳରେ ୪ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ କୁଆଖିଆ ଥାନାରେ ଉଭୟ ପକ୍ଷରୁ ୨ଟି ଅଭିଯୋଗ ହୋଇଛି। ଅଭିଯୋଗକୁ ନେଇ ପୋଲିସ ୭୭ ଓ ୭୮/୨୦ରେ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଉଭୟ ପକ୍ଷରୁ ପୋଲିସ ୭ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ପ୍ରେମ ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ରହିଆସୁଥିଲା। ଉଭୟ ପରିବାର ମଧ୍ୟରେ ଆକ୍ଷେପମୂଳକ ମନ୍ତବ୍ୟରୁ ମାରପିଟ ଉପୁଜିଥିଲା। ଉଭୟପକ୍ଷ ଡାକ୍ତରଖାନାରେ ଚିକିତ୍ସା କରାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଉଭୟ ଯୁବତୀ ଓ ଯୁବକଙ୍କ ପକ୍ଷରୁ ତାଙ୍କ ବାପାମାନେ ଥାନାରେ ଅଭିଯୋଗ କରିଛନ୍ତି।

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଧାରଣା

**ସିଂହପୁର,୬।୩(ଡିଏନଏ)**

ବିଞ୍ଝାରପୁର ବ୍ଲକ ପ୍ରୀତିପୁରସ୍ଥିତ ନୂତନ ପ୍ରାଥମିକ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି ସହିତ ବିଭିନ୍ନ ଦାବି ନେଇ ଶୁକ୍ରବାର ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଧାରଣା ଦିଆଯାଇଥିଲା। ବିଞ୍ଝାରପୁର ବ୍ଲକରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ଆବଶ୍ୟକ ଉପକରଣ ମଧ୍ୟ ନାହିଁ। ଫଳରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରୀତିପୁର ସମେତ ଆଖପାଖ ଅଞ୍ଚଳର ବହୁ ଲୋକେ ଏହି ନୂତନ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଉପରେ ନିର୍ଭର କରୁଥିଲେ ମଧ୍ୟ ଏଠାରେ ଡାକ୍ତର ଅଭାବ ଓ ଅଧିକାଂଶ ସମୟରେ ଅପରାହ୍ନ ପରେ ଡାକ୍ତରଖାନା ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତ କରି ଦିବାରାତ୍ର ରୋଗୀସେବା ଯୋଗାଇବା ସହିତ ଆବଶ୍ୟକ ସଂଖ୍ୟକ ନର୍ସ, ଆଟେଣ୍ଡାଣ୍ଟ ଓ ସୁଇପର ନିଯୁକ୍ତ କରିବା ଆଦି ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ଧାରଣା ଦେଇଥିଲା। ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ ଏହି ଧାରଣାର ନେତୃତ୍ୱ ନେଇଥିବାବେଳେ ଜିଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ତରଙ୍ଗିଣୀ ଦାସ, ସଂଯୁକ୍ତା ନାୟକ, ଧନେଶ୍ୱର ଦାସ, ବିଜ୍ଞାନ ଦାସ, ବିନୋଦ ସିଂ, ଆର୍ତ୍ତ ଯେନା, ହୃଷିକେଶ ମଲ୍ଲିକ, ବିନୋଦ ଯେନା ପ୍ରମୁଖ ସାମିଲ ହୋଇଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିନିଧି ଦଳଭାବେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷୀତିଶ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ଆଗାମୀ ଦିନରେ ଏହି ସବୁ ଦାବି ପୂରଣ କରାଯିବ ବୋଲି ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ କୁମାର ପାତ୍ର ସୂଚନା ଦେଇଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଏହାକୁ ନେଇ ଏସୟୁସିଆଇ ଗଣ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି।

# ବିଡିଓଙ୍କୁ ଘେରିଲେ ସମିତି ସଭ୍ୟ

**ରସୁଲପୁର,୬।୩(ଡିଏନଏ)**

**ପଞ୍ଚାୟତିରାଜ ଦିବସ ପାଳନରେ ଜନପ୍ରତିନିଧିଙ୍କୁ ଅଣଦେଖା**

**ପୁନରାବୃତ୍ତି ହେଲେ ଧାରଣାରେ ବସିବାକୁ ଚେତାବନୀ**

ତ୍ରିସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନବେଳେ ଜନପ୍ରତିନିଧିଙ୍କ ସାମ୍ବିଧାନିକ କ୍ଷମତାକୁ ଅଣଦେଖା କରାଯାଇଛି। ରାଜ୍ୟରେ ୫-ଟି ଓ ମୋ ସରକାର ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଜନପ୍ରତିନିଧିଙ୍କର ପ୍ରମୁଖ ଭୂମିକା ରହିଛି। ଏହାଛଡା ପଞ୍ଚାୟତିରାଜ ଦିବସ ସେମାନଙ୍କ ପାଇଁ ଉତ୍ସର୍ଗୀକୃତ। ମାତ୍ର ଏହିଭଳି ଏକ ପବିତ୍ର ଦିବସରରେ ପଞ୍ଚାୟତସ୍ତରରୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କୁ ଅଣଦେଖା କରାଯିବା ଦୁର୍ଭାଗ୍ୟର ବିଷୟ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକର ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ପଞ୍ଚାୟତିରାଜ ଦିବସ ପାଳନରେ ଅଣଦେଖା ହୋଇଥିବା ଜନ ପ୍ରତିନିଧିମାନେ ମତ ରଖିଛନ୍ତି। ଏନେଇ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ୧୦ରୁ ଉର୍ଦ୍ଧ୍ୱ ସମିତି ସଭ୍ୟ ମେଳି ବାନ୍ଧି ଆଲୋଚନା କରିଥିଲେ। ଏ ଦିଗରେ ବିଡିଓ ଉମାକାନ୍ତ ପରିଡାଙ୍କୁ ସମିତି ସଭ୍ୟମାନେ କାର୍ଯ୍ୟାଳୟରେ ସାକ୍ଷାତ କରି ସେମାନଙ୍କୁ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମକୁ କାହିଁକି ଡକାଯାଇ ନ ଥିଲା ବୋଲି ପ୍ରଶ୍ନ କରିଥିଲେ। ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ପଞ୍ଚାୟତରାଜ ଦିବସ ଓ ବିଜୁ ଜୟନ୍ତି ପାଳନ ପାଇଁ ସରକାରୀ ନିର୍ଦ୍ଦେଶନାମା ଆସିଥିଲା। ଏଥିପାଇଁ ପଞ୍ଚାୟକୁ ୪ହଜାର, ବ୍ଲକକୁ ୬୦ହଜାର ଓ ଜିଲାକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଅର୍ଥରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚମାନେ ଏହି ଦିବସ ପାଳନ କରିଥିବା ବେଳେ ବ୍ଲକରେ ସମିତିସଭ୍ୟାସଭ୍ୟଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନେଇ ନିର୍ଦ୍ଦେଶ ରହିଥିଲା। ମାତ୍ର ଏହି ବ୍ଲକରେ ପଞ୍ଚାୟତରାଜ ଦିବସ ପାଳନରେ ବ୍ୟତିକ୍ରମ ଦେଖାଦେଇଥିଲା। ଏଠାରେ ପାଳନ କରାଯାଇଥିବା ଦିବସକୁ ପ୍ରତିନିଧିମାନଙ୍କୁ ଡକା ନ ଯାଇ କୁଆଖିଆ ବଜାର ସ୍ଥିତ ହାଇଟେକ୍ କଲେଜର ବିଦ୍ୟାର୍ଥୀଙ୍କୁ ଆମନ୍ତ୍ରଣ କରାଯାଇ ଉତ୍ସବ ପାଳନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ସେମାନଙ୍କ ପଞ୍ଚାୟତରେ ଉତ୍ସବରେ ଉପସ୍ଥିତ ଥିବାରୁ ବ୍ଲକ ସମ୍ମିଳନୀ ଆସିପାରି ନଥିଲେ। ସଭ୍ୟସଭ୍ୟାମାନେ ଏଥିରୁ ବଞ୍ଚିତ ହେବାକୁ ସେମାନେ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି ବୋଲି ସଭ୍ୟ ଚୈତନ୍ୟ ନାୟକ ପ୍ରକାଶ କରିଛନ୍ତି। ଏହାଛଡା ଏ ବାବଦକୁ ଆସିଥିବା ଅର୍ଥ ଖର୍ଚ୍ଚ ହେବାରେ ସ୍ୱଚ୍ଛତା ରହିନାହିଁ। ତେବେ ଏହି ବ୍ଲକରେ ଏହି ଘଟଣା ନିତିଦିନିଆ ବୋଲି ଅଭିଯୋଗ ହୋଇଛି। ବ୍ଲକର ଅଧିକାଂଶ କାର୍ଯ୍ୟକ୍ରମକୁ ସମିତି ସଭ୍ୟମାନଙ୍କୁ ଅଣଦେଖା କରାଯାଉଛି। ଏପରି କି ପଞ୍ଚାୟତ ସମିତି ବୈଠକ ସମ୍ପର୍କରେ ସଠିକ୍ ସୂଚନା ମିଳୁ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧକ୍ଷା ସାରତି ଜେନାଙ୍କୁ ପଚାରିବାରୁ ତାଙ୍କୁ ଅନେକ କଥା ଅନ୍ଧାରରେ ରଖି କରାଯାଉଛି ବୋଲି ସେ ମତ ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ରାତିଅଧିଆ ଖବର ଦିଆଯାଇ ଥିଲା। ଏ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଛି କି ନାହିଁ ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ସେ ଗ୍ରୁପ୍‌ରେ ଚିଠି ପଠାଇଛନ୍ତି ବୋଲି ଉତ୍ତର ରଖିଥିଲେ। ଅନେକ ସଭ୍ୟାସଭ୍ୟ ଗ୍ରୁପ୍‌ରେ ନ ଥିବା କଥା ଜଣାଯାଇଛି। ବିଡିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଅଧକ୍ଷାଙ୍କୁ ଖବର ଦେଇଥିଲେ। ଏଥିସହ ଗ୍ରୁପ୍‌ରେ ଚିଠି ପଠାଇଛନ୍ତି। ତେବେ ଯେଉଁମାନେ ହ୍ୱାଟସ୍ ଆପ୍ ନଂ ଦେଇନାହାଁନ୍ତି ସେମାନଙ୍କ ନାଁ ଯୋଡାଯାଇ ନ ଥିବ ବୋଲି ପ୍ରକାଶ କରିଥିଲେ।

# ନୟାଗଡ଼ରେ ବନ୍ଦ ଶାନ୍ତିପୂର୍ଣ୍ଣ

**ବନ୍ଦ ରହିଥିବା ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବିରେ ନୟାଗଡ଼ ଜିଲାରେ ଶୁକ୍ରବାର ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା। ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା।**

## ଦଶପଲ୍ଲାରେ ୧୯ ଗିରଫ

**ଦଶପଲ୍ଲା,୬।୩(ଡି.ଏନ୍.ଏ.):** ଚିନିକଳ ଚାଲୁ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ତରଫରୁ ଦିଆଯାଇଥିବା ନୟାଗଡ଼ ଜିଲା ବନ୍ଦ ଡାକରା ଦଶପଲ୍ଲାରେ ସଫଳ ହୋଇଛି। ଶୁକ୍ରବାର ଏଠାରେ ବନ୍ଦ ପାଳନ ସହ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ସକାଳୁ ଦୋକାନବଜାର, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ପୋଲିସ ୧୯ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ପୂର୍ବାହ୍ନ ୧୧ଟା ପରେ ଯାନବାହାନ ଚଳାଚଳ କରିଥିଲା। ବ୍ଲକ ଅଫିସ ସମ୍ମୁଖ ଜାତୀୟ ରାଜପଥ ଏବଂ କୋର୍ଟ ସମ୍ମୁଖ ଜାତୀୟ ରାଜପଥକୁ ଆନ୍ଦୋଳନକାରୀମାନେ ବସିରହି ଅବରୋଧ କରିଥିଲେ। କୋର୍ଟ ସମ୍ମୁଖରେ ବସିବା ଦ୍ୱାରା ମାଜିଷ୍ଟ୍ରେଟ୍ କୋର୍ଟକୁ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିନେବା ପରେ ମାଜିଷ୍ଟ୍ରେଟ୍ କୋର୍ଟକୁ ଯାଇପାରିଥିଲେ। ତେବେ ଓକିଲମାନେ ବନ୍ଦକୁ ସମର୍ଥନ କରି କାର୍ଯ୍ୟ ବନ୍ଦ କରିଥିଲେ।

ସିପିଆଇ(ଏମ) ନେତା ଶରତ ଚନ୍ଦ୍ର ବେହେରା, କୃଷକ ନେତା ଗଣେଶ୍ୱର ନାୟକ, ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ଉମାରାଣୀ ପାଣି, କଂଗ୍ରେସର ଜିଲା ସାଧାରଣ ସମ୍ପାଦକ ନାରାୟଣ ସାହୁ, ବୁଲୁ ପରିଡା, ପୂର୍ଣ୍ଣଚନ୍ଦ୍ର ବେହେରା, ଭାଜପାର ସୁର ମହାଖୁଡଙ୍କ ସମେତ ୧୯ ଜଣଙ୍କୁ ପୋଲିସ ଗିରଫ କରିଥିଲା ଏବଂ ପରେ ଛାଡ଼ିଥିଲା। ଫଟୋ-ବ୍ଲକ ସମ୍ମୁଖସ୍ଥ ରାସ୍ତାରେ ଆନ୍ଦୋଳନକାରୀ।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ନୟାଗଡ଼ ଜିଲାର ଏକମାତ୍ର ଚିନିଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମଗ୍ର ଜିଲାରେ ଶୁକ୍ରବାର ବନ୍ଦ ପାଳନ କରାଯାଇଥିଲା। ଖଣ୍ଡପଡାରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ସହର ସମେତ ଆଖାପାଖ ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିଲା। ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ସମର୍ଥକମାନେ ବିଭିନ୍ନ ସ୍ଥାନକୁ ଯାଇ ବନ୍ଦରେ ସାମିଲ ହେବା ପାଇଁ ଆହ୍ୱାନ ଦେବା ସହ ଦୋକାନ ବଜାର ବନ୍ଦ କରାଇଥିଲେ। ଅନେକ ବ୍ୟବସାୟୀ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବନ୍ଦ ରଖିଥିଲେ। ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା।



ଖଣ୍ଡପଡ଼ା ବଜାର ଶୂନ୍‌ଶାନ।

**ନୂଆଗାଁ,(ଡି.ଏନ.ଏ.):** ନୟାଗଡ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବିରେ ନୂଆଗାଁ ବ୍ଲକରେ ସକାଳ ୮ଟାରୁ ୧୧ଟା ଯାଏ ୩ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବ୍ଲକର ଅନେକ ଚାଷୀ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇଥିଲେ। ଜାତୀୟ ରାଜପଥ ଅବରୋଧ କରାଯାଇଥିବାରୁ ତିନିଘଣ୍ଟା ଧରି ଯାନବାହନ ସହ ଯାତ୍ରୀମାନେ ରାସ୍ତାରେ ଅଟକି ରହିଥିଲେ। ଅତିଶୀଘ୍ର ଚିନିକଳ କାର୍ଯ୍ୟକ୍ଷମ କରା ନ ଗଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବୁ ବୋଲି ଚିନିକଳ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଶିବରାମ ମହାପାତ୍ରଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଥିଲେ।

**ରଣପୁର,(ସ୍ୱ.ପ୍ର.):** ନୟାଗଡ଼ ଚିନିକଳ ପୁନଃ ଚାଲୁ କରିବା ନେଇ ରଣପୁରରେ ବନ୍ଦ ସଫଳ ହୋଇଛି। ଏଠାରେ ଯାନବାହନ ଚଳାଚଳ କରି ନ ଥିବାବେଳେ ସ୍କୁଲ, କଲେଜ, ବ୍ୟାଙ୍କ, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ତେବେ କିଛି ଦୋକାନ ଖୋଲା ଥିବାବେଳେ ଆଉ କିଛି ବନ୍ଦ ଥିଲା। ପୂର୍ବାହ୍ନ ୮ଟାରେ ସିପିଆଇ (ଏମ)ର ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ନରସିଂହପୁର ସରପଞ୍ଚ ନିତ୍ୟାନନ୍ଦ ପରିଡା, କଂଗ୍ରେସର ସତ୍ୟବ୍ରତ ନାୟକ, ସିପିଆଇ (ଏମ)ର ଯୁବନେତା ଶିଶିର କୁମାର ମହାନ୍ତି, ମହିଳା ସମ୍ପାଦିକା ସଚଳା ମହାପାତ୍ର, ଖଇରପଲ୍ଲୀ ସଭାନେତ୍ରୀ ପୂର୍ଣ୍ଣିମା ମହାପାତ୍ର, ଖଇରପଲ୍ଲୀ ପଞ୍ଚାୟତ ସମିତି ସଭ୍ୟ ଦୁଃଶାସନ ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ଭାପୁର,(ଡି.ଏନ.ଏ.):** ନୟାଗଡ଼ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡ଼ାକରାର ପ୍ରଭାବ ଭାପୁର ଠାରେ ଦେଖିବାକୁ ମିଳିଥିଲା। ଏଠାରେ ଥିବା ସମସ୍ତ ବ୍ୟାଙ୍କ,ପୋଷ୍ଟ ଅଫିସ ଏବଂ କୋର୍ଟ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଗଙ୍ଗାଧର ପଣ୍ଡା,ବିରଞ୍ଚି ନାରାୟଣ ପ୍ରଧାନ, ବୈକୁଣ୍ଠ ଖୁଣ୍ଟିଆ।



ରଣପୁର ତହସିଲ ଅଫିସ ଆଗରେ ଆନ୍ଦୋଳନକାରୀ।



ଦଶପଲ୍ଲାଠାରେ ରାଜପଥ ଅବରୋଧ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ଖାଇବ ପେଟକୁ,**
**ଯାହା ଦେବ ବାଟକୁ,**
**ଯାହା ଥୋଇବ ଖଣ୍ଟକୁ।**

ଜୀବ ଥିବା ଯାଏ ଭଲ ଖାଇପିଇ ସ୍ୱାସ୍ଥ୍ୟ ଠିକ୍ ରଖିବା ଦରକାର। ଦାନ ଧର୍ମ କଲେ ବହୁ ପୁଣ୍ୟ ମିଳିଥାଏ। ମୃତ୍ୟୁ ପରେ ସଞ୍ଚିତ ଅର୍ଥ ଅନ୍ୟମାନେ ଭୋଗ କରନ୍ତି। ସୁକର୍ମ କରିଥିଲେ ମୃତ୍ୟୁ ପରେ ବି ଲୋକେ ଯଶଗାନ କରିଥାନ୍ତି। ଧନସମ୍ପତ୍ତି କେହି ସାଙ୍ଗରେ ନେଇଯାଇପାରି ନ ଥାନ୍ତି। ନିଜର ସୁଗୁଣ, ଯଶ ଗୌରବ ରହିଯାଏ, ସମସ୍ତେ ସେଇଥିପାଇଁ ମନେ ପକାଉଥିବା ଅର୍ଥରେ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଯେନ ବାଣେ ହତ ବାଲୀ**
**ତେନ ବାଣେ ହତ ଲଙ୍କା।**

ପ୍ରଭୁ ରାମଚନ୍ଦ୍ର ସୁଗ୍ରୀବ ସହ ବନ୍ଧୁତା କରି ବାନର ରାଜା ବାଲୀକୁ ବଧ କରିଥିଲେ। ସେହିପରି ବିଭୀଷଣ ସହାୟତାରେ ସେ ଲଙ୍କପତି ରାବଣକୁ ମାରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ପରୋକ୍ଷରେ ଏକା ବାଣକେ ଦୁଇଟି ଶିକାର। ଗୋଟିଏ ଫଳାରେ ଦୁଇଟି ଷଡ଼ଯନ୍ତ୍ର ପଣ୍ଡ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଶରଣକୁଳ ଓ ଗଣିଆରେ ବନ୍ଦ

**ନୟାଗଡ ଅଫିସ/ଗଣିଆ,୬।୩(ଡି.ଏନ.ଏ)**-ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟିର ନୟାଗଡ଼ ବନ୍ଦ ଡାକରା ଶରଣକୁଳ ଓ ଗଣିଆରେ ସଫଳ ହୋଇଛି। କୃଷକ ନେତା ଗୋଲକ ବିହାରୀ ମୁଦୁଲି, ସରୋଜ ନାୟକ, ପବିତ୍ର ଇନ୍ଦ୍ରଜିତ୍, ଗୋପାଳ ଚନ୍ଦ୍ର ସାହୁ, ଜ୍ୟୋତିପ୍ରଭା ଜେନା ଓ ପ୍ରତିକ ମହାପାତ୍ରଙ୍କ ନେତୃତ୍ୱରେ ବହୁ କୃଷକ, ଶ୍ରମିକ ଏକତ୍ରିତ ହୋଇ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ଯାଇଥିବା ଓଡ଼ଗାଁ-ନୟାଗଡ଼ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଶରଣକୁଳର ଦୋକାନବଜାର ସହ ବ୍ୟାଙ୍କ ଓ ଶିଖରପୁରଠାରେ ଥିବା ବ୍ୟାଙ୍କ ଏବଂ ଡାକଘର ବନ୍ଦ ରହିଥିଲା। ଗଣିଆରେ ଅନୁରୂପ ବନ୍ଦ ପାଳନ କରାଯାଇଛି। କିଛି ଦୋକାନ ବଜାର ଖୋଲା ଥିବାବେଳେ ଆଉ କିଛି ବନ୍ଦ ରହିଥିଲା। ଯାନବାହନ ଚଳାଚଳ କରିଥିଲା।

# ଆୟୁର୍ବେଦ ବୈଦ୍ୟ ସଂଘର ସାଙ୍ଗଠନିକ ସଭା

**ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଆୟୁର୍ବେଦ ବୈଦ୍ୟ ସଂଘ ପକ୍ଷରୁ ଏକ ବୈଠକ ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ଦକ୍ଷିଣଚଣ୍ଡୀ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପାରମ୍ପରିକ ଆୟୁର୍ବେଦ ସଂଘ ସଭାପତି ବୈଦ୍ୟ ବାନାମ୍ବର ବେହେରା ବୈଠକରେ ଅଧ୍ୟକ୍ଷତା କରି ସଂଘର ସାଙ୍ଗଠନିକ ସ୍ଥିତିକୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ବାଙ୍କୀ, ନୟାଗଡ, ଖଣ୍ଡପଡା ଓ ଶରଣକୁଳ ଅଞ୍ଚଳରୁ ଆୟୁର୍ବେଦ ବୈଦ୍ୟମାନେ ଯୋଗଦାନ କରିଥିଲେ। ଖଣ୍ଡପଡା ଓ କଣ୍ଟିଲୋ ବୈଦ୍ୟ ସଂଘ ସଭାପତି ଦେବରାଜ ସାହୁ ବୈଠକ ସମ୍ପର୍କରେ ସୂଚନା ଦେବା ପରେ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ଧନ୍ୱନ୍ତରୀ ବୈଦ୍ୟ ପ୍ରଫୁଲ୍ଲ ପାଟଶାଣୀ ସରକାରଙ୍କ ଯୋଜନା ଅନୁସାରେ ବୈଦ୍ୟମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘ ଜରିଆରେ ଗତ ଜାନୁୟାରୀ ମାସରେ ଦିଆଯାଇଥିବା ଦାବିପତ୍ର ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଦ୍ୟମାନଙ୍କୁ ପଞ୍ଜୀକୃତ କରିବା, ପେନ୍‌ସନ ବ୍ୟବସ୍ଥା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର, ସେମାନଙ୍କ ପିଲାମାନଙ୍କୁ ପାଠପଢାରେ ଆର୍ଥିକ ସାହାଯ୍ୟ, ବନୌଷଧିର ସୁରକ୍ଷା ପାଇଁ ପଦକ୍ଷେପ, ବନସୁରକ୍ଷାରେ ସାମିଲ, ପ୍ରତି ପଞ୍ଚାୟତରେ ଚିକିତ୍ସାକେନ୍ଦ୍ର ବ୍ୟବସ୍ଥା ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରଣକୁଳ ଜୋନର ସଭାପତି ନାରାୟଣ ଦାସ, ବାଲ୍ମୀକି ସାହୁ, ଲକ୍ଷ୍ମୀ ନାରାୟଣ, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦେବରାଜ ସାହୁ ଓ ରାମଚନ୍ଦ୍ର ଶିରୋମଣି ଏହି ବୈଠକରେ ସଂଯୋଜନା କରିଥିଲେ।

# ଭାପୁର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

**ଭାପୁର,୬।୩(ଡି.ଏନ.ଏ.)**-ଭାପୁର ଓକିଲ ସଂଘର ବିଭିନ୍ନ ବର୍ଗର ୫ଟି ପଦବୀ ନିମନ୍ତେ ଶୁକ୍ରବାର ୭ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ସଭାପତି ନିମନ୍ତେ ଗଙ୍ଗାଧର ପଣ୍ଡା ଏବଂ କମଳ ଲୋଚନ ସାହୁ,ସମ୍ପାଦକ ପାଇଁ ସନାତନ ଷଡ଼ଙ୍ଗୀ,ବସନ୍ତ କୁମାର ସ୍ୱାଇଁ ଓ ସହ ସମ୍ପାଦକ ନିମନ୍ତେ ବରଞ୍ଚି ନାରାୟଣ ପ୍ରଧାନ, କୋଷାଧ୍ୟକ୍ଷ ପାଇଁ କୁଳମଣି ମହାନ୍ତି,ଉପସଭାପତି ନିମନ୍ତେ ନୀଳମଣି ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ସଂରକ୍ଷିତ ଜଙ୍ଗଲ ଜମିରେ ଇଟାଭାଟି

**ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.)**-ଖଣ୍ଡପଡା ରାଜସ୍ୱ ସର୍କଲ ଅନ୍ତର୍ଗତ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଜମିରେ ବେଆଇନ ଇଟାଭାଟି ଗଢିଉଠିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡା ବ୍ଲକ ଯୋଗିଆପଲ୍ଲୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଜମିରେ ଇଟାଭାଟି ପୋଡା ଚାଲିଛି। ଅସାଧୁ ବ୍ୟବସାୟୀମାନେ ଲକ୍ଷ୍ମୀପ୍ରସାଦ ପ୍ରାଥମିକ ବିଦ୍ୟାଳୟ ନିକଟରେ ମାଟିଇଟା ତିଆରି କରିବା ପରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ କାଠ ଆଣି ଏହାକୁ ପୋଡୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ। ମାଟି ଇଟା ଭାଟି ଉପରେ କଟକଣା ଜାରି ହୋଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା କୁହାଯାଉଛି। ଫଳରେ ଲକ୍ଷ୍ମୀପ୍ରସାଦ ସମେତ ଆଖପାଖ ଯୋଗିଆପଲ୍ଲୀ, ବରପଲ୍ଲୀ, ଶିଖରପୁର, ଗୁଣ୍ଠୁଣି, ଶାଳଝରିଆ, ଖଣ୍ଡପଡା, ନୂଆସାହାସପୁର, ବନମାଳୀପୁର, କଣ୍ଟିଲୋ, ପଥରଚକଡା ଆଦି ଅଞ୍ଚଳରେ ବହୁ ଇଟାଭାଟି ଗଢିଉଠୁଥିବା ଦେଖାଯାଉଛି।



# ସ୍ଥାନାନ୍ତର ହେଉନାହିଁ କେନ୍ଦ୍ରୀୟ ବିଦ୍ୟାଳୟ

**ନୟାଗଡ ଅଫିସ,୬।୩**-ନୟାଗଡ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ହୋଇ ରହିଛି। ଅଥଚ ଏଠାକୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତରିତ ହେଉ ନାହିଁ। ଏହାକୁ ସ୍ଥାନାନ୍ତରିତ କରା ନ ଗଲେ ନିଜସ୍ୱ ଗୃହ ବ୍ୟବହାର ଅଭାବରୁ ପରିତ୍ୟକ୍ତ ହୋଇପଡିବ। ଆଗକୁ ଦ୍ୱାଦଶ ଶ୍ରେଣୀ ଖୋଲିବାର ଅଛି। ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ସ୍କୁଲ ଚାଲିଛି। ଏଠାରେ ଶ୍ରେଣୀଗୃହ ନ ଥିବାରୁ ଦ୍ୱାଦଶ ଶ୍ରେଣୀ ଖୋଲିବାରେ ଅସୁବିଧା ହେବ। ସ୍କୁଲର ନିଜସ୍ୱ ଗୃହରେ ଖେଳ ପଡିଆ, ଲାଇବ୍ରେରୀ ପରି ସବୁ ପ୍ରକାରର ସୁବିଧା ରହିଛି। ଯାହାକି ବ୍ରଜେନ୍ଦ୍ର ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଅସୁବିଧା ହେଉଛି। ଏଣୁ ତୁରନ୍ତ ସ୍କୁଲ ସ୍ଥାନାନ୍ତରିତ ପାଇଁ ସ୍କୁଲର ପୂର୍ବତନ ସମ୍ପାଦକ ଗୌରୀ ଶଙ୍କର ଦାସ ଅନୁରୋଧ କରିଛନ୍ତି।

# ପୋଲିସର ମୈତ୍ରୀ ଉତ୍ସବ

**ଦଶପଲ୍ଲା,୬।୩(ଡି.ଏନ.ଏ.)**-ଗୁରୁବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ଶାଳିଆଗୋଛାଠାରେ ଦଶପଲ୍ଲା ପୋଲିସ ପକ୍ଷରୁ ଜନସମ୍ପର୍କ 'ମୈତ୍ରୀ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ସଂକୀର୍ତ୍ତନ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା, ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଡ. ଦେବାଶିଷ ଦାଶଙ୍କ ଦ୍ୱାରା ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଖାତା, କଲମ ସହ ଖେଳାଳିଙ୍କୁ ବିଭିନ୍ନ ଖେଳ ଉପକରଣ ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଉକ୍ତ କାର୍ଯ୍ୟକ୍ରମ ହେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଥାନା ଆଇଆଇସି ଧନ୍ୟବାଦ ଦେଇଥିଲେ।

# ବ୍ରାହ୍ମଣ ପରିଷଦର ବାର୍ଷିକ ସମ୍ମିଳନୀ

**ନୟାଗଡ ଅଫିସ,୬।୩**-ଶାକଦ୍ୱୀପ ବୈଦିକ ବ୍ରାହ୍ମଣ ପରିଷଦ ନୟାଗଡର ବାର୍ଷିକ ସମ୍ମିଳନୀ ଗୁରୁବାର ନୟାଗଡରେ ଅନୁଷ୍ଠିତ ହୋଇ ଯାଇଛି। ଦୈବଜ୍ଞ ତ୍ରିନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ମନୋଜ ଗୁରୁଜୀ ଦୈବଜ୍ଞ ପ୍ରାଣକୃଷ୍ଣ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ସତ୍ୟବାନ ନାୟକ, ଅର୍ଜୁନ ରାୟ, ବ୍ରଜବନ୍ଧୁ ନାୟକ, ହରିହର ନାୟକ, ଶ୍ରୀନିବାସ ନାୟକ, ସଦାଶିବ ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷା,ସାମାଜିକ ସଂସ୍କାର, ନିଶା ନିବାରଣ, ବ୍ରତୋପନୟନ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଫୁଲ୍ଲ ନାୟକ ନବ ବର୍ଷ ପଞ୍ଜିକା ବଣ୍ଟନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ପ୍ରଦୀପ ନାୟକ।

# ନବାହ୍ନ ପାରାୟଣ ଉଦ୍‌ଯାପିତ

**ଗଣିଆ,୬।୩ (ଡି.ଏନ.ଏ.):** ଗଣିଆ ବ୍ଲକ ଛାମୁଣ୍ଡିଆ ବଜାର ପରିସରରେ ୯ଦିନ ଧରି ଚାଲୁରହିଥିବା ୩୪ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଗୁରୁବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରତିଦିନ ଭଳି ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞ ନାରାୟଣ ଆହୁତି, ହନୁମାନ ଚାଳିଶା ପାଠ ସହ ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ଶ୍ରୀରାମ ଚରିତ ମାନସ ପାଠ କରାଯାଇଥିଲା। ଅପରାହ୍ନରେ ନାମସଂକୀର୍ତ୍ତନ ସହିତ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦପାଠ କରାଯାଇ ଯଜ୍ଞକୁଣ୍ଡରେ ଘୃତାହୁତି ଦିଆଯାଇଥିଲା। ପୂର୍ଣ୍ଣାହୁତି ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସୁନାମଧନ୍ୟ ପ୍ରବକ୍ତାମାନଙ୍କ ଦ୍ୱାରା ଶ୍ରୀରାମ ଚରିତ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BUSINESS

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

## ସଂକ୍ଷେପରେ

### ୩ ଜଣଙ୍କୁ ପୋଲିସର ମାଡ଼: ମାଳିସାହିରେ ଉତ୍ତେଜନା

**ନୟାଗଡ ଅଫିସ,୬।୩**–ଗ୍ରାମସଭା ଚାଲିଥିବାବେଳେ ନୟାଗଡ ସଦର ଥାନା ମାଳିସାହି ଫାଣ୍ଡିର ଫାଣ୍ଡି ଅଧିକାରୀ ୩ଜଣଙ୍କୁ ମାରପଟ୍ କରିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ଫାଣ୍ଡି ଘେରାଉ କରିଛନ୍ତି । ନୟାଗଡ ଏସଡିପିଓ ଏବଂ ସଦର ଥାନା ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ଉତ୍ତେଜନା ଥମି ନାହିଁ । ଖବର ସମ୍ପର୍କରେ ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ଗଣମାଧମର ପ୍ରତିନିଧିଙ୍କୁ ମଧ ଖରାପ ବ୍ୟବହାର କରିଥିବା ଅଭିଯୋଗ ହେଉଛି । ପୋଲିସ ମାରପିଟରେ ଜଣେ ମହିଳାଙ୍କ ସମେତ ୩ଜଣ ଆହତ ହୋଇଛନ୍ତି । ଉତ୍ତେଜନା ବଢ଼ି ଚାଲିଛି ।

### ବାଇ ଚଢ଼େଇର ଡେଣା ମଞ୍ଚସ୍ଥ

**ନୟାଗଡ ଅଫିସ,୬।୩**-ପଠାଣୀ ସାମନ୍ତ ଅଡିଟୋରିୟମରେ ଚାଲୁ ରହିଛି ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବ ୨୦୨୦ । ଏହାର ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନବୀନ କୁମାର ପରିଡାଙ୍କ ନାଟକ ବାଇ ଚଢ଼େଇର ଡେଣା। ନବୀନ ବର୍ଣ୍ଣାଳୀ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ନାଟକରେ ସମାଜରେ ଅବହେଳିତ ମଣିଷ କିପରି ନିଜର ଉତ୍ସାହ ଓ ପ୍ରଚେଷ୍ଟା ମାଧମରେ ପାଠ ପଢ଼ି ଶିକ୍ଷିତ ହେବ , ପରିବାର, ଦେଶ ଓ ରାଜ୍ୟର ଉନ୍ନତି ଓ ସଂସ୍କାର ଆଣିପାରିବ ତାହା ଦର୍ଶାଯାଇଥିଲା। ବାଇ ଚଢ଼େଇର ଡେଣାରେ ଯଥେଷ୍ଟ ସାମର୍ଥ୍ୟ ନଥିଲେ ମଧ ତାର ଅଦ୍ୟମ ଉତ୍ସାହ ଓ ପ୍ରୟାସ ସୁନ୍ଦର ବସା କରିବାରେ ସହଯୋଗ କରେ । ଯାହା ମଣିଷ ପାଇଁ ଅନୁକରଣୀୟ ବୋଲି ବାର୍ତ୍ତା ବାଣ୍ଟିଥିଲା। ନାଟ୍ୟଧାରା ପକ୍ଷରୁ ନାଟକ ମହୋତ୍ସବ ଆୟୋଜିତ ହୋଇଛି।

### ଔଷଧ ଦୋକାନରୁ ଚୋରି

**ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରସ୍ଥିତ ଲୋକସେବା ମେଡିକାଲ ଷ୍ଟୋରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲାଭାଙ୍ଗି ବହୁ ମୂଲ୍ୟବାନ ସାମଗ୍ରୀ ସହ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସର ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଢିଲା ଯୋଗୁ ଲୁଟେରାମାନେ ସହରର ଜନଗହଳିପୂର୍ଣ୍ଣ ସ୍ଥାନରୁ ଏଭଳି ଲୁଟପାଟ କରିବାକୁ ସାହସ କଲେ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଆହତ ପେଚା ଉଦ୍ଧାର



**ରଣପୁର,୬।୩(ସ୍ୱ.ପ୍ର.):** ରଣପୁର କୋର୍ଟ ପରିସରରୁ ଶୁକ୍ରବାର ପୂର୍ବାହ୍ନରେ ଏକ ଆହତ ପେଚା ଉଦ୍ଧାର ହୋଇଛି। ଏହାକୁ ରଣପୁର ବନ ବିଭାଗ ଉଦ୍ଧାର କରି ଚିକିତ୍ସା କରାଉଛି। ସୁସ୍ଥ ପରେ ପେଚାଟିକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ରଣପୁର ରେଞ୍ଜର କହିଛନ୍ତି।

# ବନ୍ଦ ପାଳନ: ଭଣ୍ଡୁର ପାଇଁ ହୋଇଥିଲା ଉଦ୍ୟମ

**ନୟାଗଡ ଅଫିସ,୬।୩**



ନୟାଗଡ଼ ସହର ମୁଖ୍ୟ ଟ୍ରାଫିକ୍ ଛକରେ ବନ୍ଦ ପାଳନ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

ଚିନିକଳ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ନେତୃତ୍ୱରେ ନୟାଗଡ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ବନ୍ଦ ପାଳନ କରାଯାଇଥିଲା। ଯାନବାହନ ଚଳାଚଳ ବନ୍ଦ ସହ ଟ୍ରେନକୁ ଅଟକ ରଖାଯାଇଥିଲା। ଅପରାହ୍ନ ଯାଏ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ତେବେ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ରଚା ଯାଇଥିଲା ଷଡଯନ୍ତ୍ର । ସରକାରୀ କାର୍ଯ୍ୟାଳୟ ଯେପରି ବନ୍ଦ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇ ସାଢ଼େ ୯ଟାରୁ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲା । ପୁଣି ଆନ୍ଦୋଳନକୁ ସଫଳ ନ କରିବାକୁ ତଥା ଆନ୍ଦୋଳନରେ ସାମିଲ ନ ହେବାକୁ ଅନେକଙ୍କୁ ଦିଆଯାଇଥିଲା କର୍ଣ୍ଣମନ୍ତ୍ର । ଏହି କାର୍ଯ୍ୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତ ରହିଛି । ତେବେ ଜିଲାବାସୀଙ୍କ ଆକୁଣ୍ଠ ସମର୍ଥନ କାରଣରୁ ଷଡଯନ୍ତ୍ରକାରୀ ସଫଳ ହେଲେନି ବୋଲି କୁହନ୍ତି ଚିନିକଳ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ। ଅନ୍ୟପକ୍ଷେ ସଂଯୋଜକ ଶିବରାମ ମହାପାତ୍ର କୁହନ୍ତି ଚିନିକଳର ସରଞ୍ଜାମ ଯେଉଁମାନେ ଚୋରି କରିଥିଲେ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ । କିନ୍ତୁ ଚିନିକଳ ଚାଲୁ କରିବାକୁ ଯେଉଁମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କଲେ ସେମାନଙ୍କୁ ଗିରଫ କରାଗଲା । ଗିରଫ ପ୍ରତିବାଦରେ ଇଟାମାଟି ଥାନା ସମ୍ମୁଖରେ ଆନ୍ଦୋଳନକାରୀ ପ୍ରାୟ ୨ ଘଣ୍ଟା ଧରି ୫୭ ନଂ ଜାତୀୟ ରାଜପଥ ଅବରୋଧ କରିବା ସହ ଇଟାମାଟି ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ । ଇଟାମାଟି ଥାନାରେ ଆନ୍ଦୋଳନକାରୀଙ୍କୁ ଅଟକ ରଖା ଯାଇଥିଲା।

## ରାଜନୈତିକ ଦଳର ନ ଥିଲା ସମର୍ଥନ

ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେଉ ସମସ୍ତେ ଚାହାନ୍ତି । ବନ୍ଦ ପାଳନକୁ ସମର୍ଥନ ଅଛି ବୋଲି ରାଜନୈତିକ ଦଳ ପକ୍ଷରୁ କୁହାଯାଉଛି । କିନ୍ତୁ ଆନ୍ଦୋଳନରେ ସାମିଲ ହୋଇ ନ ଥିଲେ ବିଜେଡି, ଭାଜପା ଓ କଂଗ୍ରେସ ପରି ପ୍ରମୁଖ ଦଳର କର୍ମୀ କି ନେତା । ଯାହାଦ୍ୱାରା ଆନ୍ଦୋଳନରେ ଅଧିକାଂଶ ଲୋକ ସାମିଲ ହୋଇ ପାରି ନ ଥିଲେ । ବନ୍ଦ ପ୍ରଭାବ ଥିଲା ହେଲେ ସୁଦୂରପ୍ରସାରି ହୋଇ ପାରି ନ ଥିଲା।

## ଠିକ୍ ମାର୍ଗରେ କରାଗଲାନି ଆନ୍ଦୋଳନ

ନୟାଗଡ ଜିଲା ବନ୍ଦ ଡାକରା ଦିଆଯିବା ସ୍ୱାଗତ ଯୋଗ୍ୟ, ହେଲେ ଏହାକୁ ଠିକ୍ ମାର୍ଗରେ କରା ଗଲା ନାହିଁ ବୋଲି ଭାଜପା ଅଭିଯୋଗ ଉଠାଇଛି । ଏନେଇ ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ମହିପୁର ଷ୍ଟେଶନର ଉଦ୍‌ଘାଟନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ନୟାଗଡ ଚିନିକଳ ଚାଲୁ କରିବାକୁ ସେ ପ୍ରସ୍ତୁତ । ଚିନିକଳକୁ କିଣି ନେବାର ବ୍ୟବସ୍ଥା କରିବେ । ପୁଣି ଚିନି ବିକ୍ରି କରିବାର ବ୍ୟବସ୍ଥା କରାଇବେ । ବିଶ୍ୱ ମାର୍କେଟରୁ ଚିନି ନ କିଣି ନୟାଗଡର ଚିନିକୁ ବ୍ୟବହାର କରାଇବେ । ଏଥିପାଇଁ ମନ୍ତ୍ରୀ ପ୍ରଧାନ ନୟାଗଡ ବିଧାୟକଙ୍କର ସହଯୋଗ ଲୋଡିଥିଲେ । ହେଲେ ଉତ୍ତର ମିଳି ନ ଥିଲା । ଏଭଳିସ୍ଥଳେ ଜିଲାର ବିଧାୟକ କୃଷିମନ୍ତ୍ରୀ ଥାଇ ଚିନିକଳରେ ତାଲା ଝୁଲୁଛି । ମୁଖ୍ୟମନ୍ତ୍ରୀଙ୍କ ପାଖକୁ ନ ଯାଇ ପ୍ରଥମେ ନୟାଗଡ ବିଧାୟକଙ୍କୁ ଏହାର ସମାଧାନ ପାଇଁ କୁହାଗଲା ନାହିଁ। ଚିନିକଳ ଚାଲୁ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ମଧ ଲୋଡାଗଲା ନାହିଁ । ପୁଣି ୧୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ଚିନିକଳ ଉପରେ ନିର୍ଭରଶୀଳ ଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ପଡିଛି । କେହି ହେଲେବି ତାଙ୍କ ଦଳକୁ ନୟାଗଡ ବନ୍ଦ ଡାକରା ନେଇ କହିଲେ ନାହିଁ । ଏଣୁ ଆନ୍ଦୋଳନକୁ ସମର୍ଥନ କରିଲୁ । କିନ୍ତୁ ରାଜରାସ୍ତାକୁ ଓହ୍ଲାଇଲୁ ନାହିଁ । ଏହି ନିଷ୍ପତ୍ତି ଦଳ ପକ୍ଷରୁ କର୍ମୀମାନେ ନେଇଛନ୍ତି ବୋଲି ଲାଲା ମନୋଜ କହିଛନ୍ତି।

## କଂଗ୍ରେସ ଏକାକୀ କରିବ ଆନ୍ଦୋଳନ

କଂଗ୍ରେସର ଜିଲା କମିଟି ଭାଙ୍ଗି ଯାଇଛି । ଖୁବ୍‌ଶୀଘ୍ର ନବକଳେବର ହେବ। ଜିଲା କଂଗ୍ରେସର କର୍ମକର୍ତ୍ତାଙ୍କ ନାଁ ଘୋଷଣା ପରେ ଚିନିକଳ ଚାଲୁ କରିବାକୁ ଆନ୍ଦୋଳନ କରାଯିବ । ଗାଁରୁ ଏହି ଆନ୍ଦୋଳନ ଆରମ୍ଭ କରାଯିବ । କଂଗ୍ରେସର ଜଣେ ପୂର୍ବତନ କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ଥିଲେ । ତେବେ ଆନ୍ଦୋଳନକୁ ସମସ୍ତେ ମିଳିମିଶି କରିଲେ ଏହାର ସୁଫଳ ମିଳି ପାରିବ ବୋଲି ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ ଦାଶ ପ୍ରକାଶ କରିଛନ୍ତି । ବିଜେଡିର ଜଣେ ନେତା କହିଥିଲେ, ଆମେ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ପ୍ରଚେଷ୍ଟା ଜାରି ରଖିଛୁ । ଅନ୍ୟପକ୍ଷେ ଜଣେ ଚାଷୀ କହିଛନ୍ତି ବର୍ତ୍ତମାନର ବିଧାୟକ ଅରୁଣ ସାହୁ ୨୦୧୯ ନିର୍ବାଚନ ସମୟରେ କହିଥିଲେ ନିର୍ବାଚନ ପରେ ଆଇନଗତ ସମସ୍ୟା ତୁଟିଲା ପରେ ୭ଦିନ ଭିତରେ ଚିନିକଳ ଚାଲୁ ହେବ । ନିର୍ବାଚନ ଶେଷ ହୋଇଛି । ଅରୁଣ ବାବୁ ବିଜୟୀ ହୋଇ କୃଷିମନ୍ତ୍ରୀ ହୋଇଛନ୍ତି । କିନ୍ତୁ ସମସ୍ୟା ସମାଧାନ ହେଲା ନାହିଁ।

## କରୋନାକୁ ଡରି ଲୋକେ ଖାଇଲେ ତୁଳସୀପତ୍ର

**ଗଣିଆ,୬।୩ (ଡି.ଏନ.ଏ.)**

ସାରା ବିଶ୍ୱରେ କରୋନା ଆତଙ୍କ ଖେଳାଇଛି। ପ୍ରତିଦିନ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ କରୋନା ଭାଇରସ୍ ସମ୍ପର୍କିତ ଖବର ପରିବେଷଣକୁ ନେଇ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତେ ସାତୋଟି ଲେଖାଏ ତୁଳସୀ ପତ୍ର ଖାଇବାକୁ ପଡିବ ବୋଲି ପୁରୀ ଶ୍ରୀଜଗନ୍ନାଥଙ୍କ ବଡପଣ୍ଡାଙ୍କୁ ସ୍ୱପ୍ନାଦେଶ ହୋଇଥିବା ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଖବର ପ୍ରସାରିତ ହେବା ପରେ ଗଣିଆ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଶୁକ୍ରବାର ସୂର୍ଯ୍ୟୋଦୟ ପୂର୍ବରୁ ସାତୋଟି ଲେଖାଏ ତୁଳସୀ ପତ୍ର ଖାଇଥିଲେ। ତେବେ ଏହା ସତ ହେଉ ବା ଗୁଜବ ତୁଳସୀ ପତ୍ରରେ ଔଷଧୀୟ ଗୁଣ ରହିଥିବାରୁ ଲୋକେ ବିଶ୍ୱାସ ରଖି ତୁଳସୀପତ୍ର ଖାଇଥିବା ଜଣାପଡିଛି। ସେହିପରି କରୋନା ଭୂତାଣୁରୁ ରକ୍ଷା ପାଇବା ନେଇ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପିଲାମାନଙ୍କୁ ସଚେତନ କରାଯାଇଥିଲା।

# କାଦୁଅରେ ଫସିଲା ଆମ୍ବୁଲାନ୍ସ



କାଦୁଅରେ ଫସିଥିବା ଆମ୍ବୁଲାନ୍ସକୁ ଟ୍ରାକ୍ଟର ଟାଣି ନେଉଛି।

- ଗର୍ଭବତୀ ମହିଳାଙ୍କୁ ଧରି ଆସୁଥିଲା
- ଟାଣି କାଢ଼ିଲା ଟ୍ରାକ୍ଟର

**ନୟାଗଡ ଅଫିସ/ଦଶପଲ୍ଲା,୬।୩(ଡି.ଏନ୍.ଏ.)**–ଜଣେ ଗର୍ଭବତୀ ମହିଳାଙ୍କୁ ଧରି ନୟାଗଡ ଜିଲାର ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ଅପରାହ୍ନରେ ଆସୁଥିଲା ୧୦୮ ଆମ୍ବୁଲାନ୍ସ। ବାଟରେ ବର୍ଷା ହେବାରୁ ଆଦିବାସୀ ଅଧ୍ୟୁଷିତ ଦୁଡ଼ା ପଞ୍ଚାୟତର ଜୁଡାଗଣ୍ଡା ଗାଁ ନିକଟ ବାଲିଝରୀ ଘାଟିରେ ନିର୍ମାଣାଧୀନ ରାସ୍ତାରେ କାଦୁଅ ଯୋଗୁ ଫସି ଯାଇଥିଲା ଆମ୍ବୁଲାନ୍ସ। ଏଭଳିସ୍ଥଳେ ଗାଁ ଲୋକ ଟ୍ରାକ୍ଟର ଦ୍ୱାରା ଆମ୍ବୁଲାନ୍ସକୁ ପ୍ରାୟ ୧କିମି ପର୍ଯ୍ୟନ୍ତ ଟାଣି ନେଇଥିଲେ । କାଦୁଅରୁ ହଟିବା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ ।

ଗୁରୁବାର ଜୁଡାଗଣ୍ଡା ଗାଁର ହିମାଂଶୁ ଶେଖର ଜାନୀଙ୍କ ସ୍ତ୍ରୀ ସୁମତି ଗର୍ଭ ବେଦନାରେ ଛଟପଟ ହେଉଥିଲେ । ବାରମ୍ବାର ଚେଷ୍ଟା ପରେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ ହୋଇଥିଲା। ଅପରାହ୍ନରେ ବାଣିଗୋଚ୍ଛା ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଗର୍ଭବତୀ ମହିଳାଙ୍କୁ ଆଣିବାକୁ ଯାଇଥିଲା । ଗୁରୁହା ଠାରୁ ସୁନ୍ଦୁରୁକୁମ୍ପା ରାସ୍ତାରେ ଆସିବାବେଳେ ବାଲିଝରୀ ଘାଟିରେ ନିର୍ମାଣାଧୀନ ରାସ୍ତାର କାଦୁଅରେ ଆମ୍ବୁଲାନ୍ସ ଫସି ଯାଇଥିଲା। ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ପରେ ସୁମତିଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ଜଣାପଡିଛି।

# ଚାଟେରି ଭୋଗ ଖାଇଲେ ଗୁପ୍ତେଶ୍ୱର ମହାଦେବ

**ଗଣିଆ,୬।୩ (ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିରରେ ଗୁରୁବାର ଫଗୁ ଦଶମୀ ନୀତି ପାଳନ କରାଯାଇଛି। ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ଠାକୁରଙ୍କୁ ଚାଟେରି ଭୋଗ ଅର୍ପଣ କରାଯାଇଥିଲା। ମନ୍ଦିର ପୂଜକମାନେ ଫଗୁ ଦଶମୀଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କୁ ଗାଁକୁ ଗାଁ ପରିକ୍ରମା କରାଇଥାନ୍ତି। ଗ୍ରାମର ପ୍ରତ୍ୟେକଙ୍କ ଘର ଅଗଣାରେ ବିଭିନ୍ନ ଫଳଭୋଗ, ଉଖୁଡା ଓ ଚଣା ଭୋଗ ଲାଗି କରାଯାଇଥିଲା। ପରେ ଠାକୁରଙ୍କୁ ଭକ୍ତମାନେ ଅବିର ବୋଳିବା ସହ ପରସ୍ପରକୁ ଲଗାଇଥିଲେ। ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କୁ ଛାମୁଣ୍ଡିଆ ପଞ୍ଚାୟତର ୨୨ ଗ୍ରାମରେ ଚାଟେରି ବିଜେ କରାଯାଉଥିବା ମନ୍ଦିର ପୂଜକ ଭରତ ମହାପାତ୍ର କୁହନ୍ତି। ଏହି ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବେଣ୍ଟପଡା ଗ୍ରାମ ନିକଟ ହାଇସ୍କୁଲ ଖେଳପଡିଆରେ ଦୋଳଯାତ୍ରା ପାଳନ ପାଇଁ ପ୍ରସ୍ତୁତି କରାଯାଇଥିବା ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି।



ଗୁପ୍ତେଶ୍ୱର ମହାଦେବଙ୍କ ଚାଟେରି ପରିକ୍ରମା।

# ମଜୁରି ନ ଦେବାରୁ ଆକ୍ରମଣ: ୨ ଗୁରୁତର

**ନୟାଗଡ ଅଫିସ,୬।୩**–ଶ୍ରମିକ ମଜୁରୀକୁ ନେଇ ମାଲିକ ଓ ରାଜମିସ୍ତ୍ରୀଙ୍କ ମଧ୍ୟରେ ଘଟିଥିବା ବିବାଦ ବିସ୍ଫୋରକ ରୂପ ନେଇଛି । ଜଣେ ରାଜମିସ୍ତ୍ରୀଙ୍କ ମାରଣାସ୍ତ୍ର ଆକ୍ରମଣରେ ଖଣ୍ଡପଡା ଥାନା ଢ଼ୋଲମରା ଗାଁର ମାନସ ସ୍ୱାଇଁ(୩୫) ଓ ମୁନା ପରିଡା(୩୪) ଆହତ ହୋଇଛନ୍ତି । ସେମାନଙ୍କୁ ଗୁରୁତର ଅବସ୍ଥାରେ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଯେ, ଢ଼ୋଲମରା ଗ୍ରାମର ମାନସ ସ୍ୱାଇଁଙ୍କର ଘର କାମ ହେଉଥିଲା । ସ୍ଥାନୀୟ ଅଞ୍ଚଳର ଜଣେ ରାଜମିସ୍ତ୍ରୀ କାମ କରୁଥିଲେ । ତେବେ ସଂପୃକ୍ତ ମିସ୍ତ୍ରୀଙ୍କ ମଜୁରୀ ଦିଆ ଯାଇନଥିବାବେଳେ ମୁନା ଆସି କାମ କରିଥିଲେ । ଏହାକୁ ନେଇ ବିବାଦ ଉପୁଜିଥିଲା । ଶୁକ୍ରବାର ସନ୍ଧ୍ୟାରେ ମାନସ ଓ ମୁନା ବାଇକରେ ଫେରୁଥିବାବେଳେ ସେମାନଙ୍କୁ ଅଟକାଇ ସମ୍ପୃକ୍ତ ରାଜମିସ୍ତ୍ରୀ ଗୋଡାଇ ଗୋଡାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ସିଟୁର ଜେଲଭରୋ ଆନ୍ଦୋଳନ

**ନୟାଗଡ ଅଫିସ,୬।୩**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ଓ ମହିଳା ନୀତି ବିରୋଧରେ ସର୍ବ ଭାରତୀୟ କର୍ମଜୀବୀ ମହିଳା ସମନ୍ୱୟ ସମିତି(ସିଟୁ) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ଜେଲଭରୋ ଆନ୍ଦୋଳନ କରାଯାଇଛି । ଏଥିରେ ନୟାଗଡ ଜିଲାର ପାଚିକା, ସହାୟିକା ଓ ଆଶାକର୍ମୀ ଯୋଗ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସମାନ କାମ ପାଇଁ ସମାନ ମଜୁରୀ, ସର୍ବନିମ୍ନ ମଜୁରୀ ୨୧ ହଜାର ପ୍ରଦାନ, ସମସ୍ତଙ୍କ ପାଇଁ କାମ, ପାଚିକା, ସହାୟିକା ଓ ଆଶା କର୍ମୀ ଶ୍ରମିକ ମାନ୍ୟତା ପ୍ରଦାନ, ମହିଳା ଓ ଶିଶୁଙ୍କ ଉପରେ ଚାଲିଥିବା ହିଂସା ଓ ନିର୍ଯାତନା ବନ୍ଦ କରିବା, ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଦି ଦାବି କରାଯାଇଥିଲା । ସିଟୁ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଆଶା କର୍ମୀ ନଳିନୀ ଦାସ, ସଞ୍ଜୁକ୍ତା ସେଠୀ, ଜାମିନି ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକ ରଖି ଛାଡି ଦେଇ ଆନ୍ଦୋଳନକୁ ଭଣ୍ଡୁର କରିଥିଲା ।



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଅସ୍ଥି ନ ଥିବା ଶିଶୁକନ୍ୟା ଜନ୍ମ

**ନୟାଗଡ ଅଫିସ,୬।୩**

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାତିରେ ଅସ୍ଥି ନଥିବା ଏକ ଅଦ୍ଭୁତ ଶିଶୁକନ୍ୟା ଜନ୍ମ ହୋଇଛି । ବୁଧବାର ନୟାଗଡ ବ୍ଲକ କାଳିକା ପ୍ରସାଦ ପଞ୍ଚାୟତ କେଶରପୁର ଗାଁର ସନିଆ ସ୍ୱାଇଁଙ୍କ ସ୍ତ୍ରୀ ମିନି ଉକ୍ତ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତେବେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ସୃଷ୍ଟି ହୋଇଥିଲା। ଅସ୍ଥି ନଥିବାରୁ ଶିଶୁକନ୍ୟାର ହୃତ୍‌ପିଣ୍ଡର ସ୍ପନ୍ଦନ ସ୍ପଷ୍ଟ ଭାବେ ବାହାରକୁ ଜଣାପଡିଛି। ଶିଶୁକୁ ସୁସ୍ଥ ରଖିବା ପାଇଁ କିଛି ସମୟ ଏସଏନସିୟୁରେ ରଖା ଯାଇଥିଲା । ପରେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

# ୩ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

## ତାଲା ଭାଙ୍ଗି ସ୍କୁଲ କମିଟିକୁ ଦାୟିତ୍ୱ ଦେଲା ପ୍ରଶାସନ

**ରଣପୁର,୬।୩(ସ୍ୱ.ପ୍ର.)**

ରଣପୁର ବ୍ଲକ ଚାନ୍ଦପୁରସ୍ଥିତ ରଘୁ ଦିବାକର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩ଦିନ ଧରି ମଧ୍ୟାହ୍ନଭୋଜନ ବନ୍ଦ ରହିଥିଲା। ଗଜଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ରୋଷେଇ ଘରେ ତାଲା ମାରିବା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗ ପରେ ଶୁକ୍ରବାର ରଣପୁର ବିଇଓ ଉପେନ୍ଦ୍ର ନାଥ ସାହୁ, ଅତିରିକ୍ତ ତହସିଲଦାର ଅଶୋକ ପଟ୍ଟନାୟକ, ଚାନ୍ଦପୁର ଥାନା ଅଧିକାରୀ ଧନେଶ୍ୱର ନାହାକ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ରତ୍ନାକର ପାଣି ପ୍ରମୁଖ ସ୍କୁଲରେ ପହଞ୍ଚି ରୋଷେଇ ଘରୁ ତାଲା ଭାଙ୍ଗିଥିଲେ। ଶନିବାରଠାରୁ ସ୍କୁଲ ପରିଚାଳନା କମିଟି ମଧ୍ୟାହ୍ନଭୋଜନ ଦେବ ବୋଲି ଅଧିକାରୀମାନେ କମିଟି କର୍ମକର୍ତ୍ତାଙ୍କ ସମ୍ମୁଖରେ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ସୂଚନାଯୋଗ୍ୟ ରଘୁ ଦିବାକର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଅଧ୍ୟୟନ କରନ୍ତି। କିନ୍ତୁ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୧୩୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି। ଏଠାରେ ଗଜଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ କିଛି ବର୍ଷ ହେବ ମଧ୍ୟାହ୍ନଭୋଜନ ଦେଇଆସୁଥିଲା। ତେବେ ମଧ୍ୟାହ୍ନଭୋଜନର ମାନ ଠିକ୍ ରହୁ ନ ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠିଥିଲା। ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଗତ ୩ ତାରିଖରେ ସ୍କୁଲ ପରିଚାଳନା କମିଟିର ବୈଠକ ହୋଇଥିଲା। ଏଥିରେ ମଧ୍ୟାହ୍ନଭୋଜନର ମାନକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏପରି କି ସ୍ୱୟଂ ସହାୟିକା ଗୋଷ୍ଠୀକୁ ମଧ୍ୟାହ୍ନଭୋଜନରୁ ବାଦ୍ ଦେବାକୁ ରିଜୋଲୁଶନ କରାଯାଇଥିଲା। ଏଥିରେ ଉତ୍ତେଜିତ ହୋଇ ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟା ରୋଷେଇ ଘରେ ତାଲା ପକାଇ ଦେଇଥିଲେ।



ସ୍କୁଲ ରୋଷେଇ ଘର ତାଲା ଭଙ୍ଗାଯାଉଛି।

# ନୂଆଗାଁରେ ବେଆଇନ ଦେଶୀମଦ କାରବାର

**ନୂଆଗାଁ,୬।୩ (ଡି.ଏନ.ଏ.)**



ପାହାଡ ତଳେ ଦେଶୀ ମଦ ରନ୍ଧା ଯାଉଥିବା ସ୍ଥାନ।



ମଦ ରାନ୍ଧିବା ପାଇଁ ରଖା ଯାଇଥିବା ପୋଚ।

- ବଢ଼ୁଛି ଅସାମାଜିକ କାର୍ଯ୍ୟ
- ଅବକାରୀ ବିଭାଗ ଓ ପୋଲିସ ନୀରବଦ୍ରଷ୍ଟା

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଚୋରା ଦେଶୀମଦ ବିକ୍ରି ହେଉଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଫଳରେ ଚୋରି, ଡକାୟତି, ରାହାଜାନି, ହତ୍ୟାକାଣ୍ଡ ଭଳି ଅସାମାଜିକ କାର୍ଯ୍ୟ ବଢିବାରେ ଲାଗିଛି।

ନୂଆଗାଁ ବ୍ଲକ ଅଧୀନରେ ୨୨ ପଞ୍ଚାୟତ ରହିଛି। ଏଥିମଧ୍ୟରୁ ନୂଆଗାଁ ଥାନା ଅଧୀନରେ ୧୧, ଓଡଗାଁ ଥାନାରେ ୬ ଓ ନୟାଗଡ ସଦର ଥାନାରେ ୫ ପଞ୍ଚାୟତ ରହିଛି । ନୂଆଗାଁ ଥାନାର ସୋରଡା, ମହିତମା, ସଂପଡା, କନ୍ଧଖାଲମଡା, ସିକ୍ରୀଡା, ଶିଙ୍ଗପୁର, କାଣିଗିରି, ମହୀପୁର ଅଞ୍ଚଳରେ ପ୍ରତ୍ୟହ ଚୋରା ଦେଶୀ ମଦ ବିକ୍ରି ହେଉଛି। ଅନେକ ଗ୍ରାମର ପାହାଡ଼ ତଳେ ଦେଶୀ ମଦରନ୍ଧା ଚାଲିଥିବା ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଅସାଧୁ ବ୍ୟବସାୟୀମାନେ ଏହି କାରବାର କରୁଥିଲେ ମଧ୍ୟ ପୋଲିସ ପାଖରେ ଖବର ନ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ବ୍ୟବସାୟୀମାନେ ଅବାଧରେ ଏହି କାରବାର ଚଳାଇଛନ୍ତି। ଗ୍ରାମ ନିକଟ ଜଙ୍ଗଲରେ ପୋଚ ପକାଇ ବଡ ଚୁଲାରେ ପ୍ରତିଦିନ ଦେଶୀ ମଦ ରନ୍ଧାଯାଉଛି। ପରେ ଏହାକୁ ଜାର୍‌କିନ କିମ୍ବା ବଡ ବଡ ଡ୍ରମରେ ବାହାରକୁ ଚାଲାଣ କରାଯାଉଛି। ଅନେକ କ୍ଷେତ୍ରରେ ପାନ ଦୋକାନ, ଚା' ଦୋକାନ ଏବଂ ବିଭିନ୍ନ ଗଳିକନ୍ଦିରେ ଏହି ମଦ ବେପାର ହେଉଛି । ଏହାକୁ ଗରିବ ଦିନ ମଜୁରିଆ, ଆଦିବାସୀ ସେବନ କରି ଅକାଳରେ ମୃତ୍ୟୁବରଣ କରୁଥିବା ନଜିର ରହିଛି। ବାହାଡ଼ାଝୋଲା ଏହି ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି। ବାହାଡ଼ାଝୋଲା ହାଟ ଆଗରେ ଓ ଅନ୍ୟ କେତେକ ସ୍ଥାନରେ ସନ୍ଧ୍ୟା ସମୟରେ ଚୋରା ମଦ ବ୍ୟବସାୟ ହେଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ଚୁପ୍ ବସିଛନ୍ତି। ମହୀପୁରର ବିଭିନ୍ନ ସ୍ଥାନରେ ମଦ ବିକ୍ରି ହେଉଥିବାରୁ ସନ୍ଧ୍ୟା ସମୟରେ ମହିଳା, ଛାତ୍ରୀଛାତ୍ର ଟ୍ୟୁଶନ କିମ୍ବା ବଜାରକୁ ଯାଇପାରୁ ନାହାନ୍ତି। ଏ ନେଇ ନୂଆଗାଁ ଥାନା ଆଇଆଇସିଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କୁହନ୍ତି ମହୀପୁରବାସୀ। ଏ ସମ୍ପର୍କରେ ଏସ୍‌ଡିପିଓ ନିରଞ୍ଜନ ପାତ୍ରୀ କହନ୍ତି, ନୂଆଗାଁ ଥାନା ଆଇଆଇସି ହେଉଛନ୍ତି ସେଠାକାର ଅଧିକାରୀ। ତେଣୁ ଏ ଦିଗରେ ସେ ଯାହାକିଛି ପଦକ୍ଷେପ ନେବେ ବୋଲି ଏସ୍‌ଡିପିଓ କହିଛନ୍ତି।